# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୭/୨୦୨୩ (୧୬ ପୃଷ୍ଠା) Bhubaneswar, Monday, November 27/2023 Page 16 ₹ 7.00

୫୦ଶ ଭାଗ ୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 4 ମୂଲ୍ୟ ₹୭/-


## ଆଜି ପାରାଦୀପ ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୬।୧୧ (ଅସମାପିକା ସାହୁ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ରବିବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ମୁର୍ମୁ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଓହ୍ଲାଇବା ପରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ପୋଲିସ ଡିଜି ସୁନୀଲ ବଂଶଲ ଓ ବିଏମ୍‌ସି ମେୟର ସୁଲୋଚନା ଦାସ ସ୍ୱାଗତ କରିଥିଲେ। ଏଥିସହ ପାରମ୍ପରିକ ନୃତ୍ୟ ଓ ବାଜା ବଜାଇ ଓଡ଼ିଶାବାସୀ ସ୍ୱାଗତ କରିଥିଲେ। ପରେ ରାଷ୍ଟ୍ରପତି କଡ଼ା ସୁରକ୍ଷା ମଧ୍ୟରେ ବିମାନବନ୍ଦରରୁ ସିଧା ରାଜଭବନକୁ ଆସି ରାତ୍ରିଯାପନ କରିଥିଲେ। ସୋମବାର ସକାଳ ୮ଟା ୩୦ରେ ରାଜଭବନରୁ ବାହାରି ୮ଟା ୪୦ରେ ସ୍ୱତନ୍ତ୍ର ବିମାନରେ ପାରାଦୀପ ଯିବେ। ପାରାଦୀପ ବନ୍ଦରରେ ପୂର୍ବାହ୍ନ ୧୦ଟାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିକାଶର ଶିକାର**



ପବିତ୍ର ପଞ୍ଚକ ତଥା ସୋମବାର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀକ୍ଷେତ୍ରରେ ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଗହଳି। **(ଫଟୋ-ଯଜ୍ଞେଶ୍ୱର )**

## ରାତିସାରା ଦର୍ଶନ

### ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

**ପୁରୀ, ୨୬।୧୧ (ଅଜିତ୍ ମହାନ୍ତି)**

ପବିତ୍ର ପଞ୍ଚକ ତଥା କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ମହାପ୍ରଭୁଙ୍କ ଦୁର୍ଲଭ ବେଶ ଦର୍ଶନ କରିବା ସହ ମହାପ୍ରସାଦ ପାଇବା ଆଶାରେ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତମାନେ ପୁରୀକୁ ଧାଇଁଆସୁଛନ୍ତି। କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ରବିବାର ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଦର୍ଶନ କରି ଭକ୍ତ କୃତାର୍ଥ ଲଭିଥିଲେ। ସୋମବାର କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ଭକ୍ତଙ୍କ ଅଧିକ ଗହଳି ହେବ। ତେଣୁ ରବିବାର ମହାପ୍ରଭୁଙ୍କ ରାତ୍ର ପହୁଡ଼ ହେବ ନାହିଁ। ରବିବାର ରାତିସାରା ଶ୍ରୀମନ୍ଦିର ଖୋଲା ରହିବ ଏବଂ ଭକ୍ତମାନେ ଦାରୁଦିଅଁଙ୍କ ଦର୍ଶନ କରିପାରିବେ। କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଭକ୍ତମାନେ ଯେପରି କୌଣସି ସମସ୍ୟା ନ ଭୋଗିବେ ସେଥିପ୍ରତି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ ଠାରୁ ଆରମ୍ଭକରି ବ୍ୟାରିକେଡ୍ ଓ ଶୌଚାଳୟ ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ହୋଇଛି। ଭକ୍ତମାନେ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟାରିକେଡ ଦେଇ ଧାଡ଼ିରେ ସିଂହଦ୍ୱାର ଦେଇ ମହାପ୍ରଭୁଙ୍କ ☞ପୃଷ୍ଠା-୪

## ଆଜିଠୁ ବାଲିଯାତ୍ରା

**କଟକ, ୨୬।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)**

ସୋମବାରଠାରୁ ଆରମ୍ଭ ହେବ ଐତିହାସିକ ବାଲିଯାତ୍ରା। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। କଟକ ଜିଲା ପ୍ରଶାସନ ଏବଂ ସିଏମ୍‌ସି ପକ୍ଷରୁ ବାଲିଯାତ୍ରାକୁ ଉଚ୍ଚକୋଟୀର କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ପ୍ରଚାରପ୍ରସାରଠୁ ନେଇ ସାଜସଜ୍ଜା ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଛି। ଗତବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲିଯାତ୍ରାରେ ଅନେକ କିଛି ନୂଆ ଦେଖିବାକୁ ମିଳିବ। ୮ଦିନ ଧରି ଚାଲିବାକୁ ଥିବା ଏହି ବାଣିଜ୍ୟିକ ମହାକୁମ୍ଭରେ ଲୋକଙ୍କ କିଣାବିକା ଜମିବ। ବିଶେଷକରି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିବେ। ବାଲିଯାତ୍ରାକୁ ସୁଗମ ଓ ଶୃଙ୍ଖଳିତ କରିବା ସହ ସୁରକ୍ଷା ଦୃଷ୍ଟିରୁ କମିଶନରେଟ ପୋଲିସ ବ୍ୟାପକ ବନ୍ଦୋବସ୍ତ କରିଛି। ଚଳିତବର୍ଷ ବାଲିଯାତ୍ରାରେ ୫୫ରୁ ୬୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ। ୨୬ଟି ସହାୟତା କେନ୍ଦ୍ର ସହ ୫ ୱାଚ ଟାୱାରର ବ୍ୟବସ୍ଥା କରାଯାଇଛି। ଚୋରି, ଛିନ୍‌ତାଇ ଉପରେ ତୀକ୍ଷ୍ଣ ନଜର ରଖାଯିବ। ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ବ୍ୟବସ୍ଥା ପରିଚାଳନା, ନିଖୋଜ ଛୋଟ ପିଲାଙ୍କୁ ଉଦ୍ଧାର ଉପରେ ଗୁରୁତ୍ୱ ସହ ବରିଷ୍ଠ ନାଗରିକଙ୍କୁ ସହଯୋଗ ଉପରେ ଅଧିକ ଧ୍ୟାନ ଦିଆଯିବ। ତେବେ ଛୋଟ ଛୁଆଙ୍କୁ ବାଲିଯାତ୍ରା ଆଣିବା ସମୟରେ ସେମାନଙ୍କ ପକେଟରେ ଘର ଲୋକଙ୍କ ମୋବାଇଲ ନମ୍ବର ଲେଖିକି ଦେବା ପାଇଁ ଡିସିପି ପିନାକ ମିଶ୍ର ଅନୁରୋଧ କରିଛନ୍ତି।

# ଚାଇନା ନିମୋନିଆ: ଭାରତରେ ଚିନ୍ତା

### ଜନସ୍ୱାସ୍ଥ୍ୟ ପ୍ରସ୍ତୁତିର ସମୀକ୍ଷା କରିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

**ନୂଆଦିଲ୍ଲୀ/ବେଜିଂ, ୨୬।୧୧**

ଚାଇନାର ଉତ୍ତର ଭାଗରେ ପିଲାଙ୍କଠାରେ ନିଃଶ୍ୱାସପ୍ରଶ୍ୱାସଜନିତ ଅସୁସ୍ଥତା ବଢ଼ିବାରେ ଲାଗିଥିବାରୁ ଭାରତ ସରକାର ଏହି ନିମୋନିଆ ଉପରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏପରି କି ତୁରନ୍ତ ଜନସ୍ୱାସ୍ଥ୍ୟ ପ୍ରସ୍ତୁତିର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ ରାଜ୍ୟଗୁଡ଼ିକୁ ପଠାଯାଇଥିବା ପତ୍ରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର ଜାରି କରିଥିବା ବିବୃତିରେ ଉଲ୍ଲେଖ କରିଛି ଯେ, ଶ୍ୱାସଜନିତ ରୋଗ କ୍ଷେତ୍ରରେ ସର୍ବାଧିକ ସତର୍କତା ଅବଲମ୍ବନୀୟ। ତତ୍ପରତାର ସହ ଏହାର ସମୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଇନ୍‌ଫ୍ଲୁଏଞ୍ଜା ଦେଖାଦେଉଥିବା ବେଳେ ଶୀତଋତୁର ଆଗମନ ସହ ନିଃଶ୍ୱାସପ୍ରଶ୍ୱାସଜନିତ ରୋଗ ବୃଦ୍ଧି ପାଇବାର ଆଶଙ୍କା ଉପୁଜିଛି। ତେଣୁ କେନ୍ଦ୍ର ସରକାର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ତେବେ ଏଥିପାଇଁ ଆତଙ୍କିତ ହେବା ଆବଶ୍ୟକ ନାହିଁ ବୋଲି ଉକ୍ତ ବିବୃତିରେ କୁହାଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପଠାଯାଇଥିବା ପତ୍ରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱାସ୍ଥ୍ୟ ସଚିବମାନଙ୍କୁ ତୁରନ୍ତ ଜନସ୍ୱାସ୍ଥ୍ୟ ଓ ହସ୍ପିଟାଲ ପ୍ରସ୍ତୁତି ଉପରେ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ବେଡ୍, ଔଷଧ, ଭାକ୍ସିନ, ମେଡିକାଲ ଅକ୍ସିଜେନ୍, ଆଣ୍ଟିବାୟୋଟିକ୍ସ, ବ୍ୟକ୍ତିଗତ ସୁରକ୍ଷାତ୍ମକ ଉପକରଣ (ପିପିଇ), ଟେଷ୍ଟିଂ କିଟ୍ସ, ଭେଣ୍ଟିଲେଟର ଆଦିର ଆବଶ୍ୟକତା ତଥା ଉପଲବ୍ଧତା ଉପରେ ଜରୁରୀ ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି କୋଭିଡ୍-୧୯ ପରିପ୍ରେକ୍ଷୀରେ ପୂର୍ବରୁ ଜାରି କରାଯାଇଥିବା ଅପରେଶନାଲ ଗାଇଡ୍‌ଲାଇନ୍ସ ଫର୍ ରିଭାଇଜ୍‌ଡ ସର୍ଭିଲାନ୍ସ ଷ୍ଟ୍ରାଟେଜିକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ କୁହାଯାଇଛି। ଏପରି କରିବା ଦ୍ୱାରା ସମନ୍ୱିତ ସର୍ଭିଲାନ୍ସ ଜରିଆରେ ଇନ୍‌ଫ୍ଲୁଏଞ୍ଜା ଲାଇକ୍ ଇଲ୍‌ନେସ୍ (ଆଇଏଲ୍‌ଆଇ) ଏବଂ ସିଭିଅର୍ ଆକ୍ୟୁଟ୍ ରେସ୍ପିରେଟୋରି ଇଲ୍‌ନେସ୍ (ଏସ୍‌ଏଆର୍‌ଆଇ) ମାମଲାଗୁଡ଼ିକ ଉପରେ ନଜର ରଖାଯାଇପାରିବ। ଶିଶୁ ଓ କିଶୋରମାନଙ୍କଠାରେ ଆଇଏଲ୍‌ଆଇ ଏବଂ ଏସ୍‌ଏଆର୍‌ଆଇର ନିଦାନ ପାଇଁ ଜିଲା ତଥା ରାଜ୍ୟ ସର୍ଭିଲାନ୍ସ ୟୁନିଟ୍‌ଗୁଡ଼ିକୁ କୁହାଯାଇଛି।

ଅକ୍ଟୋବର ମଧ୍ୟଭାଗରୁ ଚାଇନାରେ ଏହି ରହସ୍ୟଜନକ ନିମୋନିଆ (ଫୁସ୍‌ଫୁସ୍ ପ୍ରଦାହ) ସଂକ୍ରମଣ ବଢ଼ିବାରେ ☞ପୃଷ୍ଠା-୪

### ରାଜ୍ୟ ସରକାର ପ୍ରସ୍ତୁତ

କେନ୍ଦ୍ର ସରକାର ନିମୋନିଆ ଉପରେ ସତର୍କତା ଅବଲମ୍ବନ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେବା ପରେ ରାଜ୍ୟବାସୀଙ୍କୁ ଘାରିଛି। କଣ ଏହି ରୋଗ ଓ କେତେ ପରିମାଣରେ ଏହା ବ୍ୟାପିବ ସେଥିପାଇଁ ଜନସାଧାରଣଙ୍କ ମଧ୍ୟରେ ଭୟ ପସିଗଲାଣି। ତେବେ ଏହି ନିମୋନିଆ ପାଇଁ ଭୟଭୀତ ନ ହେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, କେନ୍ଦ୍ର ସରକାର ସତର୍କ ରହିବା ପାଇଁ କହିଛନ୍ତି। ତେଣୁ ଆମେ ସବୁ ଜିଲାଗୁଡ଼ିକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଦେଇଛୁ। ରାଜ୍ୟ ସରକାର ଏହାର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହାକୁ ନେଇ ଲୋକେ ଭୟଭୀତ ହୁଅନ୍ତୁ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

## ଲଜ୍‌ରୁ ଆନ୍ଧ୍ର ମହିଳାଙ୍କ ମୃତଦେହ ଜବତ, ସ୍ୱାମୀ ଫେରାର

**ବ୍ରହ୍ମପୁର, ୨୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ମୁଖ୍ୟ ରାସ୍ତାରେ ଥିବା ବ୍ରହ୍ମପୁର ଲଜ୍ ଏବଂ ଡର୍ମିଟୋରିରୁ ରବିବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଆର୍ଭି.ନଗରର କ୍ରିଷ୍ଣା ବେନି କୋନାପଲି (୩୦)। ଲଜ୍‌ର ୪ ନଂ. କୋଠରିରେ ମହିଳାଙ୍କ ସହ ତାଙ୍କ ସ୍ୱାମୀ ରହୁଥିଲେ ମଧ୍ୟ ସେ ଫେରାର୍ ହୋଇଯାଇଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କୋଠାରିରୁ ଏକ ମୋବାଇଲ ଫୋନ୍ ଜବତ କରାଯାଇଛି। ପରିବାରବର୍ଗ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ . ସୂଚନା ଦେଇଛନ୍ତି। ଅନ୍ୟପଟେ ଲଜ୍‌ର କର୍ମଚାରୀମାନଙ୍କୁ ଥାନାକୁ ଡାକି ଜେରା କରାଯାଉଛି। ଜବତ ମୋବାଇଲ ଫୋନର କଲ୍ ଡିଟେଲସ୍ ରେଜିଷ୍ଟର (ସିଡିଆର) ମଗାଯାଇଛି। ଫେରାର ସ୍ୱାମୀ ସାମିଦମନ ଏଏସ୍‌ଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଲଜ୍‌ର ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଥିବା ଏସ୍‌ପି କହିଛନ୍ତି।

ପ୍ରକାଶ ଯେ, କ୍ରିଷ୍ଣା ବେନିଙ୍କ ଘର ବିଶାଖାପାଟଣାରେ ହୋଇଥିବା ବେଳେ ତାଙ୍କ ସ୍ୱାମୀ ସାମିଦମନ କେରଳର। ୩ବର୍ଷ ପୂର୍ବେ ପ୍ରେମବିବାହ କରିଥିବା ଏହି ଦମ୍ପତି ଗତ ୧୯ ତାରିଖରେ ବ୍ରହ୍ମପୁର ଆସିଥିଲେ। ସ୍ତ୍ରୀଙ୍କ ଗାଇନିକ୍ ସମସ୍ୟା ରହିଛି ଦର୍ଶାଇ ସାମିଦମନ ଉକ୍ତ ଲଜ୍‌ରେ ଦିନକୁ ୧୧୦୦ ଟଙ୍କା ଭଡ଼ାରେ ରହିଆସୁଥିଲେ। ଶନିବାର ସେମାନେ କେହି ରୁମ୍‌ରୁ ବାହାରି ନ ଥିଲେ କି କୌଣସି ଖାଦ୍ୟ ମଗାଇ ନ ଥଲେ। ଲଜ୍ ମାଲିକଙ୍କ ସନ୍ଦେହ ହେବାରୁ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଖଟରେ ପଡ଼ିଥିବା ଦେଖିବାକୁ ପାଇଥିଲା। ତାଙ୍କ ସ୍ୱାମୀଙ୍କ ଦେଖା ନ ଥିଲା। ମୃତଦେହ ପଚିଥିବାରୁ ପ୍ରାୟ ୨ ଦିନ ତଳୁ ☞ପୃଷ୍ଠା-୪

## 'କୋର୍ଟ ଯିବାକୁ ଲୋକେ ଭୟ କରନ୍ତୁ ନାହିଁ'

### ସମ୍ବିଧାନ ଦିବସରେ ସିଜେଆଇଙ୍କ ପରାମର୍ଶ

**ନୂଆଦିଲ୍ଲୀ, ୨୬।୧୧ (ପି.ଟି.)**

ସୁପ୍ରିମକୋର୍ଟ 'ଲୋକଙ୍କ ଅଦାଲତ' ଭାବେ କାର୍ଯ୍ୟ କରିଆସୁଛି। ତେଣୁ ଜନସାଧାରଣ କୋର୍ଟକୁ ଯିବାରେ ଭୟ କରିବା ଉଚିତ ନୁହେଁ କି ଏହାକୁ ଶେଷ ଠିକଣା ଭାବିବା ଠିକ୍ ନୁହେଁ ବୋଲି ରବିବାର ସମ୍ବିଧାନ ଦିବସ ଅବସରରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ପ୍ରତିଷ୍ଠିତ ଗଣତାନ୍ତ୍ରିକ ଅନୁଷ୍ଠାନ ଓ ପ୍ରକ୍ରିୟା ଜରିଆରେ ରାଜନୈତିକ ମତଭେଦର ସମାଧାନ ପାଇଁ ସମ୍ବିଧାନ ଆମକୁ ଅନୁମତି ଦେଇଛି। ଏସବୁ ସମାଧାନରେ ଆଇନ ବ୍ୟବସ୍ଥା ସହାୟକ ହୋଇଛି। ସେହିପରି ଦେଖିଲେ ଦେଶର ପ୍ରତ୍ୟେକ କୋର୍ଟରେ ରହିଥିବା ପ୍ରତ୍ୟେକ ମାମଲା ସାମ୍ବିଧାନିକ ଶାସନର ଏକ ଅଂଶ ବୋଲି ସୁପ୍ରିମକୋର୍ଟରେ ଆୟୋଜିତ ସମ୍ବିଧାନ ଦିବସ ଅବସରରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ଜଷ୍ଟିସ୍ ସଞ୍ଜୟ କିଶନ କୌଲ, ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଆଇନମନ୍ତ୍ରୀ ଅର୍ଜ୍ଜୁନ ରାମ ମେଘୱାଲ ଓ ଅନ୍ୟମାନେ ଯୋଗଦେଇଥିଲେ।

ସିଜେଆଇ କହିଥିଲେ, ବିଗତ ୭ ଦଶନ୍ଧି ହେଲା ସର୍ବୋଚ୍ଚ ଅଦାଲତ ଲୋକଙ୍କ ଅଦାଲତ ଭାବେ କାର୍ଯ୍ୟ କରିଆସୁଛି। ଏହି ଅନୁଷ୍ଠାନ ଜରିଆରେ ନ୍ୟାୟ ମିଳିବ ବୋଲି ଜନସାଧାରଣଙ୍କର ଭରସା ରହିଥିବାରୁ ହଜାର ହଜାର ନାଗରିକ ସେଠାରେ ପହଞ୍ଚୁଛନ୍ତି। ଏହାର ରାୟ ବଳରେ ଜନସାଧାରଣ ନ୍ୟାୟ ପାଉଛନ୍ତି। ଅଦାଲତର ପ୍ରଶାସନିକ ପ୍ରକ୍ରିୟାକୁ ନାଗରିକ କୈନ୍ଦ୍ରିକ କରିବା ପାଇଁ ସୁପ୍ରିମକୋର୍ଟ କ୍ରମାଗତ ପ୍ରୟାସ ଜାରି ରଖିଛନ୍ତି, ଯେପରି କୋର୍ଟ କାର୍ଯ୍ୟ ସହ ଲୋକେ ସମ୍ପୃକ୍ତ ଥିବା ଅନୁଭବ କରିବେ। ଜେଲରୁ ଗହଳି କମାଇବା ଲାଗି ବିଭିନ୍ନ ପଦକ୍ଷେପ ଉପରେ କାର୍ଯ୍ୟ କରାଯାଉଛି। ଏହାଦ୍ୱାରା ନ୍ୟାୟପାଳିକା ଲୋକଙ୍କ ପାଇଁ କାମ କରୁଛି ବୋଲି ସେମାନେ ଅନୁଭବ କରିପାରିବେ। ଏବେ କୋର୍ଟ ଶୁଣାଣି ଏବଂ ନିଷ୍ପତ୍ତିର ସିଧା ପ୍ରସାରଣ ହେଉଛି। ଏହାଦ୍ୱାରା କୋର୍ଟ ରୁମ୍‌ରେ କ'ଣ ଘଟୁଛି, ତାହା ଜନସାଧାରଣ ଜାଣିପାରିବେ। ଗଣମାଧ୍ୟମ କୋର୍ଟ ପ୍ରୋସିଡିଂର ପ୍ରକାଶନ ଜାରି ରଖିଥିବାରୁ ଅଦାଲତର କାର୍ଯ୍ୟ ସହ ଲୋକେ ସମ୍ପୃକ୍ତ ରହୁଥିବା ଏଥିରୁ ସୂଚିତ ହେଉଛି ବୋଲି ସିଜେଆଇ କହିଛନ୍ତି। ଏଥିସହିତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ମେଶିନ୍ ଲର୍ନିଂ ସହାୟତାରେ କୋର୍ଟ ରାୟଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ପାଇଁ ଶୀର୍ଷ ଅଦାଲତ ନିଷ୍ପତ୍ତି ନେଇଛନ୍ତି। ମାମଲାଗୁଡ଼ିକର ରାୟ ଇ-ଏସ୍‌ସିଆର୍ ପ୍ଲାଟ୍‌ଫର୍ମରେ ମାଗଣା ଉପଲବ୍ଧ ହେଉଥିବା ସିଜେଆଇ କହିଛନ୍ତି। ସମ୍ବିଧାନ ଦିବସ ଅବସରରେ ସିଜେଆଇ ହିନ୍ଦୀରେ ଇ-ଏସ୍‌ସିଆର୍ ଶୁଭାରମ୍ଭ କରିଛନ୍ତି। ୨୧,୩୮ଟି ରାୟକୁ ହିନ୍ଦୀରେ ଅନୁବାଦ କରାଯାଇ ଉକ୍ତ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇଛି। ଆଇନକୁ ସରଳ, ସମସ୍ତଙ୍କ ପାଖରେ ପହଞ୍ଚ, ଅଧିକ ମାନବୀୟ ଏବଂ ଯୁବପିଢ଼ି ପାଇଁ ଭରସାଯୋଗ୍ୟ ହେବା ଆବଶ୍ୟକ ବୋଲି ଏହି ଅବସରରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା କହିଛନ୍ତି। ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭାରେ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା। ଏହି ଦିବସକୁ ମନେପକାଇବା ପାଇଁ ଆଇନ ଦିବସ ଭାବେ ପାଳନ କରାଯାଇ ଆସୁଥିବାବେଳେ ୨୦୧୫ ନଭେମ୍ବର ୨୬ରୁ ଏହାକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଉଛି।



ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼







# ଐତିହ୍ୟ ପ୍ରାଣୀଙ୍କ ଅନ୍ତୁଡ଼ିଶାଳ

ବର୍ଷକୁ ବର୍ଷ ବଂଶବୃଦ୍ଧି ଘଟୁଛି। ଉପଦ୍ରବଜନିତ କ୍ଷୟକ୍ଷତି ବଢୁଛି। ମୁହାଁମୁହିଁ ବେଳେ ମଣିଷ ଜୀବନ ମଧ ନେଉଛି। ତଥାପି ହାତୀ ପ୍ରତି ହ୍ରାସ ପାଉନି ଶ୍ରଦ୍ଧା କି ଭକ୍ତି। ଆଜି ବି ଗଜରାଜ ଢେଙ୍କାନାଳରେ ପୂଜିତ, ଆରାଧ। ସେଥିପାଇଁ ପ୍ରତିବର୍ଷ ପ୍ରସିଦ୍ଧ ଲକ୍ଷ୍ମୀପୂଜାରେ ଦିଆଯାଉଛି ହାତୀ ସୁରକ୍ଷାର ବାର୍ତ୍ତା। ସଂରକ୍ଷଣ ପାଇଁ ଜନସାଧାରଣଙ୍କୁ କରାଯାଉଛି ସଚେତନ। ଏଠାକାର ଘଞ୍ଚ ବନାନୀ, ପ୍ରାକୃତିକ ପରିବେଶ ଓ ହାତୀ ପ୍ରତି ଥିବା ଧର୍ମୀୟ ଧାରଣା ଏହି ବଳଶାଳୀ ପ୍ରାଣୀଙ୍କ ସମୃଦ୍ଧିରେ ସହାୟକ ହେଉଥିବାରୁ ଢେଙ୍କାନାଳକୁ ଐତିହ୍ୟ ପ୍ରାଣୀଙ୍କ ଅନ୍ତୁଡ଼ିଶାଳ କହୁଛନ୍ତି ପରିବେଶବିତ୍।



ଜଙ୍ଗଲ, ପାହାଡ଼ ଘେରା ଢେଙ୍କାନାଳ ଜିଲା ହେଉଛି ପ୍ରକୃତିର ବରଦାନ। ମୁଖ୍ୟ ନଦୀ ବ୍ରାହ୍ମଣୀ ଏହାର ଜୀବନରେଖା। ଲକ୍ଷାଧିକ ହେକ୍ଟର ବ୍ୟାପୀ ସବୁଜିମା ଏହି କେନ୍ଦ୍ରୀୟ ଜିଲାକୁ ସମୃଦ୍ଧ କରିଛି। ବର୍ଷକଯାକ ଶୀତଳତା ପ୍ରଦାନ କରୁଛି। କପିଳାସ ଅଭୟାରଣ୍ୟ ସହ ସୀମାନ୍ତରେ ଥିବା ସାତକୋଶିଆ ଢେଙ୍କାନାଳ ଜିଲାର ଜୈବ ବିବିଧତା ପାଇଁ ସଞ୍ଜିବନୀ ସାଜିଥିବାରୁ ଏପରି ପରିବେଶ ସ୍ଥଳଭାଗର ବୃହତ୍ତର ପ୍ରାଣୀ ହାତୀଙ୍କ ଆବାସସ୍ଥଳ ନିମନ୍ତେ ବେଶ୍ ଅନୁକୂଳ ହୋଇପାରିଛି। ଏଥିସହ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଢେଙ୍କାନାଳର ପ୍ରମୁଖ ଧାର୍ମିକ ଉତ୍ସବ ହୋଇଥିବାରୁ ହାତୀ ଏଠାକାର ଲୋକଙ୍କ ଭାବାବେଗ ସହିତ ସମ୍ପୂର୍ଣ୍ଣ ଜଡ଼ିତ। ଏପରିକି କୌଣସି ସାଧାରଣ ଜନତା ହାତୀଙ୍କୁ କେବେ କ୍ଷତି ପହଞ୍ଚାଇବାକୁ ଚାହାନ୍ତି ନାହିଁ। ଏସବୁ କାରଣରୁ ଜିଲାରେ ବଢୁଛି ଏହି ଐତିହ୍ୟପ୍ରାଣୀଙ୍କ ସଂଖ୍ୟା। ୨ବର୍ଷ ତଳେ ଜିଲାରେ ଏମାନଙ୍କ ସଂଖ୍ୟା ୩ଶହ ଥିବାବେଳେ ବର୍ତ୍ତମାନ ତାହା ପ୍ରାୟ ୪୦୦ରେ ପହଞ୍ଚିସାରିଛି। ଜିଲାର ହିନ୍ଦୋଳ, ସଦର, ଓଡ଼ାପଡ଼ା, ଗଁନ୍ଦିଆ, ପରଜଙ୍ଗ ଆଦି ବ୍ଲକ ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ଅଧିକ ରହିଛି।

ଅନ୍ୟପକ୍ଷରେ ସମଗ୍ର ରାଜ୍ୟରେ ବଢୁଥିବା ହାତୀ-ମଣିଷ ବିବାଦରେ ଢେଙ୍କାନାଳ ଜିଲା ମଧ ଆଗରେ ରହିଛି। ଗତ ୫ବର୍ଷ ମଧରେ ବିଭିନ୍ନ କାରଣରୁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ହୋଇଛି। ୧୧୦ରୁ ଅଧିକ ମଣିଷଙ୍କ ଜୀବନ ଯାଇଛି। ଦାନ୍ତ ପାଇଁ ହାତୀ ଶିକାର, ବାର୍ହା ପାଇଁ ଶିକାରୀ ବସାଇଥିବା ବିଦ୍ୟୁତ୍ ଫାଶ ହାତୀ ମୃତ୍ୟୁର ପ୍ରମୁଖ କାରଣ ସାଜିଛି। କିଛିବର୍ଷ ତଳେ ହିନ୍ଦୋଳ ରେଞ୍ଜ କନ୍ଧରା ସଂରକ୍ଷିତ ଜଙ୍ଗଲ ମଧରେ ଶିକାରୀଙ୍କ ଗୁଳିମାଡ଼ରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ହେଲେ ହାତୀ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ହେଉଥିବା ପ୍ରୟାସ ଯୋଗୁ ସେହି ସ୍ଥିତିରେ ଏବେ ଅନେକ ସୁଧାର ଆସିପାରିଛି। ଜୈବ ବିବିଧତା ସନ୍ତୁଳନରେ ହାତୀଙ୍କ ଭୂମିକା ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବାକୁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି। ହାତୀ ସୁରକ୍ଷାଜନିତ ସଚେତନତା ସୃଷ୍ଟି ପାଇଁ ଗତ ଅକ୍ଟୋବର ୧୮ରେ ଏକ ଗଜଦଣ୍ଡ ରାଜ୍ୟର ପ୍ରଥମ ଜିଲା ଭାବେ ଢେଙ୍କାନାଳକୁ ପ୍ରଦାନ କରାଯାଇଛି। ଏହାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ପ୍ରଦର୍ଶିତ କରାଯାଇ ଲୋକଙ୍କ ମଧରେ ଜାଗରଣ ସୃଷ୍ଟି କରାଯାଉଛି। ବନ ବିଭାଗ ପକ୍ଷରୁ ମଧ ଜିଲାରେ ହାତୀ ଉପଦ୍ରବ, ହାତୀ-ମଣିଷ ବିବାଦ ରୋକିବା ଦିଗରେ କାର୍ଯ୍ୟ କରାଯାଉଛି। ହାତୀଙ୍କ ଗ୍ରାମାଭିମୁଖୀ ସମ୍ପର୍କରେ ଆଗୁଆ ସୂଚନା ଦେବାକୁ ରାସ୍ତାରେ ସାଇରନ ଓ ନାଲି ଲାଇଟ୍ ବ୍ୟବସ୍ଥା କରାଯାଇଛି ବୋଲି ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରକାଶ କରିଛନ୍ତି। ସେହିପରି ବେସରକାରୀ ସ୍ତରରେ ମଧ ହାତୀ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରହିଛି। ଚଳିତବର୍ଷ ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜାରେ ଜୁବୁଲି ଟାଉନ-୧ ଓ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଏଥିନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ହାତୀପ୍ରେମୀ ଢେଙ୍କାନାଳର ଜନସାଧାରଣଙ୍କ ପାଇଁ ଏହା ଅତ୍ୟନ୍ତ ଆକର୍ଷଣ ସାଜିଥିଲା।

ତଥାପି ଐତିହ୍ୟ ପ୍ରାଣୀଙ୍କ ଏହି ଅନ୍ତୁଡ଼ିଶାଳକୁ ଅଧିକ ସମୃଦ୍ଧ ଓ ସୁରକ୍ଷିତ କରିବା ଦିଗରେ ସରକାର ଆହୁରି ପଦକ୍ଷେପ ନେବା ଉଚିତ। ବିଶେଷକରି ଶିକାରୀମାନଙ୍କୁ ମୁକାବିଲା କରିବା ପାଇଁ ବନ କର୍ମଚାରୀମାନଙ୍କୁ ବନ୍ଧୁକ ଚଳାଇବା ତାଲିମ ସହ ଆବଶ୍ୟକ ବନ୍ଧୁକ ଯୋଗାଣ ଏଯାଏ କରାଯାଇ ନାହିଁ। ତେଣୁ ରାଜ୍ୟ ସରକାର ପୋଲିସ ଭଳି ବନ କର୍ମଚାରୀମାନଙ୍କୁ ମଧ ଅସ୍ତ୍ର ଚାଳନା ତାଲିମ ପ୍ରଦାନ କରିବା ଜରୁରୀ। ଏ ଦିଗରେ ତ୍ୱରିତ ନିଷ୍ପତ୍ତି ନିଆ ନ ଗଲେ ହାତୀଙ୍କ ସଂରକ୍ଷଣ ଓ ସୁରକ୍ଷା କାର୍ଯ୍ୟ ଧୀରେ ଧୀରେ ଉଦ୍ଦେଶ୍ୟହୀନ ହୋଇପଡ଼ିବ ବୋଲି ଢେଙ୍କାନାଳର ବିଶିଷ୍ଟ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ମତ ଦେଇଛନ୍ତି।

**-ରିପୋର୍ଟ- ରତନ ନାୟାର, ଢେଙ୍କାନାଳ**


















# ୨ ଦଶନ୍ଧିରେ ଦୁଗ୍ଧ ଉତ୍ପାଦନ ୩ ଗୁଣ ବୃଦ୍ଧି: ମୁଖ୍ୟମନ୍ତ୍ରୀ

## ପ୍ରଥମଥର ପାଇଁ ଜାତୀୟ ଦୁଗ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୬।୧୧ (ଅସମାପିକା ସାହୁ)

ରାଜ୍ୟରେ ପ୍ରଥମଥର ପାଇଁ ଜାତୀୟ ଦୁଗ୍ଧ ଦିବସ ରବିବାର ଲୋକସେବା ଭବନ କନ୍‌ଭେନସନ୍ ସେଣ୍ଟରଠାରେ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ରାଜ୍ୟରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଦୁଗ୍ଧ ଉତ୍ପାଦନ ପ୍ରାୟ ତିନିଗୁଣ ବୃଦ୍ଧି ପାଇଛି। ଦୁଗ୍ଧ ଉତ୍ପାଦନ ସହିତ ଚାଷୀ ଓ ମହିଳାଙ୍କ ବିକାଶ ଜଡ଼ିତ ଥିବାରୁ ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଦ୍ୟୋଗ ବିକାଶ ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଓମ୍‌ଫେଡ୍ ମାଧ୍ୟମରେ ପ୍ରାୟ ୩ ଲକ୍ଷ ଦୁଗ୍ଧଚାଷୀ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ବାର୍ତ୍ତାରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ରାଜ୍ୟର ଗ୍ରାମୀଣ ବିକାଶ ପାଇଁ ସାମର୍ଥ୍ୟ ରହିଛି ବୋଲି କହିଛନ୍ତି।


ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଏକ ଦୁଗ୍ଧ ସମବାୟ ସମିତିକୁ ସମ୍ବର୍ଦ୍ଧିତ କରାଯାଉଛି।

ସେ କହିଛନ୍ତି, ରାଜ୍ୟରେ ଓମ୍‌ଫେଡ୍ ଏବଂ ଘରୋଇ ଡାଏରିଗୁଡ଼ିକ ଉଲ୍ଲେଖନୀୟ କାମ କରୁଛନ୍ତି। ରାଜ୍ୟର ଉପଭୋକ୍ତାଙ୍କ ପାଇଁ ଗୁଣାତ୍ମକ ଦୁଗ୍ଧଜାତ ଉତ୍ପାଦର ଉତ୍ପାଦନ ଏବଂ ଯୋଗାଣ ନିଶ୍ଚିତ କରିବା ଉଚିତ। ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଯୋଗଦେଇ କହିଲେ, ଜୀବିକାନିର୍ବାହ ତଥା ଆୟବୃଦ୍ଧି ପାଇଁ ଦୁଇଟି ମଇଁଷିର କ୍ଷୁଦ୍ର ଡାଏରି ୟୁନିଟ୍ ପ୍ରତିଷ୍ଠା ପାଇଁ କୃଷକଙ୍କୁ ୧ ଲକ୍ଷ ୧୮ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ଓମ୍‌ଫେଡ୍‌ର ସଭାପତି କିଶୋର ଚନ୍ଦ୍ର ପ୍ରଧାନ, ନାବାର୍ଡର ସିଜିଏମ୍ ସୁଧାଂଶୁ କେ. କେ. ମିଶ୍ର, ଏସ୍‌ଏଲ୍‌ବିସିର ଆବାହକ ଗୌତମ ପାତ୍ର ଏବଂ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରାମାଶିଷ ହାଜରା ରାଜ୍ୟରେ ଦୁଗ୍ଧ ଉତ୍ପାଦନର ବିପୁଳ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଜିଲାର ଦୁଗ୍ଧ ଚାଷୀ ଏବଂ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଅପରାହ୍ନର ବୈଷୟିକ ଅଧିବେଶନରେ ଦୁଗ୍ଧ ଉତ୍ପାଦନର ବିଭିନ୍ନ ଦିଗ ସମ୍ପର୍କରେ ବିଶେଷଜ୍ଞମାନେ ଦୁଗ୍ଧଚାଷୀଙ୍କ ସହ ଆଲୋଚନା କରିଥିଲେ। ଗୋପାଳକ, ଉଦ୍ୟୋଗୀ, ଓମ୍‌ଫେଡ୍‌ର ଅଧିକାରୀ, ପ୍ଲାଣ୍ଟ ପରିଚାଳକ, ଓମ୍‌ଫେଡ୍ ବୋର୍ଡ ସଦସ୍ୟ, ସରକାରୀ ଅଧିକାରୀଙ୍କ ସହିତ ପ୍ରାୟ ୪୦୦ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଜିଲାସ୍ତରରେ ଗୋପାଳକ ଏବଂ ବିଭାଗୀୟ ଅଧିକାରୀମାନେ ଭର୍ଚ୍ଚୁଆଲ୍‌ରେ ଯୋଗ ଦେଇଥିଲେ। ଏହି ଅବସରରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଗ୍ରଣୀ ଦୁଗ୍ଧ ସମବାୟ ସମିତିଗୁଡିକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏମ୍‌ଏସ୍‌ଜି ପାଇଁ ବ୍ୟାଙ୍କ ସଂଯୋଗ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୧୧ (ଅସମାପିକା ସାହୁ)

ରାଜ୍ୟ ସରକାର ମିଶନ ଶକ୍ତି ଗ୍ରୁପ୍(ଏମ୍‌ଏସ୍‌ଜି) ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମିଶନ ଶକ୍ତି ଗ୍ରୁପ୍‌ର ବ୍ୟାଙ୍କ ସଂଯୋଗ ପାଇଁ ପଦକ୍ଷେପ ନିଆଯିବ। ଏହାକୁ ସୁନିଶ୍ଚିତ କରିବା ପାଇଁ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ମଧ୍ୟରେ ସୁଧ ରିହାତି ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ମିଶନ ଶକ୍ତି ଦଳ ଏବଂ ବ୍ୟାଙ୍କରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରିବା ଲାଗି କୁହାଯାଇଛି।

ସୂଚନାଯୋଗ୍ୟ, ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ଏମ୍‌ଏସ୍‌ଜି ମହିଳାଙ୍କୁ ସୁଧ ରିହାତି ପ୍ରଦାନ ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗ ମଧ୍ୟ ମିଶନ ଶକ୍ତି ଋଣ ଯୋଜନାରେ ସୁଧ ରିହାତି ସୁବିଧା ପ୍ରଦାନ କରିବା ପାଇଁ ମୁକ୍ତା ଅଧୀନରେ ଏସ୍‌ଏଚ୍‌ଜି ବ୍ୟାଙ୍କ ସଂଯୋଗ ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରିଛି। ମୁକ୍ତା ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ମନୋନୀତ ମିଶନ ଶକ୍ତି ଗ୍ରୁପ୍‌ଗୁଡ଼ିକ ଯେପରି ବ୍ୟାଙ୍କ ଋଣ ଖିଲାପକାରୀ ହୋଇ ନ ଥିବେ, ସେଥିପ୍ରତି ଦୃଷ୍ଟି ଦେବା ପାଇଁ କୁହାଯାଇଛି। ଏହି ସର୍ତ୍ତକୁ କଡ଼ାକଡ଼ି ଯାଞ୍ଚ ସହ ଯାଞ୍ଚ କମିଟି ଦ୍ୱାରା ପ୍ରମାଣିତ କରାଯିବା ଆବଶ୍ୟକ। କାର୍ଯ୍ୟକାରୀ ଏଜେନ୍ସି ବ୍ୟାଙ୍କ୍ ଖିଲାପକାରୀ ନୁହନ୍ତି ବୋଲି ଚୟନ କମିଟି ପୁଣିଥରେ ପୌରସଂସ୍ଥା ସ୍ତରରେ ଏହି ଦିଗକୁ ଯାଞ୍ଚ କରିବା ସହ ସୁନିଶ୍ଚିତ କରିବା ଉଚିତ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।

# ଖଣ୍ଡଗିରି- ଉଦୟଗିରି ପରିଦର୍ଶନ କଲେ ଏଏସ୍‌ଆଇ ମହାନିର୍ଦ୍ଦେଶକ



ଭୁବନେଶ୍ୱର, ୨୬।୧୧ (ଅନୁରାଧା ମହାରଣା)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ମହାନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସା ରବିବାର ଉଦୟଗିରି ଏବଂ ଖଣ୍ଡଗିରି ପରିଦର୍ଶନ କରିଛନ୍ତି। ତାଙ୍କ ସହ ଏଏସଆଇ ଦ୍ୱାରା ତାଲିମପ୍ରାପ୍ତ ଛାତ୍ର ଐତିହ୍ୟ ସ୍ୱେଚ୍ଛାସେବୀ ଏବଂ ଏସ୍‌ଆଇର ଭୁବନେଶ୍ୱର ମଣ୍ଡଳ, ପୁରୀ ମଣ୍ଡଳ, ଉତ୍‌ଖନନ ଶାଖା ଓ ରସାୟନ ଶାଖାର କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ବାସା ବିଶ୍ୱ ଐତିହ୍ୟ ସପ୍ତାହରେ ପର୍ଯ୍ୟଟକମାନଙ୍କୁ ଗାଇଡ୍ କରିବାର ଅନୁଭୂତି ବିଷୟରେ ପଚାରିଥିଲେ। ସେମାନେ ମହାନିର୍ଦ୍ଦେଶକଙ୍କଠାରୁ ପର୍ଯ୍ୟଟକଙ୍କୁ ପରିଚାଳନା କରିବା ଓ ଭବିଷ୍ୟତରେ ଆମ ଐତିହ୍ୟ ରକ୍ଷା ପାଇଁ ଜନ ଜାଗରଣ ସୃଷ୍ଟି କରିବା ଉପରେ ପରାମର୍ଶ ପାଇଥିଲେ। ଏହାସହ ପ୍ରଫେସର ବାସା ପର୍ଯ୍ୟଟକଙ୍କ ପାଇଁ ପାନୀୟଜଳ ମେସିନର ଉଦ୍‌ଘାଟନ କରିଥିଲେ। ଏଏସ୍‌ଆଇର ଭୁବନେଶ୍ୱର ମଣ୍ଡଳର ଅଧୀକ୍ଷକ ତଥା ପ୍ରତ୍ନତତ୍ତ୍ୱବିତ୍ ଡ. ସୁଶାନ୍ତ କୁମାର କର, ପୁରୀ ମଣ୍ଡଳର ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ. ଦିବିଶଦ ଗଡନାୟକ, ଡ. ଶିବ ଶଙ୍କର ପଣ୍ଡା, ଆଦିତ୍ୟ କୁମାର ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟ-୧ର ଇତିହାସ ଶିକ୍ଷକ ଡ. ଜିତେନ୍ଦ୍ର ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଆଜି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୬।୧୧ (ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୧ତମ ପ୍ରତିଷ୍ଠା ଦିବସ ସମାରୋହ ସୋମବାର ପାଳିତ ହେବ। ଏଥିପାଇଁ କ୍ୟାମ୍ପସ ପରିସରକୁ ଆଲୋକମାଳାରେ ସଜାଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ହେବାକୁ ଥିବା ପ୍ରତିଷ୍ଠା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବ ବୋଲି କୁଳସଚିବ ଡ. କାହ୍ନୁଚରଣ ଧୀର ସୂଚନା ଦେଇଛନ୍ତି। କୁଳପତି ପ୍ରଫେସର ଆଚାର୍ଯ୍ୟ କହିଛନ୍ତି, ଶିକ୍ଷା, ଗବେଷଣା, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ କରାଯିବା ପାଇଁ ପ୍ରୟାସ ଜାରି ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ସର୍ବଦା ଗୁଣାତ୍ମକ ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେଉଛି ବୋଲି ସେ କହିଛନ୍ତି।




# ଅଟକ ଦମ୍ପତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ

ରାଇଘର/ନବରଙ୍ଗପୁର, ୨୬।୧୧ (କିରଣ ପଟ୍ଟନାୟକ/ସଦାଶିବ ପ୍ରହରାଜ)

**ପ୍ରେମିକାଙ୍କୁ ୩୧ ଖଣ୍ଡ କରିବା ଘଟଣା**

- ମାଆ ସହ ରହିବ ଅଢ଼େଇ ବର୍ଷର ପୁଅ
- ଅଭିଯୁକ୍ତଙ୍କ ୪ ଝିଅ ପୁଅଙ୍କୁ ପଚରାଉଚରା କରିଛି ପୋଲିସ
- ଅଭିଯୁକ୍ତଙ୍କୁ ଦେଖିବାକୁ କହି ଥାନାରେ ପଶିଥିଲେ ମୃତକଙ୍କ ଗ୍ରାମର ଲୋକେ

ପ୍ରେମିକାଙ୍କୁ ୩୧ ଖଣ୍ଡ କରିବା ଅଭିଯୋଗରେ ଅଟକଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗୋନା ପଞ୍ଚାୟତ ମୁରୁମଡିହି ଗ୍ରାମର ପ୍ରେମିକ ଚନ୍ଦ୍ର ରାଉତ ଓ ତାଙ୍କ ସ୍ତ୍ରୀ ସିଆଙ୍କୁ ରବିବାର ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ମଞ୍ଜୁର ନ ହେବାରୁ ଉଭୟଙ୍କୁ ବିଚାରାଧୀନ ହାଜତକୁ ପଠାଇ ଦିଆଯାଇଛି। ସିଆଙ୍କ ସହ ତାଙ୍କ ଅଢ଼େଇ ବର୍ଷର ପୁଅ ରହିବ ବୋଲି ଜଣାପଡ଼ିଛି। ମୃତ ତିଲାବାଇଙ୍କ ପରିବାର ଓ ବାଘବେଡ଼ା ଗ୍ରାମବାସୀ ରବିବାର ଥାନା ପରିସରରେ ପଶିଥିଲେ। ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି କହି ହଟ୍ଟଗୋଳ କରିଥିଲେ। ସେଠାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ବୁଝାଶୁଝା କରି ସେମାନଙ୍କୁ ପଠାଇଥିଲା। ଥାନାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାନୁଯାୟୀ ବାଘବେଡ଼ା ଗ୍ରାମର ତିଲାବାଇ ଗଣ୍ଡଙ୍କର ଚନ୍ଦ୍ର ରାଉତଙ୍କ ସହ ୨ବର୍ଷ ଧରି ପ୍ରେମ ସମ୍ପର୍କ ଥିଲା। ତିଲା ବୁଧବାର ଘରୁ ବାହାରିଯାଇ ସ୍ତ୍ରୀର ଅଧିକାର ମାଗିବାକୁ ଚନ୍ଦ୍ରଙ୍କ ପାଖକୁ ଯାଇଥିଲେ। ଏହାପରେ ଚନ୍ଦ୍ର ଓ ତାଙ୍କ ସ୍ତ୍ରୀ ସିଆ ତିଲାଙ୍କୁ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ କରିବାକୁ ଉଭୟେ ତିଲାଙ୍କ ମୃତଦେହକୁ କଟୁରିରେ ୩୧ ଖଣ୍ଡ କରି ନିକଟସ୍ଥ ଜଙ୍ଗଲରେ ପୋତିଦେଇଥିଲେ। ଏକ ଡବୁ(କାର୍ଟୁନରେ)ରେ ପୋଷାକ ରଖି ନିଆଁ ଲଗାଇ ଦେଇଥିଲେ। ମୃତଦେହ ଖଣ୍ଡକୁ ଅଖାରେ ଭର୍ତ୍ତିକରି ଜଙ୍ଗଲକୁ ନେଇଥିଲେ। ତାହାକୁ ଲୁଣ ପକାଇ ପୋତିଦେଇଥିଲେ। ଶନିବାର ରକ୍ତଛିଟା ଦେଖି କେତେଜଣ ଯୁବକ ତିଲାଙ୍କ ପରିବାରକୁ ଖବର ଦେଇଥିଲେ। ତିଲାଙ୍କ ବାପା ରାଇଘର ପୋଲିସରେ ଜଣାଇଥିଲେ। ସ୍ଥାନୀୟ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ମାଟି ଖୋଳି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଉତ୍ୟକ୍ତ ଗ୍ରାମବାସୀ ମୃତଦେହକୁ ଶନିବାର ରାତିରେ ଅଭିଯୁକ୍ତ ଚନ୍ଦ୍ରଙ୍କ ଘର ଅଗଣାରେ ସତ୍କାର କରିଥିଲେ। ପୋଲିସ ଅଭିଯୁକ୍ତଙ୍କ ଅନ୍ୟ ୪ ପିଲାଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି।



**ଜାହାଜ ବୁଡ଼ିଯିବାରୁ ୪ ଭାରତୀୟ ନିଖୋଜ**

ନୂଆଦିଲ୍ଲୀ,୨୬।୧୧: ଝଡ଼ତୋଫାନ ଯୋଗୁ ଗ୍ରୀସ୍‌ର ଲେସ୍‌ବୋସ୍ ଦ୍ୱୀପ ନିକଟ ଜାହାଜରେ ଏକ ମାଲ୍‌ବାହୀ ଜାହାଜ ରବିବାର ସକାଳେ ବୁଡ଼ିଯାଇଛି। ଏଥିରେ ଥିବା ୪ ଭାରତୀୟଙ୍କ ସମେତ ୧୩ ଜଣ ନାବିକ ନିଖୋଜ ଅଛନ୍ତି। ଜାହାଜଟି ଇଜିପ୍ଟରୁ ୬,୦୦୦ ଟନ୍ ଲୁଣ ନେଇ ଇସ୍ତାନବୁଲ୍ ଯାଉଥିଲା। ସେଥିରେ ୪ ଭାରତୀୟ, ୮ ଇଜିପ୍ଟିଆନ୍ ଏବଂ ୨ ଜଣ ସିରିଆ ନାଗରିକ ଥିବାବେଳେ ଇଜିପ୍ଟର ଜଣେ ନାବିକଙ୍କୁ ଉଦ୍ଧାର କରାଯାଇଥିଲା। ଅନ୍ୟମାନଙ୍କ ଉଦ୍ଧାର ପାଇଁ ଜୋର୍‌ଦାର ଉଦ୍ୟମ ଜାରି ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲା ଲୋକ ପାଖକୁ ସଭିଏଁ ଧାଇଁ,**
**ନ ଥିଲା ଲୋକକୁ ପୁଛନ୍ତି ନାହିଁ।**

ସାଧାରଣତଃ ଧନୀ ଲୋକଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇଥାନ୍ତି। ସେମାନଙ୍କୁ ମାନ୍ୟତା ଦେବା ସହ ନିଜର କୃତଜ୍ଞତା ଜଣାଇଥାନ୍ତି। ଏପରିକି ଭଲ ମନ୍ଦରେ ସେମାନଙ୍କ ପଛେ ଛିଡା ହୋଇଥାନ୍ତି। ତେବେ ଦୀନହୀନ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ପୂରାପୂରି ଓଲଟା ଚିତ୍ର ଦେଖିବାକୁ ମିଳିଥାଏ। ସେମାନଙ୍କ ଭଲ ମନ୍ଦ ପଚାରିବା ତ ଦୂରର କଥା, ତାଙ୍କୁ ଆଡ଼ ଆଖିରେ ମଧ୍ୟ ଚାହିଁ ନ ଥାନ୍ତି। ଏହାହିଁ ସଂସାରର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଥୋଇଲି ମାଇପର ଯାଉଁଳିଗୁଣା,**
**ବେହୀ ମାଇପକୁ ଚିରା କନା।**

ଯେଉଁ ସ୍ତ୍ରୀକୁ ବାହା ନହୋଇ ଭାର୍ଯ୍ୟା କରି ରଖିଥାନ୍ତି- ତାକୁ ଥୋଇଲି କହନ୍ତି। ରକ୍ଷିତା ସ୍ତ୍ରୀ କୁ ବେଶୀ ଆଦର, ପ୍ରୀତି ଓ ଯତ୍ନ। ପରନ୍ତୁ ବେଦୀରେ ବସି ବାହା ହୋଇଥିବା ସ୍ତ୍ରୀକୁ ହତାଦର। ଥୋଇଲି ମାଇପ ଗହଣାରେ ଛାଇ ହେଇଛି, କିନ୍ତୁ ବିବାହିତା ସ୍ତ୍ରୀ ପାଇଁ ଲୁଗାକାନି ଟିକକ ବି ନାହିଁ। ବିବାହିତା ପତ୍ନୀକୁ ହତାଦର କରି ରକ୍ଷିତାକୁ ଆଦର ଅଭ୍ୟର୍ଥନା ଦେଖାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତେଲୁଗୁ ସିନେମାରେ ମାଲକାନଗିରିର ଝିଅ

**ଏମ୍‌ଭି ୭୯,୨୬।୧୧(ଭିକି ବାରିକ)**

ମାଲକାନଗିରି ଜିଲା ଦିନକୁ ଦିନ ବିକାଶରେ ନୂତନ ଫର୍ଦ୍ଦ ଯୋଡୁଛି। ଅନେକ ଯୁବତୀଯୁବକ ଜିଲାର ବିକାଶ ସହ ତାଳଦେଇ ଆଗକୁ ବଢ଼ିବା ସହିତ ନିଜ ଅଞ୍ଚଳ ଓ ରାଜ୍ୟ ପାଇଁ ଗୌରବ ଆଣୁଛନ୍ତି। ସେହିଭଳି ଆଉ ଜଣେ ଯୁବତୀ ଯିଏକି ଜିଲା ପାଇଁ ଆଣିଛନ୍ତି ଗୌରବ। ଉପାନ୍ତ ଅଞ୍ଚଳରେ ରହି ମଧ୍ୟ ନିଜର ଆତ୍ମବିଶ୍ୱାସ ଓ ପ୍ରତିଭା ଯୋଗୁ ତେଲୁଗୁ ଚଳଚ୍ଚିତ୍ରରେ ନାୟିକା ଭାବେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ସେ ହେଲେ କାଳିମେଳା ବ୍ଲକ ଏମ୍‌ଭି ୭୫ ଗ୍ରାମର ମୋନିକା ସମାଦ୍ଦାର। ମୋନିକାଙ୍କ ପରିବାର କହିଲେ ବାପା, ମାଆ ଓ ବଡ଼ଭାଇ। ବାପା ଗୌତମ ସମାଦ୍ଦାର ଜଣେ ଛୋଟ ବ୍ୟବସାୟୀ, ବଡ଼ଭାଇ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରନ୍ତି। ମୋନିକା ଏକ ଘରୋଇ କଲେଜରେ +୨ ପାଠ ପଢ଼ା ଶେଷ କରିଥିଲେ। ପରେ ନିଜ ବଡ଼ଭାଇଙ୍କ ସହ ହାଇଦ୍ରାବାଦରେ ରହି ନୃତ୍ୟ ଶିକ୍ଷା ଲାଭ କରିଥିଲେ। ଏଭଳି ଇଚ୍ଛା ଓ ଅଭିନୟ ପ୍ରତି ଆଗ୍ରହ ଦେଖି ତାଙ୍କ ବଡ଼ଭାଇ ମୋନିକାଙ୍କୁ ହାଇଦ୍ରାବାଦର 'ହାଇ-ଡ୍ୟାନ୍ସ ଷ୍ଟୁଡିଓ' ନାମକ ଏକ ଏକାଡେମୀରେ ଭର୍ତ୍ତି କରିଥିଲେ। ୨ ବର୍ଷ ସେଠାରେ ନୃତ୍ୟ ଶିକ୍ଷା କରିବା ପରେ କେତେକ ଛୋଟ ଛୋଟ ସିରିଏଲରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା ।

ଏହାପରେ ସେଥିରେ ମୋନିକାଙ୍କ ଅଭିନୟ ଶୈଳୀ ଉତ୍ତମ ଥିବାରୁ ତାଙ୍କୁ ଏକ ତେଲୁଗୁ ଚଳଚ୍ଚିତ୍ରରେ ନାୟିକା ହେବା ପାଇଁ ସୁଯୋଗ ମିଳିଥିଲା। ବର୍ତ୍ତମାନ ମୋନିକା ଶ୍ରୀନିବାସ କ୍ରିଏସନ୍ ଦ୍ୱାରା ନିର୍ମିତ ହେବାକୁ ଥିବା ତେଲୁଗୁ ଚଳଚ୍ଚିତ୍ର 'ଗାରାଗା'ରେ ନାୟିକା ଭୂମିକାରେ ଅଭିନୟ କରିବେ। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଅଞ୍ଚଳରେ ଏହି ଚଳଚ୍ଚିତ୍ରର ଶୁଟିଂ ଚାଲିଥିବା ବେଳେ ମୋନିକା ସେଠାରେ ରହିଛନ୍ତି। ତାଙ୍କର ପିଲାଟି ଦିନରୁ ନାଚ, ଗୀତ ସହ ଫିଲ୍ମରେ ଅଭିନୟ କରିବା ପାଇଁ ଆଗ୍ରହ ଥିଲା। ତାଙ୍କ ସ୍ୱପ୍ନ ସାକାରହେବାକୁ ଯାଉଛି ବୋଲି ପରିବାର ଲୋକେ କହିଛନ୍ତି। ତେବେ ଏହି ଚଳଚ୍ଚିତ୍ର ପ୍ରଥମେ ତେଲୁଗୁ ଏବଂ ପରେ ହିନ୍ଦୀରେ ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାରୁ...

### ରାତିସାରା ଦର୍ଶନ...

ଦର୍ଶନ କରି ଅନ୍ୟ ତିନିଦ୍ୱାର ପଟେ ବାହାରୁଛନ୍ତି। ତେବେ ଭିତରକାଠ ଦର୍ଶନ ବନ୍ଦ ରହିଛି। କାରଣ ଭକ୍ତଙ୍କୁ ଛଡ଼ାଗଲେ ଦର୍ଶନ ନେଇ ସମସ୍ୟା ଉପୁଜିବା ସହ ମହାପ୍ରଭୁଙ୍କ ନୀତିରେ ବିଳମ୍ବ ହେବ। ଏଣୁ ବାହାର କାଠ ନିକଟରେ ଦର୍ଶନ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ବୈକୁଣ୍ଠ ଚତୁର୍ଦ୍ଦଶୀ ଅବସରରେ ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ସମାଗମ ହୋଇଛି। ସୋମବାର କାର୍ତ୍ତିକ ପୂର୍ଣ୍ଣିମା। ତେଣୁ ପଞ୍ଚକର ଶେଷ ଦୁଇଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ରାତିସାରା ଶ୍ରୀମନ୍ଦିର ଖୋଲା ରଖାଯିବ। ପରିସ୍ଥିତିକୁ ନଜରରେ ରଖି ପ୍ରତୀକାତ୍ମକ ଭାବେ ରାତ୍ରପହୁଡ଼ କରାଯିବ କିମ୍ବା ପହୁଡ ନ ହୋଇପାରେ। ଭକ୍ତମାନେ ମୁଖ୍ୟତଃ ରାତି ୧୨ଟା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିବେ। ତେଣୁ ରାତି ସାରା ଶ୍ରୀମନ୍ଦିର ଖୋଲା ରହିବ। ଯେଉଁ ସମୟରେ ଭକ୍ତମାନେ ଆସିଲେ ବି ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ତେଣୁ ଭକ୍ତମାନେ ବ୍ୟଗ୍ର ନ ହୋଇ ଧୈର୍ଯ୍ୟର ସହ ଦର୍ଶନ ପାଇଁ ଆସନ୍ତୁ। ସେହିପରି କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ସୁନାବେଶରେ ଦର୍ଶନ ଦେବେ। ସୋମବାର ସକାଳ ୮ଟା ସୁଦ୍ଧା ସୁନାବେଶ ବା ରାଜରାଜେଶ୍ୱର ଶେଷ ହେବ। ଏନେଇ ସେବାୟତମାନଙ୍କ ସହ ଆଲୋଚନା କରାଯାଇଛି। ମହାପ୍ରଭୁଙ୍କ ନୀତି କିଭଳି ଶୃଙ୍ଖଳିତ ହୋଇପାରିବ ସେନେଇ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଓ ସେବାୟତଙ୍କ ମିଳିତ ଉଦ୍ୟମରେ ସବୁ କାର୍ଯ୍ୟ କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାସ କହିଛନ୍ତି।

### ଚାଇନା ନିମୋନିଆ...

ଲାଗିଛି। ଏଥିରେ ଶିଶୁମାନେ ସର୍ବାଧିକ ଆକ୍ରାନ୍ତ ହେଉଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବିଶ୍ୱବ୍ୟାପୀ ସଂକ୍ରମଣ ବଢ଼ିବା ଆଶଙ୍କା କରି ଚାଇନାକୁ ଏନେଇ ବିସ୍ତୃତ ତଥ୍ୟ ମାଗିଥିଲା। ଚାଇନାର ଜାତୀୟ ସ୍ୱାସ୍ଥ୍ୟ କମିଶନ ସୂଚନାନୁସାରେ ଦେଶରେ କୋଭିଡ୍-୧୯ କଟକଣାଗୁଡ଼ିକୁ ହଟାଇ ଦିଆଯିବା ପରେ ଇନ୍‌ଫ୍ଲୁଏଞ୍ଜା, ମାଇକୋପ୍ଲାଜ୍‌ମା, ନିମୋନିଆ, ରେସ୍ପିରେଟୋରି ସିନ୍‌ସିଟାଲ ଭାଇରସ୍ (ଆର୍‌ଏସ୍‌ଭି) ଏବଂ କୋଭିଡ୍-୧୯ ସଂକ୍ରମଣ ପାଇଁ ଦାୟୀ ଏକ ଭାଇରସ୍‌ରେ ସ୍ୱଳ୍ପ ବୟସ୍କମାନେ ଅଧିକ ଆକ୍ରାନ୍ତ ହେଉଛନ୍ତି। ପ୍ରକାଶ ଯେ, ୨୦୧୯ ଶେଷ ଆଡ଼କୁ କେନ୍ଦ୍ରୀୟ ଚାଇନାର ଉହାନ୍ ସହରରେ କୋଭିଡ୍-୧୯ ଭୂତାଣୁ ଉତ୍ପନ୍ନ ହେବାବେଳେ ବେଜିଂ ଏବଂ ଡବ୍ଲ୍ୟୁଏଚ୍‌ଓ ଏନେଇ ସ୍ୱଚ୍ଛତା ଅବଲମ୍ବନ କରି ନ ଥିବାରୁ ଅନେକ ପ୍ରଶ୍ନ ଉଠିଥିଲା। ସେତେବେଳେ ମଧ୍ୟ ଭାରତୀୟମାନେ ବହୁଳ ଭାବେ ସଂକ୍ରମିତ ହୋଇଥିଲେ। ତେଣୁ ନିମୋନିଆ ସଂକ୍ରମଣ କ୍ଷେତ୍ରରେ ଅବହେଳା ନ କରିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

### ଲଜ୍‌ରୁ ଆନ୍ଧ୍ର ମହିଳାଙ୍କ ...

ମହିଳାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଇଛି। ଏସ୍‌ପି ଉକ୍ତ ଲଜ୍‌କୁ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମହିଳାଙ୍କ ଚୁଡ଼ି ଭାଙ୍ଗିଥିବା, ନାକରୁ ରକ୍ତ ବାହାରିଥିବା ଦେଖାଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତ୍ୟୁ ପଛରେ ଫେରାର୍ ସ୍ୱାମୀଙ୍କ ସମ୍ପୃକ୍ତି ଅଛି ନା ନାହିଁ ସେ ନେଇ ମଧ୍ୟ ତଦନ୍ତ ଚାଲିଥିବା ପୋଲିସ କହିଛି।

### ଆଜି ପାରାଦୀପ ବୋଇତ...

ଯୋଗଦେବେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀପଦ ନାଏକ, ବିଶ୍ୱେଶ୍ୱର ଟୁଡୁ, ଶାନ୍ତନୁ ଠାକୁର, ରାଜ୍ୟ ସରକାରଙ୍କ ବାଣିଜ୍ୟ ମନ୍ତ୍ରୀ ଟୁକୁନି ସାହୁ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

# ରାଜନୀତିରେ ସମ୍ପର୍କକୁ ଗୁରୁତ୍ୱ ଦେଉଥିଲେ ବୀରେନ୍ ମିତ୍ର




ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରୁଛନ୍ତି। ମଞ୍ଚରେ ଉପସ୍ଥିତ ଅଛନ୍ତି ଫାଉଣ୍ଡେଶନ ସମ୍ପାଦକ ସୌମିତ୍ ମିତ୍ର, ସଭାପତି ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ।

## ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୨୬।୧୧**
**(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନଗଣର ନେତା ବୀରେନ୍ ମିତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ରବିବାର ସୂଚନା ଭବନଠାରେ ପାଳିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ବୀରେନ୍ ମିତ୍ର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ, ବୀରେନ୍ ମିତ୍ର ଜଣେ ଲୋକପ୍ରିୟ ଜନପ୍ରତିନିଧି ଓ ନିଃସ୍ୱାର୍ଥପର ଜନସେବକ ଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କର ଜଣେ ଘନିଷ୍ଠ ସହଯୋଗୀ ଭାବେ ସ୍ୱର୍ଗତ ମିତ୍ର ନବ ଓଡ଼ିଶାର ସ୍ୱପ୍ନ ଚରିତାର୍ଥ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର କାର୍ଯ୍ୟାବଳୀ ଉଲ୍ଲେଖଯୋଗ୍ୟ ଥିଲା। ଜଣେ ହୃଦୟବାନ୍, ନିଃସ୍ୱାର୍ଥପର ସମାଜସେବୀ ତଥା ନିରହଙ୍କାରୀ ମଣିଷ ଭାବେ ସେ ଓଡ଼ିଶାବାସୀଙ୍କ ନିକଟରେ ଚିରସ୍ମରଣୀୟ ରହିବେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଲେ, ବୀରେନ୍ ମିତ୍ର ଲୋକଙ୍କ ସହ ଜଡ଼ିତ ଥିଲେ। ସେତେବେଳେ ରାଜନୀତିରେ ଦଳଗତ ମତଭେଦ ଥିଲେ ମଧ୍ୟ ପାରସ୍ପରିକ ସମ୍ପର୍କକୁ ସେ ସବୁବେଳେ ଗୁରୁତ୍ୱ ଦେଉଥିଲେ। ମାତ୍ର ବର୍ତ୍ତମାନ ମଣିଷ ମଣିଷ ଭିତରେ ସମ୍ପର୍କ ରହୁନାହିଁ। ଆଗରୁ ମୁଖ୍ୟମନ୍ତ୍ରୀଙ୍କ ଘରକୁ ୪ଟା ପାହାଚ ଚଢ଼ି ଯାଇ ଦେଖାକରି ହେଉଥିଲା, ମାତ୍ର ଏବେ ସେସବୁ ହେଉନାହିଁ। ପରିସ୍ଥିତି, ସମାଜ ସବୁ ବଦଳୁଛି। ବରପୁତ୍ରମାନଙ୍କ ପାଇଁ ହେଉଥିବା ଏଭଳି କାର୍ଯ୍ୟକ୍ରମରେ ବର୍ତ୍ତମାନର ପିଢ଼ି ପୂର୍ବର ସମୟ ଓ ସେବେକାର ଲୋକଙ୍କୁ ଜାଣିବାର ସୁଯୋଗ ପାଇପାରିବେ ବୋଲି ତଥାଗତ କହିଥିଲେ।

ଅନ୍ୟତମ ଅତିଥି ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ କହିଲେ, ଓଡ଼ିଶାର ସହର-ମଫସଲ, ଶିକ୍ଷିତ-ଅଶିକ୍ଷିତ, ଧନୀ ଓ ନିର୍ଦ୍ଧନ ସବୁ ମହଲର ସବୁଶ୍ରେଣୀର ଲୋକ ତାଙ୍କୁ ବୟସ ନିର୍ବିଶେଷରେ ଦାଦା ବୋଲି ଡାକିବା ଥିଲା ତାଙ୍କର ଶ୍ରେଷ୍ଠ ପରିଚୟ। ସମ୍ମାନିତ ଅତିଥି ଭାବେ ଫାଉଣ୍ଡେଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଲେ, ଜଣେ ଦକ୍ଷ ଛାତ୍ରସଂଗଠକ ଭାବେ ବିଚକ୍ଷଣ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିବା ବୀରେନ୍ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ପ୍ରଗତିକୁ ଏକ ନୂତନ ଦିଶା ପ୍ରଦାନ କରିଥିଲେ। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ବୀରେନ୍ ମିତ୍ର ଚିରସ୍ମରଣୀୟ ରହିବେ ବୋଲି କହିଥିଲେ। ଏହି ଅବସରରେ ସମାଜସେବୀ ଜନକର ସାହୁ ଓ ରବୀନ୍ଦ୍ର ପାତ୍ର, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ (କ୍ରିକେଟ୍) ବ୍ରହ୍ମାନନ୍ଦ ବେହେରା, ଆସାମ ରାଇଫଲସ୍‌ର କଲୋନେଲ ଦେବାଶିଷ ମିଶ୍ର, ଆରକ୍ଷୀ ନିରୀକ୍ଷକ ସନ୍ତୋଷିନୀ ବେହେରାଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା ଓ ଫାଉଣ୍ଡେଶନ ସମ୍ପାଦକ ସୌମିତ୍ ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## 'ମୁଁ ଜୀବିତ' ପ୍ଲାକାର୍ଡ ଧରି ବୁଲୁଛନ୍ତି ମୃତ ଘୋଷିତ ବ୍ୟକ୍ତି

**ଆଗ୍ରା,୨୬।୧୧**

ଉତ୍ତରପ୍ରଦେଶର ଆଗ୍ରା ଅଞ୍ଚଳରେ ଜଣେ ୭୦ ବର୍ଷୀୟ ବ୍ୟକ୍ତି 'ମୁଁ ଜୀବିତ' ଲେଖାଥିବା ଏକ ପ୍ଲାକାର୍ଡ ବେକରେ ପକାଇ ବୁଲୁଥିବା ଦେଖିବାକୁ ମିଳିଛି। ଖବର ଅନୁଯାୟୀ ଆଗ୍ରାର ଦିନାନାଥ ଯାଦବଙ୍କୁ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ)ଙ୍କ କାର୍ଯ୍ୟାଳୟ ମୃତ ଘୋଷଣା କରିଛନ୍ତି। ରବିବାର ସେ ଆଗ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଗତ ମାର୍ଚ୍ଚରେ ଜଣେ ସରକାରୀ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ମୃତ ଘୋଷଣା କରିଥିବା ଅଭିଯୋଗ କରିଥିଲେ। ଜିଲାପାଳ ଏହା ଜାଣିବା ପରେ ଯାଦବଙ୍କୁ କିପରି ମୃତ ଘୋଷରା କରାଗଲା କାରଣ ଦର୍ଶାଇବାକୁ ସିଡିଓ କର୍ମଚାରୀଙ୍କୁ ନୋଟିସ ଜାରି କରିଛନ୍ତି। ଯାଦବ କହିଛନ୍ତି, ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ପ୍ରତିଦିନ ଚାଷକାମ କରିଥାନ୍ତି। ସେ ୨ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇଆସୁଥିଲେ ବୋଲି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଜଣେ ବାଲ୍ୟବନ୍ଧୁଙ୍କ ଦ୍ୱାରା ଦୀର୍ଘଦିନରୁ ଚିନ୍ତା କରିଥିବା ଓ ଅଟକି ରହିଯାଇଥିବା କାମଟି ହଠାତ୍ ହୋଇଯିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଶାରୀରିକ ଅସୁସ୍ଥତା କେତେକ ପ୍ରତିବନ୍ଧକର କାରଣ ହୋଇପାରେ। ଯାତ୍ରା କାଳରେ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ**
କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ନୂତନ ଯୋଜନାରେ କୃତକାର୍ଯ୍ୟ ହେବେ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ। ଆଜି ଆପଣଙ୍କ ପାରିପାର୍ଶ୍ୱିକ ପରିସ୍ଥିତି ବହୁତ ଭଲ ରହିବ।

**ମିଥୁନ**
ସ୍ୱାସ୍ଥ୍ୟ ପ୍ରତି ନଜର ଦେଇ କାମ କରନ୍ତୁ, ଅନ୍ୟଥା ପରେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିପାରେ। ବନ୍ଧୁମାନେ ଫାଇଦା ହାସଲ ସକାଶେ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବେ। ଆପଣଙ୍କୁ ମିଠା କଥା,କିଛି ଲୋଭନୀୟ ପ୍ରତିଶ୍ରୁତି ଦେଇ ନିଜର କରିବାକୁ ଚେଷ୍ଟା କରିବେ। ପଡ଼ୋଶୀ ପ୍ରତିବାଦର ସ୍ୱର ଉଠାଇଲେ ବି କିଛି ଅସୁବିଧା ହେବନି।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ଦିଗରୁ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିବ। ପରିବାରର ଅନାବଶ୍ୟକ ଖର୍ଚ୍ଚ ସାଙ୍ଗକୁ ବିଭିନ୍ନ ପ୍ରକାର ବିଳମ୍ବିତ କର୍ମ ସକାଶେ ଚିନ୍ତିତ ରହିପାରନ୍ତି। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ସିଂହ**
ମନରେ ଦ୍ୱିଧା ନ ରଖି କାମ କରିଚାଲିଲେ ଆପଣାଛାଏଁ ସମସ୍ୟା ସମାଧାନ ହୋଇଯିବ। ଯେଉଁ ବନ୍ଧୁଟି ସାଧାରଣ କଥାରେ ଅଭିମାନ କରିଥିଲା ସେ ଆପଣଙ୍କୁ ମିଶିବାର ପ୍ରଯତ୍ନ କରିବ। କାର୍ଯ୍ୟବ୍ୟସ୍ତ ଯୋଗୁ ପ୍ରିୟଜନଙ୍କ ସହ କଥା ହେବା ପାଇଁ ଅବସର ପାଇବେ ନାହିଁ। ସ୍ୱାର୍ଥତ୍ୟାଗ ପୂର୍ବକ ନିରଳସ କାମ ଜରିଆରେ ପ୍ରଶଂସା ପାଇପାରନ୍ତି।

**କନ୍ୟା**
ଆଜି ଆପଣଙ୍କ ପାରିବାରିକ ସ୍ଥିତି, ବ୍ୟବସାୟ ଓ ଯାତ୍ରା ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବ। କେତେକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ଚିନ୍ତା କରିଥିବା କାମଗୁଡିକ ଓଲଟା ହେବ କିନ୍ତୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ସାହିତ୍ୟ କ୍ଷେତ୍ରରେ ଆଦୃତ ହେବେ, ମାତ୍ର ପରିବାରରେ ଅଶାନ୍ତି ଦୂର ହେବ।

**ତୁଳା**
ଆଜି ପାରିବାରିକ କ୍ଷେତ୍ରରେ ଅର୍ଥ ସମସ୍ୟାକୁ କେନ୍ଦ୍ରକରି ଟେନ୍ସନ ବଢିଯିବ। ପରିବାର ଭିତରେ କିଛି କହି ପାରୁନଥିବେ କିମ୍ବା କରିବାର ମଧ୍ୟ ଉପାୟ ନଥିବ। ଯେତେ ଚେଷ୍ଟା କଲେ ମଧ୍ୟ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରି ମନସ୍ତାପ କରିବେ।

**ବିଛା**
ସାମାଜିକ ସ୍ତରରେ ଅତୀତର କୃତକର୍ମ ସକାଶେ ଅନୁତାପ କରିବାକୁ ପଡ଼ିବ। ଘରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିବନ୍ଧକ କମଶଃ ଅପସରି ଯିବ।

**ଧନୁ**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ ଏବଂ କୌଣସି କାମ କରିବାକୁ ଇଚ୍ଛା ମଧ୍ୟ ହେବନାହିଁ। କୌଣସି ଯୋଜନାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କିନ୍ତୁ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ମକର**
ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ହୋଇପାରେ। ସହକର୍ମୀଙ୍କ ବିରୋଧ କାରଣରୁ କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ। ଜମିଜମା ବିବାଦର ସମାଧାନ ଆଜି ଅପରାହ୍ନରେ ହୋଇପାରିବ।

**କୁମ୍ଭ**
ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ, ତଥାପି କାମଗୁଡିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଏବଂ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଆର୍ଥିକ ସ୍ଥିତି ସୁଦୃଢ଼ ରହିବ।

**ମୀନ**
ସକାଳୁ ସକାଳୁ ଶୁଭ ଖବର ପାଇ ମନୋବଳ ବୃଦ୍ଧି ପାଇବ। କିନ୍ତୁ ବନ୍ଧୁ ଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଉପରିସ୍ଥଙ୍କ ତାଗିଦା ସତ୍ତ୍ୱେ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

ଆଜି ରାସ ପୂର୍ଣ୍ଣିମା ସୋମବାର, ନଭେମ୍ବର ୨୭ ତାରିଖ, ଶ୍ରୀଜୀଉଙ୍କର ରାଜରାଜେଶ୍ୱର ବେଶ, କାର୍ତ୍ତିକେଶ୍ୱର ପୂଜା, ବାଲିଯାତ୍ରା, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ଗୁରୁନାନକ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ.୦୧।୩୬ ମି. ପର୍ଯ୍ୟନ୍ତ କୃତ୍ତିକା/ବୃଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୫ ଗତେ, ଘ.୦୭।୨୭ ମଧ୍ୟେ, ଘ.୦୯।୦୦ ଗତେ, ଘ.୧୧।୧୨ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୨୭ ଗତେ, ଘ.୦୮।୪୯ ମଧ୍ୟେ ରାହୁକାଳ।

# ସାମ୍ବିଧାନିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଘର ଘର ସମ୍ବିଧାନ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୨୬।୧୧ (ବନ୍ଦନା ସେଠୀ)

ଭାରତୀୟ ସମ୍ବିଧାନ ପ୍ରଣୟନ ହେବାର ୭୫ତମ ବର୍ଷ ଅବସରରେ ସାମ୍ବିଧାନିକ ସଚେତନତା ତଥା ସାମ୍ବିଧାନିକ ଶାସନରେ ନାଗରିକଙ୍କ ଭାଗିଦାରୀ ଦୃଢ଼ କରିବା ନିମନ୍ତେ ଆଇନ୍ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ରବିବାର 'ଘର ଘର ସମ୍ବିଧାନ ଅଭିଯାନ'ର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅଭିଯାନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି କ୍ଲାପ୍ ସଭାପତି ବିକାଶ ଦାସ କହିଲେ, ସାମ୍ବିଧାନିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ସମ୍ବିଧାନ କହିଲେ ମୌଳିକ ଅଧିକାର ବୁଝାଯାଏ। ମାତ୍ର ଆମ ରାଷ୍ଟ୍ରରେ ଥିବା ବିଭିନ୍ନ ସାମ୍ବିଧାନିକ ସଂସ୍ଥା ସମ୍ପର୍କରେ ଅଧିକାଂଶ ନାଗରିକ ଅବଗତ ନୁହନ୍ତି। ଏପରିକି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଆଦି ପଦବୀ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ହୋଇଥାଏ ବୋଲି ଅନେକ ଅବଗତ ନୁହନ୍ତି। ତେଣୁ ଏସବୁ ନେଇ ରାଜ୍ୟର ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା ପାଇଁ ଏହି ଅଭିଯାନ ସାହାଯ୍ୟ କରିବ। ଏହାଦ୍ୱାରା ସାମ୍ବିଧାନିକ ଶାସନରେ ପ୍ରତ୍ୟେକ ବର୍ଗ ନିଜର ଭୂମିକା ନିର୍ଣ୍ଣୟ କରି ପାରିବେ। ଏହି ଅଭିଯାନ ରାଜ୍ୟବ୍ୟାପୀ ୧୪ ମାସ ପର୍ଯ୍ୟନ୍ତ ଚାଲିବା ସହ ୨୦୨୫ ଜାନୁୟାରୀ ୨୬ରେ ଶେଷ ହେବ ବୋଲି ସେ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବୀରକିଶୋର ମିଶ୍ର, ନିର୍ବାଚନ ଆୟୋଗର ପୂର୍ବତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ, ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ସିୱାଇଏସ୍‌ଡ଼ିର ସହ ପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ସାହୁ, ନାଲ୍‌କୋ ମହିଳା ସମିତିର ସଭାନେତ୍ରୀ ସସ୍ମିତା ପାତ୍ର ଓ ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ ଶରତ ଦାସ ପ୍ରମୁଖ ଯୋଗଦେଇ ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ସମ୍ବିଧାନ ସମ୍ପର୍କରେ ନାଗରୀକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ଲାପ୍‌ର ସମ୍ପାଦକ ପୁରୁଷୋମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଘର ଭିତରେ ନିଆଁରେ ପୋଡ଼ି ବିଧବାଙ୍କୁ ହତ୍ୟା

ଭବାନୀପାଟଣା/ ଜୁନାଗଡ଼, ୨୬।୧୧ (ଉତ୍ତମ କୁମାର ଦାଶ/ ସୁନୀଲ କୁମାର ସିଂହ)

- ଅଭିଯୋଗ ଆଣିଲେ ମୃତକଙ୍କ ଭାଇ
- ହତ୍ୟାକୁ ଆତ୍ମହତ୍ୟା ରୂପ ଦେବା ପୋଲିସର ଉଦ୍ୟମ

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ଚିର୍ଚିଗୁଡ଼ା ଗ୍ରାମରେ ରବିବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିଧବା ମହିଳାଙ୍କୁ ଘର ଭିତରେ ପୋଡ଼ି ହତ୍ୟା କରାଯାଇଥିବା ଅଭିଯୋଗ ଆସିଛି। ମୃତ ମହିଳାଙ୍କ ନାମ ପଦ୍ମାବତୀ ମେହେର (୪୦)। ସେ ଘରେ ଏକୁଟିଆ ରହୁଥିବା ବେଳେ ଶନିବାର ରାତିରେ ଦୁର୍ବୃତ୍ତ ତାଙ୍କୁ ନିଆଁରେ ପୋଡ଼ି ହତ୍ୟା କରିଥିବା ତାଙ୍କ ଭାଇ ବଳରାମ ମେହେର ଅଭିଯୋଗ କରିଛନ୍ତି। ପାରିବାରିକ କଳହକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ସେ ସନ୍ଦେହ କରିଛନ୍ତି। ମୃତ ମହିଳାଙ୍କ ଘର କବାଟ ଆଗ ପଟରେ ତାଲା ଝୁଲୁଥିବା ଓ ଘର ଭିତରେ ତାଙ୍କ ପୋଡା ମୃତଦେହ ବାହାରିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ଘଟଣାସ୍ଥଳରେ ଜୁନାଗଡ଼ ପୋଲିସ ସହ ସନ୍ଧାନୀ



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

କୁକୁର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ଏହା ହତ୍ୟାକାଣ୍ଡ ବୋଲି ଜଣାପଡୁଛି। ହେଲେ ଜୁନାଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୩) ରୁଜୁ କରିବା ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ପଦ୍ମାବତୀ ନିଜେ ପୋଡି ହୋଇ ଆତ୍ମହତ୍ୟା କଲେ ବୋଲି ପୋଲିସ କହୁଥିବାବେଳେ ଏପଟେ ତାଙ୍କ ଘରକୁ ଲାଗି ଅନେକ ଘର ଥିବାବେଳେ ଉକ୍ତ ପରିବାର ଲୋକେ କେହି ମଧ ରାତିରେ ପଦ୍ମାବତୀଙ୍କ ଚିତ୍କାର ଶୁଣି ନ ପାରିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ଏହି ହତ୍ୟାକାଣ୍ଡକୁ ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ସ୍ୱାମୀ ଦାମୋଦର ମେହେରଙ୍କ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଏକ ମାତ୍ର ପୁଅ ପ୍ରତ୍ୟୁଷ ମେହେର ହାଇଦ୍ରାବାଦରେ ଚାକିରି କରୁଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଥା କ୍ରାଇମବ୍ରାଞ୍ଚ ତଦନ୍ତ କରାଗଲେ ସତ୍ୟତା ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି।

ୟୁରୋ ସ୍ମାର୍ଟ ପ୍ଲେ ସ୍କୁଲ
୬୩୫, ପୂର୍ଣ୍ଣଧାମ, ରାମେଶ୍ୱର ପାଟଣା, ରଥଦାଣ୍ଡ, ଭୁବନେଶ୍ୱର – ୭୫୧୦୦୨
ଦୂରଭାଷ: ୦୬୭୪–୨୪୩୫୩୬୬, ୯୮୬୧୮୮୬୧୩୮
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଧରିତ୍ରୀ ପରିବାରର ସମ୍ପାଦକ ଏବଂ ସମସ୍ତଙ୍କୁ ଶୁଭେଚ୍ଛା ଓ ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ନିକଟରେ ଏହି ଖବରକାଗଜର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରୁଅଛି।
ଗିରିଜା ଶଙ୍କର ମହାପାତ୍ର
ସମାଜସେବୀ, ପୁରୁଣା ଭୁବନେଶ୍ୱର

ଅଭିନନ୍ଦନ
ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଏବଂ ଆଲୋକର ପର୍ବ ଦୀପାବଳି ଅବସରରେ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଉତ୍ତରୋତ୍ତର ଦୀର୍ଘାୟୁ କାମନା କରୁଁ।
ଶ୍ରୀ ଅନିଲ କୁମାର ରୁବି ଅଗ୍ରୱାଲ
ସଭାପତି, କିରାନା ମାର୍କେଟ ଆସୋସିଏଶନ
କଣ୍ଟାବାଞ୍ଜି

Biju Kanya Ratna Yojana
ଓଡ଼ିଶା ଶାସନ
ବେଟୀ ବଚାଓ ବେଟୀ ପଢ଼ାଓ
ଝିଅ ବଞ୍ଚାନ୍ତୁ, ଝିଅ ପଢ଼ାନ୍ତୁ।
କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ
ସୌଜନ୍ୟ: ଜିଲ୍ଲା ପ୍ରଶାସନ, ଜଗତ୍‌ସିଂହପୁର



























# ବିକାଶର ଶିକାର

ଭାରତ ପୂର୍ବରୁ ଅନେକଥର ଆତଙ୍କବାଦର ଶିକାର ହୋଇଛି, ଏବେ ମଧ୍ୟ ହେଉଛି। ପୁଲୱାମା ବିରାଟକାୟ ଥିବାବେଳେ ତା’ପରେ ବହୁ ଛୋଟବଡ଼ ଆକ୍ରମଣ ହୋଇଛି, ଯେଉଁଥିରେ ମୃତ ସୈନିକମାନଙ୍କ ଦେହାବଶେଷ ଘରେ ପହଞ୍ଚିବା ପୂର୍ବରୁ ରାଜନେତାମାନେ ପହଞ୍ଚି ଆର୍ଥିକ ସାହାଯ୍ୟ କରିପାରୁଛନ୍ତି। କିନ୍ତୁ ଭାରତ ସରକାର ପାଇଁ ଏହି ଦେଶର ନାଗରିକଙ୍କ ଜୀବନର କୌଣସି ମୂଲ୍ୟ ଅଛି ବୋଲି ହୁଏତ ଚିନ୍ତା କରାଯାଏ ନାହିଁ। ଅକ୍ଟୋବର ୭ରୁ ଇସ୍ରାଏଲ୍‌ରୁ ଅପହରଣ ହୋଇଥିବା ୨୪୦ ନାଗରିକଙ୍କୁ ମୁକ୍ତ କରିବା ପାଇଁ ସେଠାକାର ସରକାର ହମାସ ବିରୋଧରେ ଏକ ଅନ୍ଧାଧୁନିଆ ଯୁଦ୍ଧ ଆରମ୍ଭ କରିଦେଇଛି। ବିଶ୍ୱର ବିଭିନ୍ନ ଦେଶରେ ଇସ୍ରାଏଲ୍ ବିରୋଧରେ ପ୍ରତିବାଦ ହେଉଥିବା ସତ୍ତ୍ୱେ ଅନ୍ତର୍ଜାତୀୟ ଚାପକୁ ବେଖାତିର କରି ସେଠାକାର ନେତୃତ୍ୱ କେବଳ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ପାଖରେ ସୀମିତ ରହିନାହିଁ। ଶତ୍ରୁକୁ ସାମ୍ନା କରିବା ସକାଶେ ଇସ୍ରାଏଲ୍‌ର ମେଣ୍ଟ ସରକାର ସହିତ ବିରୋଧୀ ଦଳ ମଧ୍ୟ ତତ୍‌କ୍ଷଣାତ୍ ମିଶିଯାଇ ଏକ ସ୍ୱରରେ ଯୁଦ୍ଧକୁ ସାମ୍ନା କରିବା ପାଇଁ ଏକଜୁଟ ହୋଇଛନ୍ତି। ଇସ୍ରାଏଲ୍ ଭଳି ଅଧିକାଂଶ ଦେଶ ସେମାନଙ୍କ ନାଗରିକଙ୍କ ଜୀବନ ସବୁଠାରୁ ମୂଲ୍ୟବାନ ବୋଲି ବାରମ୍ବାର ପ୍ରମାଣ କରିଆସିଛନ୍ତି।

୨୪ ନଭେମ୍ବର ସକାଳୁ ଆରମ୍ଭ ହୋଇଥିବା ଯୁଦ୍ଧବିରତି ଚାରିଦିନ ପାଇଁ କାର୍ଯ୍ୟକାରୀ ରହିବ। ଏହି ସମୟରେ ପଣବନ୍ଦୀମାନଙ୍କୁ ଉଭୟ ପଟ ହସ୍ତାନ୍ତର କରୁଥିବାର ଖବର ମିଳୁଛି। ହମାସ ଭଳି ଉଗ୍ରପନ୍ଥୀ ସଙ୍ଗଠନ ଏହି ଯୁଦ୍ଧବିରତି ପାଇଁ ରାଜି ହେବା ପଛରେ ଗାଜା ନାଗରିକଙ୍କ ଚାପ ପ୍ରଭାବଶାଳୀ ହୋଇଥାଇପାରେ। ଇସ୍ରାଏଲ ଆକ୍ରମଣରେ ଗାଜାର ସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯାଉଥିବା ଭଳି ମନେହେଉଛି। ଏହା ସ୍ୱୀକାର କରିବାକୁ ହେବ ଯେ, ଉଭୟ ଇସ୍ରାଏଲ ଓ ହମାସ ଆଜିର ସ୍ଥିତି ସକାଶେ ଦାୟୀ। କେହି ନିରୀହ ନୁହନ୍ତି। କିନ୍ତୁ ଇସ୍ରାଏଲ ଯେଉଁଭଳି ଭାବେ ତା’ର ନାଗରିକଙ୍କୁ ବଞ୍ଚାଇ ଆଣିବା ପାଇଁ ଏକାଗ୍ରତା ରଖି ଯୁଦ୍ଧ କରୁଛି, ତାହା ମଧ୍ୟ ପ୍ରଶଂସନୀୟ। ଯେକୌଣସି ଦେଶର ସରକାର ତାହାର ନାଗରିକଙ୍କ ପାଇଁ ଏଭଳି ଶକ୍ତି ପ୍ରଦର୍ଶନ କରିବା କଥା। ତେବେ ଭାରତ ଭଳି ରାଷ୍ଟ୍ରରେ ତତ୍‌କ୍ଷଣାତ୍ ଭିନ୍ନ ମତ ପ୍ରକାଶ ପାଇଥାଆନ୍ତା। ନାଗରିକଙ୍କୁ ବଞ୍ଚାଇବା ପରିବର୍ତ୍ତେ ଆମ ସରକାର ସେହି ନାଗରିକଙ୍କୁ ଦୋଷ ଦେବାରେ ଲାଗିଥାଆନ୍ତେ। ଏହାର ଅର୍ଥ ନୁହେଁ ଯେ, ନାଗରିକ ସବୁବେଳେ ଠିକ୍ କରିଥାଏ। ଉଦାହରଣ ସ୍ୱରୂପ, କାତାରରେ ଭାରତୀୟ ନୌସେନାର ଅବସରପ୍ରାପ୍ତ କେତେକ ଅଧିକାରୀ ଇସ୍ରାଏଲକୁ ସାହାଯ୍ୟ କରିବା ପାଇଁ ଗୁପ୍ତଚରୀ କାର୍ଯ୍ୟରେ ଲିପ୍ତ ରହିଥିବା ଯୋଗୁ ସେହି ଦେଶରେ ଗିରଫ ହୋଇ ମୃତ୍ୟୁଦଣ୍ଡର ଶିକାର ହେବାକୁ ଯାଉଛନ୍ତି। ନୌସେନାର ସେହି ପୂର୍ବତନ ଅଧିକାରୀମାନେ କାତାର ସରକାରଙ୍କ ବିରୋଧୀ ବୋଲି ଭାବି ହେଉନାହିଁ। କିନ୍ତୁ ଅବସର ପରେ ଅଧିକ ଅର୍ଥ ଲୋଭରେ ସେମାନେ ବିଦେଶ ଯାଇ କେଉଁ ପ୍ରକାର କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ତାହା ବୁଝିବା ସହଜ ନୁହେଁ। ତତ୍‌ସହିତ ଏହା ମଧ୍ୟ ମାନିବାକୁ ହେବ ଯେ, ଭାରତୀୟମାନେ ବିଦେଶ ଯାଇ ଅନେକ ବେଆଇନ କାର୍ଯ୍ୟରେ ଜାଣିଶୁଣି ଜଡ଼ିତ ହୁଅନ୍ତି, ଯାହାଫଳରେ ସମଗ୍ର ଦେଶକୁ ଲଜ୍ଜିତ ହେବାକୁ ପଡ଼ିଥାଏ। ତେଣୁ ସବୁ ନାଗରିକଙ୍କ ପାଇଁ ଯୁଦ୍ଧ କରିହେବ ବୋଲି ଭାବିବା ଅନୁଚିତ।

**ଆମ ଦେଶରେ ଆମେ ମାତୃଭୂମି ବୋଲି ଯାହା କହୁଛୁ ତାହା କେବଳ ଗୋଡ଼ି, ବାଲି ସହ କଙ୍କ୍ରିଟ ଘରଦ୍ୱାର ଓ ଅନ୍ୟ ଭିତ୍ତିଭୂମିରେ ସୀମିତ ରହିଯାଉଛି। ଭାରତର ବ୍ୟବସ୍ଥା ଭୁଲିଯାଉଛି ଯେ, ସବୁ କାର୍ଯ୍ୟର ଗୋଟିଏ ମାତ୍ର ଲକ୍ଷ୍ୟ ରହିବା କଥା। ସେହି ଲକ୍ଷ୍ୟଟି ସର୍ବନିମ୍ନ ସ୍ତରରେ ଥିବା ଦୁର୍ବଳ ନାଗରିକଙ୍କୁ ସଶକ୍ତ କରିବା। ଏହି ଲକ୍ଷ୍ୟରୁ ଭୁଲିଯାଇ, ବିଭିନ୍ନ ଆଳ ଦର୍ଶାଇ, ଭାରତର ନାଗରିକ ହୋଇଯାଉଛି ସବୁ ବିକାଶର ଏକମାତ୍ର ଶିକାର।**

ଅନ୍ୟପକ୍ଷରେ ଭାରତବର୍ଷରେ ସାଧାରଣ ନାଗରିକଙ୍କ ଜୀବନକୁ ସରକାର ବେଖାତିର କରିଆସୁଥିବାର ଦୃଷ୍ଟାନ୍ତ ଚାରିବାହାକୁ ଦେଖିଲେ ମିଳିଥାଏ। ଭାରତ ଭଳି ଦେଶରେ ରାଜନୀତିଠାରୁ ଆରମ୍ଭ କରି ରାସ୍ତା ଦୁର୍ଘଟଣା ପର୍ଯ୍ୟନ୍ତ ସବୁ ସମୟରେ ନାଗରିକ ଅବହେଳା ଯୋଗୁ ମରୁଛନ୍ତି। ରାଜନୀତିରେ ସଫଳତା ପାଇବା ପାଇଁ ନେତାମାନେ ନାଗରିକଙ୍କ ଜୀବନ ନେଇଯାଉଛନ୍ତି। ନାଗରିକତ୍ୱ ପ୍ରମାଣ କରିବା ସକାଶେ ନୀତି ସୃଷ୍ଟି କରୁଛନ୍ତି। ଏଥିରୁ ବୁଝାପଡ଼େ ଯେ ଆମ ଦେଶରେ ଆମେ ମାତୃଭୂମି ବୋଲି ଯାହା କହୁଛୁ ତାହା କେବଳ ଗୋଡ଼ି, ବାଲି ସହ କଙ୍କ୍ରିଟ ଘରଦ୍ୱାର ଓ ଅନ୍ୟ ଭିତ୍ତିଭୂମିରେ ସୀମିତ ରହିଯାଉଛି। ଭାରତର ବ୍ୟବସ୍ଥା ଭୁଲିଯାଉଛି ଯେ, ସବୁ କାର୍ଯ୍ୟର ଗୋଟିଏ ମାତ୍ର ଲକ୍ଷ୍ୟ ରହିବା କଥା। ସେହି ଲକ୍ଷ୍ୟଟି ସର୍ବନିମ୍ନ ସ୍ତରରେ ଥିବା ଦୁର୍ବଳ ନାଗରିକଙ୍କୁ ସଶକ୍ତ କରିବା। ଏହି ଲକ୍ଷ୍ୟରୁ ଭୁଲିଯାଇ, ବିଭିନ୍ନ ଆଳ ଦର୍ଶାଇ, ଭାରତର ନାଗରିକ ହୋଇଯାଉଛି ସବୁ ବିକାଶର ଏକମାତ୍ର ଶିକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | 6 | | 3 | 4 | 7 | |
| | | | | | | 3 | | |
| | | | | | 7 | 2 | | 1 |
| | 8 | | | | 2 | | 4 | |
| | | 7 | | | | | | |
| | | 2 | 5 | 1 | 4 | | | |
| | | | | 9 | | | | 3 |
| | 4 | | | | | | 9 | |
| | 7 | 6 | | 3 | 1 | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 1 | 2 | 5 | 9 | 3 | 7 | 4 |
| 5 | 4 | 2 | 7 | 6 | 3 | 1 | 8 | 9 |
| 3 | 7 | 9 | 4 | 8 | 1 | 2 | 6 | 5 |
| 6 | 3 | 7 | 5 | 9 | 2 | 4 | 1 | 8 |
| 4 | 1 | 5 | 8 | 3 | 6 | 9 | 2 | 7 |
| 9 | 2 | 8 | 1 | 7 | 4 | 5 | 3 | 6 |
| 2 | 9 | 4 | 6 | 1 | 8 | 7 | 5 | 3 |
| 7 | 8 | 3 | 9 | 2 | 5 | 6 | 4 | 1 |
| 1 | 5 | 6 | 3 | 4 | 7 | 8 | 9 | 2 |

ଗତକାଲିର ଉତ୍ତର

# ଶ୍ରମର ମର୍ଯ୍ୟାଦା



ଡ. ମନୋରଞ୍ଜନ ପ୍ରଧାନ

ପ୍ରବନ୍ଧର ଶ୍ରୀଗଣେଶ କରିବା ସାମାଜିକ ଗଣମାଧ୍ୟମରୁ ସଂଗୃହୀତ ଏକ ସୁନ୍ଦର ବାର୍ତ୍ତାରୁ। ଅବ୍ରାହମ ଲିଙ୍କନଙ୍କ ପିତା ଜୋତା ତିଆରି କରୁଥିଲେ, ସେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଆମେରିକାର ଆଭିଜାତ୍ୟ ବର୍ଗକୁ ଆଘାତ ଲାଗିଲା! ସିନେଟ ସମ୍ମୁଖରେ ସେ ଯେବେ ନିଜର ପ୍ରଥମ ଅଭିଭାଷଣ ଦେବାକୁ ଛିଡ଼ା ହେଲେ, ଜଣେ ସିନେଟର ଉଚ୍ଚ ସ୍ୱରରେ କହିଲେ, ‘ମିଷ୍ଟର ଲିଙ୍କନ ମନେରଖ ତୁମ ବାପା ମୋର ଓ ମୋ ପରିବାରର ଜୋତା ତିଆରି କରୁଥିଲେ!’ ଏଥି ସହିତ ପୂରା ସିନେଟ ଅଟ୍ଟହାସ୍ୟରେ ଗୁଞ୍ଜରିତ ହେଲା! କିନ୍ତୁ ଲିଙ୍କନ ତ ଏକ ଅଲଗା ମାଟିରେ ଗଢ଼ା ହୋଇଥିଲେ; ସେ କହିଲେ ‘‘ମୁଁ ଜାଣିଛି ଯେ ମୋ ପିତା ଜୋତା ତିଆରି କରୁଥିଲେ! କେବଳ ଆପଣଙ୍କର ନୁହେଁ, ଏଠାରେ ଉପସ୍ଥିତ ଅନେକ ମାନନୀୟଙ୍କର ଜୋତା ସେ ତିଆରି କରିଥିବେ। ସେ ପୂର୍ଣ୍ଣ ମନୋଯୋଗ ସହ ଜୋତା ପ୍ରସ୍ତୁତ କରନ୍ତି। ତାଙ୍କ ତିଆରି ଜୋତାରେ ତାଙ୍କର ଆତ୍ମା ବାସ କରେ! ନିଜ କର୍ମ ପ୍ରତି ପୂର୍ଣ୍ଣ ନିଷ୍ଠା କାରଣରୁ ଜୋତାରେ କେବେ କିଛି ଅଭିଯୋଗ ଆସି ନାହିଁ! ଆପଣଙ୍କର ତାଙ୍କ କାମରେ କିଛି ଅଭିଯୋଗ ଅଛି କି? ତାଙ୍କ ପୁତ୍ର ହୋଇ ଥିବାରୁ ମୁଁ ନିଜେ ମଧ୍ୟ ଜୋତା ପ୍ରସ୍ତୁତ କରିପାରେ, ଯଦି ଆପଣଙ୍କର କିଛି ଅଭିଯୋଗ ରହିଛି ତା’ହେଲେ କୁହନ୍ତୁ ମୁଁ ତାଙ୍କ ତିଆରି ଜୋତାକୁ ସଜାଡି ଦେବି! ମୁଁ ନିଜ ପିତା ଏବଂ ତାଙ୍କ କର୍ମକୁ ନେଇ ଗର୍ବିତ।’’

ତାଙ୍କର ଏହି ତର୍କବାଦୀ ଭାଷଣରୁ ସିନେଟରେ ନୀରବତା ଛାଇଗଲା ଓ ଏହି ଭାଷଣକୁ ଆମେରିକାର ସିନେଟ ଇତିହାସର ସବୁଠାରୁ ଉତ୍କୃଷ୍ଟ ଭାଷଣ କୁହାଯାଇଛି। ଏହି ଭାଷଣରୁ ଗୋଟେ ଥିଓରି ବାହାରିଲା ଶ୍ରମର ମର୍ଯ୍ୟାଦା ଓ ଏହାର ପ୍ରଭାବରେ ଯେତେ ବି ଶ୍ରମଜୀବୀ ଥିଲେ ସେମାନେ ନିଜ ପେସାକୁ ନିଜର ଉପନାମ(surname)କରିଦେଲେ; ଯେପରି କି- ଫିଶରମ୍ୟାନ, ବଟଲର୍, ଶୁମେକର, ବୁଚର, ଟେଲର, ସ୍ମିଥ, କାର୍‌ପେଣ୍ଟର, ପୋଟର ଆଦି। ଆମେରିକାରେ ଆଜି ମଧ୍ୟ ଶ୍ରମକୁ ମହତ୍ତ୍ୱ ଦିଆଯାଏ, ସେଥିଲାଗି ସେ ଦୁନିଆର ସବୁଠୁ ବଡ଼ ମହାଶକ୍ତି । ସେମାନଙ୍କ ଆଖିରେ ସବୁ ବୃତ୍ତି ଓ କାମର ମହତ୍ତ୍ୱ ରହିଛି, ତେଣୁ କର୍ମ ଆଧାରରେ କେହି ଛୋଟ ବଡ଼ ନାହିଁ।

ବର୍ତ୍ତମାନ ଚିନ୍ତା କରିବା ଆମ ଦେଶ କଥା। ହାଡ଼ଭଙ୍ଗା ପରିଶ୍ରମ କରି ଦେଶର କୋଟି କୋଟି ଜନତାଙ୍କର ଅନ୍ନଦାତା କୃଷକ ସମାଜ ଆମ ଭଳି ତଥାକଥିତ ଶିକ୍ଷିତ ବର୍ଗଙ୍କ ଆଖିରେ ମଳିମୁଣ୍ଡିଆ ଚଷା। ସେମାନଙ୍କ ସହଯୋଗ ବିନା ପେଟକୁ ଦାନା ମିଳିବନି କିନ୍ତୁ ସେମାନେ ଇତର ଶ୍ରେଣୀର। ସକାଳୁ ଉଠିଲେ ଅଳିଆ ଆବର୍ଜନା ଗାଡ଼ିରେ ନେଇ ଆମର ସୁସ୍ଥ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ



କରୁଥିବା ମେହନ୍ତର ବା ସଫେଇ କର୍ମଚାରୀମାନେ ଏ ତଥାକଥିତ ବଡ଼ ପାଠୁଆଙ୍କ ଆଖିରେ ଅଳିଆବାଲା। ଆଉ କୁଢ଼ କୁଢ଼ ଅଳିଆ ଆବର୍ଜନା ସୃଷ୍ଟି କରୁଥିବା ଆମ୍ଭେମାନେ କୁଆଡ଼େ ବାବୁ ତଥା ସେମାନଙ୍କ ହାକିମ। ଏପରି କି କିଛି ଲୋକ ସେମାନଙ୍କ ହାତକୁ ଅଳିଆ ବଢ଼େଇବାକୁ ପସନ୍ଦ କରନ୍ତି ନାହିଁ। ସେମାନଙ୍କୁ ଛୁଇଁ ଦେଲେ ସତେ ଯେପରି ଦେହ ଅଶୁଦ୍ଧି ହୋଇଯିବ। ଠିକ୍ ସେଭଳି ଦରଜୀ ଭାଇମାନଙ୍କୁ ମଧ୍ୟ ଶ୍ରମର ମର୍ଯ୍ୟାଦା ଓ ସମ୍ମାନ ଆମ ସମାଜ ଦେଇ ଜାଣିନି। ତାଙ୍କ ସିଲେଇ ପୋଷାକ ପିନ୍ଧି ନିଜକୁ ବଡ଼ ବାବୁ ବୁଲାଉ ଥିବା ବାବୁମାନେ ସେମାନଙ୍କୁ ମଧ୍ୟ ଠିକ୍ ଭାବରେ ଦେଖନ୍ତି ନାହିଁ। ଅର୍ଥାତ୍ କୌଳିକ ବୃତ୍ତି କରି ସ୍ୱାଭିମାନ ଓ ସ୍ୱାବଲମ୍ବୀ ଜୀବନ ବିତେଉଥିବା ଆତ୍ମନିର୍ଭର ମଣିଷର ଶ୍ରମର ମର୍ଯ୍ୟାଦା ଆମେ ବୁଝି ପାରୁନାହୁଁ, ଯାହା କି ବିଡ଼ମ୍ବନା ନିଶ୍ଚୟ।

ବହୁ ଲୋକଙ୍କ ଧାରଣା ଚାକିରି ବିଶେଷକରି ସରକାରୀ ଚାକିରିଆମାନେ ହିଁ ବଡ଼ ଓ ମର୍ଯ୍ୟାଦାପୂର୍ଣ୍ଣ ଲୋକ। ବେଳେବେଳେ ସରକାରୀ ଚାକିରିଆମାନଙ୍କ ଆଚରଣ, ଅହଙ୍କାର ତଥା ଥାଟ ଦେଖିଲେ ବଡ଼ ଅଜବ ଲାଗେ। ପଦପଦବୀ ପାଇଗଲେ ବା ଶୀତତାପ ନିୟନ୍ତ୍ରିତ କୋଠରିରେ ବସିଗଲେ ଅଧିକାଂଶ ଅଧିକାରୀ/କର୍ମଚାରୀ ନିଜର ନୈତିକ ଓ ବୃତ୍ତିଗତ ଶିଷ୍ଟାଚାର ଭୁଲି ଯାଆନ୍ତି। ଯାହା ପାଇଁ ସେମାନେ ଚାକିରି କରୁଛନ୍ତି ସେମାନଙ୍କୁ ଅତି ନିର୍ମମ ବ୍ୟବହାର କରନ୍ତି। ଏଠି ମାଲିକ ଚାକର ଆଉ ଚାକର ମାଲିକ ବା ହାକିମ। ଏମାନେ ଏତିକି ବୁଝିପାରନ୍ତି ନାହିଁ କି ମାସ ପୂରିଲା ବେଳକୁ ଯେଉଁ ରକମ ନିଜ ବ୍ୟାଙ୍କଖାତାକୁ ପୈଠ ହେଉଛି ତାହା ସାଧାରଣ ଲୋକଙ୍କ ଟିକସର କରାମତି। ଆଉ ଯେଉଁ ପଦପଦବୀ ଖଣ୍ଡିକ ପାଇଛନ୍ତି ତାହା ମଧ୍ୟ ଜନତାଙ୍କ ଆଶୀର୍ବାଦ। ଜନ୍ମଠାରୁ ପାଠପଢ଼ି ବଡ଼ ହେଲା ଯାଏ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ସହଯୋଗରୁ ହିଁ ସେମାନେ ଏ ପଦପଦବୀ ପାଇଛନ୍ତି ଏକଥା ମଣିଷ ବୁଝିପାରୁନାହିଁ।

ବଡ଼ ବିଚିତ୍ର ଆଜିର ସମାଜ। ଗୋପାଳ ଗୋ-ରସ ବୁଲିବୁଲି ବାକିରେ ବିକୁଛି ଅଥଚ ମଦ ଦୋକାନରେ ଅଗ୍ରୀମ ରାଶି ଦେଇ ପଛେ ବୋତଲ ମିଳୁଛି। କ୍ଷୀର ବିକାଳିକୁ ନାଁ ଧରି ଅତି ଅରୁଚିକର ଭାବେ ଡାକୁଛେ ଅଥଚ ମଦ ବେପାରୀଙ୍କୁ ଆଜ୍ଞା ସାର୍ କହି ମଦ କିଣୁଛେ। ଏସବୁ ଶ୍ରମର ମର୍ଯ୍ୟାଦା ନା ଅପମାନ, ବିଚାର କରିବା ସମୟ ଉପନୀତ।

ସତ କହିବାକୁ ଗଲେ ଚପରାସୀଠାରୁ ଉଚ୍ଚ ପଦସ୍ଥ ଅଧିକାରୀ ସମସ୍ତଙ୍କ କାମର ମୂଲ୍ୟ ରହିଛି। ଅଫିସରେ ଝାଡୁ ମାରୁଥିବା ସଫେଇ କର୍ମଚାରୀମାନେ ସଫେଇ ନ କଲେ ଅଫିସରେ ମୁଖା ପିନ୍ଧି ମଧ୍ୟ ବସି ହେବନାହିଁ। ସେମାନଙ୍କ ପରିଶ୍ରମରୁ ଅଫିସ ସଫାସୁତୁରା ରହୁଛି। ଆମେ ଭଲରେ କାମ କରିପାରୁଛେ। ହେଲେ ଆମ ସ୍ୱାସ୍ଥ୍ୟକର ପରିବେଶ ଦେଉଥିବା ସଫେଇ କର୍ମଚାରୀଟିକୁ ଘୃଣା କରିବା କାହିଁକି? ପୋଷାକ ଇସ୍ତ୍ରି କରୁଥିବା ଲୋକଟି ଅଛୁଆଁ କେମିତି ହେଲା ଯେ! ଆମ ଚପଲ ମରାମତି କାର୍ଯ୍ୟ କରି ସୁଖଦ ଚାଲିବାର ମାର୍ଗ ପ୍ରଶସ୍ତ କରୁଥିବା ମୋଚି ଭାଇଟି ଇତର କେମିତି ହୋଇଗଲା! ଏ ଜାତିବାଦୀ ଅବିଚାର ଓ କାମ ଅନୁସାରେ ସମ୍ମାନ ଦେବା ସଂକୀର୍ଣ୍ଣ ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି ସବୁ ଶ୍ରମର ମର୍ଯ୍ୟାଦା ଓ ମହତ୍ତ୍ୱକୁ ବୁଝିବା ଆବଶ୍ୟକ। ସମାଜ ରୂପକ ଶରୀରର ପ୍ରତ୍ୟେକ ଅଙ୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନଖରୁ ଶିଖ ସମସ୍ତଙ୍କ ସହଯୋଗରେ ଯେପରି ଏକ ସୁସ୍ଥ ସବଳ ଶରୀର ସମ୍ଭବ ଠିକ୍ ସେହିପରି ସମାଜର ପ୍ରତ୍ୟେକ ବୃତ୍ତିଧାରୀମାନଙ୍କ ସହଯୋଗ ଓ ଯୋଗଦାନରେ ଆମର ସର୍ବାଙ୍ଗୀନ ବିକାଶ ସମ୍ଭବ। ଏଥିପାଇଁ ଜାତିଆଣ ମନୋଭାବର ବୁଢ଼ିଆଣୀ ଜାଲରୁ ମୁକୁଳି ମାନବବାଦରେ ବିଶ୍ୱାସ ରଖିବା ଉଚିତ।

ଏଠାରେ ସ୍ୱାମୀ ବିବେକାନନ୍ଦଙ୍କ ଏକ କଥା ପ୍ରାସଙ୍ଗିକ ମନେହୁଏ। ଥରେ ରେଳରେ ଯାତ୍ରା କରିବା ବେଳେ ଜଣେ ବୃଦ୍ଧା ସ୍ୱାମିଜୀଙ୍କୁ ତାଙ୍କ ଜାତି ସମ୍ବନ୍ଧରେ ପଚାରିଲେ। ସ୍ୱାମିଜୀ ଅତି ସୁନ୍ଦର ଭାବରେ ନିଜର ଜାତି ସମ୍ବନ୍ଧରେ ବୁଝେଇ ଦେଲେ। ଫଳରେ ବୃଦ୍ଧାଙ୍କ ଭିତରେ ଜାତିଆଣ ମନୋଭାବର ବୃଥା ଅହଂ ଦୂର ହୋଇଗଲା। ସ୍ୱାମିଜୀ କହିଲେ, ମୁଁ ସକାଳୁ ଉଠୁ ଉଠୁ ଘର ଝାଡୁ ମାରେ ଓ ସଂପୂର୍ଣ୍ଣ ଘର ସଫାକରେ। ତେଣୁ ମୁଁ ମେହନ୍ତର। ତା’ପରେ ସ୍ନାନ ସାରି ପୂଜାପାଠ କରେ, ସେତେବେଳେ ବ୍ରାହ୍ମଣ। ଯେତେବେଳେ ମୋର ଲୁଗା ସଫାକରେ ସେତେବେଳେ ରଜକ। ରୋଷେଇ କଲାବେଳେ ସୂପକାର, ଇତ୍ୟାଦି। ଅର୍ଥାତ୍ ଆମେ ପ୍ରତି ଦିନ ଘରେ ସବୁ ବୃତ୍ତିର କାମ କରନ୍ତି। ତେବେ ସେହି କାମ କରି ଗୁଜୁରାଣ ମେଣ୍ଟାଉଥିବା ସ୍ୱାଭିମାନୀ ଲୋକଟି ଅଛୁଆଁ କେମିତି ହୋଇପାରିବ? ଗୋଟିଏ ଧାଡ଼ିରେ କହିଲେ ଆମେ ଯେତେବେଳେ ଯାଏ ସବୁ ବୃତ୍ତିକୁ ସମ୍ମାନ ଦେଇନାହାନ୍ତି, ସବୁ ଶ୍ରମର ମହତ୍ତ୍ୱକୁ ହୃଦୟଙ୍ଗମ କରିନାହାନ୍ତି, ସେତେବେଳ ଯାଏ ଏକ ବିକଶିତ ଓ ସମାବେଶୀ ସମାଜ ଗଠନ ଅସମ୍ଭବ। ଆସନ୍ତୁ ଶ୍ରମକୁ ସମ୍ମାନ ଓ ମର୍ଯ୍ୟାଦା ଦେବା।

**ସହକାରୀ ପ୍ରାଧ୍ୟାପକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**

# ପ୍ରଭାବିତ ହେଉଛି ମହିଳାଙ୍କ ପ୍ରଜନନ କ୍ଷମତା



ଡା. ଶୁଭଶ୍ରୀ ମିଶ୍ର

୨୧୦୦ ବେଳକୁ ପାଖାପାଖି ୮୦ ବର୍ଷ ପରେ ଭାରତର ଜନସଂଖ୍ୟା ୩୦ କୋଟି ହ୍ରାସ ପାଇ ୧୦୦ କୋଟିରେ ପହଞ୍ଚିଥିବ। ସେହିପରି ମହିଳାମାନଙ୍କ ପ୍ରଜନନ କ୍ଷମତା ଅନୁପାତରେ ହ୍ରାସ ପାଇ ଏଭଳି ଘଟିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟସେବା ସଙ୍ଗଠନ ସୂଚିତ କରିଛି। ଜାତିସଂଘର ଜନସଂଖ୍ୟା ବିଭାଗ ପ୍ରଦତ୍ତ ତଥ୍ୟ ଅନୁଯାୟୀ ବିଶ୍ୱ ଜନସଂଖ୍ୟାରେ ପ୍ରାୟତଃ ୨କୋଟି ହ୍ରାସ ପାଇବ। ଗତ ୭୦ବର୍ଷ ମଧ୍ୟରେ ଭାରତର ସମଗ୍ର ପ୍ରଜନନ ଅନୁପାତରେ ଉଲ୍ଲେଖଯୋଗ୍ୟ ହ୍ରାସ ହୋଇଛି। କାରଣ ୧୯୫୦ରେ ପ୍ରଜନନ ଅନୁପାତ ୫.୬ ଅର୍ଥାତ୍ ଜଣେ ମହିଳା ୫ରୁ ୬ଟି ସନ୍ତାନର ଜନନୀ ହେଉଥିଲେ। ୨୦୧୭ ବେଳକୁ ଏହି ସଂଖ୍ୟା ହ୍ରାସ ପାଇ ୨.୧୪ ପ୍ରତିଶତ ହୋଇଯାଇଛି। ୨୧୦୦ ମସିହା ବେଳକୁ ଭାରତର ପ୍ରଜନନ ଅନୁପାତ ୧.୨୯ ହୋଇଯିବ; ଯାହାଦ୍ୱାରା ବର୍ତ୍ତମାନର ଜନସଂଖ୍ୟାରୁ ପାଖାପାଖି ୩୦କୋଟି କମ୍ ହୋଇ ୧୦୦ କୋଟିରେ ପହଞ୍ଚିବ। କାରଣ ବର୍ତ୍ତମାନ ସ୍ଥିତିରେ ବିଶ୍ୱର ଜନସଂଖ୍ୟା ୭.୮ ବିଲିୟନ ରହିଛି। ୨୦୬୪ ସମୟକୁ ଏହି ସଂଖ୍ୟା ୯.୭ ବିଲିୟନରେ ପହଞ୍ଚିବାର ଅନୁମାନ ହେଉଛି। ଏହାପରେ ବିଶ୍ୱଜନସଂଖ୍ୟାରେ ହ୍ରାସ ଘଟିବା ଆରମ୍ଭ ହୋଇ ଶତାବ୍ଦୀର ଶେଷ ବେଳକୁ ୮.୮ ବିଲିୟନ ରହିବ। ଗତବର୍ଷ ଜାତିସଂଘ ଆକଳନ କରିଥିଲା ଯେ ୨୧୦୦ ମସିହା ବେଳକୁ ବିଶ୍ୱ ଜନସଂଖ୍ୟା ୧୦.୯ ବିଲିୟନକୁ ହ୍ରାସ ଘଟିବ। ସେହିପରି ୨୧୦୦ ମସିହା ବେଳକୁ ଭାରତ ସବୁଠାରୁ ଅଧିକ ଜନସଂଖ୍ୟା ଥିବା ଦେଶ ହୋଇଥିବ। ବର୍ତ୍ତମାନ ସ୍ଥିତିରେ ଭାରତ ସମେତ ଅନେକ ଦେଶର ପ୍ରଜନନ କ୍ଷମତା କମିବାରେ ଲାଗିଛି; ଯାହା ଆଗାମୀ ସମୟରେ ଆର୍ଥିକ ଓ ସାମାଜିକ ସ୍ତରରେ ବ୍ୟାପକ ପ୍ରଭାବ ପକାଇବ। ରିପୋର୍ଟର ତଥ୍ୟ ଅନୁଯାୟୀ ୧୫ ବର୍ଷରୁ କମ୍ ଜନସଂଖ୍ୟା ଅନୁପାତରେ ୮୦ ବର୍ଷୀୟ ସଂଖ୍ୟା ବଢ଼ିବ।

ଦେଶରେ ମହିଳାମାନେ ଶିକ୍ଷିତ ହେବା ସହ କମ୍ ସଂଖ୍ୟାରେ ପିଲା ଜନ୍ମ କରୁଛନ୍ତି। ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ମହିଳାଙ୍କ ପ୍ରଜନନ ହାର ୨.୩ରେ ସ୍ଥିର ରହିବା ପରେ ୨୦୨୨ରେ ଏହା ସର୍ବକାଳୀନ ସର୍ବନିମ୍ନ ୨.୨କୁ ହ୍ରାସ ପାଇଛି। ୨୦୨୨ ମସିହା ପାଇଁ ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ପକ୍ଷରୁ ସଂକଳିତ ଏସ୍.ଆର.ଏସ୍. ରିପୋର୍ଟରୁ ଏହା ଜଣାଯାଇଛି। ମହିଳା ସାକ୍ଷାରତା ହାର କମ୍ ଥିବା ରାଜ୍ୟ ବିହାରରେ ମହିଳା ପ୍ରଜନନ ହାର ସର୍ବାଧିକ ୩.୨ ଥିବାବେଳେ କେରଳରେ ଏହା ୧.୭ ଓ ଦିଲ୍ଲୀରେ ୧.୫ ରହିଛି। ସେହିପରି ଓଡ଼ିଶାରେ ପ୍ରଜନନ ହାର ୧.୯ ରହିଛି, ଯାହା କି ଜାତୀୟ ହାର ତୁଳନାରେ କମ୍। ୨୦୧୪ରୁ ୨୦୧୬ ମଧ୍ୟରେ ଦେଶରେ ୧୦୦୦ ପୁଅରେ ୮୯୮ ଝିଅ ଥିବାବେଳେ ୨୦୧୫-୨୦୧୭ରେ ଏହି ସଂଖ୍ୟା ୮୯୬କୁ ହ୍ରାସ ପାଇଛି। ୨୦୧୧ ଜନଗଣନାରେ ପ୍ରତି ୧୦୦୦ ପୁଅରେ ୯୪୦ଜଣ ଝିଅ ଥିଲେ। ଜାତୀୟ ସ୍ତରରେ ଜନ୍ମହାର ୨୦୧୯ରେ ୨୦.୨କୁ ହ୍ରାସ ପାଇଛି। ୨୦୧୬ରେ ଏହା ୨୦.୪ ଥିଲା। ରାଜ୍ୟ ଭିତ୍ତିରେ ଜନ୍ମହାର ବିହାରରେ ସର୍ବାଧିକ ୨୬.୪ ଥିବାବେଳେ କେରଳରେ ସର୍ବନିମ୍ନ ୧୪.୨ ରହିଛି। ଦେଶରେ ୨୦୧୨ରୁ ୨୦୨୨ ମଧ୍ୟରେ ଜନ୍ମହାର ୧.୪ ପଏଣ୍ଟ ହ୍ରାସ ପାଇଛି।

ସଂପ୍ରତି ବିଭିନ୍ନ ପାରିପାର୍ଶ୍ୱିକ, ସାମାଜିକ, ଚିକିତ୍ସାଗତ କାରଣ ପାଇଁ ମହିଳାଙ୍କ ପ୍ରଜନନ କ୍ଷମତା



ଗୁରୁତର ଭାବରେ ପ୍ରଭାବିତ ହେଉଛି। ପ୍ରଥମ କଥା ହେଉଛି ଶରୀରର ଓଜନ ଆବଶ୍ୟକତାଠାରୁ କମ୍ ହୋଇଥିଲେ ଯାହାର ଅର୍ଥ ହେଉଛି ଅଧିକ ପତଳା ମହିଳାଙ୍କର ସନ୍ତାନ ଜନ୍ମ ବା ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍ ରହିଥାଏ। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହର୍ମୋନ୍ ଏହା ପାଇଁ ଦାୟୀ। ଏହି ହର୍ମୋନରୁ ବହୁ କମ୍ ମାତ୍ରା ଋତୁସ୍ରାବ ପାଇଁ କାର୍ଯ୍ୟ କରିଥାଏ। ଏହା ମଧ୍ୟ ପ୍ରଜନନ କ୍ଷମତା କମ୍ ହେବାର ମୁଖ୍ୟ କାରଣ। ଅତ୍ୟଧିକ ପତଳା ମହିଳାମାନେ ଗର୍ଭଧାରଣ କରିପାରନ୍ତି ନାହିଁ। ତେଣୁ ଏମାନେ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହ ବ୍ୟାୟାମ କରିବା ଦରକାର। ସେହିପରି ସାଧାରଣରେ ମହିଳାମାନେ ବ୍ୟବହାର କରୁଥିବା ଗର୍ଭନିରୋଧକ ଟିକା ବି ଏ କ୍ଷେତ୍ରରେ ଗୁରୁତର ପ୍ରଭାବ ରଖିଥାଏ। ଯଦି ଗର୍ଭନିରୋଧକ ବଟିକା ଖାଉଥାନ୍ତି କିମ୍ବା ଗର୍ଭନିରୋଧକ ଇଞ୍ଜେକ୍‌ସନ ନେଉଥାନ୍ତି, ତା’ହେଲେ ଏହା ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ପ୍ରଣାଳୀକୁ ଯଦି ଲଗାତର କରୁଥାନ୍ତି, ତା’ହାଲେ ମା’ହେବାର ଦକ୍ଷତା ମହିଳାମାନେ ହରାଇପାରନ୍ତି। ଆଉ ଗୋଟିଏ କାରଣ ହେଉଛି ମୋଟା ହେବା ବା ଶାରୀରିକ କ୍ଷେତ୍ରରେ ମେଦବହୁଳତା । ମେଦ ବୃଦ୍ଧି ଯୋଗୁ ହର୍ମୋନ ନିର୍ଗତ ହେବାରେ ବାଧା ସୃଷ୍ଟି ହୁଏ। ବିଶେଷ କରି ଗର୍ଭଧାରଣରେ ଏହା ସମସ୍ୟା ସୃଷ୍ଟି କରେ। ଅଧିକ ମୋଟା ହୋଇଯାଉଥିବା ମହିଳାଙ୍କ ଗର୍ଭାଶୟ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ। ବୟସ ମଧ୍ୟ ପ୍ରଜନନ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିଥାଏ, ବିଶେଷକରି ବୟସ୍କ ମହିଳାମାନେ ଅର୍ଥାତ୍ ୩୫ବର୍ଷରୁ ଅଧିକ ବୟସର ମହିଳାମାନଙ୍କର ଶାରୀରିକ ଦୃଷ୍ଟିକୋଣରୁ ପ୍ରଜନନ କ୍ଷମତା କମି ଯାଇଥାଏ। ଅଧିକାଂଶ ମହିଳା ହୁଏତ ଜାଣି ନ ଥାନ୍ତି ଯେ ସାଧାରଣରେ ମାମୁଲି ଲାଗୁଥିବା ଥାଇରଏଡ୍‌ର ପ୍ରଭାବରେ କେତେକ କ୍ଷେତ୍ରରେ ମହିଳାମାନେ ନିଜର ସନ୍ତାନ ଜନ୍ମ କରିବାର ବା ପ୍ରଜନନ କ୍ଷମତାରେ ସମସ୍ୟାକୁ ସାମ୍ନା କରିଥାନ୍ତି।

ସେହିପରି ଯୌନ ସମ୍ପର୍କ ମଧ୍ୟ ପ୍ରଜନନ କ୍ଷମତାକୁ ହ୍ରାସ କରିବାରେ ଏକ ସ୍ୱାସ୍ଥ୍ୟଗତ କାରଣ ଭାବେ ଦେଖାଯାଇଥାଏ। ଯୌନ ସମ୍ପର୍କ ସମୟରେ ଯୌନାଙ୍ଗ ଯଦି ସଂକ୍ରମଣ ହୋଇ ଏଥିରେ ପ୍ରମେହ ରୋଗ ହୋଇଥାଏ, ତା’ ହେଲେ ପ୍ରଜନନ କ୍ଷମତା ହ୍ରାସ ପାଏ। ଫଳରେ ଦମ୍ପତି ସହଜରେ ମାତାପିତା ହୋଇପାରନ୍ତି ନାହିଁ।

ସ୍ଲିମ୍ ଓ ଶକ୍ତିଶାଳୀ ହେବାରେ ବ୍ୟାୟାମ ସହାୟକ ହୁଏ। ହେଲେ ମହିଳାମାନେ ସ୍ଲିମ୍ ହେବା ଲକ୍ଷ୍ୟରେ ଆବଶ୍ୟକତାଠାରୁ ଅଧିକ ବ୍ୟାୟାମ କରନ୍ତି। ଏହା ଗର୍ଭାଶୟ ଉପରେ ପ୍ରଭାବ ପକାଏ। ଫଳରେ ପ୍ରଜନନ କ୍ଷମତା ହ୍ରାସ ପାଏ। କେତେକ କ୍ଷେତ୍ରରେ ଦେଖାଯାଏ ମହିଳାମାନେ ନିୟମିତ ଭାବରେ ପ୍ରତିଦିନ ନିଶାସେବନ କରିଥାନ୍ତି କିନ୍ତୁ ଏହା ସେମାନଙ୍କ ପ୍ରଜନନ କ୍ଷମତା ପାଇଁ ଘାତକ ସାବ୍ୟସ୍ତ ହୋଇଥାଏ। ପ୍ରାୟ ୭ ହଜାର ମହିଳାଙ୍କୁ ନେଇ ଏହି ଗବେଷଣା କରାଯାଇଥିଲା। ଦେଖାଯାଇଥିଲା ଯେ ଯେଉଁମାନେ ଅଧିକ ପରିମାଣରେ ମଦ୍ୟପାନ କରୁଥିଲେ ସେମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇଥିଲା। ଯେଉଁ ମହିଳାମାନେ ସର୍ବଦା ଚିନ୍ତାଗ୍ରସ୍ତ ରହିଥାନ୍ତି, ସେମାନେ ଚାହିଁଲେ ବି ଗର୍ଭଧାରଣ କରିପାରନ୍ତି ନାହିଁ। କାରଣ ସେମାନଙ୍କର ପ୍ରଜନନ କ୍ଷମତା ବହୁତ କମ୍। ଚିନ୍ତା ପ୍ରଜନନ ହର୍ମୋନର ସ୍ତରକୁ ବହୁତ କମେଇ ଦେଇଥାଏ। ଆମେରିକାର ଏକ ସର୍ଭେରୁ ଜଣାପଡ଼ିଛି ପ୍ରାୟ ୧୩ ପ୍ରତିଶତ ମହିଳାଙ୍କ ଧୂମପାନ ଯୋଗୁ ପ୍ରଜନନ କ୍ଷମତା ହ୍ରାସ ପାଇଛି।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ**
**ମୋ: ୯୮୬୧୪୬୩୪୦୬**

## ଏଇ ଭାରତରେ

ଭାରତରେ ଜଳଖିଆ କହିଲେ ଇଡ୍‌ଲି, ତରକାରି ଭାରି ପ୍ରିୟ। ଏହି ଖାଦ୍ୟରୁ ପ୍ରାୟ ଦିନ ଆରମ୍ଭ ହୋଇଥାଏ। ବିଭିନ୍ନ ସ୍ଥାନରେ ଇଡ୍‌ଲିର ସ୍ୱାଦ ଭିନ୍ନ କରିବାକୁ ଦୋକାନୀମାନେ ଚେଷ୍ଟା କରିଥାନ୍ତି। କିନ୍ତୁ କର୍ଣାଟକର ହାଲାଗୁରୁ ଗାଁରେ ‘ବାବୁ ହୋଟେଲ’ର ଛିବୁଲ୍ ଇଡ୍‌ଲିର ସ୍ୱତନ୍ତ୍ର ସ୍ୱାଦ ଲୋକଙ୍କୁ ୭୦ ବର୍ଷ ହେଲା ବାନ୍ଧି ରଖିଛି। ଗିନା ଆକୃତିର ବାମ୍ବୋ ବାସ୍କେଟ୍‌ରେ ଏହି ଇଡ୍‌ଲି ତିଆରି ହେଉଛି। ବାଉଁଶ ପାତ୍ର ଉପରେ ଛୋଟ ଗିନା ରଖି ସେଥିରେ ଆଣ ଭରିବା ପରେ ତାହାକୁ ବଡ଼ ସିଲଭର ପାତ୍ର ମଧ୍ୟରେ ରଖି ମଣ୍ଡାପିଠା ପରି ପ୍ରସ୍ତୁତ କରାଯାଉଛି। ୭ ଦଶନ୍ଧିର ଏହି ହୋଟେଲକୁ ଏବେ ଚଳାଉଛନ୍ତି ଭକ୍ତ ବସଳା। ପ୍ରତିଦିନ ୫୦୦ ଲୋକ ଖାଉଛନ୍ତି ଇଡ୍‌ଲି। ଗୋଟିକର ଦାମ୍ ୧୦ ଟଙ୍କା। ବାଉଁଶ ପାତ୍ରରେ ଏହାକୁ ତିଆରି କରାଯାଉଥିବାରୁ ସ୍ୱାଦ ଭିନ୍ନ ରହୁଛି। ବସଳା ସୋସିଓଲୋଜିରେ ଡିଗ୍ରୀ କରିଥିଲେ ମଧ୍ୟ ତାଙ୍କ ପରିବାରର ଏହି ଦୋକାନ ଚଳାଇବାର ଦାୟିତ୍ୱ ନେଇଛନ୍ତି। ହାଲାଗୁରୁରେ ଅଧିକ ବାଉଁଶ ଚାଷ ହେଉଥିବାରୁ ବାଉଁଶର ଛୋଟ ବାସ୍କେଟ ତିଆରି କରିବା ସହଜ ହେଉଛି ବୋଲି କହନ୍ତି ବସଳା। ସେହି ଗାଁରେ ଆଉ କେତୋଟି ଦୋକାନ ଖୋଲିଥିଲେ ମଧ୍ୟ ବସଳାଙ୍କ ପ୍ରସ୍ତୁତି ଶୈଳୀ ଭିନ୍ନ ହୋଇଥିବାରୁ ଏହା ସ୍ୱାଦଯୁକ୍ତ ହୋଇପାରୁଛି। ଏହି କୌଶଳ ସେ ତାଙ୍କ ପୂର୍ବପିଢ଼ିଠାରୁ ଶିକ୍ଷା କରିଛନ୍ତି ବୋଲି କହନ୍ତି ବସଳା। ହୋଟେଲ ସକାଳ ୫.୩୦ରୁ ଆରମ୍ଭ ହୋଇ ମଧ୍ୟାହ୍ନ ଯାଏ ଚାଲୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ନଭେମ୍ବର ୧୯୯୮

- ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ସମ୍ମାନଜନକ ‘ଅନେଷ୍ଟ ମ୍ୟାନ୍ ଅଫ୍ ଦି ଇୟର୍’ ପୁରସ୍କାର ପ୍ରଦାନ।
- ଗୋଆ ବିଧାନସଭାର କଂଗ୍ରେସ ବିଧାୟକ ଦଳ ନେତା ଲୁଇଜିନୋ ଫାଲେଇରୋଙ୍କ ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ।
- ଉତ୍ତର ରେଳବାଇର ଖାନ୍-ଲୁଥିଆନା ସେକ୍‌ସନ ଖାନ୍ନା ରେଲଷ୍ଟେସନ ନିକଟରେ ଅମୃତସର ଗାମୀ ଫ୍ରଣ୍ଟିୟର ମେଲ ଓ କଲିକତା ଗାମୀ ଶିଆଲଦା ଏକ୍ସପ୍ରେସ୍ ମଧ୍ୟରେ ଧକ୍କା ହେବା ଫଳରେ ୧୬୦ ମୃତ।

## ଚିରନ୍ତନୀ

ବନ କୋଳେ ଶୁଭେ ହିଂସ୍ର ପଶୁର ନାଦ
ଛୁଟଇ ସାହସ, ଥକିଯାଏ ତା’ର ପାଦ
ପାହାଡ଼ ସେ ପାଖୁଁ କେତେ ସୁକୋମଳ ଗୀର
କାନେ ଆସେ ଅବା ନ ପାରେ ହୋଇ ସେ ଥିର।
-(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆତଙ୍କବାଦର ଭୂସ୍ୱର୍ଗ କାନାଡା

ମହାଶୟ,

ଖଲିସ୍ତାନୀ ଆତଙ୍କବାଦୀର ସନ୍ଦେହଜନକ ମୃତ୍ୟୁକୁ ନେଇ ଏବେ ଭାରତ ଓ କାନାଡା ମଧ୍ୟରେ ଯେଉଁ ବାଦବିବାଦ ଚାଲିଛି, ତାହା କାହାରିକୁ ଅଛପା ନାହିଁ। କାନାଡାର ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଏ ନେଇ ସିଧାସଳଖ ଭାରତ ସରକାର ଏବଂ ଏହାର ଏଜେନ୍ସିଗୁଡ଼ିକୁ ଦାୟୀ କରିଛନ୍ତି। କିନ୍ତୁ ପ୍ରକୃତ କଥା ହେଲା କାନାଡା ହେଉଛି ଆତଙ୍କବାଦୀମାନଙ୍କର ପେଣ୍ଠସ୍ଥଳୀ। ବହୁ କୁଖ୍ୟାତ ଅପରାଧୀ ଏଠାରେ ବସବାସକରି ବିଭିନ୍ନ ସମୟରେ ଭାରତ ଉପରେ ଆକ୍ରମଣ ଯୋଜନା କରୁଛନ୍ତି ଓ ସ୍ୱତନ୍ତ୍ର ଖଲିସ୍ତାନ ପାଇଁ ସ୍ୱର ଉଠାଉଛନ୍ତି। ତେବେ ଭାରତ ପ୍ରତିଜବାବରେ କାର୍ଯ୍ୟାନୁଷ୍ଠାନ ନେଇଛି କି ନାହିଁ ସ୍ପଷ୍ଟ ହୋଇ ନ ଥିବା ବେଳେ କାନାଡାର ଏଭଳି ଅଭିଯୋଗ ଘୋର ନିନ୍ଦନୀୟ।

**–ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାରାଦୀପ ଓଡ଼ିଶାର ଦ୍ୱିତୀୟ ବଡ଼ ବାଲିଯାତ୍ରା

## କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

ପାରାଦୀପ,୨୬।୧୧(ଶରତ ରାଉତ)


କଳିଙ୍ଗ ବାଲିଯାତ୍ରା ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ପାରାଦୀପର ବେଳାଭୂମିରେ ରବିବାର ସନ୍ଧ୍ୟାରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶକ୍ତି, ଶିଳ୍ପ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏହି ବାଲିଯାତ୍ରା ଆରମ୍ଭ କରିଥିଲେ। ପାରାଦୀପ ବନ୍ଦର ମଧ୍ୟ ଏହି ମହାନ୍ ବ୍ୟକ୍ତି ପ୍ରତିଷ୍ଠା କରିଥିଲେ। ତାଙ୍କ ଯୋଗୁ ପାରାଦୀପ ଆଜି ଦେଶର ୧ ନମ୍ବର ବନ୍ଦର ହୋଇପାରିଛି। ସେହିପରି କଟକ ପରେ ପାରାଦୀପର କଳିଙ୍ଗ ବାଲିଯାତ୍ରା ଦ୍ୱିତୀୟ ବୃହତ୍ ବାଣିଜ୍ୟ ମେଳା ଭାବେ ପରିଚିତ ହୋଇଛି ବୋଲି ମନ୍ତ୍ରୀ ଦେବ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଧାୟକ ରଘୁନନ୍ଦନ ଦାସ, ସମ୍ବିତ ରାଉତରାୟ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ତୈଳବିଶୋଧନାଗାର ମୁଖ୍ୟ ପରିଚାଳକ କୌଶିକ ବସୁ, ଇଫ୍‌କୋ ନିର୍ଦ୍ଦେଶକ କେ. ଜେ ପଟେଲ, ପିପିଏଲ୍ ମୁଖ୍ୟ ଉତ୍ପାଦନ ଅଧିକାରୀ ନିଲେଶ ଦେଶାଇ, ଏମ୍‌ଏନ୍‌ଏସ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି ଉପସ୍ଥିତ ଥିଲେ। ଜିଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷ ପାରୁଲ ପଟାୱାରି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ପ୍ରାଥମିକ ସୂଚନା ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ଧନ୍ୟବାଦ ଦେଇଥିଲେ।

**ଫୁଲତୋଡ଼ାକୁ ନେଇ ଚର୍ଚ୍ଚା :** ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନ ପରେ ଚିରାଚରିତ ଭାବେ ଅତିଥିମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। କିନ୍ତୁ କିଛି ସମୟ ପରେ ଏକ ବିଶାଳ ଫୁଲତୋଡା ଷଣ୍ଢକୁଦର ଏକ ସଙ୍ଗଠନ କେବଳ ବିଧାୟକ ସମ୍ବିତ ରାଉତରାୟଙ୍କୁ ଦେଇଥିଲେ। ସଭାରେ ମୁଖ୍ୟ ଅତିଥି ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଥିବା ବେଳେ କେବଳ ଜଣଙ୍କୁ ଏପରି ସମ୍ମାନିତ କରିବା ଘଟଣା ଅନ୍ୟ ଅତିଥିମାନଙ୍କୁ ଅସହଜ ଲାଗିଥିଲା। କିଛି ସମୟ ସେମାନେ ପରସ୍ପରକୁ ଦେଖିଥିଲେ।

**ପାରାଦୀପରେ କଟକ ବାଲିଯାତ୍ରାର ପ୍ରଚାର ତୋରଣ :** କଟକ ବାଲିଯାତ୍ରା ପ୍ରଚାର ତୋରଣ ପାରାଦୀପରେ ପହଞ୍ଚି ସେଠାକାର ଯାତ୍ରା ସମ୍ପର୍କରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଏକ ସୁସଜ୍ଜିତ ବୋଇତ ଗାଡ଼ିରେ ସାଧବପୁଅ ବେଶରେ ବାଜା ବଜାଇ ଲୋକେ ଉକ୍ତ ଗାଡ଼ିରେ ପାରାଦୀପରେ ବୁଲୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ନାରାୟଣ


@ ସୁବାସ


@ କୁନାଲ


@ ଚିତ୍ତରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




# ବିଜେଡି ଦୁର୍ଗ ଭାଙ୍ଗିବାକୁ କଂଗ୍ରେସର ଉଦ୍ୟମ

## ଜଗତ୍‌ସିଂହପୁର ପୌର ପରିଷଦ ୬ନଂ. ୱାର୍ଡ ଉପନିର୍ବାଚନ


ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

**ଜଗତ୍‌ସିଂହପୁର, ୨୬।୧୧ (ପ୍ରମୋଦ କୁମାର ନାୟକ):** ଜଗତ୍‌ସିଂହପୁର ପୌର ପରିଷଦ ଅନ୍ତର୍ଗତ ୬ନଂ. ୱାର୍ଡର ଉପନିର୍ବାଚନ ୨୯ ତାରିଖରେ ଅନୁଷ୍ଠିତ ହେବ। ଏହା ଯେତିକି ପାଖେଇ ଆସୁଛି ୱାର୍ଡରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି । ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆଯାଇଥିଲେ ସୁଦ୍ଧା ପ୍ରତିଦ୍ୱନ୍ଦ୍ୱିତା ବିଶେଷକରି କଂଗ୍ରେସ ପ୍ରାର୍ଥୀ ଚିନ୍ମୟୀ ନନ୍ଦ ଓ ବିଜେଡିର ରୋଜାଲିନ ଦାଶଙ୍କ ମଧ୍ୟରେ ହେଉଥିବା ଚର୍ଚ୍ଚା ହେଉଛି। ଦୀର୍ଘ ବର୍ଷ ହେବ ଏହି ଆସନ ବିଜେଡି ଅକ୍ତିଆରରେ ଥିବାରୁ ଏହି ଦୁର୍ଗ ଭାଙ୍ଗିବା ପାଇଁ କଂଗ୍ରେସ ଆପ୍ରାଣ ଉଦ୍ୟମ କରୁଛି । ନିଲମ୍ବିତ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଏହି ନିର୍ବାଚନରେ ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ୨ ଥର ଅର୍ଥାତ୍ ଗତ ୨୧ ତାରିଖ ଏବଂ ପୁଣି ରବିବାର ପ୍ରଚାର ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରଚାରରେ ବିଶ୍ୱାଳଙ୍କ ସମେତ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଇଂ. ନଳିନୀ କୁମାର ସ୍ୱାଇଁ, କଂଗ୍ରେସ ପ୍ରାର୍ଥିନୀ ଚିନ୍ମୟୀ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ପାରିଷଦ କ୍ରିସ୍ନପ୍ରିୟା ପରିଜା, ମିଲି ସେଠୀ, ଜଗଦାନନ୍ଦ ପଢ଼ିହାରୀ, ଧୀରା ଦାଶ, ସାଗରିକା ଦାସ, ଦିଲୀପ ସିଂହ, ନିକୁଞ୍ଜ କିଶୋର ବେହେରା, ସୁବାସ ସାହୁ, ସ୍ମୃତି ରଞ୍ଜନ ସ୍ୱାଇଁ, ମିନୁ ଚୌଧୁରୀ, ନିରଞ୍ଜନ ସେଠୀ ପ୍ରମୁଖ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥିନୀଙ୍କ ପାଇଁ ପ୍ରଚାର କରିଥିଲେ।

ସୂଚନାଯୋଗ୍ୟ, ଗତ ନିର୍ବାଚନରେ ଏହି ୱାର୍ଡରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ କଣ୍ଟା ଟକ୍କର ହୋଇଥିଲା। କଂଗ୍ରେସ ପ୍ରାର୍ଥୀଙ୍କୁ ବିଜେଡି ପ୍ରାର୍ଥୀ ୧୦ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। କିନ୍ତୁ ପୌରାଧ୍ୟକ୍ଷ ପଦବୀ ପାଇଁ କଂଗ୍ରେସ ଖାତାକୁ ଅଧିକ ଭୋଟ ଯାଇଥିଲା। ବିଗତ ୫ଟି ନିର୍ବାଚନରେ ଏହି ଆସନ ବିଜେଡି ଦଖଲରେ ରହି ଆସିଛି।










# ଶକ୍ତିମନ୍ତ୍ରୀଙ୍କୁ ସ୍ୱାଗତ ନାଁରେ ଶକ୍ତି ପ୍ରଦର୍ଶନ

**କୁଜଙ୍ଗ,୨୬।୧୧ (ମନୋଜ ପ୍ରଧାନ):** ଦୀର୍ଘଦିନର ନୀରବତା ପରେ ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରମୋଦ ଜେନା ରବିବାର ପାରାଦୀପ ନିର୍ବଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ପ୍ରକାଶ ଯେ, ପାରାଦୀପର କଳିଙ୍ଗ ବାଲିଯାତ୍ରାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ପାରାଦୀପ ଗସ୍ତରେ ଆସିଛନ୍ତି। ତାଙ୍କ ଯିବା ବାଟରେ କୁଜଙ୍ଗରେ ପ୍ରମୋଦ ୫୦୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ଉପସ୍ଥିତ ରହି ପ୍ରତାପଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏନେଇ ପାରାଦୀପ ନିର୍ବାଚନମଣ୍ଡଳୀର ଅସନ୍ତୁଷ୍ଟ କର୍ମୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ବିଜେଡିର ଅନ୍ୟତମ ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଜେନା ସେଠାରେ ପହଞ୍ଚି କର୍ମୀମାନଙ୍କ ଉତ୍ସାହ ବଢ଼ାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଏଠାରେ ନିର୍ମିତ ହୋଇଥିବା ସ୍ୱାଗତ ତୋରଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଫଟୋ ଥିବାବେଳେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟଙ୍କ ଫଟୋ ଦେଖିବାକୁ ମିଳିନାହିଁ। ଏନେଇ ରାଜନୀତି ସରଗରମ ହୋଇଛି। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ଜିଲାନାସି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଭୟ ପରିଡା, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବଡ଼ବାଲିକଣି ସରପଞ୍ଚଙ୍କ ପ୍ରତିନିଧି ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ଗରେଇର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ଜିଲା ବିଜେଡି ସାଧାରଣ ସମ୍ପାଦକ ସଂଗ୍ରାମ ମନ୍ତ୍ରୀ, ଫତେପୁରର ପୂର୍ବତନ ସରପଞ୍ଚ ସାଗର ପ୍ରଧାନ, ଗଣ୍ଡକିପୁର ସମିତିସଭ୍ୟାଙ୍କ ପ୍ରତିନିଧି ଆଶିଷ ସାମଲ, ସାମାଜିକକର୍ମୀ ସୌମ୍ୟରଞ୍ଜନ ରାଉତ, ହଂସୁରର ପୂର୍ବତନ ସମିତି ସଭ୍ୟ ବାବାଜି ଦାସ, କାଠକୋଟର ଯୁବନେତା ଶ୍ରୀକାନ୍ତ ଦାସ, ବିଜେଡି ଯୁବନେତା ବିପିନ ପ୍ରଧାନଙ୍କ ସମେତ ବହୁ ଛାମୁଆ ସଙ୍ଗଠକ ଉପସ୍ଥିତ ଥିଲେ ।



# ଛଉ ନୃତ୍ୟରେ ଦର୍ଶକ ବିମୁଗ୍ଧ

## ବୋଇତ ବନ୍ଦାଣର ଚତୁର୍ଥ ସନ୍ଧ୍ୟା

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ନୟାଗଡ଼ର ମା' ଦକ୍ଷିଣ କାଳୀ ଯାତ୍ରା ପଡ଼ିଆରେ ବୋଇତ ବନ୍ଦାଣ ଉତ୍ସବ ଚାଲୁ ରହିଛି। ଏହାର ଚତୁର୍ଥ ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗର ଦ୍ୱାରା ଛଉ ନୃତ୍ୟ ଦର୍ଶକଙ୍କୁ ବିମୁଗ୍ଧ କରିଛି। ଅନ୍ୟପକ୍ଷେ ଅନୀଲ ଡ୍ୟାନ୍ସ ଗ୍ରୁପ, ରକଷ୍ଟାର ଡ୍ୟାନ୍ସ ଗ୍ରୁପ, ବର୍ଷା, ଶିବାନୀ ଓ ଡାଇନୋମିକ ଡ୍ୟାନ୍ସ ଗ୍ରୁପର ନୃତ୍ୟ ମଧ୍ୟ ବେଶ ଆକର୍ଷଣ ଥିଲା। ଆର୍‌ଆନସ୍ ଡ୍ୟାନ୍ସ ଗ୍ରୁପ ଓ ଟ୍ରାକ ସିଙ୍ଗୀ ପପୁଙ୍କ କମେଡି ମଧ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବୋଇତ ବନ୍ଦାଣ କମିଟିର ସଭାପତି କିଶାନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଜିଲା ପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ନୟାଗଡ଼ ପ୍ରଜା ମଣ୍ଡଳ ମହିଳା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାନେତ୍ରୀ ମୃଣାଳିନୀ ଦାସ, ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ଶ୍ରୀକାନ୍ତ ଖଟେଇ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଖବରଦାତା ରଜତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



କଳାକାରମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

### ଖୁଚୁରା ଦେବାରେ ବିଳମ୍ବକୁ ନେଇ ଟାପା ଉତ୍ତେଜନା

ବୋଇତବନ୍ଦାଣ ଉତ୍ସବରେ ମିକି ମାଉସ ଖେଳିବାକୁ ଭିଡ଼ ହେଉଛି। ତେବେ ଟିକେଟ କାଉଣ୍ଟରରେ ଟିକେଟ କାଟୁଥିବା କର୍ମଚାରୀ ଖୁଚୁରା ପଇସା ଦେଉଛି କହି ସମୟ ଗଡାଇ ଚାଲିଥିଲେ। କେତେଜଣ ଲୋକ ଖୁଚୁରା ପଇସା ଛାଡ଼ି ଚାଲି ଯାଉଥିଲେ। ଆଉ କେତେଜଣ ଖୁଚୁରା ନେବାକୁ ଅପେକ୍ଷା କରି ନେଉଥିଲେ। ତେବେ ଅନେକ ଥର ବକେୟା ପଇସା ନ ଫେରାଇ ଟିକେଟ କଟାଳୀ ଖରାପ ବ୍ୟବହାର ଦେଖାଇବାରୁ ଟାପା ଉତ୍ତେଜନା ଦେଖା ଦେଇଥିଲା।

### ଖାଇବାକୁ ଅପେକ୍ଷା

ବୋଇତ ବନ୍ଦାଣ ଉତ୍ସବରେ ଖାଦ୍ୟ ଷ୍ଟଲ କମ ପଡ଼ିଛି। ତେବେ ଖାଦ୍ୟ ଷ୍ଟଲରେ ଟିକେଟ କାଟି ଖାଇବା ପାଇଁ ଲୋକମାନେ ବହୁ ସମୟ ଧରି ଅପେକ୍ଷା କରି ରହିବାକୁ ପଡୁଥିଲା। ଆଗୁଆ ଟଙ୍କା ନେଇ ଯାଉଥିବାରୁ ଅପେକ୍ଷା ବ୍ୟତିତ ଅନ୍ୟ ଉପାୟ ନ ଥିଲା। ଆଗୁଆ ଟିକେଟ ଧରି ଖାଦ୍ୟ ମିଳୁ ନ ଥିବାବେଳେ ପଛୁଆ ଲୋକ ଖାଦ୍ୟ ନେବା ପରେ ବିଭିନ୍ନ ଖାଦ୍ୟ ଷ୍ଟଲରେ ବିବାଦୀୟ ପରିସ୍ଥିତି ଦେଖା ଦେଉଥିଲା। ତେବେ ବିକଳ୍ପ ନ ଥିବାରୁ କେତେଜଣ ଲୋକ ନୀରବତାକୁ ଆପଣେଇ ଚୁପ ଚାପ ବିଶୃଙ୍ଖଳା ଓ ଅପଦସ୍ତକୁ ବରଖାସ୍ତ କରିଥିଲେ। ବନ୍ଦାଣ ଉତ୍ସବର ମେଳା ଭିତରେ କେତେଜଣ ଲୋକ ବାଇକ୍ ଧରି ବୁଲୁଥିଲେ ମଧ୍ୟ ପୋଲିସର ଦେଖା ନ ଥିଲା।




# ଅଟୋକୁ ପଛରୁ ଧକ୍କା ଦେଲା ଟ୍ରକ: ମହିଳା ମୃତ, ୩ ଗୁରୁତର

### ଟ୍ରକ୍‌କୁ ଗୋଡ଼ାଇ ଧରିଲା ପୋଲିସ

ରଣପୁର,୨୬।୧୧
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ଗୌରଚନ୍ଦ୍ରପୁର ଛକ ଜାତୀୟ ରାଜପଥ ୧୬ ନଂ.ରେ ରବିବାର ଅପରାହ୍ନ ୪ ଟାରେ ଏକ ଅଟୋକୁ ପଛରୁ ଦ୍ରୁତଗତିରେ ଆସି ଟ୍ରକ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ବାଲେଡି ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଝିଅ ରାଜଲକ୍ଷ୍ମୀ ପଟ୍ଟନାୟକ (୪୨) ଓରଫ ନିନି। ଦୁର୍ଘଟଣାରେ ଅଟୋ ଚାଳକ ସିଦ୍ଧେଶ୍ୱର ପଳାଇ, ବିଭୁଦତ୍ତ ପଟ୍ଟନାୟକ, ପଙ୍କଜିନୀ ପଟ୍ଟନାୟକ ଗୁରୁତର ଆହତ ହୋଇ ଚାନ୍ଦପୁର ସରକାରୀ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଚାନ୍ଦପୁର ଥାନା ଅଧିକାରୀ ଜଗଦୀଶ କର ଘଟଣାସ୍ଥଳରେ ପହଞ୍ଚି ଅଟୋକୁ ଜବତ କରିଥିଲେ। ଏହି ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଦ୍ରୁତଗତିରେ ଟ୍ରକଟି ପଳାଇ ଯାଉଥିଲାବେଳେ ତା'ର ପିଛା କରି ପୋଲିସ ଜାତୀୟ ରାଜପଥ ବାଲୁଗାଁ ନିକଟରୁ ଧରି ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି।



ପୋଲିସ ସୂଚନା ମୁତାବକ, ବାଣପୁର ଭାଲେଡି ଗ୍ରାମର ରାଜଲକ୍ଷ୍ମୀ ତାଙ୍କ ସାନ ଭାଇ ବିଭୁଦତ୍ତ ଓ ଭାଉଜ ପଙ୍କଜିନୀ ଗ୍ରାମରୁ ଏକ ଅଟୋ (ନଂ. ଓଡି ୩୩ ୟୁ ୭୫୨୦)କୁ ଭଡ଼ାରେ ନେଇ କୌଣସି କାର୍ଯ୍ୟରେ ରବିବାର ସକାଳୁ ଭୁବନେଶ୍ୱରକୁ ଯାଇଥିଲେ। ସେଠାରୁ କାର୍ଯ୍ୟ ସାରି ବାଣପୁର ନିଜ ଗ୍ରାମ ଅଭିମୁଖେ ଫେରୁଥିବା ବେଳେ ଜାତୀୟ ରାଜପଥ ୧୬ ନଂ. ଗୌରଚନ୍ଦ୍ରପୁର ଛକଠାରେ ଅପରାହ୍ନରେ ବାଲୁଗାଁ ଅଭିମୁଖେ ଯାଉଥିବା ଏକ ୧୬ ଚାକିଆ ଟ୍ରକ (ନଂ.ଓଡି ୨୯ ଏଫ ୮୭୯୭) ପଛରୁ ଦ୍ରୁତଗତିରେ ଆସି ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ସେଠାରୁ ବହୁଦୂରକୁ ଛିଟିକି ପଡ଼ି ଥିଲା। ଅଟୋରେ ବସିଥିବା ନିନିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅଟୋ ଚାଳକଙ୍କ ସହିତ ଆଉ ୨ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ନିକଟସ୍ଥ ଚାନ୍ଦପୁର ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହକୁ ଜବତ କରିଛି। ରାତ୍ର ହୋଇଯିବାରୁ ମୃତଦେହ ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଦିଆଯାଇନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନାହିଁ।










# ପତ୍ନୀଙ୍କ କଟା ଜିଭ ଛିଣ୍ଡାଇ ମଜା ନେଉଥିଲେ: ଜେଲ ଗଲେ ସ୍ୱାମୀ

ନୟାଗଡ,୨୬।୧୧
(ଲୋକନାଥ ମିଶ୍ର)

ପତ୍ନୀଙ୍କ ଜିଭ କାମୁଡି ଛିଣ୍ଡାଇବା ଓ ହତ୍ୟା ଉଦ୍ୟମ ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଶରଣକୁଳ ଥାନା ବଡ଼ଗୋରଡ଼ା ଗାଁର ଗଦାଧର ପରିଡା(୩୧)ଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଗଦାଧରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁସାରେ, ବଡ଼ଗୋରଡ଼ା ଗାଁର ଗଦାଧର ପରିଡା ନୟାଗଡ଼ ସଦର ଥାନା ଆଙ୍କୁଲାଇପାଟଣା ଗାଁର ରଞ୍ଜିତା ପରିଡାଙ୍କୁ ବିବାହ କରିଥିଲେ। ବିବାହ ପରେ କିଛି ଅସୁବିଧା ନ ଥିଲା। ୨୦୧୬ରେ ଗଦାଧର ଗଞ୍ଜେଇ ବ୍ୟବସାୟ ଅଭିଯୋଗରେ ଜେଲ ଯାଇଥିଲେ। ସ୍ୱାମୀଙ୍କୁ ଜେଲରୁ ମୁକୁଳାଇବା ପାଇଁ ପତ୍ନୀ ଅନେକ ଟଙ୍କା ଖର୍ଚ୍ଚ କରିଥିଲେ। ଗଦାଧର ଜାମିନରେ ଆସିବା ପରେ ସ୍ତ୍ରୀ ଉପରେ ଅତ୍ୟାଚାର ବଢ଼ିଥିଲା। ସ୍ତ୍ରୀ ରଞ୍ଜିତା ଘଟଣା ସମ୍ପର୍କରେ ଶ୍ୱଶୁରଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ତେବେ ପରାମର୍ଶ ମିଳିଥିଲା କିଛିଦିନ ବାପ ଘରକୁ ଚାଲିଯାଅ। ଶ୍ୱଶୁର କଥାକୁ ସମ୍ମାନ ଜଣାଇ ରଞ୍ଜିତା ବାପ ଘରକୁ ଚାଲି ଯାଇଥିଲେ। ଗଦାଧର ଶ୍ୱଶୁର ଘର ଆଙ୍କୁଲାଇପାଟଣାକୁ ଶୁକ୍ରବାର ଯାଇ ବୁଝାଶୁଝା କରି ପତ୍ନୀଙ୍କୁ ବାଇକ୍ ଯୋଗେ ଘରକୁ ଆଣୁଥିଲେ। ତେବେ ଘରକୁ ନ ନେଇ ଡିଆଁପଡ଼ାରେ କାମ ଅଛି ଦର୍ଶାଇ ନେଇଥିଲେ। ଡିଆଁପଡାର ଜଙ୍ଗଲିଆ ରାସ୍ତାରେ ପରିସ୍ରା କରିବେ କହି ବାଇକ୍ ଅଟକାଇଥିଲେ। ପରେ ରଞ୍ଜିତାଙ୍କୁ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ। ବିଫଳ ହେବାରୁ ରାଗରେ ତାଙ୍କ ଜିଭକୁ କାମୁଡି ଖଣ୍ଡ କରି ପୁଣି ହତ୍ୟା ଉଦ୍ୟମ କରିଥିଲେ। ତେବେ ଲୋକ ପହଞ୍ଚିବା ଦେଖି କଟା ଜିଭ ଧରି ଫେରାର ହୋଇଯାଇଥିଲେ। ରଞ୍ଜିତା ଜୀବନ ବଞ୍ଚାଇ ଡାକ୍ତରଖାନାକୁ ଯାଇଥିଲେ। ଜିଭଟି ସ୍ୱାମୀଠାରୁ ଆଣିବାରେ ବିଳମ୍ବ ହେବାରୁ ଆଉ ଯୋଡି ହୋଇ ପାରି ନ ଥିଲା। ରଞ୍ଜିତା ଖନେଇ ଖନେଇ କହୁଛନ୍ତି। ଏ ନେଇ ରଞ୍ଜିତାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୧୧/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।






# ୮୧.୭୮ କୋଟି ଫେରିଯିବା ଆଶଙ୍କା

- ଯାଜପୁର-କେନ୍ଦୁଝର ରୋଡ୍ ଷ୍ଟେଶନ
- ପ୍ରସ୍ତାବିତ ଫ୍ଲାଇ ଓଭର ବ୍ରିଜ୍, ଗଳି ପୋଲ ପ୍ରସଙ୍ଗ
- ପ୍ରଶାସନିକ ଅବହେଳା, ନକ୍ସା ମଞ୍ଜୁରରେ ସୀମିତ ପଦକ୍ଷେପ

**ଯାଜପୁର,୨୬।୧୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌରାଞ୍ଚଳକୁ ରେଳ ଲାଇନ ୨ ଭାଗ କରିଛି। ଏହାର ପୂର୍ବ-ଉତ୍ତର ଦିଗରେ ମୁଖ୍ୟ ସହର ରହିଥିବାବେଳେ ବିପରୀତ ଦିଗରେ ଡାକ୍ତରଖାନା, କେନ୍ଦ୍ରୀୟ ବିଦ୍ୟାଳୟ, ଏନ୍‌ସି ହାଇସ୍କୁଲ, ପ୍ରାଣୀ ଚିକିତ୍ସାଳୟ, ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଇତ୍ୟାଦି ଅନୁଷ୍ଠାନ ରହିଛି। ଏହାବାଦ ପୌରାଞ୍ଚଳର ଗଣେଶ ବଜାର, ନିଉ ମାର୍କେଟ, ଝଟିଆସାହି, ମହତାବ ନଗର, ଗୋଶାଳା, କୋପଣ୍ଡ, ମୁଣ୍ଡୋମାଳ, ଖଣ୍ଡାହତା, ବେଣ୍ଣୁପୁର ଆଦି ୱାର୍ଡଗୁଡ଼ିକ ରହିଛି। ଏହି ରେଳ ଲାଇନ ଉପରେ କୌଣସି ଫ୍ଲାଏ ଓଭର ବ୍ରିଜ କିମ୍ବା ଗଳି ପୋଲ ବା ଲିମିଟେଡ ହାଇଟ ସବୱେ (ଏଲ୍‌ଏଚ୍‌ଏସ୍) ନିର୍ମାଣ ହୋଇ ନ ଥିବାରୁ ରେଲୱେ ଫାଟକ ସହରବାସୀଙ୍କ ପାଇଁ ଦୁଃଖ ବୋଲି ଅଭିହିତ କରାଯାଉଛି। ଏହିକ୍ରମରେ ସହରବାସୀଙ୍କ ପକ୍ଷରୁ ଏକାଧିକ ଥର ଦାବି, ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଆଦି କରାଯାଇଥିଲେ ହେଁ ଏଯାଏ କିଛି ସୁଫଳ ମିଳିପାରିନାହିଁ। ତେବେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନର ସାଇ ମନ୍ଦିର ନିକଟସ୍ଥ ରେଳ ଫାଟକରେ ଫ୍ଲାଇ ଓଭର ବ୍ରିଜ ଏବଂ ଏଲ୍‌ଏଚ୍‌ଏସ୍ ନିର୍ମାଣ ପାଇଁ ନକ୍ସା ଅନୁମୋଦିତ ହେବାର ପ୍ରାୟ ବର୍ଷେ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପରବର୍ତ୍ତୀ ପଦକ୍ଷେପ ଅଟକି ରହିଛି। ଫ୍ଲାଇ ଓଭର ବ୍ରିଜ ନିର୍ମାଣ ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ରେଳ ବିଭାଗ ପକ୍ଷରୁ ମଞ୍ଜୁରପ୍ରାପ୍ତ ୮୧ କୋଟି ୭୮ ଲକ୍ଷ ଟଙ୍କା ଫେରିଯିବ ବୋଲି ଏବେ ସହରବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏହାବାଦ ଏହି ଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ନିଉବ୍ୟାସନଗର, ସମସ୍ତ ଏକ୍ସପ୍ରେସ ଓ ସୁପରଫାଷ୍ଟ ଟ୍ରେନଗୁଡ଼ିକର ରହଣି, ଷ୍ଟେଶନର ସମ୍ମୁଖ ଭାଗ ପର୍ଯ୍ୟନ୍ତ ଫୁଟ ଓଭରବ୍ରିଜକୁ ସମ୍ପ୍ରସାରଣ, ଗୁଡ୍ସ ସେଡକୁ ସ୍ଥାନାନ୍ତରଣ, ମାଲଗୋଦାମ ପଟେ ଏକ ଟିକେଟ କାଉଣ୍ଟର ଆଦି ଦାବିଗୁଡ଼ିକୁ ଅଣଦେଖା କରାଯାଉଥିବା ମତପ୍ରକାଶ ପାଇଛି।


ସାଇ ମନ୍ଦିର ଫାଟକ ବନ୍ଦଥିବାରୁ ଲୋକଙ୍କ ଭିଡ ଜମୁଛି।

ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଜୀତେନ୍ଦ୍ର ପ୍ରତିହାରୀଙ୍କ ଦ୍ୱାରା ଦାଖଲ କରିଥିବା ଜନସ୍ୱାର୍ଥ ମାମଲା ନଂ. ୧୪୪୨୫/୧୪ର ରାୟ ପ୍ରକାଶ ପାଇଥିଲା। ଏଥିରେ ରେଳ ବିଭାଗ ଯାଜପୁର ରୋଡ୍ ୧୪୨ ନମ୍ବର ରେଳ ଫାଟକ ନିକଟରେ ଓଭରବ୍ରିଜ୍ ଓ ସ୍ଥାନୀୟ ଗମନାଗମନ ପାଇଁ ରେଳ ଲାଇନ ତଳେ ଏକ ଗଳି ପୋଲ ନିର୍ମାଣ ନିମନ୍ତେ କେନ୍ଦ୍ର ଏବଂ ରାଜ୍ୟ ଭାଗିଦାରୀରେ ଉପରୋକ୍ତ ଅର୍ଥ ମଞ୍ଜୁର ହୋଇସାରିଛି। ସାଧାରଣ ବ୍ୟବସ୍ଥିତ ନକ୍ସା ଅନୁମୋଦନ ହେବା ଦ୍ୱାରା ଏହି ପ୍ରକଳ୍ପ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଆଶା କରାଯାଉଥିଲା। ଗତ ମେ ମାସରେ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ଖୋର୍ଦ୍ଧା ଡିଭିଜନର ବରିଷ୍ଠ ଡେପୁଟି ଫାଇନାନ୍ସ ମ୍ୟାନେଜର ହିମାଂଶୁ ଭୂଷଣ ବିଶ୍ୱାଳଙ୍କୁ ଭେଟି ଆଲୋଚନା କରାଯାଇଥିଲା। ଫ୍ଲାଇ ଓଭର ବ୍ରିଜ ନିର୍ମାଣ ରାଜ୍ୟ ସରକାରଙ୍କ ସହଯୋଗ ଉପରେ ନିର୍ଭର କରୁଛି। ଗଳି ପୋଲ ୬ ମାସରୁ ଏକ ବର୍ଷ ମଧ୍ୟରେ ନିଶ୍ଚିତ ଭାବେ ନିର୍ମାଣ ହେବ ବୋଲି ଫାଇନାନ୍ସ ମ୍ୟାନେଜର ବିଶ୍ୱାଳ ନାଗରିକ କମିଟିକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି ପ୍ରତିଶ୍ରୁତିକୁ ୬ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି କାର୍ଯ୍ୟ ହୋଇନାହିଁ। ଫାଟକ ବନ୍ଦ ଥିଲେ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ରୋଗୀମାନେ ମଧ୍ୟ ଅଯଥା ସମୟ ଅଟକି ରହୁଥିବା ଦେଖିବାକୁ ମିଳୁଛି। ବେଳେବେଳେ ଆମ୍ବୁଲାନ୍ସ ଫସି ରହୁଥିବାରୁ ରୋଗୀମାନଙ୍କ ଜୀବନ ବିପଦରେ ପଡୁଛି। ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ସମୟରେ ସ୍କୁଲରେ ପହଞ୍ଚି ନ ପାରିବାରୁ କର୍ତ୍ତୃପକ୍ଷଙ୍କ ରୋଷର ଶିକାର ହେଉଥିବା ଶୁଣିବାକୁ ମିଳୁଛି। ଏହାବାଦ ଜିଲାର ରସୁଲପୁର, ଦାନଗଦି, ଧର୍ମଶାଳା ବ୍ଲକ ଅଞ୍ଚଳର ଛୋଟବଡ ବ୍ୟବସାୟୀମାନେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହିକ୍ରମରେ ନାଗରିକ କମିଟି ପକ୍ଷରୁ ଉପରୋକ୍ତ ଦାବିଗୁଡ଼ିକ ସମେତ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଆଦି ନେଇ ଲୋକ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସହରବାସୀ ସ୍ୱତଃପ୍ରବୃତ୍ତ ସମର୍ଥନ କରି ବନ୍ଦ ପାଳନ କରାଯିବା ସହ ନିୟମିତ ଭାବେ ଆନ୍ଦୋଳନ ହୋଇଛି। ଲୋକ ପ୍ରତିନିଧିଙ୍କ ପ୍ରତିଶ୍ରୁତି ଦେବାର ପ୍ରାୟ ୬ ମାସ ପରେ ବି କୌଣସି ପଦକ୍ଷେପ ଏଯାଏ ନିଆଯାଇ ପାରିନାହିଁ। ପ୍ରଶାସନିକ କଳର ଏଭଳି ଅବହେଳା ଉପରେ ଏବେ ସମସ୍ତେ ନୀରବି ଯାଇଛନ୍ତି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ବିଭିନ୍ନ ଚର୍ଚ୍ଚା ହେଉଛି।

## ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଜ୍ଞାନବିଜ୍ଞାନ ମେଳା



ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଯାଜପୁର ରୋଡ୍,୨୬।୧୧(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗରସ୍ଥିତ ରିଟ୍ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟରେ ଏକ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୫୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକମଣ୍ଡଳୀଙ୍କ ମଧ୍ୟରେ ପ୍ରସାର ଭାରତୀର ଅଧିକାରୀ ଅରବିନ୍ଦ ନାୟକ, ବିଜ୍ଞାନ ଶିକ୍ଷକ ବିଭାସ ସାହୁ ଓ ନିର୍ମଳ ଚନ୍ଦ୍ର ମିଶ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କ ମୂଲ୍ୟାୟନ କରିଥିଲେ। ଅଧ୍ୟକ୍ଷ ଦିଗନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଭିଭାବକ ସହଯୋଗ କରିଥିଲେ।

## ସମ୍ବିଧାନ ପ୍ରଣେତାଙ୍କୁ ଶ୍ରଦ୍ଧା ସୁମନ


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷ।

**ଧର୍ମଶାଳା,୨୬।୧୧(ବଟକୃଷ୍ଣ ପରିଡ଼ା)**

୧୯୪୯ ମସିହା ଏହି ଦିନରେ ଭାରତର ସମ୍ବିଧାନ ସର୍ବସମ୍ମତିକ୍ରମେ ପ୍ରଣୟନ ସଭା ଦ୍ୱାରା ଅନୁମୋଦିତ ହୋଇଥିଲା। ତେଣୁ ଏହି ଦିନକୁ ସମ୍ବିଧାନ ପ୍ରଣୟନ ଦିବସ ଭାବେ ପାଳନ କରାଯାଉଛି। ସମ୍ବିଧାନ ପ୍ରଣୟନ କମିଟି ଅଧ୍ୟକ୍ଷ ଡ. ବିଆର୍ ଆମ୍ବେଡକର ସମ୍ବିଧାନ ପ୍ରଣୟନ କରିଥିଲେ। ଏହିଅବସରରେ ରବିବାର ଧର୍ମଶାଳା ବ୍ଲକ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଏଥିରେ କୃଷକ ନେତା ବସନ୍ତ ପରିଡ଼ା, ସୁରେନ୍ଦ୍ର ମଲିକ, କାର୍ତ୍ତିକ ମଲିକ, ଅଭିମନ୍ୟୁ ମଲିକ, ଦୁଷ୍ମନ୍ତ ଜେନା, ପ୍ରଶାନ୍ତ ମଲିକ, ପଙ୍କଜ ମଲିକ, ଛବୀନ୍ଦ୍ର ଜେନା, ମାନସ ମଲିକ, ଗୋବିନ୍ଦ ମଲିକ, ଚିତ୍ରସେନ ମଲିକ ଓ ବିଦ୍ୟାଧର ଦେଉରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅପହୃତ ନାବାଳିକା ଉଦ୍ଧାର

**ପାଣିକୋଇଲି,୨୬।୧୧(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ କାବୁ କରିଛି। ସେ ହେଲେ ବଂଶୀ ମୁଣ୍ଡା (୪୭)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଅଭିଯୁକ୍ତ ନାବାଳିକାଙ୍କୁ ଏକ ତରଫାଭାବେ ଭଲ ପାଉଥିଲେ। ତେଣୁ ତାଙ୍କୁ ଉଠାଇ ନେବାକୁ ଧମକ ଦେଉଥିଲେ। ଏହି ସମୟରେ ଗତ ୨୨ ତାରିଖ ରାତିରୁ ନାବାଳିକା ନିଖୋଜ ହୋଇ ଯାଇଥିଲେ। ତେଣୁ ନାବାଳିକାଙ୍କ ବାପା ଏନେଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ଉଠାଇ ନେଇଛନ୍ତି ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଏକ ମାମଲା ନମ୍ବର ୩୦୭/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଆକ୍ରମଣ କରି ଟାଟା ପାୱାର କର୍ମଚାରୀଙ୍କଠାରୁ ଲୁଟ୍

**ବୈଶିଙ୍ଗା,୨୬।୧୧(ରତନ ଦାଶ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗପୁରା ରେଳ ଷ୍ଟେଶନ ନିକଟରୁ ଦୁର୍ବୃତ୍ତ ଜଣେ ଟାଟା ପାୱାର କର୍ମଚାରୀଙ୍କଠାରୁ ଲୁଟ୍ କରିଛନ୍ତି। ଏନେଇ ଜାନକୀଦେଇପୁର ଗ୍ରାମର ଟାଟା କର୍ମଚାରୀ ଶୁଭମ ସେନାପତି ଥାନାରେ ଅଭିଯୋଗ କରିଛନ୍ତି। ଶୁଭମ ପ୍ରତି ଶନିବାର ବାଲେଶ୍ୱରଠାରେ କାମ ସାରି ରାତିରେ ଘରକୁ ଫେରନ୍ତି। ଶନିବାର ରାତିରେ ଫେରିବା ସମୟରେ ଯୁଗପୁରା ରେଳ ଷ୍ଟେଶନ ନିକଟରେ ପୂର୍ବରୁ ଜଗି ରହିଥିବା ୩ ଯୁବକ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ମୋବାଇଲ, ମନିପର୍ସ ଓ ରାସନ ସାମଗ୍ରୀ ନେଇଯାଇଥିଲେ। ସୂଚନାଯୋଗ୍ୟ, ଶୁଭମଙ୍କଠାରୁ ଗତବର୍ଷ ମଧ୍ୟ ସମାନ ଢଙ୍ଗରେ ସମାନ ସ୍ଥାନରେ ଲୁଟ୍ ହୋଇଥିଲା। କିଛି ସ୍ଥାନୀୟ ଅପରାଧୀ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ମହୁମାଛି ଆକ୍ରମଣରେ ୨ ଆହତ

**ପାଟଣା,୨୬।୧୧(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଗୁଲୁଦିପଶି ସୋରାସକୋଲା ରାସ୍ତାରେ ରବିବାର ମହୁମାଛି ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟ ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଝଟିପଡ଼ା ଗ୍ରାମର କୁନି ଦେହୁରୀ ଏବଂ ଗୁଲୁଦିପଶିର ବୈଶାଖୁ ପଇଦା। ସୂଚନା ଅନୁଯାୟୀ, ଗୁଲୁଦିପଶି ରାସ୍ତା କଡ଼ ଏକ ବର ଗଛରେ ମହୁଫେଣା ରହିଥିଲା।

## କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ଦିବସ



ସମ୍ବିଧାନ ଦିବସରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

**ଯାଜପୁର ଟାଉନ,୨୬।୧୧(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟଠାରେ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାବା ସାହେବ ଭୀମରାଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ସମସ୍ତ କର୍ମୀ ଓ ନେତୃବୃନ୍ଦ 'ମୁଖବନ୍ଧ' ପଠନ କରିଥିଲେ। ପରେ ''ସମ୍ପ୍ରତି ଆମ ସମ୍ବିଧାନ ସୁରକ୍ଷିତ କି' ଶୀର୍ଷକ ଆଲୋଚନା କରାଯାଇଥିଲା। ଜିଲା ସଭାପତି ମନୋଜ ରାଉତ, ବିଧାନସଭା ମଣ୍ଡଳୀ ନେତା ସନ୍ତୋଷ ନନ୍ଦ, ଅଞ୍ଚଳ ଦାସ, ନାରାୟଣ ଚନ୍ଦ୍ର ସାମନ୍ତ, ପୂର୍ଣ୍ଣଚନ୍ଦ୍ର ଜେନା ଓ ବିଷ୍ଣୁ ରାଉତ ପ୍ରଭୃତି ନେତୃବୃନ୍ଦ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂଗ୍ରାମ ସାହାଣୀ, ପ୍ରଦୀପ କୁମାର ବେହେରା, ଗଦାଧର ଦାସ, ବିଭୂତି ମହାପାତ୍ର, କନକଲତା ରାଉତ ଓ ବିଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମନୋଜ ଜେନା ଧନ୍ୟବାଦ ଦେଇଥିଲେ।

## ଦୋକାନ ଜାଳିଦେଲେ ଦୁର୍ବୃତ୍ତ

**ବନ୍ତ,୨୬।୧୧(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ନିଳୋକ-ଛତାବର ରାସ୍ତାର ଭଣ୍ଡାରଗଡିଆ ଛକଠାରେ ଥିବା ୨ ବଖରା ବିଶିଷ୍ଟ ଏକ ଦୋକାନକୁ ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ଦୋକାନଟି ଭଣ୍ଡାରଗଡିଆ ଗ୍ରାମର ଅଭିମନ୍ୟୁ ରାଉତଙ୍କର। ସେ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସବୁଦିନ ପରି ଅଭିମନ୍ୟୁ ଶନିବାର ରାତି ୯ଟା ବେଳେ ନିଜର ଭେରାଇଟି ଷ୍ଟୋରକୁ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ଭୋର ୪ଟା ବେଳେ ସେ ଖୋଲିବାକୁ ଆସି ଦୋକାନ ଜଳୁଥିବାର ଦେଖିବାକୁ ପାଇଥିଲେ। ଖବରପାଇ ବନ୍ତ ଥାନା ପୋଲିସ ପହଞ୍ଚିବା ବେଳକୁ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଦୋକାନ ଭିତରେ ଥିବା ଗୋଟିଏ କମ୍ପ୍ୟୁଟର, ଗୋଟିଏ ଗ୍ୟାସ୍, ୩ ଫ୍ୟାନ୍ ସମେତ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପୋଡ଼ି ଯାଇଥିବା ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ।

## ଜିଲାସ୍ତରୀୟ ସମ୍ବିଧାନ ଦିବସ


ଉପଜିଲାପାଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଉଛନ୍ତି।

**ଯାଜପୁର ଟାଉନ,୨୬।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଜିଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଗୋପୀନାଥ କୁଅଁର ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବିଧାନ ଦିବସର ଶପଥ ପାଠ କରାଇଛନ୍ତି। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶପଥ ପାଠରେ ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପବିଭାଗ ଅଧିକାରୀ ଲକ୍ଷ୍ମୀଧର ସଏ, ବରିଷ୍ଠ ରାଜସ୍ୱ ସହାୟକ ସୁବ୍ରତ କୁମାର କାନୁନଗୋ, ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ମିନତି ଦାଶ, ସତ୍ୟଜିତ ନାୟକ ଏବଂ ନିର୍ବାଚନ କାର୍ଯ୍ୟାଳୟ ସମେତ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## କରଦା ହରିହାଟ ମହୋତ୍ସବ ପ୍ରସ୍ତୁତି ବୈଠକ

**ପାଣିକୋଇଲି,୨୬।୧୧(ବିକାଶ ମଲ୍ଲିକ)**

କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ପୁରାତନ ଓ ପ୍ରସିଦ୍ଧ ହରିହାଟ ମେଳା ଆସନ୍ତା ମାଘସପ୍ତମୀଠାରୁ ଆରମ୍ଭ ହେବ। ଉକ୍ତ ମେଳାକୁ ଆକର୍ଷଣୀୟ କରିବା ଲାଗି କମିଟି ପକ୍ଷରୁ ପ୍ରତିବର୍ଷ ପରି ମହୋତ୍ସବର ମଧ୍ୟ ଆୟୋଜନ କରାଯାଉଛି। ଉକ୍ତ ମହୋତ୍ସବରେ ଯାଜପୁର ସମେତ ପଡ଼ୋଶୀ ଜିଲା ଭଦ୍ରକ ଓ କେନ୍ଦୁଝର, କେନ୍ଦ୍ରାପଡ଼ାର ବହୁ ପ୍ରତିଭାଶାଳୀ କଳାକାରମାନେ ଯୋଗଦେଇ ସେମାନଙ୍କର ପରିଦର୍ଶିତାକୁ ପ୍ରଦର୍ଶନ କରିଥାନ୍ତି।

ମହୋତ୍ସବ ନିମନ୍ତେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶନିଶ୍ଚର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ବିଭିନ୍ନ ରାଜ୍ୟସ୍ତରୀୟ, କଳା ସଂସ୍କୃତି ପରିଷଦକୁ ସ୍ଥାନ ଦେବା ସହିତ ସ୍ଥାନୀୟ ଯୁବ ପ୍ରତିଭାଙ୍କୁ ସୁଯୋଗ ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଆସନ୍ତା ଡିସେମ୍ବର ମାସ ୧୦ ତାରିଖରେ ସ୍ଥାନୀୟ ଦଧିବାମନ ଜୀଉ କଲ୍ୟାଣ ମଣ୍ଡପଠାରେ ଏକ ଅଡିସନ ବା ପ୍ରାକ ଚୟନ ପ୍ରକ୍ରିୟାର ଆୟୋଜନ କରାଯିବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ଅଞ୍ଚଳରେ ଥିବା ଓଡ଼ିଶୀ, ଏକକ ନୃତ୍ୟ ଶିଳ୍ପୀ, ଗ୍ରୁପ୍ ଡ୍ୟାନ୍ସ, ଆଙ୍କରିଂ ଓ କମେଡି ଆଦିରେ ପାରଦର୍ଶୀ ଲାଭ କରିଥିବା ନୂତନ କଳାକାରମାନଙ୍କୁ ଏଥିରେ ସାମିଲ କରାଯିବ। ଅଭିଜ୍ଞ ବିଚାରପତି ମାନଙ୍କ ଦ୍ୱାରା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ବିଭିନ୍ନ ବ୍ୟବସାୟିକ ଷ୍ଟଲ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ରାଜ୍ୟସ୍ତରୀୟ କଳାକାରମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିବାକୁ କମିଟି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ସ୍ଥିର କରାଯାଇଛି।

## ବାଲିଆପାଳରେ କୃଷକ ସମାବେଶ

**ବାଲିଆପାଳ,୨୬।୧୧(ଅମୂଲ୍ୟ ଦାସ/ଗୋପାଳ ଚନ୍ଦ୍ର ସାହୁ)**- ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖଖେଳ ପଡ଼ିଆରେ ରବିବାର କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କୃଷି ସମ୍ପର୍କିତ ୩୮ଟି ଅଭିଯୋଗ ଶୁଣିବା ସହିତ ସରକାରୀ ସ୍ତରରେ ସମାଧାନ କରାଯିବ ବୋଲି କହିଥିଲେ।

## କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ


ସମ୍ବିଧାନ ଦିବସରେ ଯୋଗଦେଇଥିବା କଂଗ୍ରେସ କର୍ମକର୍ତ୍ତା।

**ବିଞ୍ଝାରପୁର,୨୬।୧୧(ରାମକୃଷ୍ଣ ଦାସ)**

ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ଗୁହାଳିସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଭାପତି ପ୍ରବୋଧ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ଚନ୍ଦ୍ରଶେଖର ଧଳ ଓ ଗୋବିନ୍ଦ ପରିଡା ଯୋଗଦେଇ ସମ୍ବିଧାନ ସୁରକ୍ଷା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଦଳିତ ସେଲ ଉପସଭାପତି ହୃଷୀକେଶ ଯେନା, ସଂଯୋଜକ ମହେଶ୍ୱର ଦାସ, ବାବୁ ଖାନ, ହିମାଂଶୁ ମହଲ, କୁନା ନାୟକ, ବାପି ଯେନା, ବିରଞ୍ଚି ମିଶ୍ର, ମାଗୁଣି ମଲିକ, ବାଇଧର ମଲିକ, ଉମା ମଲିକ, ସନ୍ତୋଷ ସାହୁ, ସନାତନ ବେହେରା, ପ୍ରତାପ ଦାସ, ମଧୁ ସାହୁ ଓ ବାମନ ମଲିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସଭାପତି ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ସାନ୍ତନୁ ମଲିକ ଧନ୍ୟବାଦ ଦେଇଥିଲେ।

## ରାଜଘାଟ-କଳସପୁର ନଦୀବନ୍ଧ ବିପର୍ଯ୍ୟସ୍ତ

**ଯାଜପୁର ସଦର,୨୬।୧୧(ସମର ବିଜୟ ଶରଣ)**

ଯାଜପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀ ବନ୍ଧର ରାଜଘାଟଠାରୁ କଳସପୁର ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜାରକା ଜଳସମ୍ପଦ ବିଭାଗ ଅଧୀନରେ ଥିବା ଏହି ବନ୍ଧର କିଛି ମାସ ତଳେ ମରାମତି କରାଯାଇଥିଲା। ଏଥିପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରାଯାଇଥିଲା। ହେଲେ ସେ ସେବୁ ମୂଲ୍ୟହୀନ ହୋଇପଡ଼ିଛି। ଏହିଦୁର୍ବଳ ବନ୍ଧରେ ବିଗତ ଦିନରେ ବନ୍ୟା ସମୟରେ ଘାଇ ହୋଇ ବ୍ୟାପକ ଧନ ସମ୍ପତ୍ତି ନଷ୍ଟ ହୋଇଥିବା ଦେଖାଯାଇଛି। ଗତ ବନ୍ୟାରେ ଘଳିଆ ପଡ଼ିବା ଯୋଗୁ ପ୍ରଶାସନ ପକ୍ଷରୁ ବାଲି ବସ୍ତାଦେଇ ଘଳିଆ ବନ୍ଦ କରାଯାଇଥିଲା। କଳସପୁରଠାରେ ଥିବା ବାଲିଘାଟରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଟ୍ରାକ୍ଟର ଓ ହାଇୱାରେ ପରିବହନ ହେଉଥିବାରୁ ନଦୀବନ୍ଧ ଆହୁରି ଦୁର୍ବଳ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ଭାରିଯାନ ଚଳାଚଳ ଯୋଗୁ ନଦୀବନ୍ଧ ଶୋଚନୀୟ ହୋଇପଡିଛି।

ଅଣଓସାରିଆ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଖାଲଖମା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। କଳସପୁର, ମାଧପୁର, ଭୁବନପୁର, ସାନଭୁବନପୁର ଓ ତନ୍ତିଘାଇ ଆଦି ଗ୍ରାମର ଜନ ସାଧାରଣ ଏହି ବନ୍ଧରେ ଯାତାୟାତ କରନ୍ତି। ଛାତ୍ରୀଛାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସାଇକେଲ ଯୋଗେ ଯାଇଥାନ୍ତି। ମାତ୍ର ବନ୍ଧ ରାସ୍ତା ବିପର୍ଯ୍ୟସ୍ତ ଯୋଗୁ ସେମାନେ ବନ୍ଧରେ ପଡ଼ିଖଣ୍ଡିଆ ଖାବରା ହେଉଥିବା ଦେଖାଯାଉଛି। ନଦୀବନ୍ଧର ବିଭିନ୍ନ ସ୍ଥାନରେ ଏତେ ବଡ ଖାଲ ହୋଇଛି ଯେ, ବର୍ଷା ଦିନେ ସେଠାରେ ଘାଇ ହେବା ନିଶ୍ଚିତ। ଜଳସମ୍ପଦ ବିଭାଗ ଦ୍ୱାରା ବନ୍ଧ ସୁଦୃଢ଼ୀକରଣ କରାଯାଉଥିବା ବେଳେ ମାଫିଆଙ୍କ ଚୋରା ବାଲି ଚାଲାଣ ଯୋଗୁ ବନ୍ଧର ଏ ଅବସ୍ଥା ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଉ ନ ଥିବା ଦେଖାଯାଇଛି। ଏ ସମ୍ପର୍କରେ ଜାରକା ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ କାମଦେବ ଦାସଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି।

# ଅପହୃତା ନାବାଳିକା ଉଦ୍ଧାର

ପାଣିକୋଇଲି, ୨୬।୧୧ (ବିକାଶ ମଲ୍ଲିକ)

ପାଣିକୋଇଲି ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ କାବୁ କରିଛି। ସେ ହେଲେ ବଂଶୀ ମୁଣ୍ଡା (୪୭)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ଅଭିଯୁକ୍ତ ନାବାଳିକାଙ୍କୁ ଏକ ତରଫାଭାବେ ଭଲ ପାଉଥିଲେ। ତେଣୁ ତାଙ୍କୁ ଉଠାଇ ନେବାକୁ ଧମକ ଦେଉଥିଲେ। ଏହି ସମୟରେ ଗତ ୨୨ ତାରିଖ ରାତିରୁ ନାବାଳିକା ନିଖୋଜ ହୋଇ ଯାଇଥିଲେ। ତେଣୁ ନାବାଳିକାଙ୍କ ବାପା ଏନେଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ଉଠାଇ ନେଇଛନ୍ତି ବୋଲି ସେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଏକ ମାମଲା ନମ୍ବର ୩୦୭/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପ୍ରୋତ୍ସାହନ ସତ୍ତ୍ୱେ ନାହିଁ ଶୀତଳଭଣ୍ଡାର

କେନ୍ଦ୍ରାପଡ଼ା, ୨୬।୧୧ (ଜଗନ୍ନାଥ ଧଳ)

- ଭରଣା କରିହେବ ନାହିଁ ବିଦ୍ୟୁତ୍ ଦେୟ
- ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ ଚିନ୍ତାରେ
- ଖାଇବାକୁ ପଡୁଛି ପଡ଼ୋଶୀ ରାଜ୍ୟ ବିଷାକ୍ତ ଖାଦ୍ୟ

କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ନାହିଁ ଶୀତଳଭଣ୍ଡାର। ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଜିଲାରେ ଆଳୁ ମିଶନ ଫେଲ୍ ମାରିଛି। ସେହିପରି ପନିପରିବା ଜିଲାରେ ଚାଷ ହେଉଥିଲେ ମଧ୍ୟ ବର୍ଷର ଅଧିକାଂଶ ସମୟ ବାହାର ରାଜ୍ୟର ବିଷାକ୍ତ ପନିପରିବା ଖାଇବାକୁ ପଡୁଛି। ବେସରକାରୀ ଶୀତଳଭଣ୍ଡାର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଅତ୍ୟଧିକ ବିଦ୍ୟୁତ୍ ଦେୟର ଭରଣା କରିବା କଷ୍ଟକର ହେବ ବୋଲି ଯୁବ ଉଦ୍ୟୋଗୀ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଯୁବ ଉଦ୍ୟୋଗୀ ସ୍ୱରାଜ ସାମଲ, ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି, ରାଧାକାନ୍ତ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ରାଜେଶ କୁମାର ବେହେରା ପ୍ରମୁଖ କହିଛନ୍ତି, କୃଷି ଅର୍ଥନୀତିର ପରିଚାଳନା ପାଇଁ ଶୀତଳଭଣ୍ଡାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ବିଡ଼ମ୍ବନା ଯେ, ରାଜ୍ୟର ୩୧୪ ବ୍ଲକରେ ୧୨୯ଟି ଶୀତଳଭଣ୍ଡାର ଥିବାବେଳେ ମାତ୍ର ୪୯ଟି କାର୍ଯ୍ୟକ୍ଷମ ରହିଛି, ଯାହା ରାଜ୍ୟର କୃଷି ଅର୍ଥନୀତିକୁ ପ୍ରଭାବିତ କରିଛି। କେନ୍ଦ୍ରାପଡ଼ା ଜିଲାରେ ୧୯୮୫ ମସିହାରେ ଶ୍ୟାମସୁନ୍ଦରପୁରଠାରେ ଶିଳ୍ପପତି ରବି ସାହୁ ବ୍ୟାଙ୍କରୁ ଋଣ ଆଣି ଶୀତଳଭଣ୍ଡାର ନିର୍ମାଣ କରିଥିଲେ। ପ୍ରାୟ ୧୫ ବର୍ଷ ଚାଲିବା ପରେ ବିଦ୍ୟୁତ୍ ଦେୟ ପାଇଁ ୨୦ ବର୍ଷ ହେବ ଅଚଳ ହୋଇ ପଡ଼ିଛି। ଏହି ଶୀତଳଭଣ୍ଡାର ପାଇଁ ଜିଲାରେ ଆଳୁଚାଷ ବଢ଼ିଥିବା ବେଳେ ବନ୍ଦ ପରେ ସଂରକ୍ଷଣ ଅଭାବରୁ ଆଳୁଚାଷ କମିଯାଇଛି। ସେହିପରି ଶୀତଳଭଣ୍ଡାର ନ ଥିବାରୁ ସ୍ଥାନୀୟ ଅଞ୍ଚଳର କୃଷି ଉତ୍ପାଦ ସଂରକ୍ଷଣ ହୋଇପାରୁନାହିଁ। ବର୍ଷସାରା ପନିପରିବା ବାହାର ରାଜ୍ୟରୁ ଜିଲାର ଚାହିଦା ମେଣ୍ଟାଇବା ପାଇଁ ଅଣାଯାଉଛି। ଆଳୁ, ପିଆଜ, କଦଳୀଠାରୁ ଆରମ୍ଭକରି ପନିପରିବା ବାହାର ରାଜ୍ୟରୁ ଆମଦାନୀ ହେଉଛି। ଆମଦାନୀ କୃଷି ଉତ୍ପାଦ ବିଷାକ୍ତ ହୋଇଥିଲେ ମଧ୍ୟ ଗ୍ରାହକ କିଣିବାକୁ ବାଧ୍ୟ ହେଉଛନ୍ତି। ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ପରି ଛୋଟ ଛୋଟ କୃଷି ଉଦ୍ୟୋଗ ସ୍ଥାପନ ହୋଇପାରିବ। ରାଜ୍ୟ ସରକାର ଶୀତଳଭଣ୍ଡାର ପାଇଁ ପ୍ରୋତ୍ସାହନ ରାଶି ଦେଉଥିଲେ ମଧ୍ୟ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଏଥିରେ ବାଧକ ହୋଇଛି। କୃଷକଙ୍କ ଉତ୍ପାଦର ମୂଲ୍ୟ ମିଳିବା ପାଇଁ ଶୀତଳଭଣ୍ଡାର ଆବଶ୍ୟକ। ତେବେ ବିଦ୍ୟୁତ୍ ଦେୟରେ ପରିବର୍ତ୍ତନ ଏଥିପାଇଁ ପ୍ରୋତ୍ସାହିତ କରିବ। ସେହିପରି ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସରେ ବ୍ୟାଙ୍କରୁ ଶିଳ୍ପୋଦ୍ୟୋଗୀଙ୍କୁ ଋଣ ମିଳିଲେ ଶୀତଳଭଣ୍ଡାର ସ୍ଥାପନ ସହ ଜିଲାର କୃଷି ଅଭିବୃଦ୍ଧିରେ ସହାୟକ ହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଆରଏମ୍‌ସି ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହେବ। ବେସରକାରୀ ଶିଳ୍ପୋଦ୍ୟୋଗୀଙ୍କ ଶୀତଳଭଣ୍ଡାର ନିର୍ମାଣ ପାଇଁ ୫୫ ପ୍ରତିଶତ ଅର୍ଥ ପ୍ରାୟ ୨ କୋଟି ୨୦ ଲକ୍ଷ ଟଙ୍କାର ରିହାତି ବ୍ୟବସ୍ଥା ଅଛି। ଏହି ଯୋଜନାରେ ଜିଲାର ୨ ଶିଳ୍ପୋଦ୍ୟୋଗୀଙ୍କୁ ଶୀତଳଭଣ୍ଡାର ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ପଞ୍ଚାୟତସ୍ତରରେ କ୍ଷୁଦ୍ର ଶୀତଳୀକରଣ ଗୃହ ପାଇଁ ଏବେ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି।

# ଶଯ୍ୟାରେ ସଞ୍ଜୟ: ଚିକିତ୍ସାରେ ଅର୍ଥ ବାଧକ




ପାଟକୁରା, ୨୬।୧୧ (ରବୀନ୍ଦ୍ର ନାଥ ବାରିକ)

- ବିଜୁ ସ୍ୱାସ୍ଥ୍ୟ କାର୍ଡ ଟଙ୍କା ସରିଗଲା
- ଖାଇବାକୁ ଘରେ ଆଉ ନାହିଁ
- ଘର ଛାଡ଼ି ୨ ଭାଉଜ ପିଲାଙ୍କୁ ଧରି ବାପଘରେ

ଭାଗ୍ୟ ଭଗାରି ସାଜିଥିବା ବେଳେ, ଦଇବ ବି ଦାଉ ସାଧିଛି। ଯେତେବେଳେ ନିଜ କାନ୍ଧରେ ପରିବାର ବୋଝ ବୋହି ନେଇଥାନ୍ତେ, ସେତେବେଳେ ପରିବାର ଉପରେ ବୋଝ ହୋଇ ପଡିଛନ୍ତି ଗରଦପୁର ବ୍ଲକ ଭଗବାନପୁର ଗ୍ରାମର ସଞ୍ଜୟ ସ୍ୱାଇଁ(୩୦)। ହେଲେ ଗୋଟିଏ ଛୋଟିଆ ଦୁର୍ଘଟଣା ଯେ ଜୀବନ ଚଳାପଥର ମୋଡ଼ ବଦଳାଇ ଦେଇ ଭାଗ୍ୟ ଆକାଶରେ ଅନ୍ଧକାର ସୃଷ୍ଟି ପାରେ ଏହା ହୃଦୟକୁ ଆନ୍ଦୋଳିତ କରୁଛି। ସେ ଏକ ବିସ୍କୁଟ କମ୍ପାନୀରେ କାମ କରୁଥିଲେ। ଯାହା କିଛି ଦରମା ପାଉଥିଲେ ସେଥିରେ ଘରେ ବିଧବା ମା' ସହ ୩ ଭାଇ ସୁରୁଖୁରୁରେ ଚଳି ଆସୁଥିଲେ। ହେଲେ ନିୟତର ନିୟମ ଥିଲା ସମ୍ପୂର୍ଣ୍ଣ ଅଲଗା। ୨୦୨୧ରେ ଦୋଳପୂର୍ଣ୍ଣିମାରେ ରଙ୍ଗ ଖେଳିବାକୁ ଗାଁକୁ ଆସିଥିଲେ। ହେଲେ ରଙ୍ଗ ଖେଳି ଘରକୁ ଆସୁଥିବା ବେଳେ ଗାଁ ନିକଟସ୍ଥ ଗଜିପୁରଠାରେ ବାଇକ୍ ଦୁର୍ଘଟଣା ଘଟିଲା। ସେହି ଦୁର୍ଘଟଣାରେ ମୁଣ୍ଡ ଫାଟିଗଲା। ତୁରନ୍ତ ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସଞ୍ଜୟ ଭଲ ହୋଇ ଆସିବାର ସପ୍ତାହ ମଧ୍ୟରେ କୋମାକୁ ଚାଲିଗଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଗଲା। ଚିକିତ୍ସା ଏତେ ବ୍ୟୟ ବହୁଳ ଥିଲା ଯେ, ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଥିବା ୫ ଲକ୍ଷ ସରିବା ପରେ ଘରେ ଥିବା ସୁନାଗହଣା ଓ ସମସ୍ତ ଚାଷ ଜମି ବିକ୍ରି କରି ଅନୁନ୍ୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଗଲା। ହେଲେ ସଞ୍ଜୟ ଆରୋଗ୍ୟ ହୋଇପାରିଲେ ନାହିଁ। ବଡ଼ ଭାଇ ଗୋଟିଏ କମ୍ପାନୀ ରେ ମାତ୍ର ୧୨ ହଜାର ଟଙ୍କା ରୋଜଗାର କରୁଥିବା ବେଳେ ମଝିଆଁ ଭାଇ ତାମିଲନାଡୁର ମଧ୍ୟ ଏକ କମ୍ପାନୀରେ ୨୦ ହଜାର ଟଙ୍କା ପାଉଥିଲେ। ହେଲେ ଭାଇର ଚିକିତ୍ସା ପାଇଁ ମଝିଆଁ ଭାଇଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଲା। ସେତିକିରେ ଦୁଃଖ ସରି ନ ଥିଲା। ସଞ୍ଜୟଙ୍କ ଚିକିତ୍ସାରେ ସବୁ କିଛି ସରିବା ପରେ ଏପରିକି ଘରେ ଖାଇବା ପାଇଁ ବି ଚାଉଳ ବି ମିଳିଲା ନାହିଁ। ଯାହା ରାଶନ୍ ମିଳିଲା ତାକୁ ବିକି ମଧ୍ୟ ସଞ୍ଜୟଙ୍କ ଚିକିତ୍ସାରେ ଖର୍ଚ୍ଚ କରିବାକୁ ପଡିଲା। ଏହି ଦୁର୍ଦ୍ଦଶାକୁ ସହି ନ ପାରି ବଡ଼ ଭାଉଜ ଓ ମଝିଆଁ ଭାଉଜ ଘର ଛାଡ଼ି ଏବେ ନିଜ ବାପାଙ୍କ ଘରେ ପିଲା ପିଲି ନେଇ ରହୁଛନ୍ତି। ଏପଟେ ସଞ୍ଜୟ ଘରେ ଖଟରେ ପଡ଼ି କେବଳ ଆଖି ଲୁହ ଛଳଛଳ କରି ପଡ଼ି ରହିଛନ୍ତି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଞ୍ଜୟଙ୍କ ଅଧିକ ଚିକିତ୍ସା ଆହୁରି ୧୦ ଲକ୍ଷ ଟଙ୍କା ସହ ଫିଜିଓଥେରାପି ପାଇଁ ୨ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ଏହାକୁ ନେଇ ଘରେ ଚୂଲି ମଧ୍ୟ ଅଧାଦିନ ଅଜଳା ରହୁଛି। ସଞ୍ଜୟଙ୍କ ଏପରି ଦୁର୍ଦ୍ଦଶା ଦେଖି କେତେକ ସମାଜସେବୀ ଓ ସାମାଜିକ ସଂଗଠନ ଆର୍ଥିକ ସହାୟତା କରିଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ। ସଞ୍ଜୟ କିପରି ଅଧିକ ଚିକିତ୍ସା ପାଇବେ ସେନେଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଯଦି ସହାୟତା ପ୍ରଦାନ କରାଯାଆନ୍ତା ଓ ବଦାନ୍ୟ ସହୃଦୟ ବ୍ୟକ୍ତି ଯଦି ସହାୟତାର ହାତ ବଢାନ୍ତି ତାହା ହେଲେ ସଞ୍ଜୟ ଭଲ ହୋଇ ତାହା ଓଠରେ ହସ ଫୁଟିବା ସହ ଭାଙ୍ଗି ଯାଇଥିବା ପରିବାର ଯୋଡ଼ି ହୋଇ ଯାଆନ୍ତା।

# ୬ କୋଟି ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ, ୨୬।୧୧ (କଳ୍ପତରୁ ନାୟକ)

**ଅରଡ଼ପଲ୍ଲୀ, ସାନଜରିଆ ପଞ୍ଚାୟତ**

ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକର ଅରଡ଼ପଲ୍ଲୀ ଓ ସାନଜରିଆ ପଞ୍ଚାୟତ ବିକାଶକୁ ଆହୁରି ଆଗକୁ ନେବା ପାଇଁ ରବିବାର ରାଜନଗର ବିଧାୟକ ଧ୍ରୁବ ସାହୁ ୫ କୋଟି ଟଙ୍କା ବ୍ୟୟରେ ଅରଡ଼ପଲ୍ଲୀ-ବଡ଼ଜରିଆ ଲୁଣା ସେତୁ ଶୁଭ ଶିଳାନ୍ୟାସ କରିବା ସହ ୧କୋଟି ଟଙ୍କା ବ୍ୟୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅରଡ଼ପଲ୍ଲୀ ଓ ସାନଜରିଆ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି।

ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟ ଓ ପୂର୍ବତନ ସରପଞ୍ଚ ଶ୍ରୀମନ୍ତ ଦାସଙ୍କ ସଂଯୋଜନାରେ ଅରଡ଼ପଲ୍ଲୀଠାରେ ଆୟୋଜିତ ସାଧାରଣ ସଭାରେ ଭାଷଣ ଦେଇ ବିଧାୟକ ସାହୁ କହିଲେ, ବିକଶିତ ସମୃଦ୍ଧ ଓ ସଶକ୍ତ ଗାଁ ତିଆରି କରିବା ସହିତ ଗ୍ରାମାଞ୍ଚଳର ସାମଗ୍ରୀକ ବିକାଶରେ ଆମ ଓଡ଼ିଶା ନବୀନ ଓଡ଼ଶା ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ବଳିଷ୍ଠ ପଦକ୍ଷେପ। ଦୀର୍ଘବର୍ଷ ଧରି କ୍ଷମତାରେ ଥିବା କଂଗ୍ରେସ ଓ ପ୍ରଚାର ସର୍ବସ୍ୱ ଭାଜପାକୁ ଆଗାମୀ ସାଧାରଣ ନିର୍ବାଚନରେ ଉଚିତ ଶିକ୍ଷା ଦେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଅରଡ଼ପଲ୍ଲୀ ଓ ସାନଜରିଆ ପଞ୍ଚାୟତର ସ୍କୁଲ, ଜଗନ୍ନାଥ ସଂସ୍କୃତି ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଦେବଦେବୀ ମନ୍ଦିର ଉନ୍ନତିକରଣ ଓ ଯୁବଶକ୍ତି ବିକାଶ, ଯୁବ ବିକାଶ କେନ୍ଦ୍ର ଗୃହ, ମହିଳାଙ୍କ ବିକାଶ ପାଇଁ ମିଶନ ଶକ୍ତି ଗୃହ ଓ ସାମାଜିକ ଉତ୍ସବ ପାଇଁ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ସମସ୍ତ ପ୍ରକଳ୍ପର ସଫଳ ରୂପାୟନ ସହ ନିର୍ଦ୍ଧାରୀତ ସମୟରେ ସାରିବାକୁ ନିବେଦନ କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ବିଶ୍ୱାଳ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧରାମ ବେହେରା, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ବ୍ଲକ ଯୁବ ବିଜେଡି ସଭାପତି କୈଳାସ ସିଂହ, ଜିଲାପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସାନଜରିଆ ପଞ୍ଚାୟତ ବିଜେଡି ସଭାପତି ଅଜାମ୍ବର ପ୍ରଧାନ ପ୍ରମୁଖ ଭାଷଣ ଦେଇ ବିଜେଡି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।




ଶିଳାନ୍ୟାସ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

# ରତ୍ନଭଣ୍ଡାର ଖୋଲିବା ଦାବିରେ କଂଗ୍ରେସର ତୁଳସୀ ଯାତ୍ରା



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃମଣ୍ଡଳୀ।

କେନ୍ଦ୍ରାପଡ଼ା, ୨୬।୧୧ (ଜଗନ୍ନାଥ ଧଳ)

ଦୀର୍ଘଦିନ ଧରି ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଖୋଲାଯାଉନାହିଁ। ଏହାର ପ୍ରତିବାଦରେ ରାଜ୍ୟ କଂଗ୍ରେସ ପକ୍ଷରୁ ତୁଳସୀ ଯାତ୍ରା ଆରମ୍ଭ ହେବ। ଏ ନେଇ ଜିଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିବା ରବିବାର ସୂଚନା ଦିଆଯାଇଛି। ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ରତିକାନ୍ତ କାନୁନ୍‌ଗୋ, ନଗର ସଭାପତି ରାଜେଶ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ସୂଚନା ଦେଇଥିଲେ ଯେ, ଓଡ଼ିଶା ମାଟିର ଆରାଧ୍ୟ ଶ୍ରୀଜଗନ୍ନାଥ ହୋଇଥିଲେ ହେଁ ସାରା ବିଶ୍ୱର ହେଉଛନ୍ତି ସେ ଦେବତା। ତାଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ପ୍ରତ୍ୟହ ସୁଅ ଛୁଟୁଛି। ତେବେ ରାଜ୍ୟ ସରକାରଙ୍କ ଅମନଯୋଗିତା ପାଇଁ ଶ୍ରଦ୍ଧାଳୁମାନଙ୍କ ଶ୍ରୀଜୀଉଙ୍କ ଦର୍ଶନକୁ ଅହେତୁକ ବିଳମ୍ବିତ କରାଯାଉଛି। ଶ୍ରୀମନ୍ଦିରରେ ୪ ଦ୍ୱାର ଅଛି। ତେବେ ଏକମାତ୍ର ମୁଖ୍ୟ ଦ୍ୱାର ମଧ୍ୟମରେ ଶ୍ରଦ୍ଧାଳୁ ଭିତରକୁ ଯାଉଛନ୍ତି। ସବୁଦ୍ୱାର ଖୋଲିବାକୁ କଂଗ୍ରେସ ବହୁଦିନରୁ ଦାବି କରି ଆସୁଛି। ସେହିପରି ରତ୍ନ ଭଣ୍ଡାର ଖୋଲିବା ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏହାକୁ ବିଳମ୍ବିତ କରାଯାଉଛି। ବେଦାନ୍ତ ଦ୍ୱାରା ବେଆଇନ ଭାବେ ଚାଷୀଙ୍କ ଜମିକୁ ଅଧିଗ୍ରହଣ କରାଯାଇଛି। ଏହି ଚାଷ ଜମିକୁ ଚାଷୀଙ୍କୁ ଫେରାଇ ଦେବାକୁ ରାଜ୍ୟ କଂଗ୍ରେସ ଦାବି କରି ଆସିଛି। ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ନୀତିକୁ ବିରୋଧ କରାଯାଇ ରାଜ୍ୟର ସମସ୍ତ ସ୍ଥାନରୁ ତୁଳସୀ ଯାତ୍ରା ଆରମ୍ଭ ହେଉଛି। ଡିସେମ୍ବର ୧ରେ ପୁରୀଠାରେ ଏହି ତୁଳସୀ ଯାତ୍ରା ସମାପ୍ତ ହେବ ବୋଲି ସୂଚନା ଦିଆଯାଇଛି।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସମ୍ବିଧାନ ଦିବସ

ପଟ୍ଟାମୁଣ୍ଡାଇ, ୨୬।୧୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ସିନିୟର ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକ ଅଧ୍ୟକ୍ଷତା କରି ସମ୍ବିଧାନ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜନସାଧାରଣ କିପରି ତ୍ୱରିତ ନ୍ୟାୟ ପାଇପାରିବେ ଏବଂ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ମିଳିବ ତାହା ଉପରେ ଗୁରୁତ୍ୱାରୋପ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ବାର ଆସୋସିଏଶନର ସମ୍ପାଦକ ରବୀନ୍ଦ୍ର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର ଆସୋସିଏଶନର ସଭାପତି ତପନ କୁମାର ମିଶ୍ର ସମ୍ବିଧାନର ଆବଶ୍ୟକତା, ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ବିଷୟରେ କହିଥିଲେ। ବରିଷ୍ଠ ପିଏଲବି ସଦସ୍ୟ ପ୍ରଫୁଲ୍ଲ କୁମାର ଦାଶ ସମ୍ବିଧାନ ଦ୍ୱାରା କିପରି ଆମର ବ୍ୟକ୍ତିଗତ ସ୍ୱାଧୀନତା ବଜାୟ ରହିବ ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ସଭାରେ ଆଇନଜୀବୀ ବିଦ୍ୟାଧର ଦାଶ, ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ, ସୁଧାଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବିଧାନ ଦିବସରେ ଉପସ୍ଥିତ ଅତିଥିମାନେ।

# ଅଗ୍ନିକାଣ୍ଡ: ୨୦ ଛେଳି ଜୀବନ୍ତ ଦଗ୍ଧ

ଆଳି ୨୬।୧୧ (ବନମାଳୀ ସେନାପତି)

ଆକସ୍ମିକ ଅଗ୍ନିକାଣ୍ଡରେ ଶନିବାର ବିଳମ୍ବିତ ରାତିରେ ଆଳି ଥାନା ଅନ୍ତର୍ଗତ ଏରଡଙ୍ଗ ଗ୍ରାମରେ ୩ ବଖରା ପୋଡ଼ିଯିବା ସହ ୨୦ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ରାତିରେ ଏରଡଙ୍ଗ ଗ୍ରାମର ଚିନ୍ତାମଣି ଜେନାଙ୍କ ଘରେ ସମସ୍ତେ ଶୋଇଥିବା ବେଳେ ଛେଳିଗୁଡ଼ିକର ବିକଳ ଚିତ୍କାର ଶୁଣି ଘରର ଲୋକମାନେ ଉଠି ପଡ଼ିଥିଲେ। ସେତେବେଳକୁ ନିଆଁ ଘରର ମଥାନ ଧରି ଯାଇଥିଲା। ଗୋଟିଏ ଘରେ ଥିବା ଛେଳଗୁଡ଼ିକ ମଧ୍ୟରେ ପ୍ରାୟ ସବୁ ଛେଳି ନିଆଁରେ ପୋଡ଼ି ହୋଇ ଛଟପଟ ହେଉଥିଲେ। ନିଆଁ ଘରର ଉପରକୁ ଉଠିଯାଇ ଥିବାରୁ ଘରର ଲୋକମାନେ କୌଣସି ଜିନିଷକୁ ଉଦ୍ଧାର କରି ପାରି ନ ଥିଲେ। ସେମାନେ ଜୀବନ ବିକଳରେ ଘରୁ ବାହାରକୁ ଦୌଡ଼ି ପଳେଇ ଆସି ଚିତ୍କାର କରିଥିଲେ। ଗ୍ରାମର ଅନ୍ୟ ଲୋକମାନେ ପହଞ୍ଚି ଦମକଳ କେନ୍ଦ୍ରକୁ ଫୋନ୍ କରିଥିଲେ। ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ ମଧ୍ୟ ପରିବାରର ସବୁ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରୁ ଋଣ ଆଣି ଛେଳି ପାଳିଥିବା ପରିବାର ଲୋକେ ଏ ଘଟଣା ପରେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ ସେମାନେ ଅସହାୟ। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ଗ୍ରାମବାସୀ ଦାବି କରିଛନ୍ତି।

# ଡ୍ରାଇଭରଙ୍କ ସୁରକ୍ଷା ଅବହେଳା ବରଦାସ୍ତଯୋଗ୍ୟ ନୁହେଁ

କେନ୍ଦ୍ରାପଡ଼ା, ୨୬।୧୧ (ଜଗନ୍ନାଥ ଧଳ)

ଦେଶର ପରିଚାଳନାରେ ପରିବହନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଚକ ନ ଗଡ଼ିଲେ ଦେଶର ବିକାଶ ଠପ ହେବ। ପିଇବା ପାଣିଠାରୁ ଆରମ୍ଭ କରି ଜୀବନ ବଞ୍ଚାଇବା ଔଷଧ, ସାମଗ୍ରୀ ପରିବହନରେ ଗାଡ଼ି ଚାଳକ ସଦାସର୍ବଦା ନିଜର କର୍ତ୍ତବ୍ୟ କରି ଚାଲିଥାନ୍ତି। ଦେଶ ବିକାଶରେ ଏହି ଗାଡ଼ି ଚାଳକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ସଦାସର୍ବଦା ଅବହେଳାର ଶିକାର ହେଉଛନ୍ତି। ଡ୍ରାଇଭରଙ୍କ ସୁରକ୍ଷା ଅବହେଳା ଏବେ ବରଦାସ୍ତ ଯୋଗ୍ୟ ନୁହେଁ ଦର୍ଶାଇ କେନ୍ଦ୍ରାପଡ଼ା ଜିଲା ଡ୍ରାଇଭର ସଂଘ ପକ୍ଷରୁ ବୁଧବାର ରାଜ୍ୟ ମହାସଂଘ ସମାବେଶରେ ମତ ଦେଇଛନ୍ତି। ଜିଲା ସଂଘ ସଭାପତି ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି, ସମ୍ପାଦକ ଚୈତନ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଅନ୍ୟ ଜିଲାର ସଭାପତି ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେମାନେ କହିଥିଲେ ଯେ, ଗାଡି ଡ୍ରାଇଭରଙ୍କର ଆୟ ସୀମିତ। ସମସ୍ୟା ଅନେକ ଅଛି। ସମସ୍ୟା ସମ୍ପର୍କରେ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସରକାର ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ଏଣୁ ଆଗାମୀଦିନରେ ଏହାର ପରିଣାମ ଆନ୍ଦୋଳନ ଜରିଆରେ ବାହାରିବ ବୋଲି ସେମାନେ ମତ ରଖିଥିଲେ। ଜିଲା କର୍ମକର୍ତ୍ତା ରଞ୍ଜନ ମହାନ୍ତି, ମହମ୍ମଦ ଆଜମଲ, ପ୍ରକାଶ ଚନ୍ଦ୍ର ଦାସ, ସେକ ମୁସ୍ତାକିମ, ନିରଞ୍ଜନ ପରିଡା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।



ସମାବେଶରେ ଯୋଗ ଦେଇଥିବା ଡ୍ରାଇଭରମାନେ।

# ଯନ୍ତ୍ରୀ, କର୍ମଚାରୀ ନିଜ ଅନ୍ଦାଜରେ କରୁଛନ୍ତି କାର୍ଯ୍ୟ

ପଟ୍ଟାମୁଣ୍ଡାଇ, ୨୬।୧୧ (କଳ୍ପତରୁ ନାୟକ)

- ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ମୋ ସରକାର ନିୟମ ବାଟବଣା
- କର୍ମଚାରୀ ଆସୁନାହାନ୍ତି ଅଫିସ




ଜନକେନ୍ଦ୍ରିକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ୫-ଟି ଅନ୍ତର୍ଗତ ମୋ ସରକାର ଭଳି ଏକ ଅଭିନବ ଓ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିରେ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ ସେବା ପାଇଁ ଆସୁଥିବା ଜନସାଧାରଣଙ୍କୁ ମିଳୁଥିବା ସେବା ଆଚରଣ ଓ ପ୍ରତ୍ୟକ୍ଷ ମତାମତ ସଂଗ୍ରହ କରାଯାଇ ଅଧିକାରୀଙ୍କ ଆଚରଣ ସହ ବୃତ୍ତିଗତ ଦକ୍ଷତାରେ ପରିବର୍ତ୍ତନ ଆଣିବା ମୋ ସରକାରର ଲକ୍ଷ୍ୟ ରହିଛି। ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ଏବେ ବି କିଛି ଅଧିକାରୀ, ଯନ୍ତ୍ରୀ ଏହାକୁ ଭ୍ରୂପେକ୍ଷ ନ କରି ବେଫିକର ହୋଇ ନିଜ ଅନ୍ଦାଜରେ କାର୍ଯ୍ୟ କରୁଛନ୍ତି। ନା ସେମାନେ କାର୍ଯ୍ୟାଳୟକୁ ଆସୁଛନ୍ତି ନା ସେମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ଫଳରେ ସରକାରଙ୍କ ଏହି ଅଭିନବ ପ୍ରୟାସ ଏବେ ବାଟବଣା ହେବାରେ ଲାଗିଛି।

ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ କେତେଗୋଟି ପଦବୀ ଖାଲି ପଡ଼ିଛି। ଅଧିକାଂଶ ପଦବୀରେ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବ୍ଲକର ୨ ଜଣ ସହକାରୀ ଯନ୍ତ୍ରୀ ଓ ୬ଜଣ କନିଷ୍ଠ ଯନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ହେଲେ ସେମାନଙ୍କ ମଧ୍ୟରୁ ୨ରୁ ୩ ଜଣଙ୍କୁ ଛାଡ଼ି ଦେଲେ ଅନ୍ୟମାନେ ନିୟମିତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଫଳରେ ପିଅନମାନେ ହିଁ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ଯଦି ଜିଲ୍ଲା ପ୍ରଶାସନଙ୍କ କୌଣସି ଆବାସିକ ମିଟିଂ ହୁଏ ତେବେ ସେମାନେ ଦୃଶ୍ୟମାନ ହୁଅନ୍ତି। ସଦାବେଳେ କ୍ୱାର୍ଟରରେ ରହି ନିଜେ ନିଜେ ବ୍ୟକ୍ତିଗତ ଆସିଷ୍ଟାଣ୍ଟ ରଖି କାମ କରୁଛନ୍ତି। ଗ୍ରାମାଞ୍ଚଳରେ ହେଉଥିବା ଉନ୍ନତି ମୂଳକ କାର୍ଯ୍ୟ ମଧ୍ୟ ଆସିଷ୍ଟାଣ୍ଟଙ୍କ ଦ୍ୱାରା ତନଖି କରାଯାଉଛି। ଫଳରେ ସରକାରୀ କାମର ମାନରେ ଅନିୟମିତତା ସୃଷ୍ଟି ହେଉଛି ବୋଲି ସାଧାରଣରେ ଦୃଢ଼ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବ୍ଲକରେ ସିନିୟର କିରାଣି ପ୍ରିୟରଞ୍ଜନ ସାମଲ ପ୍ରାୟ ସମୟରେ କର୍ଯ୍ୟାଳୟ ଆସୁନାହାନ୍ତି। ବିଡିଓଙ୍କ ଜଣାତରେ ବ୍ୟାକଡେଟରେ ଆଟେନାନ୍ସ ଫିଲପ କରି ହାଜିରା ଦେଉଛନ୍ତି ବୋଲି ଅଭିଯୋଗ ହେଉଛି। ଫଳରେ ଲୋକେ ବହୁ ଦୂର ଦୂରାନ୍ତରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଆସି କୌଣସି କାର୍ଯ୍ୟ କରି ନ ପାରି ନିରାଶ ମନରେ ଫେରିବାକୁ ବାଧ୍ୟ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। କିଛିଦିନ ତଳେ ଏଭଳି ଅନିୟମିତତା ଓ ବିଡିଓଙ୍କ ବାବୁରାଜକୁ ବିରୋଧ କରି ରାଜନଗର ପୂର୍ବତନ ବିଧାୟକ ତଥା କଂଗ୍ରେସ ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱରେ କଂଗ୍ରେସ ନେତା, କର୍ମୀ ଓ ଜନସାଧାରଣ ତାଙ୍କ କାର୍ଯ୍ୟାଳୟରେ ହୋ ହଲ୍ଲା କରି ଘେରିଥିଲେ। ସେହିପରି ଭାଜପା ପକ୍ଷରୁ ମଧ୍ୟ ବ୍ଲକରେ ଚାଲିଥିବା ଦୁର୍ନୀତି ଓ ସାଧାରଣ ଲୋକ ନ୍ୟାୟ ପାଉ ନ ଥିବା ଦାବି କରି ଘେରାଉ କରାଯାଇଥିଲା। ହେଲେ ଏହାପରେ ମଧ୍ୟ ବିଭାଗୀୟ ଅଧିକାରୀ କିଛି ଭ୍ରୂକ୍ଷେପ ନ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅପରପକ୍ଷେ ବ୍ଲକରେ ପ୍ରୋଗ୍ରେସିଭ ଆସିଷ୍ଟାଣ୍ଡ ୨ ଜଣ, ଜଣେ ଜିପିଓ, ଜଣେ ବିଏସ୍‌ଏସ୍‌ଓ, ୧୧ ଜଣ ପଞ୍ଚାୟତ ଅଫିସର ଓ ୨ଟି ଜୁନିୟର କିରାଣି ପଦବୀ ଖାଲି ପଡ଼ିଛି। ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ଏହାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶାଶୁଘରେ ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ଭାଇ

ହିଞ୍ଜିଳିକାଟୁ,୨୬।୧୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ଥାନା ପିତଳ ଗ୍ରାମରେ ବିଷକ୍ରିୟାରୁ ସୁନୀତା ସାହୁ (୨୮)ଙ୍କ ମୃତ୍ୟୁ ଘଟିଥିଲା। ବିଷପାନ କରି ମହିଳା ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ପକ୍ଷରୁ କୁହାଯାଇଥିବା ବେଳେ ସୁନୀତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ଭାଇ ଲୋକନାଥ ସାହୁ ରବିବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଗୁରୁତର ଅବସ୍ଥାରେ ମହିଳାଙ୍କୁ ଶ୍ୱଶୁରଘର ଲୋକେ ହିଞ୍ଜିଳିକାଟୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୩୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୁବକଙ୍କ ମୃତଦେହ ଜବତ ଘଟଣା, ହତ୍ୟା ଅଭିଯୋଗ

ଗୋପାଳପୁର,୨୬।୧୧(ନବୀନ ରାଜ ଆଚାରୀ)

ଗତ ୨୪ ତାରିଖରେ ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଞ୍ଚଳରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହକୁ ପୋଲିସ ଠାବ କରିଥିଲା। ମୃତକ ହେଲେ ଭଦ୍ରକ ଜିଲା ହରିପୁର ଗ୍ରାମ ସୂର୍ଯ୍ୟକାନ୍ତ ଓରଫ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ। ସେ ଗୋପାଳପୁର ଥାନା ଅଧିନ ଆମ୍ବପୁଆ ଅଞ୍ଚଳର ଏକ ପରିବା ଦୋକାନରେ ରହି ଦୁଇ ମାସ ହେଲା କାମ କରୁଥିଲେ। ଶନିବାର ସେଣ୍ଟ୍ରାଲ ସ୍କୁଲ ଯିବା ରାସ୍ତା ନିକଟରେ ଜଙ୍ଗଲରେ ଏକ ଗଛରେ ରଶି ଲଗାଇ ଝୁଲୁ ଥିବା କିଛି ଲୋକ ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିଥିଲା। ମୃତ ଦେହ ନିକଟରରୁ ଏକ ମୋବାଇଲ ଫୋନ ଏବଂ ଆଧାର କାର୍ଡ ପୋଲିସ ଜବତ କରିବା ସହ ଏ ନେଇ ପୋଲିସ ନଂ.୨୫/୨୩ରେ ମାମଲା ରୁଜୁ କରିଛି। ରବିବାର ସୂର୍ଯ୍ୟଙ୍କ ପରିବାର ବର୍ଗ ପହଁଚିବା ପରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୮୯/୨୩ ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଟ୍ରାକ୍ଟର-ବାଇକ ଧକ୍କା, ଜଣେ ମୃତ

କୋଦଳା,୨୬।୧୧(ଅମିତ କୁମାର ପଟ୍ଟନାୟକ)

କୋଦଳା ଥାନା ଅନ୍ତର୍ଗତ ମଠସରସିଂ ଏବଂ ଖଜାପଲ୍ଲୀ ରାସ୍ତାରେ ରବିବାର ଟ୍ରାକ୍ଟର-ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ପଛରେ ବସିଥିବା ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ କୋଦଳା ଥାନା ଅନ୍ତର୍ଗତ କେ. ରାଣୀପଡ଼ା ଗ୍ରାମର ସମୀର ବିଶ୍ୱାଳ ଏବଂ ଆହତ ହେଲେ ଉକ୍ତ ଗ୍ରାମର ରାଜେନ୍ଦ୍ର ମହାରଣା। ଏହି ଘଟଣାରେ ଟ୍ରକ୍ ଡ୍ରାଇଭର ନେଉଳି ଗ୍ରାମର ଜିତୁନ ପ୍ରଧାନଙ୍କୁ ପୋଲିସ ଗିରଫ କରିଛି। ସକାଳୁ ରାଜେନ୍ଦ୍ର ଏବଂ ସମୀର ଏକ ବାଇକ (ନଂ ଓଡି ୦୭ଏଏମ ୮୨୨୩)ରେ କୋଦଳା ଅଭିମୁଖେ ଆସୁଥିବା ବେଳେ ଟ୍ରାକ୍ଟର (ନଂ ଓଡି ୦୭ଜି୪୫୨୦) ସହ ଧକ୍କା ହୋଇଥିଲା। ଏଥିରେ ସମୀରଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜେନ୍ଦ୍ର ବ୍ରହ୍ମପୁରରେ ଚିକିତ୍ସିତ ହେଉଛନ୍ତି। କୋଦଳା ଥାନା ଏଏସ୍ଆଇ ଅମୂଲ୍ୟ ରତନ ବୀର ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି ଏବଂ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏନେଇ କୋଦଳା ଥାନାରେ ନଂ. ୫୭୦/୨୩ରେ ମାମଲା ରୁଜୁ ହୋଇଛି।

### ଶିଶୁ ମନ୍ଦିରରେ କନ୍ୟା ଶିବିର

କବିସୂର୍ଯ୍ୟନଗର, ୨୬।୧୧ (କୃପାସିନ୍ଧୁ ସ୍ୱାଇଁ)

ସ୍ଥାନୀୟ ସରସତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ ଉଦଘାଟନ କରିଥିଲେ। ଥାନା ଅଧିକାରୀ ପ୍ରଭାତ ସାହୁ ସାଇବର ଠକେଇ ଉପରେ ସଚେତନ କରିଥଲେ। ଆସିକା ସଙ୍କୁଳ ପ୍ରମୁଖ ତଥା ସ୍ଥାନୀୟ କଲେଜ ଅଧକ୍ଷ କେ. ପୁରୁଷୋତ୍ତମ ନାରୀର ଚରିତ୍ର ଗଠନ ଉପରେ ସଚେତନ କରିଥିଲେ। ସୁଶ୍ରୀ ସଙ୍ଗୀତା ପାଢ଼ୀ ଯୋଗ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ କିଶୋର ଚନ୍ଦ୍ର ପଣ୍ଡା ଆଇନ ଶୃଙ୍ଖଳା ଉପରେ ଶିଶୁଙ୍କୁ ସଚେତନ କରିଥିଲେ। ସିଏଚଓ ସ୍ମିତା ବିଶ୍ୱାଳ ମହିଳା ସ୍ୱାସ୍ଥ୍ୟ ଉପରେ ଶିଶୁଙ୍କୁ ସଚେତନ କରିଥିଲେ। ଅବସରପ୍ରାପ୍ତ ଏଏନଏମ ଶାନ୍ତିଲତା ପାଇକ ଉପସ୍ଥିତ ଥିଲେ। ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ମିହିର କୁମାର ଶତପଥୀ, ଯୁଗ୍ମ ସମ୍ପାଦକ ବୁଲୁ ପୋଲେଇ , ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ, କନ୍ୟା ଭାରତୀ ସଂଯୋଜିକା ନମିତା ରାଣୀ ପୋଲେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାଠ ଛାଡ଼ି ଗାଈ ଚରାଉଛନ୍ତି ରାହୁଲ

## ମା'ଙ୍କୁ ହତ୍ୟା କରି ଜେଲ୍‌ରେ ବାପା

ମୋହନା,୨୬।୧୧(ମନ୍ମଥ ମିଶ୍ର)

ଯେଉଁ ବୟସରେ ହାତରେ କଲମ ଧରି ପାଠ ପଢ଼ିବା କଥା, ସେହି ବୟସରେ ହାତରେ ଏବେ ବାଡ଼ି ଧରି ଗାଈ ଚରାଉଛନ୍ତି। ମା'ଙ୍କୁ ହତ୍ୟା କରି ବାପା ଏବେ ଜେଲ୍‌ର ଚାରି କାନ୍ଥ ଭିତରେ ସଜା କାଟୁଛନ୍ତି। ଏପଟେ ପୁଅର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି। ସରକାର କିମ୍ବା କୌଣସି ଅନୁଷ୍ଠାନ ଯଦି ସହଯୋଗର ହାତ ବଢ଼ାନ୍ତେ ତେବେ ହଷ୍ଟେଲରେ ରହି ରାହୁଲ ତା'ର ନିଜ ଭବିଷ୍ୟତ ଗଢ଼ିପାରନ୍ତେ ବୋଲି ଆଶା ରଖିଛନ୍ତି। ଗଜପତି ଜିଲା ମୋହନା ବ୍ଲକ୍ ବାଡେଗୁଡ଼ା ପଞ୍ଚାୟତ ପାଦେରମା ଗାଁର ରାହୁଲ୍ ମଲ୍ଲିକ। ପାଖରେ ଆହା ପଦେ କହିବାକୁ କେହି ନାହିଁ। ସକାଳ ହୋଇଗଲେ ଗାଈ ନେଇ ଜଙ୍ଗଲକୁ ବାହାରିଯାଇ ସନ୍ଧ୍ୟାରେ ଫେରନ୍ତି। ଗତ ବର୍ଷ ବାପା ପ୍ରମୋଦ



ରାହୁଲ ମଲ୍ଲିକ

ମଲ୍ଲିକ ନିଶାସକ୍ତ ହୋଇ ସାମାନ୍ୟ ବଚସାରୁ ମା' ପଦ୍ମିନୀଙ୍କୁ ହତ୍ୟା କରିଥିଲେ। ପୋଲିସ୍ ପ୍ରମୋଦଙ୍କୁ ଗିରଫ କରି ଜେଲ ପଠାଇଦେଲା। ତା' ପରଠାରୁ ରାହୁଲ୍ ଆଲିଗଣ୍ଡାସ୍ଥିତ ବଡ଼ ଭଉଣୀ ଘରେ ରହି ଝିଲିକି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ଯିବା ଆସିବା କରି ପାଠ ପଢ଼ିବା ସମ୍ଭବ ନ ହେବାରୁ ପାଠ ଛାଡ଼ି ଗାଁକୁ ଫେରି ଆସି ଏବେ ଦାଦାଙ୍କ ଘରେ ରହୁଛନ୍ତି। ରାହୁଲର ଦୁଇ ଭାଇ ଓ ଦୁଇ ଭଉଣୀ। ବଡ ଭଉଣୀ ବାହା ହୋଇ ଅନ୍ୟତ୍ର ରହୁଥିବା ବେଳେ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ ପେଟ ପାଇଁ ଘର ଛାଡି ଅନ୍ୟତ୍ର କାମ କରିବାକୁ ଯାଇଛନ୍ତି। ଅନ୍ୟ ଜଣେ ଭାଇ ମୋହନାର ଏକ ସରକାରୀ ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢୁଛନ୍ତି। ହେଲେ ରାହୁଲର ଭାବିଷ୍ୟତ ଏବେ ଅନ୍ଧାର। ଦାଦା କାମ ଧନ୍ଦା ପାଇଁ ଘର ଛାଡ଼ି ବାହାରକୁ ଯାଉଥିବା ବେଳେ ରାହୁଲର ଦାୟିତ୍ୱ ନେବାକୁ କେହି ନାହାନ୍ତି। ଫଳରେ ଗାଁରେ ରହି ଏବେ ରାହୁଲ୍ ଗାଈ ଚରାଉଛି। ଏ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ବେହେରା କହିଛନ୍ତି, ସ୍ଥାନୀୟ ସିଆରସିଙ୍କ ଜରିଆରେ ରାହୁଲଙ୍କ ପରିସ୍ଥିତି ବିଷୟରେ ଅନୁଧ୍ୟାନ କରିବା ପରେ ଆଗକୁ କିଭଳି ସେ ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢ଼ିବାର ସୁଯୋଗ ପାଇପାରିବ, ସେଥିପାଇଁ ଖୁବ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।



ନୟାଗଡ଼ ଜିଲା ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କ ପଞ୍ଚକ ରବିବାରରେ ଷଡ଼ଭୁଜ ଚୈତନ୍ୟ ବେଶ।

### ନିଗମାନନ୍ଦ ଯୋଗାଶ୍ରମରେ ଆଲୋଚନାଚକ୍ର

ଆସିକା,୨୬।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ କର୍ଣ୍ଣୋଲିସ୍ଥିତ ନିଗମାନନ୍ଦ ଯୋଗାଶ୍ରମରେ ରବିବାର ନାରାୟଣ ସେବା ଓ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାରାୟଣ ସେବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆସିକା ଏମପି ପ୍ରମିଳା ବିଷୋୟୀ ଏବଂ ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ସାମାଜିକ କର୍ମୀ ଭଗବାନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଆଶ୍ରମ ପରିଚାଳନା କମିଟିର ସଭାପତି ବିଶ୍ୱନାଥ ବିଷୋୟୀ ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଜୟ କୁମାର ଗୌଡ, ପ୍ରମୋଦ କୁମାର ସ୍ୱାଇଁ, ଅଶୋକ କୁମାର ବିଷୋୟୀ ପ୍ରମୁଖ ପରିଚାଳନା କରିଥିଲେ। ଏତଦ ଅବସରରେ ଅନୁଷ୍ଠିତ ଆଧାତ୍ମିକ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତା ପ୍ରଶାନ୍ତ କୁମାର ରଥ ଯୋଗଦେଇ ଠାକୁର ନିଗମାନନ୍ଦଙ୍କ ଜନକଲ୍ୟାଣ ଉଦ୍ଦେଶ୍ୟରେ ରହିଥିବା ବାଣୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୫ଶହ ଗରିବଙ୍କୁ ପ୍ରସାଦ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା ।

### ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଚାନ୍ଦିପୁଟ,୨୬।୧୧(କେ.ପ୍ରମୋଦ କୁମାର ଦୋରା)

ଇନ୍ଦିରା ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ସାଂସ୍କୃତିକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ଦ୍ୱାରା ଡ଼ଃ. ରାମାନୁଜ ଆଚାର୍ଯ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଯୁବ ବିକାଶ ମୁଖ୍ୟ ଅଧିକାରୀ ପ୍ରଦୀପ କୁମାର ପାଣିଗ୍ରାହୀ ଉଦଘାଟନ କରିଥିଲେ। ୬୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଡ଼. ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ପ୍ରାଣୀ ବିଜ୍ଞାନ, ଡ଼ଃ. ରଞ୍ଜନ କୁମାର ପଣ୍ଡା ଶିକ୍ଷା ବିଭାଗ ଅଧ୍ୟାପକ ଓ ବିଷ୍ଣୁ ପ୍ରିୟା କାର୍ଜୀ ଓଡ଼ିଆ ଭାଷା ଓ ସାହିତ୍ୟ ଅଧ୍ୟାପିକା ବିଚାରକ ମଣ୍ଡଳୀ କାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ କୃଷ୍ଣ ଚନ୍ଦ୍ର ପୂଜାରୀ ଓ ରୁଦ୍ର ନାରାୟଣ ନାୟକ ସହଯୋଗ କରିଥିଲେ।

# ଦାଦନ ରୋକିବାରେ ରାଜ୍ୟ ସରକାର ବିଫଳ: ଭାଜପା



ଖବରଦାତା ସମ୍ମିଳନୀରେ ଭାଜପାର ନେତୃବୃନ୍ଦ।

କୋଦଳା,୨୬।୧୧(ଅମିତ କୁମାର ପଟ୍ଟନାୟକ)

ଦାଦନ ଶ୍ରମିକ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ରାଜ୍ୟରେ ଉପଯୁକ୍ତ କାମ ଅଭାବ ଯୋଗୁ ସ୍ଥାନୀୟ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ବିଭିନ୍ନ ଦୁର୍ଘଟଣା ଏବଂ ସ୍ୱାସ୍ଥ୍ୟ ଖରାପ ଯୋଗୁ ମୃତ୍ୟୁମୁଖରେ ପଡୁଛନ୍ତି। ଗତ ଏକ ମାସ ମଧ୍ୟରେ ବେଗୁନିଆପଡା ଅଞ୍ଚଳର ୪ଜଣ ଦାଦନଙ୍କ ବାହାରେ ରାଜ୍ୟରେ ମୃତ୍ୟୁ ହେଲାଣି। ତାଳସର ଗ୍ରାମର ଟୁନା ନାହାକଙ୍କ କେରଳରେ ଏକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ହୋଇଥିବା ବେଳେ ୧୫ଦିନ ତଳେ ଚଡିୟାପଡ଼ା ଗ୍ରାମର ଲୋକନାଥ ଦୋରା,ଜଗନ୍ନାଥ ଦୋରା ଏବଂ ମର୍ଦ୍ଦକୋଟ ଗ୍ରାମର କୃଷ୍ଣ ପଲାଇଙ୍କ ବାହାର ରାଜ୍ୟରେ ମୃତ୍ୟୁ ହୋଇଥିବା ବରିଷ୍ଠ ଭାଜପା ନେତା ପ୍ରତାପ ଚନ୍ଦ୍ର ନାୟକ ବେଗୁନିଆପଡାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି।୨୩ ବର୍ଷ ଶାସନ କାଳରେ ରାଜ୍ୟ ସରକାର ଗଞ୍ଜାମ ଜିଲାର ଆର୍ଥିକ ବିକାଶ ଦିଗରେ ବିଫଳ ହୋଇଛନ୍ତି। ଯୁବକମାନଙ୍କୁ ଉପଯୁକ୍ତ କାର୍ଯ୍ୟ ଦେଇ ଦାଦନ ନ ରୋକିଲେ ଆଗାମୀ ଦିନରେ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବେଗୁନିଆପଡା ବ୍ଲକ ଭାଜପା ନେତା ସଞ୍ଜୟ ଘୋଷ, ରବୀନ୍ଦ୍ର ପାଣିଗ୍ରାହୀ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଚକ୍ ଓ କାଠରେ କ୍ଷୁଦ୍ରତମ ବୋଇତ

ବ୍ରହ୍ମପୁର,୨୬।୧୧(ସ୍ମୃତିରଞ୍ଜନ ମହାଲିକ)

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତଥା ବୋଇତ ବନ୍ଦାଣ ଉପଲକ୍ଷେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଚକ୍ ଓ କାଠରେ କ୍ଷୁଦ୍ରତମ ବୋଇତ ନିର୍ମାଣ କରିଛନ୍ତି। ସତ୍ୟ ଚକ୍‌ରେ ୯ ମିଲି ମିଟର ଉଚ୍ଚତା ଓ ୨.୫ ସେଣ୍ଟି ମିଟର ଲମ୍ବର ବୋଇତ ନିର୍ମାଣ କରିଥିବା ବେଳେ କାଠରେ ନିର୍ମିତ ବୋଇତର ଉଚ୍ଚତା ୨.୫ ସେମି ଓ ଲମ୍ବ ୩.୬ ସେମି ରହିଛି।



ଏହି କ୍ଷୁଦ୍ର କଳାକୃତି ନିର୍ମାଣ କରିବାକୁ ୧ ଘଣ୍ଟା ସମୟ ଲାଗିଥିବା କହିଛନ୍ତି।

### କୋଦଳା କୋର୍ଟରେ ସମ୍ବିଧାନ ଦିବସ

କୋଦଳା,୨୬।୧୧(ଅମିତ କୁମାର ପଟ୍ଟନାୟକ)

କୋଦଳା କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ତାଲୁକା କମିଟି ଅଧକ୍ଷ ଅତିରିକ୍ତ ଜିଲା ବିଚାରପତି ଚିନ୍ମୟ ଗୋଛାୟତ, ବିଚାରପତି ବିମଳ ଲକ୍ଷ୍ମୀ ଚୌଧୁରୀ ଏବଂ ତାଲୁକ କମିଟି ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର, ସୋମନାଥ ବେହେରା, ଭାସ୍କର ସ୍ୱାଇଁ, ଜମିର ଖାନଙ୍କ ସହ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ପେସାରେ ଡ୍ରାଇଭର, ନିଶା ସମାଜ ସେବା



ଖଣ୍ଡପଡା,୨୬।୧୧(ଅଜୟ କୁମାର ମହାରଣା)

ପେସାରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ ହେଁ ସମାଜ ସେବା ପର୍ଶୁରାମ ସାହୁଙ୍କ ପାଇଁ ନିଶା ପାଲଟିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ବଡ଼ବାଣପୁର ପଞ୍ଚାୟତ ଘଣାଶାଳିଆ ଗ୍ରାମର ଡ୍ରାଇଭର ପର୍ଶୁରାମ ତାଙ୍କ ପାରିଶ୍ରମିକ ବାବଦ ଅର୍ଥରେ କମ୍ବଳ କିଣି ସ୍ଥାନୀୟ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଗରିବ ଲୋକଙ୍କୁ ରବିବାର ବାଣ୍ଟିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବମୋର୍ଚ୍ଚା ଭାଜପା ସଭାପତି ଅଭିଲାଷ ପଣ୍ଡା ଯୋଗଦେଇ ଗରିବ ଲୋକମାନଙ୍କୁ ଏହି କମ୍ବଳ ବଣ୍ଟନ କରିଥିଲେ।

# କାଳୁଆ ଯାତ୍ରା ଉଦ୍‌ଯାପିତ

ହିଞ୍ଜିଳିକାଟୁ,୨୬।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ପୌରାଞ୍ଚଳର ଆଙ୍କୋରଡ଼ା ଗ୍ରାମରେ ୮ ଦିନ ଧରି ଚାଲିଥିବା ମାଁ ମହୁରି କାଳୁଆଙ୍କ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅସ୍ଥାୟୀ ମନ୍ଦିରରୁ ଗ୍ରାମ ପରିକ୍ରମା କରି ମା'ଙ୍କ ଘଟକୁ ବିଦାୟ ଦିଆଯାଇଛି। ଶନିବାର ସାଂସ୍କୃତିକ କାର୍ଯ୍ୟକ୍ରମରେ ୩ ମହାଭାରତ ଥିଏଟର, ୭ ଭାରତଲୀଳା ଓ ଅନ୍ୟାନ୍ୟ ଲୋକନୃତ୍ୟ, ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ ରବିବାର ଭୋର ପର୍ଯ୍ୟନ୍ତ ଚାଲୁ ରହିଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ନୀଳମଣି ପଟ୍ଟନାୟକ, ହିଞ୍ଜିଳିକାଟୁ ପୌରପରିଷଦ ଅଧକ୍ଷ ସୁବାସଚନ୍ଦ୍ର ପଲେଇ, ପିଙ୍କୁ ନାହାକ, ସୁନୀଲ ନାହାକ, ପ୍ୟାରୀମୋହନ ପାଢୀ, କିରଣ ନାହାକ, ଯୁଧିଷ୍ଠିର ସ୍ୱାଇଁ, ଯୋଗୀନ୍ଦ୍ର ଖାଡ଼ଙ୍ଗା, ସନାତନ ନାହାକ, ବିଜୟ ନାହାକ, ରାଜାରାମ ସ୍ୱାଇଁ, ସନ୍ତୋଷ ମହାରଣା, ସଞ୍ଜୟ କୁମାର ସ୍ୱାଇଁ, ରବୀନ୍ଦ୍ର ପଣ୍ଡାଙ୍କ ସମେତ ଗ୍ରାମ୍ୟ କମିଟି, ପୂଜା କମିଟି, ଯୁବ ସେଚ୍ଛାସେବୀ ଓ ଯାତ୍ରା ପରିଚାଳନା କମିଟି କର୍ମକର୍ତ୍ତା ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।



ଯାତ୍ରାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ନାଟକ।

# ୫ ଡକାୟତଙ୍କୁ ଗିରଫ କଲା ଗୋଚ୍ଛାପଡ଼ା ପୋଲିସ

ଫଲବାଣୀ,୨୬।୧୧(ରାକେଶ କୁମାର ରାଉତ)/ଫିରିଙ୍ଗିଆ(ବିକ୍ରମ ଦିଗାଲ)/ ଗୋଚ୍ଛାପଡ଼ା(ରୋହିତ କହଁର)

ଗୋଚ୍ଛାପଡା ଥାନା ଅଞ୍ଚଳରେ ହଇଚଇ ସୃଷ୍ଟି କରିଥିବା ଏକ ୫ ଜଣିଆ ଡକାୟତ ଦଳକୁ ଶନିବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି। ସେମାନେ ହେଲେ ମିଲୁ ସୁନା, ସମାରୁ ବେହେରା, ଚରଣ ନାୟକ, କୃତ୍ତିବାସ ବେହେରା ଓ ଶ୍ରୀଧର ବେହେରା। ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ଛୁରି, ବାଇକ, ମୋବାଇଲ ଫୋନ ଏବଂ ଲୁଟିଥିବା ଟଙ୍କା ଜବତ କରାଯାଇଛି। ସୂଚନା ଅନୁସାରେ, ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ସୁଟାଣି ଗାଁର ଜଣେ ବ୍ୟକ୍ତି ସିମେଣ୍ଟ ନେଇ ଘରକୁ ଯାଉଥିଲେ। ତାଙ୍କୁ ଏକୁଟିଆ ଯାଉଥିବାର ସୁଯୋଗ ନେଇ ଡକାୟତମାନେ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ୨୬୨୦ ଟଙ୍କା ବଳପୂର୍ବକ ନେଇ ଯାଇଥିଲେ । ଲୁଇସିଂ, ସୁଟାଣି ଏବଂ ଏହାର ଆଖ ପାଖ ଗାଁର ଲୋକେ ସେମାନଙ୍କୁ ଧରି ପୋଲିସକୁ ଜିମା ଦେଇଥିଲେ । ଏ ନେଇ ଥାନାରେ ନଂ.୧୮୭/୨୩ରେ ମାମଲା ରୁଜୁ ହୋଇଛି । ସମସ୍ତ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଛି ।



ଗିରଫ ଡକାୟତମାନେ।

# ତିନି ଦଳ ପାଇଁ ପ୍ରଦୀପ, ରମେଶ, ସ୍ମିତାଙ୍କ ପ୍ରଚାର







ମନ୍ତ୍ରୀ ପ୍ରଦୀପ ଅମାତ, କଂଗ୍ରେସ ବିଧାୟକ ରମେଶ ଜେନା ଓ ଭାଜପା ନେତ୍ରୀ ସ୍ମିତାରାଣୀ ମହାନ୍ତି ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

## ଜି.ଉଦୟଗିରି ଏନଏସି ଉପ ନିର୍ବାଚନ

ଜି.ଉଦୟଗିରି,୨୬।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଏନ୍ଏସିର ଅଧକ୍ଷ ଆସନ ନିମନ୍ତେ ହେବାକୁ ଥିବା ଉପ ନିର୍ବଚନ ପାଇଁ ରବିବାର ଜି.ଉଦୟଗିରି ସହରରେ ତିନି ରାଜନୈତିକ ଦଳର ନିର୍ବାଚନ ପ୍ରଚାର ଜୋରରେ ଚାଲିଛି। ବିଜେଡି ପାଇଁ ଜଙ୍ଗଲ ଓ ସୂଚନା ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସାହି ସାହି ବୁଲି ପ୍ରଚାର କରିଥିଲେ। ତାଙ୍କ ସହ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, କ୍ଳେଶ ପ୍ରଧାନ, ରାଜ୍ୟ ସମ୍ପାଦକ ସରୋଜ କର୍ଣ୍ଣ, ରୋଦନ ମଲ୍ଲିକ, ରାଜୀବ ପାତ୍ର, ମମତା ବିଷୋୟୀ, ଅନିମା କହଁର, ପୁନମ କହଁରଙ୍କ ସହ ନଗର ସଭାପତି ଗୋପାଳ ମହାପାତ୍ର, ପୂର୍ବତନ ଏନ୍ଏସି ଅଧକ୍ଷ ପି ସଞ୍ଜୀବ କୁମାର ପାତ୍ର ବିଜେଡିର ପ୍ରାର୍ଥୀନୀ ଦେବସ୍ମିତାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। କଂଗ୍ରେସ ଦଳ ତରଫରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଜିଲା କଂଗ୍ରେସ ସଭାପତି ଅନାମ ନାୟକ, ସନ୍ତୋଷ ପଟ୍ଟନାୟକ, ପ୍ରତାପ ପ୍ରଧାନ ଏବଂ ସ୍ଥାନୀୟ କଂଗ୍ରେସ ନେତା ଯାକେଶ ପ୍ରଧାନ, ଗଗନ ପ୍ରଧାନ ଏକ ପ୍ରଚାର ପ୍ରଚାର କରିବା ସହ ମଧୁଲିନା ଦିଗାଲଙ୍କୁ ଭୋଟ ଦେଇ ବିଜୟ କରିବା ପାଇଁ ଅନୁରୋଧ କରିଥିଲେ। କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ସଭା କରାଯାଇ କଂଗ୍ରେସ ପ୍ରାର୍ଥୀନୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରାଯାଇଥିଲା। ସେହିପରି ଭାଜପା ପକ୍ଷରୁ ଜିଲା ସଭାପତି ଜଗନ୍ନାଥ ସାହୁ, ଫୁଲବାଣୀ ପୌର ଅଧକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ସହ ନଗର ସଭାପତି ଉଦେଶନ ପ୍ରଧାନ, ସୁସ୍ମିତା ଜେନା, ଅବନେଶ୍ୱର ପ୍ରଧାନ ଓ ଭାଜପା ନେତାମାନେ ପ୍ରଚାର କରିବା ଭାଜପା ପ୍ରାର୍ଥୀନୀ ରଞ୍ଜିତା ନାୟକଙ୍କୁ ଭୋଟ ଦେଇ ଜିତାଇବା ପାଇଁ ଅନୁରୋଧ କରିଛନ୍ତି।

# ସଂକ୍ଷେପରେ

## ମଧୁମେହ ରୋଗ ପରୀକ୍ଷା ଶିବିର

**ଧର୍ମଶାଳା,୨୬।୧୧(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଶାନ୍ତିବଜାର ନିକଟ ସାର୍ଥକ ହସ୍ପିଟାଲ ପକ୍ଷରୁ ରବିବାର ଏକ ମାଗଣା ମଧୁମେହ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୮ ଜଣଙ୍କଠାରୁ ରକ୍ତ ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ୩୫ ଜଣ ମଧୁମେୟ ରୋଗରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଥିଲା। ହସ୍ପିଟାଲ ମାଲିକ ଡା. ସାର୍ଥକ ଶତପଥୀ ଚିହ୍ନଟ ମଧୁମେୟ ରୋଗୀଙ୍କୁ ଔଷଧ ସେବନ ଓ ବ୍ୟାୟାମ କରିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ହସ୍ପିଟାଲର ସମସ୍ତ କର୍ମଚାରୀ ସହାୟତା କରିଥିଲେ।

## ଆଦର୍ଶ ଚାଷୀଙ୍କ ପରଲୋକ

**ଚଣ୍ଡିଖୋଲ,୨୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା ଗ୍ରାମର ଆଦର୍ଶ ଚାଷୀ ମହନ୍ତ ଭଗବାନ



ଦାଶ(୮୭)ଙ୍କ ଶନିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ନିଜକୁ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଏହି ସମୟରେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଦାଶ ଜଣେ ଆଦର୍ଶ ଚାଷୀ ଭାବେ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର ସମ୍ପାଦକ ପ୍ରକାଶ ଦାଶଙ୍କ ପିତା। ତାଙ୍କ ପରଲୋକ ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ପ୍ରଗତିବାଦୀ କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ଚଣ୍ଡିଖୋଲ କୋର୍ଟ ବାରଆସୋସିଏଶନ ପୂର୍ବତନ ସଭାପତି ଦେବରାଜ ବେହେରା, ଆଇନଜୀବୀ ଆଶିଷ ମହାପାତ୍ରଙ୍କ ସମେତ, ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସୁବେଦାର ମେଜର ପ୍ରଭାତ ଦାଶ ମୁଖାଗ୍ନି ଦେଇଥିଲେ।

## ଓଡ଼ିଶାକୁ ଭାଗହେବାକୁ ଦିଆଯିବ ନାହିଁ

**ଚଣ୍ଡିଖୋଲ,୨୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):** ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଅମରାବତୀ ମଠ ପରିସରରେ ବୃହତ୍ତର ଓଡ଼ିଶା ମୁକ୍ତି ସାମୁଖ୍ୟ ପକ୍ଷରୁ ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ରାଜ୍ୟ ସଭାପତି ପ୍ରଫୁଲ୍ଲ କୁମାର ମହଲା ଯୋଗଦେଇ ଓଡ଼ିଶାକୁ ବିଭାଜନ କରିବା ଲାଗି ହେଉଥିବା ଚକ୍ରାନ୍ତକୁ ବିରୋଧ କରିଛନ୍ତି। ଓଡ଼ିଶାକୁ ଭାଗ ହେବାକୁ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ସଂଗଠନ ପକ୍ଷରୁ କୋଶଳୀ ରାଜ୍ୟ ଗଠନ ପ୍ରସ୍ତାବକୁ ତୀବ୍ର ବିରୋଧ କରାଯାଇଛି। ବୈଠକରେ ସଂଗଠନ ପକ୍ଷରୁ ସହଦେବ ପ୍ରଧାନ, ଅନାଦି ଚରଣ ଲେଙ୍କା, ପ୍ରଦୀପ ଜେନା, ପ୍ରଶାନ୍ତ ଆଚାର୍ଯ୍ୟ, ଭୀମସେନ ବରାଳ, ଜଗମୋହନ ବରାଳ, ଅର୍ଜୁନ ପଟ୍ଟନାୟକ, ରାମଚନ୍ଦ୍ର ସାହୁ, ଭ୍ରମର ବର ନାୟକ, ବିଜୟ ମଲ୍ଲ, ଗୌରାଙ୍ଗ ମଲ୍ଲ ଓ ବିପିନ ବେହେରା ପ୍ରମୁଖ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ଗ୍ରେଡ୍ ପେ’ ସଂଶୋଧନ ଦାବି

**ରସୁଲପୁର,୨୬।୧୧(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ନିକଟ ତାରିଣୀ ଡିଜିଟାଲ ମଣ୍ଡପଠାରେ ଓଡ଼ିଶା ରାଜ୍ୟ ପ୍ରବଣ ମଣ୍ଡଳ ଆଧାପିକାଅଧ୍ୟାପକ ସଂଘ(ଓଏସ୍‌ଏଲ୍‌ଏ) ଯାଜପୁର ଜିଲା ଶାଖା ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରେଡ୍ ପେ’ ସଂଶୋଧନ କରିବାକୁ ଦାବି କରାଯାଇଛି। ଉକ୍ତ ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି ଯେ, ସେମାନେ ଡିଗ୍ରୀ କଲେଜରେ ନିଯୁକ୍ତି ପାଇ ଆସୁଛନ୍ତି। ହେଲେ ପିଜିଟି ହାରରେ ଦରମା ପାଉଛନ୍ତି। ତେଣୁ ସେମାନଙ୍କ ଗ୍ରେଡ୍ ପେ’କୁ ୪୬୦୦ରୁ ୫୪୦୦କୁ ସଂଶୋଧନ କରିବା ସହ ପିଛିଲା ଭାବେ ୨୦୧୬ରୁ ଲାଗୁ କରିବା ପାଇଁ ଦାବି କରାଯାଉଛି। ହେଲେ ସରକାର ଏପର୍ଯ୍ୟନ୍ତ ସେମାନଙ୍କ ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିନାହାନ୍ତି। ତେବେ ଦାବିପୂରଣ ନ ହେଲେ ସେମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

### ଓଡ଼ିଶା ରାଜ୍ୟ ପ୍ରବଣ ମଣ୍ଡଳ ଅଧାପିକାଅଧାପକ ସଂଘର ଖବରଦାତା ସମ୍ମିଳନୀ




ଗ୍ରେଡ୍ ପେ’ସଂଶୋଧନ ଦାବିରେ ସଂଘ ପକ୍ଷରୁ ସେପ୍ଟେମ୍ବର ୫ରୁ କଳାବ୍ୟାଜ ପରିଧାନ ପୂର୍ବକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରିରହିଛି। ଯାଜପୁର ଜିଲାରେ କାର୍ଯ୍ୟରତ ୧୯୦ରୁ ଊର୍ଦ୍ଧ୍ୱ ଅଧାପିକାଅଧାପକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସଂଘ ସଭାପତି ରଜତକାନ୍ତ ଦାଶ କହିଛନ୍ତି, ସ୍ୱଚ୍ଛ ଏବଂ ମୁକ୍ତ ନିଯୁକ୍ତି ପ୍ରଣାଳୀରେ ଯୋଗ୍ୟତା ଆଧାରରେ ଜିଲାର ବିଭିନ୍ନ ଡିଗ୍ରୀ କଲେଜରେ ଅଧାପକ ଭାବେ ନିଯୁକ୍ତି ପାଇଛୁ। ସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପିକାଅଧାପକଙ୍କ ଭଳି ସମାନ କାର୍ଯ୍ୟ ସମ୍ପାଦାନ କରୁଛୁ। ମାତ୍ର ଆମକୁ ଅଧାପକର ମାନ୍ୟତା ଓ ସେହି ଆଧାରର ଦରମା ମିଳୁନାହିଁ। ଭିନ୍ନ ଭିନ୍ନ ସମୟରେ କଲେଜରେ ନିଯୁକ୍ତ ଅଧ୍ୟାପକଙ୍କ ସ୍କେଲ ଅଫ ପେ’ରେ ପରିବର୍ତ୍ତନ ହୋଇଛି। ମାତ୍ର ୨୦୧୬ରେ ଅଧାପକ ନିଯୁକ୍ତିବେଳେ ଅଧାପକଙ୍କୁ ଏହି ସଂଶୋଧିତ ଗ୍ରେଡ ପେ’ ବଦଳରେ ମାତ୍ର ୪୬୦୦ ପେ’ ସ୍କେଲରେ ଦରମା ପ୍ରଦାନ କରାଯାଇଥିଲା, ଯାହା ଏ ପର୍ଯ୍ୟନ୍ତ ଚାଲୁ ରହିଛି। ଡିଗ୍ରୀ କଲେଜ ଅଧାପକଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଗ୍ରେଡ ପେ’ ୫୪୦୦ ଲାଗୁ କରାଯିବା ବଦଳରେ ୪୬୦୦ ଗ୍ରେଡ ପେ’ରେ ଦରମା ଦେବା ଏକ ସରକାରୀ ତ୍ରୁଟି। ଫଳରେ ଗ୍ରେଡ୍ ପେ’କୁ ୪୬୦୦ରୁ ୫୪୦୦କୁ ସଂଶୋଧିତ କରିବାକୁ ଅଧାପିକାଅଧାପକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜାରି ରଖିଛନ୍ତି। ଅଧାପିକାଅଧାପକ ସଂଘ ସଭାପତି ରଜତକାନ୍ତ ଦାଶ, କୋଷାଧ୍ୟକ୍ଷ ସନ୍ଦୀପ କୁମାର ମାଝି, ପତିତ ପାବନ ଦାସଙ୍କ ସହ ଅନ୍ୟମାନେ ଏହି ଖବରଦାତା ସମ୍ମିଳନୀକୁ ପରିଚାଳନା କରିଥିଲେ। ସମ୍ମିଳନୀରେ ଜିଲାର ୧୦ରୁ ଊର୍ଦ୍ଧ୍ୱ ଡିଗ୍ରୀ କଲେଜର ଅଧାପିକା ଅଧାପକମାନେ ଅଂଶଗ୍ରହଣ କରିଥିଲେ।

# ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ



ସତ୍ୟସାଇ ବାବାଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଶୋଭାଯାତ୍ରା।

**ରସୁଲପୁର,୨୬।୧୧(ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ନିକଟ ଶ୍ରୀସତ୍ୟସାଇ ବାବାଙ୍କ ଆଶ୍ରମ ପରିସରରେ ବାବାଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ୧୨୦୦ରୁ ଊର୍ଦ୍ଧ୍ୱ ସାଇ ଭକ୍ତ ଯୋଗଦେଇଥିଲେ। ଶ୍ରୀସତ୍ୟସାଇ ସଂଗଠନ ଯାଜପୁର ଜିଲା ସଭାପତି ଡା. ନିଶିକାନ୍ତ କର, ଜିଲା ବେଦ ସଂଯୋଜକ ହିମାଂଶୁ ଶେଖର ରାୟ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାବାଙ୍କ ପରାମର୍ଶକୁ ଦିନଚର୍ଯ୍ୟାରେ ବ୍ୟବହାରକଲେ ଜଣେ ବ୍ୟକ୍ତି ସମାଜର କଳୁଷିତା ଅବସ୍ଥାରୁ ନିଜକୁ ଦୂରେଇ ରଖିପାରିବା ସହ ଶାନ୍ତିରେ ଜୀବନଯାପନ କରିବା ସମ୍ଭବପର ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ସୁପ୍ରଭାତମ୍, ନଗର ସଂକୀର୍ତ୍ତନ, ଷୋଡ଼ଶ ଉପଚାର ପୂଜା, ପାଲିଙ୍କି ଯାତ୍ରା, ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଜଳଯୋଗ, ପ୍ରଦୀପ ପ୍ରଜ୍ୱଳନ(୯୮ତମ ଜନ୍ମ ଦିବସ ଉପଲକ୍ଷେ ୯୮ ଦ୍ୱୀପ ପ୍ରଜ୍ୱଳନ), ଲକ୍ଷାର୍ଜନ, ବେଦପାଠ, ଭଜନ ଓ ମଙ୍ଗଳ ଆଳତି ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରେ ନାରାୟଣ ସେବା, ବାଳବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମୂହ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ସତ୍ୟସାଇ ସେବା ସମିତି କୁଆଖିଆର ଆବାହକ ଉମେଶ କୁମାର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି, ଭକ୍ତ, ଶ୍ରଦ୍ଧାଳୁ ଓ ସମିତିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି।

**ଯାଜପୁରରୋଡ୍,୨୬।୧୧(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ମୁଣ୍ଡମାଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମହାମାୟା ପ୍ରତାପ ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବିଜୟ କୁମାର ପଣ୍ଡା, ସମ୍ପାଦକ ଦିଲୀପ କୁମାର ଜେନା, ଉପସଭାପତି ଦୁର୍ଯ୍ୟୋଧନ ରାଉତ, ସଦସ୍ୟା କାର୍ମିମଣି ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କ୍ରୀଡ଼ାରେ ମୋଟ୍ ୩ ବର୍ଗରେ ୫୮୨ଜଣ ଶିଶୁ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ସ୍ୱାଇଁ ପିଲାମାନଙ୍କୁ ଉଦ୍‌ବୋଧନ ଦେବାସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଚିତ୍ତରଞ୍ଜନ ପ୍ରଧାନ କ୍ରୀଡ଼ାର ବୃତ୍ତକଥନ କରିଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟା ଓ ଆଚାର୍ଯ୍ୟ ଖେଳକୁ ସୁଚାରୁରୂପେ ପରିଚାଳନା କରିଥିଲେ। ସମ୍ପାଦକ ଦିଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତ ବାପ, ପୁଅ ସମେତ ୪ ଗିରଫ

**ରାଇରଙ୍ଗପୁର, ୨୬।୧୧(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ଯାମଦା ଥାନା ଅଧୀନ ରମା ପାହାଡି ଗ୍ରାମର ତଅପୋଇ ନାମ୍ନୀ ମହିଳାଙ୍କୁ ହତ୍ୟା ଘଟଣାର ତଦନ୍ତ କରି ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାମଦା ଥାନା ଅନ୍ତର୍ଗତ କୁଦାହଂସା ଗ୍ରାମର ବିଶେଶ୍ୱର ବେହେରା(୫୨), ତାଙ୍କ ପୁଅ ରାକେଶ ବେହେରା (୨୩ ) ଓ ୨ ସହଯୋଗୀ ତିରିଙ୍ଗ ଥାନା ଅନ୍ତର୍ଗତ କୋଣ ଗ୍ରାମର ଲାଲଟୁ ଦାସ ଏବଂ ରାଜେଶ ଦାସ। ତଦନ୍ତ ବେଳେ ମୁଖ୍ୟ ଅଭିଯୁକ୍ତ ବିଶେଶ୍ୱର ପୋଲିସ ଆଗରେ ସ୍ୱୀକାର କରିଛନ୍ତି ଯେ, ତଅପୋଇଙ୍କ ସହ ଦୀର୍ଘ ୧୫ ବର୍ଷ ହେବ ତାଙ୍କ ଘରକୁ ଯାତାୟାତ ସମ୍ପର୍କ ଥିଲା। ଟଙ୍କା ନେଣଦେଣକୁ ନେଇ ତଅପୋଇଙ୍କୁ ହତ୍ୟା କରିଥିବା ବେଳେ ଏଥିରେ ପୁଅ ରାକେଶ ଓ ତାଙ୍କର ୨ ସାଙ୍ଗ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ଗୁରୁବାର ଯାମଦା ଥାନା ଅଧୀନ ଜଟାପାଣି ଗ୍ରାମାଞ୍ଚଳ ନିକଟସ୍ଥ ଘଞ୍ଚ ଜଙ୍ଗଲରୁ ନିଖୋଜ ତଅପୋଇଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଥିଲା। ଏନେଇ ଥାନାରେ ମାମଲା (ନଂ.୯୪/୨୩ ) ରୁଜୁ କରାଯାଇଛି।

# ଡିସେମ୍ବର ୮ରୁ ଭାଲୁପୋଡ଼ା ଯାତ୍ରା



ବୈଠକରେ ଯୋଗଦେଇଥିବା ପୂଜା କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

**ଛତିଆ,୨୬।୧୧(ସୌମ୍ୟରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ପ୍ରସିଦ୍ଧ ଭାଲୁପୋଡ଼ା ଯାତ୍ରା ଲାଗି ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତିଆ ବିଟ ହାଉସ ଅଧିକାରୀ ଜହର ଆବେଦିନ ଯୋଗଦେଇ ଚଳିତ ବର୍ଷର ଉକ୍ତ ଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହ କରାଯିବ ସେ ନେଇ ପରାମର୍ଶ ପ୍ରଦାନ କରିଥିଲେ। ଯାତ୍ରାକୁ ପ୍ରଥମ କରି ଦୁଇଦିନ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଡିସେମ୍ବର ୮ ଓ ୯ ତାରିଖରେ ଏହି ଯାତ୍ରା ହେବ ବୋଲି କୁହାଯାଇଥିଲା। ଏଥିରେ ୧୦ରୁ ଊର୍ଦ୍ଧ୍ୱ ମେଢ଼ ଶୋଭାଯାତ୍ରା କରି ଯାତ୍ରା ପଡ଼ିଆରେ ପ୍ରଥମ ଦିନ ପ୍ରବେଶ କରିବେ। ଭୋଗ ଅର୍ପଣ ପରେ ଦ୍ୱିତୀୟ ଦିନ ଶୋଭାଯାତ୍ରାରେ ବାହାରି ବିସର୍ଜନ ଲାଗି ଜଳାଶୟକୁ ଯିବେ। ମେଢ଼ ଶୋଭାଯାତ୍ରାକୁ କିଭଳି ଆକର୍ଷଣୀୟ ଓ ମନୋରମ କରାଯାଇପାରିବ ସେ ନେଇ ପ୍ରତ୍ୟେକ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡିଛି। ବୈଠକରେ ପ୍ରତି ପୂଜା କମିଟି କର୍ମକର୍ତ୍ତା ଓ ଯାତ୍ରା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

# ଏନ୍‌ସି କଲେଜରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁର ଟାଉନ,୨୬।୧୧(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ନରସିଂହ ଚୌଧୁରୀ (ଏନ୍‌ସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତା ବାର୍ତ୍ତାନେଇ ପ୍ଲାକାର୍ଡ ଧରି ସମଗ୍ର ସହର ପରିକ୍ରମା କରିଥିଲେ। ପରେ କଲେଜ ପଡିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏସ୍‌ପି ବିନୀତ୍ ଅଗ୍ରୱାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଷ୍ଣୁଚରଣ ଦାସ ଏବଂ ଅନ୍ୟ ଅତିଥିମାନେ ଯୋଗଦେଇ ଆମ ଓଡ଼ିଶା, ନବୀନ ଓଡ଼ିଶା ଅଧୀନରେ ହେଉଥିବା କାର୍ଯ୍ୟକ୍ରମରେ ଯୁବତୀଯୁବକ ଓ ଛାତ୍ରୀଛାତ୍ର ସାମିଲ ହେବାକୁ ପରାମର୍ଶ ଦେଇଥିଲେ।

# ଶ୍ରୀଜଗନ୍ନାଥ ସାହିତ୍ୟ, ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ

**ସିଂହପୁର,୨୬।୧୧(ଅନଙ୍ଗ ଉଦୟ ବେଉରିଆ)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଶ୍ରୀଜଗନ୍ନାଥ ସାହିତ୍ୟ, ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠାନ ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଡ. ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ପ୍ରଫେସର ଡ. ସଂଗୀତା ରଥ, ସମ୍ମାନିତ ଅତିଥି ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶ୍ରୀମୁଖର ନୂତନ ବାର୍ଷିକ ସଂଖ୍ୟାକୁ ମୁଖ୍ୟଅତିଥି



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଶ୍ରୀମୁଖର ନୂତନ ବାର୍ଷିକ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅନିରୁଦ୍ଧ ବେଉରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ରୀମୁଖର ମୁଖ୍ୟ ସମ୍ପାଦକ ଶ୍ରୀକାନ୍ତ ନାୟକ ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଚକ୍ଷୁ ବିଶେଷଜ୍ଞ ଡ. ରାଜକିଶୋର ପଣ୍ଡା, ବିଜୟ କୁମାର ଧଳ, ଶିକ୍ଷକ ସୁବ୍ରତ କୁମାର ପତି, କିମ୍‌ସ ହସ୍ପିଟାଲର ନିଶିକାନ୍ତ ଥାଟୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆହ୍ୱାନ ତରଫରୁ ନିହାରିକା ସାମଲ, ସ୍ମୃତିରେଖା ସାମଲ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସୁବାସ ଚନ୍ଦ୍ର ପ୍ରଧାନ, ନାରାୟଣ ଚନ୍ଦ୍ର ଦାସ ଓ ଭରତ ଚନ୍ଦ୍ର ନାୟକ ମାନପତ୍ର ପାଠ କରିଥିଲେ। କୃଷ୍ଣଚନ୍ଦ୍ର ଥାଟୋଇ, ସୁଶାନ୍ତ କୁମାର ନାୟକ, ନାରାୟଣ ଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉତ୍ସବରେ ଶତାଧିକ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶ୍ରୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁ ପ୍ରେସ୍ କ୍ଲବ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ

**ଜେନାପୁର,୨୬।୧୧(ଅଶୋକ ଦାସ)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ କଲାଣ୍ଡ ଗ୍ରାମରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ନିମାଇଁ ଗୁରୁଙ୍କ ପରିବାରକୁ ଗୋପବନ୍ଧୁ ପ୍ରେସ୍ କ୍ଲବ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କ୍ଲବ୍ ସଭାପତି ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଗୁରୁଙ୍କ ଦଶାହକ୍ରିୟା କାର୍ଯ୍ୟର ସବୁ ଖର୍ଚ୍ଚ ଦିଆଯାଇଛି। କ୍ଲବ୍ କର୍ମକର୍ତ୍ତା ତାଙ୍କ ପରିବାର ଲୋକଙ୍କୁ ଭେଟି ଆର୍ଥିକ ସହାୟତା ଦେବା ସହ ସମବେଦନା ଜଣାଇଥିଲେ। ଆଗାମୀଦିନରେ ଯେ କୌଣସି ସାହାଯ୍ୟର ଆବଶ୍ୟକ ପଡ଼ିବ ବିନା ଦ୍ୱିଧାରେ ଯୋଗାଇ ଦିଆଯିବ ବୋଲି ସଭାପତି ଦାସ ପ୍ରତିଶ୍ରୁତି ଦେଇଥିଲେ।

ନିମାଇଁଙ୍କ ଚଳିତ ମାସ ୧୩ ତାରିଖରେ କବାଟବନ୍ଧ-ରେଖିଦେଇପୁର ରାସ୍ତାରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସେ ଜଣେ ଗରିବ ଶ୍ରେଣୀର



ନିମାଇଁ ଗୁରୁଙ୍କ ପରିବାର ସହ ପ୍ରେସ୍‌କ୍ଲବ୍‌ର କର୍ମକର୍ତ୍ତା।

ହୋଇଥିବାରୁ ତାଙ୍କ ଶୁଦ୍ଧିକ୍ରିୟାରେ ଅର୍ଥ ବାଧକ ସାଜିଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜେନାପୁର ଗୋପବନ୍ଧୁ ପ୍ରେସ୍ କ୍ଲବ୍ ସଭାପତି ଦାସ, ଉପସଭାପତି ବାବୁଲି ରାଉତ, ସମ୍ପାଦକ ଚିତ୍ରସେନ ନାଥ, ସହ ସମ୍ପାଦକ ବସନ୍ତ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ସୁନୀଲ ପାଢ଼ୀ, ଉପଦେଷ୍ଟା ପ୍ରଶାନ୍ତ ସାମଲ, ସାମ୍ବାଦିକ ନିଷ୍କାନ୍ତ ଖଟୁଆ, ଅସିତ କୁମାର ନାୟକ ପ୍ରମୁଖ ମୃତକଙ୍କ ପରିବାରକୁ ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି ନେଇଥିଲେ। ସେହିପରି ନିମାଇଁଙ୍କ ଏକାଦଶାହରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସମସ୍ତ ସଦସ୍ୟ ପହଞ୍ଚି ଗ୍ରାମରେ ଭୋଜିର ଆୟୋଜନ କରିବା ସହ ତାଙ୍କ ପରିବାରକୁ ୧ ମାସର ରାଶନ ଯୋଗାଇ ଦେଇଥିଲେ।

# ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଚଣ୍ଡିଖୋଲ/ବଡ଼ଚଣା,୨୬।୧୧(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି)**

ଉଚ୍ଚ ଶିକ୍ଷା ଓ ଗଣଶିକ୍ଷା ବିଭାଗ ତରଫରୁ ପ୍ରାୟୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବାବା ଭୈରବାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଡ଼ଚଣା ଥାନା ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନାୟକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଧାପକ




ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବିଜୟ କୁମାର ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ ସଚେତନତା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପ୍ରତିଭାକୁ ପ୍ରୋତ୍ସାହିତ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ସଂଯୋଜକ ଅଧ୍ୟାପକ ସତ୍ୟବ୍ରତ ପୃଷ୍ଟି, ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ପ୍ରସନ୍ନ ମହାପାତ୍ର ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମର ସଂଯୋଜକ ବିମଳ ଚନ୍ଦ୍ର ମଲ୍ଲିକ ଯୋଗଦେଇ ସୂଚନା ପ୍ରଦାନ କରିଥିଲେ। ଅଧାପକ ମେଜର ଦିଲୀପ କୁମାର ନାୟକ, ଡ. ସୁଜାତା ସେନାପତି, ନିଶିକାନ୍ତ ଦାସ, ସଂଘମିତ୍ରା ସାହୁ, ନିବେଦିତା ସ୍ୱାଇଁ, ତପନ କୁମାର ଜେନା ଓ ବିରଞ୍ଚି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଯୁକ୍ତ ୨ ସ୍ତରୀୟ କବାଡ଼ି, ଚେସ୍ ଓ କ୍ୟାରମ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉତ୍ସବକୁ ଅଧାପକ ସଲିଳ ରାଜନନ୍ଦନ ମହାନ୍ତି ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଜୋରଜବରଦସ୍ତ ଘର ଭାଙ୍ଗିଦେବା ଅଭିଯୋଗ

କୁଜଙ୍ଗ, ୨୬।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଗଣ୍ଡକିପୁର (କାବଲପୁର) ଗ୍ରାମର ତ୍ରିନାଥ ମାଝିଙ୍କ ଘରକୁ ରବିବାର କେତେଜଣ ବ୍ୟକ୍ତି ଭାଙ୍ଗି ଦେବା ସହ ଆସବାବପତ୍ର ନଷ୍ଟ କରି ଦେଇଛନ୍ତି। ଏନେଇ ସ୍ତ୍ରୀ ସ୍ୱପ୍ନାରାଣୀ ରାଉତ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସକାଳ ପ୍ରାୟ ୧୦ଟା ବେଳେ ଗ୍ରାମର ଗନ୍ଧର୍ବ ମାଝି, ବାବୁଲି ମାଝି, ବିକାଶ ସ୍ୱାଇଁ, ଜୟନ୍ତୀ ମାଝି, ସାରଦା ମାଝି ପ୍ରମୁଖ ୧୭ଜଣ ବ୍ୟକ୍ତି ଶାବଳ, କୁରାଢ଼ି ଆଦି ନେଇ ଅନାବାଦୀ ଜମିରେ ଏହି ଘର ହୋଇଥିବା କହି ତାକୁ ଭାଙ୍ଗି ଦେଇଥିଲେ। ସ୍ତ୍ରୀ ସ୍ୱପ୍ନାରାଣୀ ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ଲୋକେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ. ୫୧୪/୨୩) රୁଜୁ କରି ତଦନ୍ତ ଜାରିରଖିଛି। ରିପୋର୍ଟ ଲେଖାହେଲା ବେଳକୁ ଗ୍ରାମରେ ଏନେଇ ଉତ୍ତେଜନା ଲାଗିରହିଥିବା ବେଳେ ତ୍ରିନାଥଙ୍କ ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି।

### ଡିସେମ୍ବର ୮ରୁ ଭାଲୁପୋଡ଼ା ଯାତ୍ରା

ଛତିଆ, ୨୬।୧୧ (ସୌମ୍ୟରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ପ୍ରସିଦ୍ଧ ଭାଲୁପୋଡ଼ା ଯାତ୍ରା ଲାଗି ଛତିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତିଆ ବିଟ ହାଉସ ଅଧିକାରୀ ଜହର ଆବେଦିନ ଯୋଗଦେଇ ଚଳିତ ବର୍ଷର ଉକ୍ତ ଯାତ୍ରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହ କରାଯିବ ସେ ନେଇ ପରାମର୍ଶ ପ୍ରଦାନ କରିଥିଲେ। ଯାତ୍ରାକୁ ପ୍ରଥମ କରି ଦୁଇଦିନ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଡିସେମ୍ବର ୮ ଓ ୯ ତାରିଖରେ ଏହି ଯାତ୍ରା ହେବ ବୋଲି କୁହାଯାଇଥିଲା। ଏଥିରେ ୧୦ରୁ ଊର୍ଦ୍ଧ୍ୱ ମେଢ଼ ଶୋଭାଯାତ୍ରା କରି ଯାତ୍ରା ପଡ଼ିଆରେ ପ୍ରଥମ ଦିନ ପ୍ରବେଶ କରିବେ। ଭୋଗ ଅର୍ପଣ ପରେ ଦ୍ୱିତୀୟ ଦିନ ଶୋଭାଯାତ୍ରାରେ ବାହାରି ବିସର୍ଜନ ଲାଗି ଜଳାଶୟକୁ ଯିବେ। ମେଢ଼ ଶୋଭାଯାତ୍ରାକୁ କିଭଳି ଆକର୍ଷଣୀୟ ଓ ମନୋରମ କରାଯାଇପାରିବ ସେ ନେଇ ପ୍ରତ୍ୟେକ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି। ବୈଠକରେ ପ୍ରତି ପୂଜା କମିଟି କର୍ମକର୍ତ୍ତା ଓ ଯାତ୍ରା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

# ଆଜି ପାରାଦୀପ ବନ୍ଦର ଦିବସ, ବୋଇତ ବନ୍ଦାଣ ଉତ୍ସବ

ପାରାଦୀପ, ୨୬।୧୧ (ଶରତ ରାଉତ)

- ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଲୋକେ ଉତ୍ସାହିତ
- ପାରାଦୀପ ବନ୍ଦର ପକ୍ଷରୁ ଭବ୍ୟ ଆୟୋଜନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ପାରାଦୀପ ବନ୍ଦର ଗସ୍ତରେ ଆସୁଛନ୍ତି। ଏହି ଅବସରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ସହ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର (ରାଷ୍ଟ୍ର) ଜାହାଜ ଚଳାଚଳ ଜଳମାର୍ଗ ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀପଦ ୟେଶୋ ନାୟକ, ଆଦିବାସୀ ଓ ଜଳଶକ୍ତି କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଜାହାଜ ଚଳାଚଳ ଓ ଜଳମାର୍ଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶାନ୍ତନୁ ଠାକୁର, ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ଯୋଗ ଦେବେ। ବନ୍ଦର ଭିତରେ ସୁସଜ୍ଜିତ ବୋଇତରେ ସାଧବ ପୁଅଙ୍କୁ ରାଷ୍ଟ୍ରପତି ମେଲାଣି ଦେବେ। ପରେ କୋଷ୍ଟଗାର୍ଡ ଜାହାଜରେ ପୋତାଶ୍ରୟ ଓ ସମୁଦ୍ର ଭିତରେ କିଛି ସମୟ ଭ୍ରମଣ କରିବେ। ପୂର୍ବାହ୍ନ ୧୦ ଟାରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ ଏହି ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ। ତା'ପରେ ସଡ଼କ ପଥରେ ନେହେରୁ ବଙ୍ଗଳା ଯିବେ। ସେଠାରେ ଜବାହର ଅତିଥି ଭବନରେ କେତେଜଣ ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିବେ। ମଧ୍ୟାହ୍ନ ଭୋଜନ ସାରିବା ପରେ ଅପରାହ୍ନ ୩.୫୦ରେ ପାରାଦୀପ ଛାଡ଼ିବେ। ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ଯିବେ। ସେଠାରୁ ସନ୍ଧ୍ୟାରେ ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି।



ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରାଯାଇଛି।


ହେଲିକପ୍ଟର ଯୋଗେ ତଦାରଖ କରାଯାଇଛି।


ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ମକ୍‌ଡ୍ରିଲ୍‌ରେ ସାମିଲ ହୋଇଥିବା କାର୍ ।

### ବୋଇତ ବନ୍ଦାଣ, ପାରାଦୀପ ବନ୍ଦର

ପାରାଦୀପ ବନ୍ଦର ହେବାପରେ ସେପରି କୌଣସି କାର୍ଯ୍ୟକ୍ରମ ହେଉ ନ ଥିଲା। ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦର ଦିବସ, ବୋଇତ ବନ୍ଦାଣ ଉତ୍ସବ, କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଆରମ୍ଭ କରିଥିଲେ। ଉକ୍ତ ବର୍ଷ ପ୍ରଥମକରି ନିବେଦିତା ଆଚାର୍ଯ୍ୟ ନାମକ ଝିଅକୁ ବୋଇତ ଯୋଗେ ଇଣ୍ଡୋନେସିଆ ପଠାଯାଇଥିଲା। ସେବେଠାରୁ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଅନୁସାରେ ବୋଇତ ବନ୍ଦାଣ ଉତ୍ସବ ହେଉଛି। ଏହା ପରଠୁ କାର୍ତ୍ତିକ ପୂର୍ଣ୍ଣିମା ପୂର୍ବ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପାରାଦୀପ ଗସ୍ତ କରି କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନ କରିଥାନ୍ତି। ପୂର୍ଣ୍ଣିମା ଦିନ ସକାଳେ ବୋଇତ ବନ୍ଦାଣ କରି କଟକ ଯାଇଥାନ୍ତି। କଟକରେ ବାଲିଯାତ୍ରା ଉଦ୍‌ଘାଟନ ହୁଏ। ଚଳିତବର୍ଷ ରାଷ୍ଟ୍ରପତି ମୁର୍ମୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ଏହାର ଗୁରୁତ୍ୱ ଯଥେଷ୍ଟ ବଢ଼ିଯାଇଛି। ପ୍ରଥମ ଥର ପାଇଁ ବନ୍ଦର ଭିତ୍ତିକ ସହରକୁ ରାଷ୍ଟ୍ରପତି ଗସ୍ତ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅପରପକ୍ଷେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ରବିବାର ବାୟୁସେନା ହେଲିକପ୍ଟର ଉଡାଣ ଅବତରଣ, କାରକେଡ ପରେଡ ଆଦି କରାଯାଇଛି। ସହର ସାରା ପୋଲିସ ଛାଉଣି ହୋଇଯାଇଛି। ଯେଉଁମାନେ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେବେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା ହୋଇଛି। ସବୁଥର ପରି ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।


ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ମୁତୟନ ହୋଇଥିବା ପୋଲିସ ଓ ଅନ୍ୟାନ୍ୟ ସୁରକ୍ଷା ଟିମ୍।


ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିବା ଛାତ୍ରୀମାନେ।

### କେନ୍ଦ୍ରୀୟ ବିଦ୍ୟାଳୟର ୧୪ ଛାତ୍ରୀ ସାମିଲ ହେବେ

ରାଷ୍ଟ୍ରପତି ମୁର୍ମୁଙ୍କୁ ସଙ୍ଖୁଳିବା ପାଇଁ ୭ ଓ ସାଧବାଣୀ ପାଇଁ ୭ ଏପରି ମୋଟ୍ ୧୪ ଜଣ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଙ୍କୁ ମନୋନୀତ କରାଯାଇଛି। ସେମାନଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିସହ ସମସ୍ତ ଛାତ୍ରୀଙ୍କୁ ୪ ଦିନ ପୂର୍ବରୁ ପ୍ରସ୍ତୁତି କରାଯାଇଛି। କିପରି ରାଷ୍ଟ୍ରପତିଙ୍କୁ ଫୁଲ ପକାଇବେ, ସଙ୍ଖୁଳିବେ, ସାଧବାଣୀ ଭାବେ ଦାୟିତ୍ୱ ନେବେ ସେଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏପରିକି ରବିବାର ଅପରାହ୍ନରେ ବୋଇତ ବନ୍ଦାଣ ଉତ୍ସବ ସ୍ଥଳରେ ସୁରକ୍ଷା କର୍ମୀମାନେ ରିହରସାଲ କରାଇଛନ୍ତି।

# ଲୋକକଳା ଭାଇଚାରା ସମ୍ପର୍କକୁ ଦୃଢ଼ୀଭୂତ କରେ

ତିର୍ତ୍ତୋଲ, ୨୬।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଇଦ୍ରିସିଂ ପଞ୍ଚାୟତ ଅନ୍ତର୍ଗତ ଖନ୍ଦୋଳ ଗ୍ରାମର ଅଗ୍ରଣୀ ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ଗଡେଶ୍ୱର ଯୁବ ପରିଷଦର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ଗ୍ରାମାଞ୍ଚଳରେ ଲୋକକଳା ଭାଇଚାରା ସମ୍ପର୍କକୁ ଦୃଢ଼ୀଭୂତ କରିଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଉତ୍ସବକୁ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦର ସଭାପତି ପ୍ରେମ ଚରଣ ରାଉତ ଉଦ୍‌ଘାଟନ କରିଥିଲେ। ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଶିକ୍ଷାବିତ୍ ବସନ୍ତ ମଞ୍ଜରୀ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋଜ କୁମାର ବେହେରା, ମୁଖ୍ୟ ବକ୍ତାଭାବେ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଇଦ୍ରିସିଂ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ସମିତି ସଭ୍ୟା ସୁଭଦ୍ରା ଦାସ, ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ହେମନ୍ତ କୁମାର ନାୟକ, ସାହିତ୍ୟିକ ଶ୍ୟାମ ସୁନ୍ଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ପରିଷଦ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଡେଶ୍ୱର ଯୁବ ପରିଷଦର ଟାଇଟଲ ସଙ୍ଗୀତ କ୍ୟାସେଟ ଉନ୍ମୋଚନ କରିଥିଲେ। ପରେ ଖବରଦାତା ପ୍ରଭାତ କୁମାର ପରିଡ଼ା ଓ ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଋତୁପର୍ଣ୍ଣା ଡ୍ୟାନ୍ସ ଏକାଡେମୀ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଅମରଜିତ୍ ସାହୁ, କୋଷାଧ୍ୟକ୍ଷ କୁନମୁନ ସ୍ୱାଇଁ, ଯଜ୍ଞଦତ୍ତ ଦାସ, ରଞ୍ଜନ ଦାସ, ସଙ୍ଗଠନ ସମ୍ପାଦକ ନବଜ୍ୟୋତି ଦାସ, ଅନିଲ ନାୟକ, ସାଧାରଣ ସମ୍ପାଦକ ନାଗେଶ୍ୱର ସାହୁ, ଆଶୀର୍ବାଦ ସାହୁ, ସୌମ୍ୟକାନ୍ତ ସାହୁ, ସତ୍ୟଜିତ ବାରିକ, ପ୍ରଭାତ ସାହୁ, ଗଡେଶ୍ୱର ଦାସ, ଚନ୍ଦ୍ରକାନ୍ତ ସାହୁ, ବଳରାମ ଦାସ, ସୁନୀଲ ନାୟକ, ଗୋପୀନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ, ପୁଷ୍ପଗୁଚ୍ଛ ଓ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ପରିଶେଷରେ ଗ୍ରାମର ମୁଖ୍ୟ ସୁଧାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



### ଗଡେଶ୍ୱର ଯୁବ ପରିଷଦର ବାର୍ଷିକ ଉତ୍ସବ

# ତିର୍ତ୍ତୋଲ ପ୍ରେସ୍ କ୍ଲବ୍‌ର ସାଙ୍ଗଠନିକ ବୈଠକ

ତିର୍ତ୍ତୋଲ, ୨୬।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ଅଞ୍ଚଳର ସରକାରୀ ପଞ୍ଜୀକୃତ ଗଣମାଧ୍ୟମ ସଙ୍ଗଠନ ତିର୍ତ୍ତୋଲ ପ୍ରେସ କ୍ଲବର ସାଙ୍ଗଠନିକ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ମଣିଜଙ୍ଗାସ୍ଥିତ ନାରାୟଣୀ ମନ୍ଦିର ପ୍ରାଙ୍ଗଣରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲବର ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ରୌପ୍ୟ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଯଦୁମଣି ସାହୁ ସଭାପତିତ୍ୱ କରିବା ସହ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ। ଏଥିରେ ସଭାପତି ଭାବେ ଶ୍ରୀକାନ୍ତ ଦାଶ, ଉପସଭାପତି ଭାବେ ଯଦୁମଣି ସାହୁ, ସମ୍ପାଦକ ଭାବେ ଗୌରାଙ୍ଗ ଚରଣ ସ୍ୱାଇଁ, ସହ ସମ୍ପାଦକ ଭାବେ ନଳିନୀକାନ୍ତ ମଲ୍ଲିକ ଏବଂ କୋଷାଧ୍ୟକ୍ଷ ଭାବେ ଅଭୟ କୁମାର ସାହୁ ମନୋନୀତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଉପେନ୍ଦ୍ର ନାଥ ମହାନ୍ତି, ପଦ୍ମଲୋଚନ ଦାସ, ସୁଶିଲ କୁମାର ମହାପାତ୍ର, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଖବରଦାତାମାନେ।

# ଶ୍ରୀଜଗନ୍ନାଥ ସାହିତ୍ୟ, ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ

ସିଂହପୁର, ୨୬।୧୧ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଶ୍ରୀଜଗନ୍ନାଥ ସାହିତ୍ୟ, ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠାନ ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ଡ. ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତା ପ୍ରଫେସର ଡ. ସଂଗୀତା ରଥ, ସମ୍ମାନିତ ଅତିଥି ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ସାହିତ୍ୟ ଓ ସଂସ୍କୃତିର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶ୍ରୀମୁଖର ନୂତନ ବାର୍ଷିକ ସଂଖ୍ୟାକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅନିରୁଦ୍ଧ ବେଉରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶ୍ରୀମୁଖର ମୁଖ୍ୟ ସମ୍ପାଦକ ଶ୍ରୀକାନ୍ତ ନାୟକ ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଚକ୍ଷୁ ବିଶେଷଜ୍ଞ ଡ. ରାଜକିଶୋର ପଣ୍ଡା, ବିଜୟ କୁମାର ଧଳ, ଶିକ୍ଷକ ସୁବ୍ରତ କୁମାର ପତି, କିମ୍‌ସ ହସ୍ପିଟାଲର ନିଶିକାନ୍ତ ଥାଟୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆହ୍ୱାନ ତରଫରୁ ନିହାରିକା ସାମଲ, ସ୍ମୃତିରେଖା ସାମଲ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସୁବାସ ଚନ୍ଦ୍ର ପ୍ରଧାନ, ନାରାୟଣ ଚନ୍ଦ୍ର ଦାସ ଓ ଭରତ ଚନ୍ଦ୍ର ନାୟକ ମାନପତ୍ର ପାଠ କରିଥିଲେ। କୃଷ୍ଣଚନ୍ଦ୍ର ଥାଟୋଇ, ସୁଶାନ୍ତ କୁମାର ନାୟକ, ନାରାୟଣ ଚନ୍ଦ୍ର ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉତ୍ସବରେ ଶତାଧିକ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶ୍ରୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।


ଅନୁଷ୍ଠାନର ମୁଖପତ୍ର 'ଶ୍ରୀମୁଖ'ର ନୂତନ ବାର୍ଷିକ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ଗୁରୁ-ଶିଷ୍ୟ ପରମ୍ପରାର ଅବକ୍ଷୟ ହେଉଛି

ଜଗତ୍‌ସିଂହପୁର, ୨୬।୧୧ (ପ୍ରମୋଦ କୁମାର ନାୟକ)

ଗୁରୁ-ଶିଷ୍ୟ ପରମ୍ପରା ଆମ ଶିକ୍ଷା ବ୍ୟବସ୍ଥା ଅର୍ଥାତ୍ ପାଠ୍ୟ ବିଷୟବସ୍ତୁ ସହ ନୈତିକ ଶିକ୍ଷାକୁ ସୁଦୃଢ଼ କରୁଥିଲା। ସମାଜରେ ଯେପରି ଭଲ ମଣିଷ ହୋଇପାରିବା ତା'ଉପରେ ଗୁରୁତ୍ୱ ଦିଆଯାଉଥିଲା। କିନ୍ତୁ ସମ୍ପ୍ରତି ଏହି ଗୁରୁ-ଶିଷ୍ୟ ପରମ୍ପରା ଅବକ୍ଷୟମୁଖୀ ହୋଇଛି। ଫଳରେ ଏହା ବାସ୍ତବ ଲକ୍ଷ୍ୟଠାରୁ ଦୂରେଇ ଯାଉଛି। ଏନେଇ ସଚେତନତାର ଆବଶ୍ୟକତା ରହିଛି। ତେଣୁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କ ସମେତ ଛାତ୍ରାଭିଭାବକ ବିଶେଷକରି ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମିଳିତ ପ୍ରଚେଷ୍ଟା ଜରୁରୀ। ରବିବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଶିକ୍ଷାନୁଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହର ଦ୍ୱିତୀୟ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଯୋଗଦେଇ ଏହା କହିଛନ୍ତି । ଏହି ଅବସରରେ ସେ ଜିଲାର ଗରିମା କଥା ବଖାଣିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ତଥା ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ଜଗତ୍‌ସିଂହପୁର ସହର ସହ ତାଙ୍କର ଛାତ୍ର ଜୀବନର ଅନେକ ସ୍ମୃତି ଛାପ ହୋଇ ରହିଯାଇଛି। ଏହି ଶିକ୍ଷାନୁଷ୍ଠାନରେ ଅନେକ ଶିକ୍ଷାଲାଭ କରି ବହୁ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି । କିନ୍ତୁ ସମୟ ଚକ୍ରରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ଏବେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଓ ଅନ୍ୟମାନେ ଅନୁଷ୍ଠାନର ପୂର୍ବ ଗୌରବ ଫେରାଇ ଆଣିବାକୁ ଚେଷ୍ଟା କରନ୍ତୁ। ଶିକ୍ଷକଙ୍କ ନିଷ୍ଠାପର ଉଦ୍ୟମ ରହିଲେ କେବଳ ଏହି ଶିକ୍ଷାନୁଷ୍ଠାନ ନୁହେଁ, ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିପାରିବ ବୋଲି କହିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଡ. ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆୟକର ବିଭାଗ ପ୍ରାକ୍ତନ ପ୍ରମୁଖ ଆୟୁକ୍ତ ତଥା ବିଶିଷ୍ଟ କବି ଶରତ କୁମାର ଦାସ ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସଂସଦ ଯୁଗ୍ମ ସମ୍ପାଦକ ବିଜୟ କୁମାର ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ କାଳିନ୍ଦୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଣବ ଦେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୋପାଳକୃଷ୍ଣ ମିଶ୍ର, ସୌମ୍ୟରଞ୍ଜନ ନାୟକ, ଯାଜ୍ଞସେନୀ ନାୟକ ଓ ସସ୍ମିତା ଦାଶ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ଶ୍ରୀକୃଷ୍ଣ ଏକାଡେମୀ ପ୍ଲାଟିନମ୍ ଜୁବିଲି ସମାରୋହର ଦ୍ୱିତୀୟ ଦିବସ



କାଳିନ୍ଦୀ ମହାପାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ମରୁଡ଼ି ଭାଙ୍ଗିଦେଲା ଚାଷୀଙ୍କ ମେରୁଦଣ୍ଡ

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଧାନ କଟାଯାଇ ଅମଳ ଆରମ୍ଭ ହୋଇଛି। ତେବେ ମରୁଡ଼ି ଭାଙ୍ଗି ଦେଇଛି ଚାଷୀର ମେରୁଦଣ୍ଡ। ଜିଲାର ଜଳସେଚିତ ଜମିକୁ ଛାଡ଼ିଦେଲେ ପ୍ରାୟ ୭୫ ପ୍ରତିଶତ ଜମିର ଧାନରେ ଅଧିକ ଅଗାଡ଼ି ବାହାରୁଛି। ଅନ୍ୟପକ୍ଷେ ଧାନରୁ ଅଗାଡ଼ି ଗଲା ପରେ ବି ଗୁଣବତ୍ତା ରହୁନି। ଧାନ କିଣିବା ପାଇଁ ଗାଁ ଗାଁରେ ଚକ୍କର କାଟିଲେଣି ଦଲାଲ ଓ ବେପାରୀ। ଚଳିତବର୍ଷର ଧାନରେ ଅଧିକ ଅଗାଡ଼ି, ଗୁଣବତ୍ତା ନ ଥିବାରୁ ଦଲାଲ ଓ ବେପାରୀ ଫାଇଦା ନେବା ଆରମ୍ଭ କରିଲେଣି। ଗାଁରେ ଏବେ କୁଇଣ୍ଟାଲ ପିଛା ୧୫୦୦ରୁ ୧୬୦୦ ଟଙ୍କାରେ ଦଲାଲ ଓ ବେପାରୀ ଧାନ କିଣୁଛନ୍ତି ବୋଲି ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ଏଯାବତ ଧାନ ମଣ୍ଡି ଖୋଲିନାହିଁ। ଡିସେମ୍ବର ୨୭ରେ ଧାନ କିଣା ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଯାହାର ଫାଇଦା ନେବାକୁ ଦଲାଲ ଓ ବେପାରୀ ଆରମ୍ଭ କରିଛନ୍ତି। ଭଲ ଧାନ ହୋଇଥିବା ଚାଷୀଙ୍କର ମଧ୍ୟ ଚିନ୍ତା ବଢ଼ିଲାଣି। ଲଘୁଚାପ ଜନିତ ଓ ଅଦିନିଆ ବର୍ଷାର ଭୟ ଲାଗି ରହିଥିବାରୁ ଭଲ ଧାନ ନଷ୍ଟ ହୋଇପାରେ। ବର୍ଷା ହୋଇଗଲେ ପରିସ୍ଥିତି ବଡ଼ ବିଷମ ହେବ। ଅଗାଡ଼ି ବାହାରୁଥିବା ଓ ଗୁଣବତ୍ତା ନ ଥିବା ଧାନକୁ କିପରି ଚାଷୀ ମଣ୍ଡିରେ ବିକ୍ରି କରିବ ସେନେଇ ଚିନ୍ତା ଘାରିଲାଣି। ପୁଣି କଟନୀଛଟନୀର ଭୟ ଦେଖା ଦେଇପାରେ।

ଏ ନେଇ ବାଲୁଗାଁର ଚାଷୀ ରଣଜିତ ଦଳବେହେରା କହିଛନ୍ତି, ଚଳିତବର୍ଷ ବର୍ଷା ଅଭାବ ଯୋଗୁ ମରୁଡ଼ି ପରିସ୍ଥିତି ଦେଖା ଦେଇଛି। ଫୁଲ ଉଡାଇବା ବେଳକୁ ବର୍ଷା ଗାଏବ ହୋଇଗଲା। ଜମି ଫାଟିଗଲା। କିଛି ଜମିରେ ଗାଈ ଚରିଗଲେ। ଆଉ କିଛି କିଛି ଜମିରେ ଅଳ୍ପ ଧାନ ହୋଇଛି। କିଛି ଧାନ ଅମଳ ହୋଇଛି। ଅମଳ ଧାନରୁ

■ଧାନର ଗୁଣବତ୍ତା କମୁଛି, ଅଗାଡ଼ି ଅଧିକ
■ଜଳସେଚନ ସୁବିଧା ଅଞ୍ଚଳରେ ଭଲ ଧାନ
■ଚକ୍କର କାଟିଲେଣି ଦଲାଲ, ବେପାରୀ
■୧୬୦୦ ଟଙ୍କାରେ ବିକ୍ରି ହେଉଛି ଧାନ
■ମଣ୍ଡିରେ ବିକ୍ରି ପାଇଁ ଚାଷୀ ହଇରାଣ ଆଶଙ୍କା

ଅଗାଡ଼ି ବହୁତ ବାହାରୁଛି। ପୁଣି ଧାନର ମାନ ଭଲ ରହୁ ନାହିଁ। ଚାଷୀ ତା'ର ଖର୍ଚ୍ଚ ଅର୍ଥ ପାଇବ ନାହିଁ। ଯେଉଁ ଧାନ ଅମଳ ହୋଇଛି, ତାହା ମଣ୍ଡି ନେବ କି ନାହିଁ ସନ୍ଦେହ ପ୍ରକାଶ ପାଇଲାଣି। କେତେଜଣ ଚାଷୀ ଧାନର ମାନକୁ ଦେଖି ଚିନ୍ତାରେ ରହିବା ପାଇଁ କୁଇଣ୍ଟାଲ ପିଛା ୧୫୦୦ ରୁ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି। ବାଲୁଗାଁ ଅଞ୍ଚଳରେ ବେପାରୀ ଓ ଦଲାଲ ଦିନରେ ଧାନ କିଣି ରାତିରେ ଟ୍ରକ ଲଗାଇ ନେଉଛନ୍ତି। ଜଳସେଚିତ ଜମି ଓ ଜମିରେ ପାଣି ମଡାଇ ଫସଲକୁ ବଞ୍ଚାଇଥିବା ଚାଷୀର ଧାନ ଭଲ ହୋଇଛି। କିଛି ଅମଳ ହୋଇଛି। ଯଦି ବର୍ଷା ହେବ ଭଲ ଧାନ ବି ନଷ୍ଟ ହୋଇଯିବ। ଏଣୁ ଚାଷୀ ଚଳିତବର୍ଷ କେବଳ ଚିନ୍ତାରେ ହିଁ ଦିନ କାଟୁଛି। ଖଣ୍ଡପଡାର ଚାଷୀ ନିରଞ୍ଜନ ସାହୁ କହିଛନ୍ତି, ଆମ ଅଞ୍ଚଳରେ ମରୁଡ଼ିର ଭୟ ଦେଖା ଦେଇଛି। କ୍ୱଚିତ ଚାଷୀଙ୍କର ଭଲ ଧାନ ହୋଇଛି। ଯେଉଁଠି ଏବେ ଅମଳ ହେଉଛି ଅଧିକ ଅଗାଡ଼ି ବାହାରୁଛି। ଚଳିତବର୍ଷ ମଣ୍ଡିରେ ଧାନ କିଣା ବେଗେ ଶେଷ ହୋଇଯିବାର ସମ୍ଭାବନା ଦେଖାଦେଇଛି। ଚାଷୀ ପାଖରେ ଧାନ ନାହିଁ। ୨ ଏକର ଜମିର କରିଥିବା ଧାନ ମରୁଡି ଆଁକୁ ଚାଲିଗଲା। କରଡ଼ାର ଚାଷୀ ଋଷିଆ ପ୍ରଧାନ କୁହନ୍ତି, ଓଡଗାଁ ବ୍ଲକର ଗୋଡିପଡ଼ା ଅଞ୍ଚଳରେ ମରୁଡି ହୋଇଛି। ତେବେ ଆମ୍ବରାପୁରଠାରୁ ପାଟୁଳିସାହି ପର୍ଯ୍ୟନ୍ତ ବୁଢ଼ାବୁଢ଼ୀଆଣି ଡ୍ୟାମର ଜଳ ଜମିରେ ମାଡ଼ିବାରୁ ମରୁଡ଼ି ପରିସ୍ଥିତି ହଟିଛି। ଜିଲାରେ ମରୁଡ଼ି ପରିସ୍ଥିତି ଦେଖା ଦେଇଥିବାବେଳେ ଓଡ଼ଗାଁର କିଛି ପଞ୍ଚାୟତକୁ ଛାଡ଼ି ଦେଲେ ଅଧିକାଂଶ ଅଞ୍ଚଳର ଭଲ ଧାନ ଫସଲ ହୋଇଛି। ହରିପୁର ଗାଁର ଚାଷୀ ଚିରଞ୍ଜୀବ ପ୍ରଧାନ କୁହନ୍ତି, ଜମିରେ ପାଣି ମଡ଼ାଇ ବାରବାଟି, ବୋଦାପଡ଼ା, ଡିହଗାଁ, ହରିପୁର, ଗଦାଧରପ୍ରସାଦ, ରାଧାନାଥପୁର, ଗୋବିନ୍ଦପୁର, ଶୁକଳଗାଡିଆ, ବାଲିକୁଦିଆ, ଶରଧାପୁର, ଆଙ୍ଗୁଲପାଟଣା ଅଞ୍ଚଳରେ ଭଲ ଧାନ ହୋଇଛି। ତେବେ ଲଘୁଚାପ ବର୍ଷା ନେଇ ଭୟ ରହିଛି। ଯଦି ବର୍ଷା ହେବ ତେବେ ମରୁଡିଠାରୁ ପରିସ୍ଥିତି ଭୟାବହ ହୋଇଯିବ। ରଣପୁରର ଚାଷୀ ଉଦ୍ଧବ ନାୟକ କୁହନ୍ତି, ରଣପୁର ବ୍ଲକର କିଛି ଅଞ୍ଚଳରେ ଜଳସେଚନର ସୁବିଧା ଥିଲେ ମଧ୍ୟ ଭଲ ଧାନ ହୋଇନାହିଁ। ତେବେ ଅଧିକାଂଶ ଅଞ୍ଚଳରେ ମରୁଡ଼ି ହୋଇଛି। ରଣପୁର ବ୍ଲକକୁ ମରୁଡ଼ି ଘୋଷଣା କରିବାକୁ ବାରମ୍ବାର ଦାବି, ଆପତ୍ତି, ଅଭିଯୋଗ, ଆନ୍ଦୋଳନ ହେଉଥିଲେ ମଧ୍ୟ ଅଭିଯୋଗକୁ କେହି ଶୁଣୁନାହାନ୍ତି। ମରୁଡ଼ିର କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରିବାକୁ ଅଞ୍ଚଳର ଚାଷୀ ଦାବି କରୁଛନ୍ତି। ନୂଆଗାଁର ବିମଳା ନାୟକ କୁହନ୍ତି, ଆମ ଅଞ୍ଚଳରେ ଧାନ କଟା ହୋଇନାହିଁ। ତେବେ ମଣ୍ଡି ବିଳମ୍ବରେ ଖୋଲିବା ଠିକ୍ ନୁହେଁ।

## ନୟାଗଡ଼ ଜିଲା ଯୁବ ବିଜେଡି ସଭାପତି ହେଲେ ଦୁର୍ଯ୍ୟୋଧନ



ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଯୁବ ବିଜେଡି ସଭାପତି ଭାବେ ଦୁର୍ଯ୍ୟୋଧନ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି। ନୟାଗଡ଼ର ପୂର୍ବତନ ଜିଲା ବିଜେଡି ସଭାପତି ରମେଶ କୁମାର ସାହୁଙ୍କ ମୃତ୍ୟୁ ପରେ ପଦବୀ ଖାଲି ପଡିଥିଲା। ଦୁର୍ଯ୍ୟୋଧନ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅଛନ୍ତି।

## ପୁରାତନ ପିଲାଙ୍କ ଦ୍ୱାରା ଖଣ୍ଡପଡ଼ାରେ ଭଜନ ସନ୍ଧ୍ୟା

ଖଣ୍ଡପଡା,୨୬।୧୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୧୯୯୮ ବ୍ୟାଚ୍ ମାଟ୍ରିକ୍ ସହପାଠୀମାନଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଶନିବାର ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ରାତିରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ସତ୍ତ୍ୱେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଞ୍ଚ ତଳେ ଉପସ୍ଥିତ ରହି ଶତାଧିକ ଜନସାଧାରଣ ଭଜନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ସମ୍ବିଧାନ ଦିବସ ପାଳନ

ଦଶପଲ୍ଲା, ୨୬।୧୧ (ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ଇଲେଭେନଷ୍ଟାର ସ୍ପୋର୍ଟିଂ କ୍ଲବ ପରିସରରେ ୭୪ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଦଳିତ ଶ୍ରମ ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ମୂଲ୍ୟବୋଧ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଭାକର ମିଶ୍ର, ସମ୍ମାନିତ ଅତିଥି ଭାବେ ପରିବେଶବିତ ପ୍ରସନ୍ନ କୁମାର ପଣ୍ଡା, ଆଇନଜୀବୀ ଶରତ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ସମ୍ବିଧାନ ଉପରେ ଅତିଥିମାନେ ସାରଗର୍ଭକ ଭାଷଣ ଦେଇଥିଲେ। ଶେଷରେ ସଭାପତି ନାୟକ ଧନ୍ୟବାଦ ଦେଇଥିଲେ।



ସମ୍ବିଧାନ ଦିବସରେ ମଞ୍ଚାସୀନ ଅତିଥି ବୃନ୍ଦ।

## ବଦଳୁଥିବା ସାମାଜିକ ସ୍ଥିତି, ସାମ୍ବିଧାନିକ ନିୟମାବଳୀ ଉପରେ କର୍ମଶାଳା


ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସରେ ଯୋଗଦେଇଥିବା ଅତିଥିମାନେ।

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ନୟାଗଡ଼ରେ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଭାରତର ସମ୍ବିଧାନ ଗୃହୀତ ହୋଇ ୨୬ ଜାନୁୟାରୀ ୧୯୫୦ରେ ପ୍ରଚଳିତ ହୋଇଥିଲା। ଏହି ବିସ୍ତୃତ ଆଇନ, ଭାରତୀୟ ନାଗରିକମାନଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ସହ ରାଷ୍ଟ୍ର ପରିଚାଳନା ପାଇଁ ଦିଗଦର୍ଶନ ଦେଇ ଆସିଛି। ବର୍ତ୍ତମାନ ସମୟର ପ୍ରଯୁକ୍ତି ବିଦ୍ୟା ଓ ଏଆଇର ଆଗମନ ଦ୍ୱାରା, ନାଗରିକଙ୍କ ମୌଳିକ ଅଧିକାର, କର୍ତ୍ତବ୍ୟ ଓ ରାଷ୍ଟ୍ର ପ୍ରତି ଦାୟିତ୍ୱ ବହନ କରିବାରେ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ଉପରେ କର୍ମଶାଳା କରିବାର ଆବଶ୍ୟକତା ରହିଥିବା ଅନୁଭବ କରାଯାଇଥିଲା। ଏହି ଲକ୍ଷ୍ୟରେ ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣର ପକ୍ଷରୁ ଡିଜିଟାଲ ଯୁଗରେ ବଦଳୁଥିବା ସାମାଜିକ ସ୍ଥିତି ଓ ସାମ୍ବିଧାନିକ ନିୟମାବଳୀ ଉପରେ କର୍ମଶାଳା, ଜିଲା କୋର୍ଟ ପରିସରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ଜଜ୍ ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ପୋକସୋ ଅଦାଲତ ବିଚାରପତି ମାନସ କୁମାର ପଣ୍ଡା, ରେଜିଷ୍ଟ୍ରାର ସିଭିଲ କୋର୍ଟ ନିଶାକର ସାହୁ, ମହିଳା ଅଦାଲତ ବିଚାରପତି ରୀନତି ମିଶ୍ର, ପ୍ରାଧାକରଣ ସଚିବ ବିଶେଷ କୁମାର ସାହୁ ଓ ଏସ୍‌ଡିଜେଏମ୍ ସୌଭାଗ୍ୟ ରଞ୍ଜନ ପ୍ରଧାନ କର୍ମଶାଳାରେ ଅଂଶଗ୍ରହଣ କରି ଦର୍ଶନ ଦେଇଥିଲେ। କର୍ମଶାଳାରେ ଆଇନ ସେବା ପ୍ରାଧିକରଣ ସଚିବ ବିଶେଷ କୁମାର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ସହ ଆଭିମୁଖ୍ୟ ପ୍ରଦାନ କରିଥିଲେ। ପଞ୍ଜୀକୃତ ଅଧିବକ୍ତା ଭବାନୀ ଶଙ୍କର ସାହୁ, ସୁନୀଲ କୁମାର ମହାପାତ୍ର, ପୋଲିସ ଟ୍ରେନିଂ ସ୍କୁଲ ଅଧ୍ୟକ୍ଷ ଭବେଶ କୁମାର ନାୟକ, ଜିଲା ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଖଣ୍ଡପଡ଼ାର ଉପଖଣ୍ଡ ପୋଲିସ ଅଧିକାରୀ ବିମଳ କୁମାର ବାରିକ ବିଷୟବସ୍ତୁ ଉପରେ ମତ ପୋଷଣ କରିଥିଲେ। ଏଥିରେ ଜିଲା ଓକିଲ ସଂଘ, ପୋଲିସ ଅଧିବକ୍ତା, ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ବାହିନୀ, ତପସ୍ୟା ଶିଶୁଗୃହ, ସେବା ଅନୁଷ୍ଠାନ, ଆଇନ ସ୍ୱେଚ୍ଛା ସେବୀ କର୍ମୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଦସ୍ୟ ମହମ୍ମଦ ଓମାର ମଲ୍ଲିକ ଏବଂ ପ୍ରାଧିକରଣର ସମସ୍ତ କର୍ମଚାରୀ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର ଧନ୍ୟବାଦ ଦେଇଥିଲେ।

## ନୀଳମାଧବ ଜୀଉଙ୍କ ନୃସିଂହ, ଯୁଗଳ ମୂର୍ତ୍ତି ବେଶ

ଖଣ୍ଡପଡା,୨୬।୧୧
(ଅଜୟ କୁମାର ମହାରଣା)

ଚଳିତବର୍ଷ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନରେ ଶ୍ରୀନୀଳମାଧବ ଜୀଉ ୧୦ଟି ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ତେବେ ରବିବାର କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଶ୍ରୀନୀଳମାଧବ ଜୀଉଙ୍କୁ ସକାଳରେ ଯୁଗଳ ମୂର୍ତ୍ତି ଓ ସନ୍ଧ୍ୟାରେ ନୃସିଂହ ବେଶରେ ସଜା ଯାଇଛି। ଚତୁର୍ଦ୍ଦଶୀ ତିଥିରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି ଓ ଅବକାଶ ନୀତି ସମ୍ପନ୍ନ ହେବା ସହ ପାରମ୍ପରିକ ନୀତି ଅନୁଷ୍ଠିତ ହୋଇଥିଲା। ପବିତ୍ର କାର୍ତ୍ତିକ ବ୍ରତ ସହ ରବିବାର ହଜାର ହଜାର ହବିଷିଆଳିଙ୍କ ସହ ଶ୍ରଦ୍ଧାଳୁ ଶ୍ରୀନୀଳମାଧବଙ୍କୁ ଏହି ଆକର୍ଷଣୀୟ ବେଶରେ ଦର୍ଶନ କରିବାକୁ ମନ୍ଦିର ପରିସରରେ ଭିଡ ଲାଗି ରହିଥିଲା। ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉଙ୍କ ବଳି ବାମନ ବେଶ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ଶ୍ରୀଜୀଉଙ୍କ ପହଡ଼ ଫିଟିବା ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଶେଷ ହେବା ପରେ ସେବକମାନେ ଶ୍ରୀଜୀଉଙ୍କୁ ବଳି ବାମନ ବେଶ କରାଇଥିଲେ। ଏହି ମନଲୋଭା ବେଶ ଦର୍ଶନ ନିମନ୍ତେ ଆଖପାଖ ଅଞ୍ଚଳରୁ ଜଗନ୍ନାଥ ମନ୍ଦିର ପରିସରକୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା।


ପଞ୍ଚକ ଲାଗି ଶ୍ରୀନୀଳମାଧବଙ୍କ ହୋଇଥିବା ୨ଟି ବେଶ।

## ପୋଖରୀ କୂଳ ସଫାକଲେ କ୍ୟାଡେଟ୍

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାରେ ଥିବା ବ୍ରଜେନ୍ଦ୍ର ହାଇସ୍କୁଲରେ ରବିବାର ୭୫ତମ ଏନ୍‌ସିସି ଦିବସ ପାଳିତ ହୋଇ ଯାଇଛି। ଏଥିରେ ୫୦ ଜଣ କ୍ୟାଡେଟ ଭାଗନେଇ ଦେଶବାସୀଙ୍କୁ ଶାନ୍ତିର ବାର୍ତ୍ତା ବାଣ୍ଟିବା ସହ ଦୈବୀ ଦୁର୍ବିପାକରେ ସହାୟ ହେବା ପାଇଁ ଶପଥ ନେଇଥିଲେ। ଏନ୍‌ସିସି ସିଓଙ୍କ ନିର୍ଦ୍ଦେଶ ଅନୁସାରେ କ୍ୟାଡେଟମାନେ ଜଳ ଓ ପରିବେଶକୁ ସଫା ରଖିବା ନିମନ୍ତେ ରାଲି ମାଧ୍ୟମରେ ନୟାଗଡ଼ ସହର ପରିକ୍ରମା କରି ଜଳ ହିଁ ଅଟେ ଜୀବନ ଜଳ ବିନା ସବୁ ନିର୍ଜନ ସ୍ଲୋଗାନ ଦେଇଥିଲେ। ନୟାଗଡ଼ର ବ୍ୟବହୃତ ପୋଖରୀ କୂଳ ସଫା କରିଥିଲେ। ହାଇସ୍କୁଲର ପ୍ରଧାନଶିକ୍ଷକ ଉମାକାନ୍ତ ସେଠୀ ପ୍ରମୁଖ ସ୍ରଷ୍ଟା ସାଜିଥିଲେ। ଏନ୍‌ସିସି ଅଫିସର ଅଜୟ କୁମାର ମିଶ୍ର ପରିଚାଳନା କରିଥିଲେ।


ବ୍ରଜେନ୍ଦ୍ର ହାଇସ୍କୁଲର କ୍ୟାଡେଟ୍‌ମାନେ ରାଲିରେ ଯାଉଛନ୍ତି।

## ରାଜାଭିଷେକ ବେଶ ଦେଖିବାକୁ ଭିଡ଼

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ପଞ୍ଚକ ଯାତ୍ରା ଚାଲୁ ରହିଛି। ପଞ୍ଚକ ଅବସରରେ ଲଡୁବାବାଙ୍କ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରବିବାର ସନ୍ଧ୍ୟାରେ ରାଜା ବେଶ ଦେଖିବାକୁ ମିଳିଥିଲା। କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ଅଯୋଧ୍ୟାର ଶ୍ରୀରାମଚନ୍ଦ୍ର ରାଜ ଅଭିଷେକ ବେଶରେ ସୁସଜ୍ଜିତ ହୋଇ ପାଟବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପଞ୍ଚକ ଅବସରରେ ୪ର୍ଥ ଦିବସରେ ଶ୍ରଦ୍ଧାଳୁମାନେ ଏହି ବେଶ ଦେଖିବା ପାଇଁ ଭିଡ଼ ଜମାଇଥିଲେ।



## କପିଳେଶ୍ୱରଙ୍କ ପୀଠରେ ପଞ୍ଚକ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ଶରଣକୁଳ ନିକଟସ୍ଥ ଗୁଞ୍ଜିବାରଣ ଗ୍ରାମରେ ପୂଜା ପାଉଥିବା ଶ୍ରୀକପିଳେଶ୍ୱର ମହାଦେବଙ୍କ ପୀଠରେ ପଞ୍ଚକ ଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଯଜ୍ଞ ଅରମ୍ଭ ହୋଇଥିଲା। ଭକ୍ତମାନେ କୁସୁମୀ ନଦୀରୁ ୧୦୮ କଳସରେ ଜଳ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଯଜ୍ଞ ପୀଠରେ ପହଞ୍ଚି ଥିଲେ। ସେଠାରେ ଘଟ ସ୍ଥାପନା କରାଯାଇଥିଲା। ରବିବାର ସକାଳେ ସୂର୍ଯ୍ୟ ପୂଜା କରାଯିବା ପରେ ରୀତିନୀତିରେ ବିଭିନ୍ନ ଦେବତାଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା କରାଯାଇ ଘୃତାହୁତି ପ୍ରଦାନ କରା ଯାଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଦିନତମାମ ଯଜ୍ଞ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ମନ୍ଦିରରେ ଠାକୁରଙ୍କ ଏବଂ ଯଜ୍ଞପୀଠରେ ସକାଳର ସମସ୍ତ ନୀତି, ପୂଜାର୍ଚ୍ଚନା ସମାପନ କରାଯାଇ ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ସେବାୟତଙ୍କ ସହ ଗୁଞ୍ଜିବାରଣ ଓ ଆଙ୍ଗିସିଙ୍ଗି ଗ୍ରାମବାସୀ ସାହାଯ୍ୟ ଓ ସହଯୋଗ କରିଥିଲେ।

## ନୟାଗଡ଼ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ

ନୟାଗଡ଼,୨୬।୧୧(ଲୋକନାଥ ମିଶ୍ର)

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏନସିସି ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ ନାୟକ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏନ୍‌ସିସିର ବରିଷ୍ଠ ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ଗୋଲକ ବିହାରୀ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ଲ୍ୟୁଟ୍‌ନାଣ୍ଟ କମଳ ବର୍ମା ଓ ଲ୍ୟୁଟ୍‌ନାଣ୍ଟ ବିଦ୍ୟୁଲତା ଷଣ୍ଢ, ଏନ୍‌ସିସିର କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। କ୍ୟାଡେଟ୍‌ମାନଙ୍କର ପରେଡକୁ ବିଧାୟକ ସାହୁ ପ୍ରଶଂସା କରିଥିଲେ। ରାଷ୍ଟ୍ର ଗଠନରେ ଏନ୍‌ସିସି କ୍ୟାଡେଟମାନଙ୍କର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଅପରପକ୍ଷେ ଏନ୍‌ସିସିର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିବା କ୍ୟାଡେଟମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟ ପରିସରରେ ପୋଲିସ ବାହିନୀର ସବ୍ ଇନ୍ସପେକ୍ଟର ଚୟନ ନିମନ୍ତେ ପରୀକ୍ଷା ଥିବାରୁ ଏନ୍‌ସିସିର ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ପରବର୍ତ୍ତୀ ସମୟରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।


ଏନ୍‌ସିସି ଦିବସରେ ବିଧାୟକ ଅରୁଣ ସାହୁ ଅଭିବାଦନ ଗ୍ରହଣ କରୁଛନ୍ତି।

## ଶିକ୍ଷାନୀତି କାର୍ଯ୍ୟକାରିତାକୁ ନେଇ ଆଲୋଚନା

ଶରଣକୁଳ ମହାବିଦ୍ୟାଳୟ

ଶରଣକୁଳ, ୨୬।୧୧ (ଦୀପକ କର)

ଶରଣକୁଳ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଓ ଆଇକ୍ୟୁସି ମିଳିତ ଆନୁକୂଲ୍ୟରେ ଶିକ୍ଷାନୀତି ଏହାର କାର୍ଯ୍ୟକାରିତା ଓ ଗୁରୁତ୍ୱପୂର୍ଣ୍ଣ ଦିଗ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍‌ସିଆର୍‌ଟି ପରିଚାଳିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମୟାନୁସାରେ ଶିକ୍ଷାନୀତି ପରିବର୍ତ୍ତନର ଆବଶ୍ୟକତା, ଜାତୀୟ ଶିକ୍ଷାନୀତି-୨୦୨୦ର ବର୍ତ୍ତମାନ ସମୟ ପାଇଁ କେତେ ଉପଯୋଗୀ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ଓ ପରିସ୍ଥିତି କିପରି ପୂର୍ଣ୍ଣାଙ୍ଗ ଶିକ୍ଷଣରେ ସହାୟକ ହୁଏ ତାହା ସରଳ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଶିକ୍ଷା ବିଭାଗର ଛାତ୍ରୀଛାତ୍ରମାନେ ସେମାନଙ୍କ ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ବିଭାଗର ଅଧ୍ୟାପିକାଅଧ୍ୟାପକମାନେ ସେମାନଙ୍କର ଆଲୋଚନା ଉପସ୍ଥାପିତ କରିଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଆଲୋଚନାଚକ୍ରରେ ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଯୋଗେଶ୍ୱର ନାୟକ ସଭାପତିତ୍ୱ କରିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ, ଆଲୋଚନାଚକ୍ର ସଂଯୋଜକ ଅନ୍ତର୍ଯ୍ୟାମୀ ପରିଡା, ଅଧ୍ୟାପକ ଦୁର୍ଗାଚରଣ ନାୟକ, ନାରାୟଣ ପ୍ରଧାନ ଓ ଅନ୍ୟ ଅଧ୍ୟାପିକାଅଧ୍ୟାପକମାନେ ସକ୍ରିୟ ଅଂଶଗ୍ରହଣ କରି ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ପରିଚାଳନା ସମିତିର ସଭାପତି ଯୋଗେଶ୍ୱର ନାଏକ ନୂତନ ଶିକ୍ଷାନୀତି-୨୦୨୦ ଦେଶକୁ ଆଗେଇ ନେବାରେ ସହାୟକ ହେବ ବୋଲି ମତ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ବ୍ୟୋମକେଶ ରଥ ସର୍ବନିମ୍ନ ଶିକ୍ଷଣ ତଥା ଦକ୍ଷତା ହାସଲ ପାଇଁ ଶିକ୍ଷାନୀତିର ସୁଯୋଗ କିପରି ସହାୟକ ହେବ ତାହା ବୁଝାଇ ଥିଲେ। ଡ. ରଥ ଅତିଥି ପରିଚୟ ପ୍ରଦାନ କରି ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ଅଧ୍ୟାପିକା ପ୍ରତିମା ବେହେରା ଧନ୍ୟବାଦ ଦେଇଥିଲେ।

## ପୋଲିସ ପରିଚୟ ଦେଇ ମହିଳାଙ୍କୁ ଗଣବଳାତ୍କାର

**ଅଶୋକନଗର(ଏମ୍‌ପି),୨୬।୧୧:** ମଧ୍ୟପ୍ରଦେଶର ଅଶୋକନଗର ଜିଲା ଅନ୍ତର୍ଗତ ମୁଙ୍ଗାଓଲି ରେଳଷ୍ଟେଶନରେ ଦୁଇଜଣ ଲୋକ ନିଜକୁ ପୋଲିସ ଅଫିସର ପରିଚୟ ଦେଇ ଜଣେ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ମହିଳା ଜଣକ ଜୟପୁର ଯିବା ପାଇଁ ସ୍ୱାମୀଙ୍କ ସହ ମୁଙ୍ଗାଓଲି ଷ୍ଟେଶନରେ ଅପେକ୍ଷା କରିଥିଲେ। ଏହି ସମୟରେ ସାଦା ପୋଷାକରେ ଦୁଇ ଜଣ ପହଞ୍ଚି ସେମାନଙ୍କୁ ଟିକେଟ ମାଗିବା ସହ ଜିଆର୍‌ପି ପୋଲିସ ପରିଚୟ ଦେଇ ପଚରାଉଚରା କରିଥିଲେ। ସେମାନେ ମହିଳାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ ଓ ମହିଳାଙ୍କୁ ନିଛାଟିଆ ସ୍ଥାନକୁ ନେଇଯାଇ ବଳାତ୍କାର କରିଥିଲେ।

## ରୁଷିଆର ୱାଣ୍ଟେଡ୍ ତାଲିକାରେ ମେଟା ମୁଖପାତ୍ର

### ଆପରାଧିକ ତଦନ୍ତ ଆରମ୍ଭ

**ମସ୍କୋ,୨୬।୧୧:** ମେଟା ପ୍ଲାଟ୍‌ଫର୍ମର ମୁଖପାତ୍ର ଆଣ୍ଡି ଷ୍ଟୋନ୍‌ଙ୍କୁ ରୁଷିଆ ୱାଣ୍ଟେଡ୍ ତାଲିକାରେ ରଖିଛି। ତେବେ ତାଙ୍କ ବିରୋଧରେ କ'ଣ ଅଭିଯୋଗ ରହିଛି, ତାହା ଦର୍ଶାଯାଇ ନାହିଁ।


ଆଣ୍ଡି ଷ୍ଟୋନ୍

ରୁଷିଆ ଗୃହ ମନ୍ତ୍ରଣାଳୟ ଷ୍ଟୋନ୍‌ଙ୍କ ବିରୋଧରେ ଆପରାଧିକ ତଦନ୍ତ ଆରମ୍ଭ କରିଛି। ଗତବର୍ଷ ଫେବୃୟାରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ମେଟାର ମୁଖ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମକୁ ରୁଷିଆରେ ବ୍ୟାନ୍ କରାଯାଇଥିଲା।

# 'ମୋ ପରି ଯନ୍ତ୍ରଣା କେହି ଭୋଗି ନ ଥିବେ'


ଇସ୍‌ରା ଜାବିସ୍‌ଙ୍କୁ ରବିବାର ଭୋର ସମୟରେ ଜେରୁଜେଲମ୍ ବାସଭବନରେ ପରିବାର ଲୋକେ ସ୍ୱାଗତ କରୁଛନ୍ତି।

**ତେଲ୍ ଆଭିଭ୍/ ଗାଜା ସିଟି,୨୬।୧୧**

ଇସ୍ରାଏଲ ଓ ହମାସ୍ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୪ ଦିନିଆ ଅସ୍ତ୍ରବିରତି ସୋମବାର ଶେଷ ହେବାକୁ ଯାଉଛି। ପ୍ରଥମ ଦିନ ଇସ୍ରାଏଲ ୩୯ ପାଲେଷ୍ଟିନୀୟଙ୍କୁ ନିଜ ଜେଲରୁ ଛାଡ଼ିଥିଲା। ଶନିବାର ବିଳମ୍ବିତ ରାତିରେ ଆଉ କେତେଜଣ ପାଲେଷ୍ଟିନୀୟଙ୍କୁ ମୁକ୍ତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଇସ୍‌ରା ଜାବିସ୍ ଅନ୍ୟତମ।

ରବିବାର ଭୋର ସକାଳେ ମୁକୁଳିଥିବା ୩୯ ପାଲେଷ୍ଟିନୀୟଙ୍କ ମଧ୍ୟରେ ରହିଛନ୍ତି ଜଣେ ଜଣାଶୁଣା ମହିଳା। ନାଁ ତାଙ୍କର ଇସ୍‌ରା ଜାବିସ୍। ୨୦୧୫ ଅକ୍ଟୋବର ୧୧ରେ ଇସ୍‌ରା ନିଜ କାର୍ ଚଳାଇ ଯାଉଥିବାବେଳେ ଜେରୁଜେଲମ୍ ନିକଟସ୍ଥ ଏକ ତନଖି ଫାଟକରେ ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଚେହେରା ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବାବେଳେ ଜଣେ ଇସ୍ରାଏଲୀ ପୋଲିସ ଅଫିସର ଗୁରୁତର ଆହତ ହୋଇଥିଲେ। ଇସ୍‌ରାଙ୍କ ମତରେ ଏହା ଏକ ଦୁର୍ଘଟଣାଜନିତ ଅଗ୍ନିକାଣ୍ଡ ଥିଲା ବୋଲି ବନ୍ଦୀ ଅଧିକାରୀ ସଙ୍ଗଠନ ଆଡାମିର ପକ୍ଷରୁ କୁହାଯାଇଥିଲା। କିନ୍ତୁ ଇସ୍ରାଏଲ କର୍ତ୍ତୃପକ୍ଷ ଏହାକୁ ଏକ ଆତଙ୍କବାଦୀ କାର୍ଯ୍ୟ ବୋଲି ଅଭିହିତ କରିଥିଲେ। ହତ୍ୟା ଉଦ୍ୟମ ଅଭିଯୋଗରେ ତାଙ୍କୁ ଇସ୍ରାଏଲର ଏକ ଜେଲରେ ରଖାଯାଇଥିଲା। ୧୯୮୪ ଜୁଲାଇ ୨୨ରେ ଜନ୍ମିତ ଇସ୍‌ରାଙ୍କ କାହାଣୀ 'ଆଡ୍‌ଭୋକେଟ୍' ଡକ୍ୟୁମେଣ୍ଟାରିରେ ଦେଖିବାକୁ ମିଳିଥିଲା। ଇସ୍‌ରାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ମହିଳା ଓକିଲ ଲି ସେମେଲଙ୍କ ଜୀବନୀକୁ ନେଇ ଗତିଶୀଳ ହୋଇଥିଲା। ଏହି ବୃତ୍ତଚିତ୍ର ୨୦୧୯ରେ ରିଲିଜ୍ ହୋଇ ଏକାଡେମୀ ପୁରସ୍କାର ପାଇଁ ଶର୍ଟଲିଷ୍ଟ ହୋଇଥିଲା। ଜେଲରୁ ମୁକୁଳିବା ପରେ ଇସ୍‌ରା କହିଛନ୍ତି, ମୋ ଭଳି ଯନ୍ତ୍ରଣା କେହି ଭୋଗି ନ ଥିବେ।

### ପଞ୍ଚମ ଦିନକୁ ଅପେକ୍ଷା

➡ଇସ୍ରାଏଲ-ହମାସ୍ ଯୁଦ୍ଧବିରତି ରବିବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ଗାଜା ଆତଙ୍କବାଦୀମାନେ ପଣବନ୍ଦୀ କରି ରଖିଥିବା ଆଉ ୧୪ ଇସ୍ରାଏଲୀ ଓ ୩ ବିଦେଶୀ ନାଗରିକଙ୍କୁ ମୁକ୍ତ କରିଛନ୍ତି। ଅନ୍ୟ ଏକ ଘଟଣାକ୍ରମରେ ହମାସ୍‌ର ଏକ ବରିଷ୍ଠ କମାଣ୍ଡରଙ୍କୁ ଇସ୍ରାଏଲୀ ସୈନ୍ୟ ହତ୍ୟା କରିଛନ୍ତି।

➡ଇସ୍ରାଏଲ ଯୁଦ୍ଧବିରତି ସନ୍ଧିର ସର୍ତ୍ତ ଉଲ୍ଲଂଘନ କରୁଥିବା ନେଇ ହମାସ୍ ଅଭିଯୋଗ ଆଣିବା ପରେ ଶନିବାର ଦ୍ୱିତୀୟ ଦିନର ବନ୍ଦୀ ବିନିମୟ ବିଳମ୍ବିତ ହୋଇଥିଲା। ପରେ ହମାସ୍ ୧୩ ଇସ୍ରାଏଲୀ ଓ ୪ ଥାଇଙ୍କୁ ମୁକ୍ତ କରିଥିଲା।

➡ରବିବାର ହମାସ୍ ପକ୍ଷରୁ ଆଉ ୧୪ ଇସ୍ରାଏଲୀଙ୍କ ସମେତ ୧୭ ଜଣଙ୍କୁ ଛଡ଼ାଯାଇଛି। ଏହା ବଦଳରେ ଇସ୍ରାଏଲ ୩୯ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଛାଡ଼ିଦେଇଥିଲା।

➡ଇତିମଧ୍ୟରେ ଇସ୍ରାଏଲ କହିଛି, ହମାସ୍ ୧୦ ପଣବନ୍ଦୀଙ୍କୁ ଛାଡ଼ିଲେ ଆମେ ଦିନେ ଅସ୍ତ୍ରବିରତି କରିବାକୁ ପ୍ରସ୍ତୁତ। ସୋମବାର ଚତୁର୍ଥ ଦିନ ଅବଧି ଶେଷ ହେବା ପରେ ପଞ୍ଚମ ଦିନରେ ଉଭୟ ପକ୍ଷ କ'ଣ କରିବେ ତା' ଉପରେ ବିଶ୍ୱବାସୀଙ୍କ ନଜର ରହିଛି।

## ବିଦେଶରେ ବିବାହ ଆୟୋଜନ ନ କରିବାକୁ ପରାମର୍ଶ

**ନୂଆଦିଲ୍ଲୀ,୨୬।୧୧**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



ବିଦେଶରେ ବିବାହ ଆୟୋଜନ କରିବା କେତେକ ଧନୀ ପରିବାର ପାଇଁ ଏକ ପ୍ରବୃତ୍ତିରେ ପରିଣତ ହୋଇଥିବାରୁ ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚିନ୍ତା ପ୍ରକଟ କରିଛନ୍ତି। ବିଦେଶରେ ବିବାହ ଆୟୋଜନ କରିବା କ'ଣ ଜରୁରୀ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତ ମାଟିରେ ବିବାହ ଉତ୍ସବ ଆୟୋଜନ କରିବାକୁ ସେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଦେଶର ଟଙ୍କା ବିଦେଶକୁ ଯିବ ନାହିଁ ବୋଲି ରବିବାର ପ୍ରଧାନମନ୍ତ୍ରୀ ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କହିଛନ୍ତି। ସେହିପରି ବିବାହ ପାଇଁ ସାମଗ୍ରୀ କିଣିବା ସମୟରେ ସ୍ୱଦେଶୀ ଉତ୍ପାଦ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ଆଗକୁ ବିବାହ ଋତୁ ଆସୁଥିବାବେଳେ ଏହି ସମୟରେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ହେବ ବୋଲି କେତେକ ବାଣିଜ୍ୟ ସଂଗଠନ ଆକଳନ କରିଛନ୍ତି। ଭୋକାଲ ଫର୍ ଲୋକାଲ ଅଭିଯାନ ବିକାଶର ଏକ ଗ୍ୟାରେଣ୍ଟି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶରେ ଡିଜିଟାଲ ପେମେଣ୍ଟ ଯଥେଷ୍ଟ ବଢ଼ିଛି। ଗୋଟିଏ ମାସ ଆଦୌ ନଗଦ ଅର୍ଥ ପୈଠ ନ କରି କେବଳ ଡିଜିଟାଲ ପେମେଣ୍ଟ କରନ୍ତୁ ଓ ସେହି ମାସର ଅଭିଜ୍ଞତାକୁ ମୋ ସହ ଶେୟାର କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଦେଶ ରବିବାର ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୫ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ପ୍ରଧାନମନ୍ତ୍ରୀ ସେଦିନର ସବୁଠୁ ଜଘନ୍ୟ ଆକ୍ରମଣର ଭୟାବହତାକୁ ମନେପକାଇଥିଲେ। ସେଦିନର ଆକ୍ରମଣ ମୁମ୍ବାଇ ସମେତ ସାରା ଦେଶକୁ ଦୋହଲାଇଦେଇଥିଲା। ତେବେ ଦେଶ ଏହାର ସାମର୍ଥ୍ୟ ବଳରେ ଉକ୍ତ ଆକ୍ରମଣର ମୁକାବିଲା କରିବା ସହ ଏବେ ଦୁଃସାହସର ସହ ଆତଙ୍କବାଦକୁ ନିପାତ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ରାଜସ୍ୱ ଅଧିକାରୀଙ୍କୁ ଟ୍ରାକ୍ଟର ମଡ଼ାଇ ହତ୍ୟା

**ଶାହଡୋଲ,୨୬।୧୧**

ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ବେଆଇନ ବାଲି ପରିବହନରେ ନିୟୋଜିତ ଟ୍ରାକ୍ଟର ମଡ଼ାଇ ଜଣେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ହତ୍ୟା କରାଯାଇଛି। ଶନିବାର ମଧ୍ୟରାତ୍ରରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ପୋଲିସ ଟ୍ରାକ୍ଟର ଡ୍ରାଇଭରକୁ ଗିରଫକରି ପଚରାଉଚରା କରୁଛି। ଗୋପାଳପୁର ଅଞ୍ଚଳରେ ସନ୍ ନଦୀରୁ ବେଆଇନ ବାଲି ଖନନ କରାଯାଉଥିବାବେଳେ ପଟୱାରି ଭାବେ କାର୍ଯ୍ୟରତ ପ୍ରସନ୍ନ ସିଂ ତାଙ୍କ ଟିମ୍ ସହ ସେଠାରେ ପହଞ୍ଚି ବାଲି ନେଇଯାଉଥିବା ଉକ୍ତ ଟ୍ରାକ୍ଟରକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଡ୍ରାଇଭର ଟ୍ରାକ୍ଟରକୁ ଅଟକାଇବା ପରିବର୍ତ୍ତେ ପଟୱାରିଙ୍କ ଉପରେ ମଡ଼ାଇ ଦେଇଥିଲେ ବୋଲି ସ୍ଥାନୀୟ ଥାନା ଅଧିକାରୀ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଚଣ୍ଡିଗଡ଼ ଅଭିମୁଖେ ବିଶାଳ ଚାଷୀ ରାଲି



**ଚଣ୍ଡିଗଡ଼,୨୬।୧୧**

କୃଷି ଆଇନ ବିରୋଧରେ ନୂଆଦିଲ୍ଲୀରେ ଚାଷୀ ଆନ୍ଦୋଳନର ତୃତୀୟ ବାର୍ଷିକୀ ଅବସରରେ ଚଣ୍ଡିଗଡ଼ରେ ବିଶାଳ ବିକ୍ଷୋଭ ହେବାକୁ ଯାଉଛି। ପଞ୍ଜାବ ଓ ହରିୟାଣାରୁ ବହୁସଂଖ୍ୟାରେ ଚାଷୀ ଏହି ୩ ଦିନିଆ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦିଲ୍ଲୀ ଆନ୍ଦୋଳନ ସମୟରେ କୃଷକ ସଂଗଠନଗୁଡ଼ିକ ରଖିଥିବା କେତେକ ଦାବି ଏପର୍ଯ୍ୟନ୍ତ ପୂରଣ ହୋଇ ନ ଥିବାରୁ ଏହାର ପ୍ରତିବାଦରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ହଜାର

### ସୀମା ସିଲ୍ କଲା ପୋଲିସ

ହଜାର ଚାଷୀ ଟ୍ରାକ୍ଟର ଟ୍ରଲିରେ ଚଣ୍ଡିଗଡ଼ ଆସୁଥିବାରୁ ଏହା ସିଙ୍ଘୁ-ଟିକ୍ରି ସୀମାରେ ହୋଇଥିବା ସମାବେଶ ଅନୁରୂପ ହେବାକୁ ଯାଉଛି। ଚାଷୀମାନଙ୍କୁ ଅଟକାଇବା ପାଇଁ ପଞ୍ଜାବ, ଚଣ୍ଡିଗଡ଼ ଏବଂ ହରିୟାଣା ପୋଲିସ ପକ୍ଷରୁ ଆନ୍ତଃରାଜ୍ୟ ସୀମାଗୁଡ଼ିକୁ ସିଲ୍ କରିଦିଆଯାଇଛି। କୃଷକମାନେ ମୋହାଲିର ଗୁରୁଦ୍ୱାରା ଅମ୍ବା ସାହିବରେ ଏକାଠି ହୋଇ ସେଠାରୁ ସୋମବାର ଚଣ୍ଡିଗଡ଼ ଅଭିମୁଖେ ଶୋଭାଯାତ୍ରା କରିପାରନ୍ତି ବୋଲି ଆଶା କରାଯାଉଛି।

# ସୁଡ଼ଙ୍ଗ ଉପରୁ ଖନନ ଆରମ୍ଭ

### ଉଦ୍ଧାର କାର୍ଯ୍ୟରେ ସାମିଲହେଲା ସେନା

**ନୂଆଦିଲ୍ଲୀ,୨୬।୧୧**

ଉତ୍ତରାଖଣ୍ଡରେ ଭୁଶୁଡ଼ି ପଡ଼ିଥିବା ସିଲ୍‌କ୍ୟାରା ଟନେଲରେ ୪୧ ଶ୍ରମିକ ୧୫ ଦିନ ହେଲା ଫସିରହିଥିବାବେଳେ ସେମାନଙ୍କୁ ବାହାର କରିବା ପାଇଁ ଏତେଦିନ ହେଲା ଚାଲିଥିବା ସମାନ୍ତରାଳ ଖନନ ଫଳପ୍ରଦ ହୋଇପାରି ନାହିଁ। ଫଳରେ ରବିବାରଠାରୁ ପାହାଡ଼ ଉପରୁ ଖନନ ଆରମ୍ଭ ହୋଇଛି। ଉପରୁ ଖନନ କରାଗଲେ ୪ ଦିନରେ ଶ୍ରମିକମାନଙ୍କ ପାଖରେ ପହଞ୍ଚି ହେବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ସେନାକୁ ନିୟୋଜିତ କରାଯାଇଛି।



ପୂର୍ବରୁ ଶକ୍ତିଶାଳୀ ଆମେରିକୀୟ ଡ୍ରିଲିଂ ମେଶିନ୍‌ରେ ସମାନ୍ତରାଳ ଖନନ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବାବେଳେ ଖୁବ୍‌ଶୀଘ୍ର ଶ୍ରମିକମାନଙ୍କୁ ଉଦ୍ଧାର କରାଯିବା ଆଶା କରାଯାଉଥିଲା। ୪୬ ମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଓସାରିଆ ଇସ୍ପାତ ପାଇପ୍ ଯାଇଥିଲା। ଆଉ ୧୦ରୁ ୧୨ ମିଟର ଖୋଳାଯାଇଥିଲେ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥାନ୍ତା। ସେମାନଙ୍କ ଚିକିତ୍ସା ପାଇଁ ସୁଡ଼ଙ୍ଗ ନିକଟରେ ବହୁସଂଖ୍ୟାରେ ଆମ୍ବୁଲାନ୍ସ ପ୍ରସ୍ତୁତ ରହିଥିବାବେଳେ ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତ କରି ରଖାଯାଇଥିଲା। ହେଲେ ଖନନ ବେଳେ ଔଗର ଡ୍ରିଲିଂ ମେଶିନ୍‌ର ବ୍ଲେଡ୍ ଭାଙ୍ଗି ଭିତରେ ରହିଯିବାରୁ କାର୍ଯ୍ୟ ଅଟକି ରହିଥିଲା। ମାନୁଆଲ ମେଶିନ୍‌ରେ ଖୋଳିବା ସମୟସାପେକ୍ଷ ହୋଇଥିବାରୁ ଶେଷ ବିକଳ୍ପ ଭାବେ ଉପରୁ ଖୋଳିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହାତ ମେଶିନରେ ଖନନ କାର୍ଯ୍ୟରେ ସହାୟତା ପାଇଁ ସେନାର ଏକ ଇଞ୍ଜିନିୟରିଂ ଗ୍ରୁପ୍ 'ମାଡ୍ରାସ ସାପର୍ସ' ଟନେଲ ନିକଟରେ ପହଞ୍ଚିଛନ୍ତି।

### ଟନେଲ୍ ନିକଟରେ ଆବର୍ଜନା ଡମ୍ପିଂ ବିପଜ୍ଜନକ

୪୧ ଶ୍ରମିକଙ୍କୁ ଉଦ୍ଧାର କରିବା ଲାଗି ଦିନରାତି ଉଦ୍ୟମ ଜାରି ରହିଥିବାବେଳେ ଉକ୍ତ ଅଞ୍ଚଳ ବର୍ଜ୍ୟବସ୍ତୁର ପାହାଡ଼ରେ ପରିଣତ ହୋଇଥିବାରୁ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସୁଡ଼ଙ୍ଗ ନିର୍ମାଣ ବେଳେ ବର୍ଜ୍ୟ ସାମଗ୍ରୀ ଗଦାହୋଇ ତାହା ପାହାଡ଼ର ରୂପ ନେଇଛି। ପର୍ବତ ପାର୍ଶ୍ୱରେ ଆବର୍ଜନାର ଏହି ବିଶାଳ ପାହାଡ଼କୁ ଅଟକାଇବା ପାଇଁ ସୁରକ୍ଷା ପାଚେରି ନ ଥିବାରୁ ପ୍ରବଳ ବର୍ଷାରେ ଏହା ଧୋଇ ଜନବସତି ଅଞ୍ଚଳକୁ ମାଡ଼ିଆସୁଛି। ଫଳରେ ପର୍ବତର ନିମ୍ନ ଭାଗରେ ରହୁଥିବା ଲୋକମାନଙ୍କ ପାଇଁ ଏହା ବିପଜ୍ଜନକ ପାଲଟିଥିବା ଭୂତତ୍ତ୍ୱବିତ୍ ତଥା ଉତ୍ତରାଖଣ୍ଡ ଉଦ୍ୟାନକୃଷି ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ପ୍ରଫେସର ଡ. ଏସ୍.ପି. ସତୀ କହିଛନ୍ତି। ଏହି ବର୍ଜ୍ୟ ପାହାଡ଼ରୁ ଏକ ବିପର୍ଯ୍ୟୟର ପ୍ରତୀକ୍ଷା କରାଯାଉଛି। ଡମ୍ପିଂ ପାଇଁ ଥିବା ଗାଇଡ୍‌ଲାଇନର ଅନୁପାଳନ ହେଉ ନ ଥିବା ଉଦ୍‌ବେଗଜନକ ବୋଲି ଭୂତତ୍ତ୍ୱବିତ୍ ଚେତାଇ ଦେଇଛନ୍ତି।

## ଫୁର୍‌ସତ୍

# ୨୦୦ ଆଖିରେ ଦେଖେ ଶାମୁକା

**ନୂଆଦିଲ୍ଲୀ**

ଶାମୁକା ଦୁନିଆର ଅଜବ ଜୀବମାନଙ୍କ ମଧ୍ୟରୁ ଅନ୍ୟତମ। ପ୍ରାୟ ସମସ୍ତ ଜୀବଙ୍କ ଦୁଇଟି ଆଖି ଥିବାବେଳେ ଏହି ଜୀବର ଆଖି ସଂଖ୍ୟା ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। ସାମୁଦ୍ରିକ ଶାମୁକାର ଗୋଟେ କି ୨ଟି ନୁହେଁ, ମୋଟ ୨୦୦ ଆଖି ରହିଛି, ଯାହା ଟେଲିସ୍କୋପ୍ ଭଳି କାମ କରିଥାଏ। ରିପୋର୍ଟ ମୁତାବକ, ଶାମୁକା ଆଖି ବହୁତ ଭିନ୍ନ ହୋଇଥାଏ। ତା'ର ସବୁ ଆଖି ତା' ଖୋଳପାର କଣରେ ଲୁଚି ରହିଥାଏ, ଯାହା ମଣିଷ ଏବଂ ଅନ୍ୟ ପ୍ରାଣୀଙ୍କ ଆଖିଠାରୁ



ଅଲଗା। ସେଥିରେ ଲାଇଟ୍‌କୁ ଫୋକସ୍ କରିବାକୁ ଲେନ୍ସ ବଦଳରେ ଅବତଳ ଦର୍ପଣ ରହିଥାଏ। ଶାମୁକାର ଆଖି ଦୂରବୀକ୍ଷଣ ଯନ୍ତ୍ରଭଳି ହୋଇଥାଏ। ସବୁ ଆଖିରେ

### ଆଖି ନଷ୍ଟ ହେଲେ ୪୦ ଦିନରେ ପୁନର୍ଜୀବିତ ହୁଏ

୨ଟି ରେଟିନା ରହିଥାଏ। ଯଦି ଶାମୁକାର କିଛି ଆଖି ନଷ୍ଟ ହୋଇଯାଏ, ତେବେ ସେ ୪୦ ଦିନ ମଧ୍ୟରେ ତାକୁ ପୁନଃ ଜୀବିତ କରିପାରେ। ଶାମୁକା ବଢ଼ିବା ସମୟରେ ତା'ର ସେହି ସ୍ଥାନରେ ମଧ୍ୟ ନୂଆ ଆଖି ସୃଷ୍ଟି ହୋଇଥାଏ। ଏଥିସହ ଶାମୁକା ପହଁରିବା ପାଇଁ ଜେଟ୍ ପ୍ରୋପଲଶନର ବ୍ୟବହାର ମଧ୍ୟ କରିଥାଏ। ଏହି ଶାମୁକା ପ୍ରାୟ ସମସ୍ତ ସମୁଦ୍ରରେ ଦେଖିବାକୁ ମିଳିଥାଏ।

## ବାହାହେବେ ୪୭ ବର୍ଷୀୟ ରଣଦୀପ

**ମୁମ୍ବାଇ**

ହାତକୁ ଦୁଇ ହାତ ହେବେ ବଲିଉଡର ଲୋକପ୍ରିୟ ଅଭିନେତା ରଣଦୀପ ହୁଡ୍ଡା। ୪୭ ବର୍ଷ ବୟସରେ ପ୍ରେମିକା ଲିନ୍ ଲାଶରମଙ୍କ ହାତ ଧରିବେ ସେ। ଏହି ବିବାହକୁ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଅଭିନେତା ସୋସିଆଲ ମିଡିଆ ଜରିଆରେ ପ୍ରଶଂସକଙ୍କ ସହ ଖୁସି ବାଣ୍ଟିଛନ୍ତି। ନଭେମ୍ବର ୨୯ରେ ମଣିପୁରର ଇମ୍ଫାଲରେ ବିବାହ ଅନୁଷ୍ଠିତ ହେବାକୁ ଥିବାବେଳେ ମୁମ୍ବାଇରେ ରିସେପ୍ସନ ହେବ। ଏହି ବିବାହରେ ମଣିପୁର ପରମ୍ପରାର ଝଲକ ଦେଖିବାକୁ ମିଳିବ। ଅତିଥିମାନେ ମଣିପୁରୀ ଖାଦ୍ୟ ସହ ଲୋକସଙ୍ଗୀତର ଅନୁଭବ କରିପାରିବାର ବନ୍ଦୋବସ୍ତ କରାଯାଇଛି।


ରଣଦୀପ ହୁଡ୍ଡା

## ମୋତେ କୌଣସି ଝିଅ ଚାହୁଁନାହାନ୍ତି: ବିଜୟ ବର୍ମା

**ମୁମ୍ବାଇ:** କିଛିଦିନ ହେବ ବଲିଉଡ ନାୟିକା ତମନ୍ନା ଭାଟିଆ ଏବଂ ବିଜୟ ବର୍ମା ସେମାନଙ୍କ ସମ୍ପର୍କକୁ ନେଇ ଖବରରେ ଥିଲେ। ଉଭୟ ଶୀଘ୍ର ବିବାହ କରିବାକୁ ଯାଉଥିବା ଚର୍ଚ୍ଚା ହେଉଥିଲା। ଅଭିନେତା ବିଜୟ ଦିଲ୍ଲୀର ସାହିତ୍ୟ ଆଜତକ ଇଭେଣ୍ଟରେ ଯୋଗଦେବା ଅବସରରେ ଦୁହେଁ ସେମାନଙ୍କର ପ୍ରଫେସନାଲ ଲାଇଫ ସହିତ ବ୍ୟକ୍ତିଗତ ଜୀବନ ବିଷୟରେ ଆଲୋଚନା କରିଥିଲେ। ଯେତେବେଳେ ତାଙ୍କୁ ତମନ୍ନା ଭାଟିଆଙ୍କ ସହ ବିବାହ ବିଷୟରେ ପଚରାଗଲା, ପ୍ରତିକ୍ରିୟାରେ ସେ କହିଥିଲେ, କୌଣସି ଝିଅ ମୋତେ ବିବାହ କରିବାକୁ ଚାହାଁନ୍ତି। ତାଙ୍କର କଠିନ ସମୟ ଥିଲା ଯେତେବେଳେ ସେ ମନସୁନ୍ ସୁଟଆଉଟର ଥିଏଟ୍ରିକାଲ ରିଲିଜକୁ ଦୀର୍ଘ ସମୟ ଅପେକ୍ଷା କରିଥିଲେ। ସେ କହିଛନ୍ତି ଯେ, କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପାଇଥିବା ପ୍ରଶଂସା ପରେ ମୁଁ ଆଶା କରିଥିଲି ଯେ ରିଲିଜ ପରେ ମୋ ଜୀବନରେ ବହୁତ ପରିବର୍ତ୍ତନ ଆସିବ। କିନ୍ତୁ ତାହା ହୋଇ ନ ଥିଲା। ଅଭିନୟ ଦୁନିଆରେ ମୋର ପରିଚୟ ସୃଷ୍ଟି କରିବାକୁ ମୋତେ ପୁନର୍ବାର ଆରମ୍ଭ କରିବାକୁ ପଡିଲା ଏବଂ ମୁଁ ଅନେକ ଛୋଟ ଭୂମିକାରେ ଅଭିନୟ କଲି।


ତମନ୍ନା ଭାଟିଆ
ବିଜୟ ବର୍ମା

## ଭିକ ମାଗି କୋଟିପତି

**କୁଆଲାଲୁମ୍ପୁର:** ଦେଖିବାକୁ କୌଣସି ସୁନ୍ଦରୀ ଅଭିନେତ୍ରୀଙ୍କଠାରୁ କମ୍ ନୁହନ୍ତି। ଭିକମାଗି କୋଟିପତି ହୋଇଛନ୍ତି ଜଣେ ପାକିସ୍ତାନୀ ଯୁବତୀ। ତାଙ୍କର ମାଲେସିଆରେ ୨ ଫ୍ଲାଟ ଏବଂ ବହୁ ଦାମୀ କାର୍ ରହିଛି। ସୋସିଆଲ ମିଡିଆରେ ଏବେ ଉକ୍ତ ଯୁବତୀଙ୍କ ସାକ୍ଷାତ୍‌କାରର ଭିଡିଓ ଭାଇରାଲ ହେଉଛି। ଭିଡିଓକୁ ଦେଖିବା ପରେ ବି ଅନେକେ ବିଶ୍ୱାସ କରିପାରୁ ନ ଥିବା କହିଛନ୍ତି। ଯୁବତୀ ଜଣଙ୍କ ପାକିସ୍ତାନର ହୋଇଥିବାବେଳେ ମାଲେସିଆରେ ଭିକ ମାଗନ୍ତି। ସେ ହାତରେ ବହି ଧରି ଅନ୍ଧ ହେବାର ଅଭିନୟ କରିଥାନ୍ତି ଓ ନିଜର ଦୁଃଖୀ ଜୀବନର କାହାଣୀ କହିଥାନ୍ତି। ତାଙ୍କର ନିଜର ବ୍ୟବସାୟ ମଧ୍ୟ ରହିଛି। କହିବାକୁ ଗଲେ ଜୀବନକୁ ବେଶ୍ ବିଳାସମୟ ଢଙ୍ଗରେ ସେ ଜିଉଁଛନ୍ତି।

# ନୂଆ ସମ୍ବିଧାନ ଲୋଡ଼ାନାହିଁ

## ସମ୍ବିଧାନ ଦିବସରେ ଆଇନ ବିଶେଷଜ୍ଞଙ୍କ ମତ

**ଭାରତରେ ଏକ ନୂଆ ସମ୍ବିଧାନ ପ୍ରଣୟନ ଦାବିକୁ ଆଇନ ବିଶେଷଜ୍ଞମାନେ ଅନୁପଯୁକ୍ତ ଅଭିହିତ କରି ପ୍ରତ୍ୟାଖ୍ୟାନ କରିଛନ୍ତି। ଏହି ୭ ଦଶନ୍ଧି ପୁରୁଣା ଜୀବନ୍ତ ଦସ୍ତାବିଜ ସର୍ବଦା ପ୍ରାସଙ୍ଗିକ ହୋଇ ରହିବ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।**




ନୂଆଦିଲ୍ଲୀ,୨୬।୧୧

କିଛିଦିନ ହେଲା ଭାରତୀୟ ସମ୍ବିଧାନର ଆୟୁଷ ପୁରିଯାଇଥିବା ଦର୍ଶାଇ ଦେଶ ପାଇଁ ଏକ ନୂଆ ସମ୍ବିଧାନର ଆବଶ୍ୟକତା ସପକ୍ଷରେ ଯୁକ୍ତି ବଢ଼ାଯାଉଛି। ଏଭଳି ମତ ପୋଷଣ କରୁଥିବା ଲୋକେ ସମ୍ବିଧାନର 'ଔପନିବେଶିକ ଲିଗାସି' ସହ ଜଡ଼ିତ ଅଥବା ସ୍ୱଳ୍ପାୟୁ ସମ୍ବିଧାନ ରହିଥିବା ରାଷ୍ଟ୍ରଗୁଡ଼ିକର ଉଦାହରଣ ଦେଉଛନ୍ତି। କିନ୍ତୁ ଆଇନ ବିଶେଷଜ୍ଞମାନେ ସମ୍ବିଧାନକୁ ସମୟର କଷଟି ପଥରରେ ସର୍ବଦା ଉତ୍ତୀର୍ଣ୍ଣ ହେବାକୁ ଥିବା ଏକ 'ଜୀବନ୍ତ ଦସ୍ତାବିଜ' ବୋଲି କହିଛନ୍ତି।

ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଦୃଷ୍ଟାନ୍ତମୂଳକ ଦୂରଦୃଷ୍ଟିସମ୍ପନ୍ନ ନିର୍ମାତାମାନଙ୍କ ଦ୍ୱାରା ସମ୍ବିଧାନ ପ୍ରଣୀତ ହୋଇଛି। ଏଥିଯୋଗୁ ଅଦ୍ୟାବଧି ଏହା ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ସୁଦ୍ଧା ତିଷ୍ଠି ରହିଛି। ଆମ ସମ୍ବିଧାନ ସମ୍ପୂର୍ଣ୍ଣ ଦସ୍ତାବିଜ ଏବଂ ଏକ ନୂଆ ସମ୍ବିଧାନ ତିଆରି କରିବାର କୌଣସି ପ୍ରକାର ଆବଶ୍ୟକତା ନାହିଁ। ତେବେ ଦୀର୍ଘ ବର୍ଷ ଧରି ବ୍ୟାଖ୍ୟା ପ୍ରକ୍ରିୟା ଯୋଗୁ ମୂଳ ସମ୍ବିଧାନରେ କେତେକ ନୂଆ ସିଦ୍ଧାନ୍ତ ସନ୍ନିବେଶିତ ହୋଇଛି। ସେଗୁଡ଼ିକ ଉଭୟ ଦୃଷ୍ଟିକୋଣ ଓ ପ୍ରୟୋଗ କ୍ଷେତ୍ରରେ ବ୍ୟକ୍ତିବାଦୀ ଏବଂ ବସ୍ତୁନିଷ୍ଠ। ଏହି ଦୃଷ୍ଟିରୁ ସେ ସାମ୍ବିଧାନିକ ନୈତିକତାକୁ ସମ୍ବିଧାନ ପ୍ରଣେତାମାନେ ଗୁରୁତ୍ୱ ଦେଇଥିବା ସେ ମନେକରନ୍ତି। ମେହେଟ୍ଟାଙ୍କ ବ୍ୟକ୍ତିଗତ ମତ ହେଉଛି, ଏକ ନୂଆ ସମ୍ବିଧାନର ଆଦୌ ଆବଶ୍ୟକତା ନାହିଁ। ସମ୍ବିଧାନ ଅଧୀନ ସମସ୍ତ ଅଙ୍ଗ ଏହାକୁ ଏକ ମୌଳିକ ତଥ୍ୟ ବିବେଚନା କରି ସମ୍ବିଧାନର ଅନୁସରଣ କରିବା ଜରୁରୀ।

ବରିଷ୍ଠ ଆଇନଜୀବୀ ତଥା ମହାରାଷ୍ଟ୍ରର ପୂର୍ବତନ ଆଡଭୋକେଟ ଜେନେରାଲ ଡାରିଅସ୍ ଖମ୍ବାଟା ଭାରତୀୟ ସମ୍ବିଧାନକୁ ଏକ ମାଷ୍ଟରପିସ୍ ଭାବେ ଅଭିହିତ କରି ଏହାର ଅସ୍ତିତ୍ୱକୁ ଏକ ସକାରାତ୍ମକ ଭବିଷ୍ୟତ ବୋଲି କହିଛନ୍ତି। ତାଙ୍କ ମତରେ ବିନା କୌଣସି ଅନୁଶୀଳନରେ ନୂଆ ସମ୍ବିଧାନର ଧାରଣା ଏକ ଅବାସ୍ତବ କଳ୍ପନା। ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭା ଦ୍ୱାରା ଗୃହୀତ ଭାରତୀୟ ସମ୍ବିଧାନ ନିଜକୁ ଏକ ସ୍ଥାୟୀ ଦସ୍ତାବିଜ ଭାବେ ପ୍ରମାଣିତ କରିଆସିଛି। ସାରା ବିଶ୍ୱରେ ୧୭୮୯ ମସିହା ପରଠୁ ଜାତୀୟ ସମ୍ବିଧାନଗୁଡ଼ିକର ହାରାହାରି ଜୀବନକାଳ ୧୭ ବର୍ଷ। ୨୦୦୯ରେ ଆମେରିକାର ୟୁନିଭର୍ସିଟି ଅଫ୍ ଶିକାଗୋର ଥମାସ୍ ଗନ୍ସବର୍ଗ, ଜାଚାରି ଏଲ୍‌କିନ୍ସ ଏବଂ ଜେମ୍ସ ମିଲ୍‌ଟନ ମିଳିତ ଭାବେ କରିଥିବା ଅଧ୍ୟୟନରୁ ଏହି ବିଷୟ ଜଣାପଡ଼ିଛି। ସେମାନଙ୍କ ଆକଳନରୁ ଆହୁରି ଜଣାପଡ଼ିଛି ଯେ, ଅଧା ସମ୍ବିଧାନ ୧୮ ବର୍ଷରେ ଉପନୀତ ହେବା ପରେ ଅକାମୀ ହୋଇଯାଉଥିବାବେଳେ ମାତ୍ର ୧୯ ପ୍ରତିଶତ ସମ୍ବିଧାନ ୫୦ ବର୍ଷ ପୂରଣ କରିଥାନ୍ତି। ଫ୍ରାନ୍ସ, ଲାଟିନ୍ ଆମେରିକୀୟ ଏବଂ ଆଫ୍ରିକୀୟ ଦେଶଗୁଡ଼ିକ ନିଜ ସମ୍ବିଧାନକୁ ପ୍ରତ୍ୟାଖ୍ୟାନ କରି ନୂଆ ସମ୍ବିଧାନ ପ୍ରଣୟନ କରିଆସିଛନ୍ତି। ୨୦୨୨ରେ ଟ୍ୟୁନିସିଆରେ ରାଷ୍ଟ୍ରପତି ସାଲେଡ୍‌ଙ୍କ କ୍ଷମତାକୁ ନେଇ ମନମୁଖି କାର୍ଯ୍ୟକଳାପ ବିରୋଧରେ ଗଣଭୋଟ ପରେ ଏକ ନୂଆ ସମ୍ବିଧାନ ଜନ୍ମ ନେଇଥିଲା। ସେହି ସମୟରେ ଚିଲିର ଚିଠା ସମ୍ବିଧାନକୁ ଦେଶବାସୀ ଗଣଭୋଟ ଜରିଆରେ ଖାରଜ କରିଥିଲେ।

ଚଳିତ ନଭେମ୍ବରରେ ଭାରତୀୟ ସମ୍ବିଧାନ ୭୪ ବର୍ଷରେ ପଦାର୍ପଣ କରିଛି। ଇତିମଧ୍ୟରେ ଏହି ଜାତୀୟ ଦସ୍ତାବିଜ୍‌ରେ ୧୦୬ ଥର ସଂଶୋଧନ କରାଗଲାଣି। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶାସନ କାଳରେ ସ୍ୱରନ୍ ସିଂ କମିଟି ସୁପାରିସକ୍ରମେ ହୋଇଥିବା ୪୨ତମ ସଂଶୋଧନ ଜରିଆରେ ଅନେକ କିଛି ପରିବର୍ତ୍ତନ କରାଯାଇଥିଲା। ପରେ ୧୯୯୨ରେ ଅଟଳ ବିହାରୀ ବାଜପେୟୀ ସରକାର ମଧ୍ୟ ଜଷ୍ଟିସ୍ ଭେଙ୍କଟଚଲୈୟାଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ସମୀକ୍ଷା ସକାଶେ ଏକ କମିଟି ଗଠନ କରିଥିଲେ ବୋଲି ପୂର୍ବତନ ଆଇନ ସଚିବ ପି.କେ. ମାଲହୋତ୍ରା ପ୍ରକାଶ କରିଛନ୍ତି। ମାଲହୋତ୍ରାଙ୍କ ମତରେ ସମ୍ବିଧାନକୁ ସ୍ଥାଣୁ ଏବଂ ଉପନିବେଶ ଯୁଗୀୟ କହିବା ଠିକ୍ ହେବ ନାହିଁ।

ଭାରତୀୟ ସମ୍ବିଧାନର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଏହା ଉଭୟ ନିର୍ଦ୍ଦୟ ବହୁସଂଖ୍ୟକବାଦ ଏବଂ ନାଗରିକଙ୍କ ଅଧିକାର ଓ ସ୍ୱାଧୀନତା ଉପରେ ପ୍ରହାର ନିମନ୍ତେ ହାତୁଡ଼ି ଭାବେ ଏହା ବ୍ୟବହାର ହୋଇପାରିବ। ଶାସକ ଦଳ ସାମ୍ବିଧାନିକ ମୂଲ୍ୟବୋଧରେ ପରିବର୍ତ୍ତନ ଆଣିବା ସହ ଏକ ନୂଆ ସମ୍ବିଧାନ ପ୍ରଣୟନ କରିବା ଲକ୍ଷ୍ୟ ରଖିଛି ବୋଲି ସଦ୍ୟ ଘଟଣାକ୍ରମଗୁଡ଼ିକ ଦର୍ଶାଉଛି। ୨୦୨୩ ସ୍ୱାଧୀନତା ଦିବସରେ 'ଲାଇଭମିଣ୍ଟ' ଏବଂ 'ନିଉଜ୍୧୮'ରେ ଦୁଇଟି ନିବନ୍ଧ ପ୍ରକାଶ ପାଇଥିଲା, ଯାହାକି ଶାସକ ଦଳ ସହ ଜଡ଼ିତ ଦୁଇଜଣ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ। ଗୋଟିଏ ଆର୍ଟିକିଲ୍‌ରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟି ସଦସ୍ୟ ବିବେକ ଦେବରାୟ ଯୁକ୍ତି ବାଢ଼ିଥିଲେ ଯେ, ସମ୍ବିଧାନ ସଂଶୋଧନ କରିଦେଲେ ହେବ ନାହିଁ। ତେଣୁ ଏକ ନୂଆ ସମ୍ବିଧାନ ପାଇଁ ଚିଠା ପ୍ରସ୍ତୁତି ଆବଶ୍ୟକ। ଅନ୍ୟ ଆର୍ଟିକିଲ୍‌ରେ ସଂସଦୀୟ ଗଣତନ୍ତ୍ର ପରିବର୍ତ୍ତେ ରାଷ୍ଟ୍ରପତୀୟ ସରକାର ବ୍ୟବସ୍ଥା ରହିବା ଉଚିତ ବୋଲି ଇଣ୍ଡିଆ ଫାଉଣ୍ଡେସନ ଡାଇରେକ୍ଟର ଆଲୋକ ବଂଶଲ ଯୁକ୍ତି ବାଢ଼ିଥିଲେ। ଏହି ଦୁଇ ନିବନ୍ଧକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା। ବିବାଦ ବଢ଼ିବା ଦେଖି କେନ୍ଦ୍ର ସରକାର ଦୂରତା ଅବଲମ୍ବନ କରି ଏହା ସେମାନଙ୍କ ନିଜସ୍ୱ ମତ ବୋଲି କହିଥିଲେ।

ଲେଖକ ଅର୍ଘ୍ୟ ସେନ୍‌ଗୁପ୍ତା 'ଦି କଲୋନିଆଲ୍ କନ୍‌ଷ୍ଟିଚ୍ୟୁଶନ' ଶୀର୍ଷକ ସଦ୍ୟ ପୁସ୍ତକରେ ଉଲ୍ଲେଖ କରିଛନ୍ତି ଯେ, ସମ୍ବିଧାନରେ ରହିଥିବା ଅଧିକାଂଶ ବିଷୟ ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ, ୧୯୩୫ ଦ୍ୱାରା ପ୍ରେରିତ। ବ୍ରିଟିଶ ଶାସନ କାଳରେ ଗୃହୀତ ଏହି ଆଇନ ସମ୍ବିଧାନକୁ ଏକ କଲୋନିଆଲ ଡକ୍ୟୁମେଣ୍ଟରେ ପରିଣତ କରିଛି। ଉଭୟଙ୍କ ଆର୍ଟିକିଲ୍‌ରୁ ସ୍ପଷ୍ଟ ବିବାଦଜନିତ କୌଣସି ବଡ଼ ଘଟଣାକ୍ରମ ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳି ନ ପାରେ। ଗତବର୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରା ଆୟୋଜିତ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣକୁ ସେତେବେଳ ଯାଏ ଭାରତୀୟମାନେ ସ୍ମରଣ କରିପାରନ୍ତି। ମୋଦି କହିଥିଲେ, 'ଲୋକେ ହେଉଛନ୍ତି ଏକ ଆହ୍ୱାନ, ଏକ ପ୍ରତିଜ୍ଞା, ଏକ ଆସ୍ଥା। ସମ୍ବିଧାନରେ ଥିବା ଏହି ଭାବାବେଗ ହେଉଛି ଭାରତୀୟ ବ୍ୟବସ୍ଥାର କେନ୍ଦ୍ର ଯାହାକି ଗଣତନ୍ତ୍ରର ଜନନୀକୁ ସମୃଦ୍ଧ କରିଥାଏ। ନାଗରିକମାନଙ୍କୁ ଖୁସିରେ ରଖି ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଚରଣ କରିବା ଶାସକ କର୍ତ୍ତୃପକ୍ଷଙ୍କ ଭୂମିକା ହେବା ଉଚିତ।'

## ପୂର୍ବତଟ ରେଳପଥ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ଭୁବନେଶ୍ୱର,୨୬।୧୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ରବିବାର ରେଳପଥ ମୁଖ୍ୟାଳୟ ରେଳ ସଦନଠାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଶର୍ମାଙ୍କ ନେତୃତ୍ୱରେ ଅତିରିକ୍ତ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ, ସମସ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନର ସଦସ୍ୟାମାନେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପଢ଼ିଥିଲେ। ଏହା ବ୍ୟତୀତ ପୂର୍ବତଟ ରେଳପଥର ସମସ୍ତ ୩ଟି ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲ୍‌ଟିୟର ଓ ସମ୍ବଲପୁର ସମେତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଥିବା ବିଭିନ୍ନ ରେଳ ଷ୍ଟେଶନରେ ମଧ୍ୟ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଦୂର ଉପାନ୍ତ ସ୍ଥାନଗୁଡ଼ିକରେ ଥିବା ରେଳ ଅଧିକାରୀମାନେ ମଧ୍ୟ ସେମାନଙ୍କ କାର୍ଯ୍ୟସ୍ଥଳରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ପଠନ କରିଥିଲେ। ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ସିଦ୍ଧାର୍ଥ କାଟି ଏବଂ ମୁଖ୍ୟ କାର୍ମିକ ଅଧିକାରୀ ସୂର୍ଯ୍ୟ ପ୍ରକାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଜିର ଦିନ ପ୍ରତି ଭାରତୀୟଙ୍କ ପାଇଁ ଏକ ଗୌରବର ଦିବସ: କଂଗ୍ରେସ




ଭୁବନେଶ୍ୱର, ୨୬।୧୧(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟାଳୟରେ ଦଳର ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ ପକ୍ଷରୁ 'ସମ୍ପ୍ରତି ଆମ ସମ୍ବିଧାନ ସୁରକ୍ଷିତ କି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଆଜିର ଦିନ ପ୍ରତି ଭାରତୀୟଙ୍କ ପାଇଁ ଏକ ଗୌରବର ଦିବସ। ୧୯୪୯ ଆଜିର ଦିନରେ ଭାରତର ସମ୍ବିଧାନ ସଭା ଭାରତୀୟ ସମ୍ବିଧାନକୁ ସ୍ୱୀକାର କରିଥିଲା, ଯେଉଁ ସମ୍ବିଧାନ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୫୦ ଜାନୁୟାରୀ ୨୬ରେ ଦେଶରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଥିଲା। ସମ୍ବିଧାନ ହେଉଛି ଭାରତବର୍ଷର ସର୍ବଶ୍ରେଷ୍ଠ ଆଇନ ଗ୍ରନ୍ଥ। ଆମ ସମ୍ବିଧାନ ଆମ ଗଣତନ୍ତ୍ରର ମୂଳମନ୍ତ୍ର। ସମ୍ବିଧାନରୁ ଭାରତବର୍ଷର ସବୁ ଆଇନ ସୃଷ୍ଟି ହୋଇଛି। ଏହି ସମ୍ବିଧାନର ପ୍ରଣେତା ହେଉଛନ୍ତି ବାବା ସାହେବ ଭୀମରାଓ ଆମ୍ବେଦକର। ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ବର୍ତ୍ତମାନ ନିରପେକ୍ଷ ରହିପାରୁ ନାହାନ୍ତି। ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ରାଜନେତା ବା ନାଗରିକଙ୍କ ଉପରେ କ୍ଷମତାସୀନ ସରକାର ଇଡି ଓ ସିବିଆଇ ଲଗାଇ ତାଙ୍କର କଣ୍ଠରୋଧ କରୁଛନ୍ତି। ଆମ ଗଣତନ୍ତ୍ରକୁ ରକ୍ଷା କରିବାକୁ ପଡ଼ିବ ବୋଲି ଶରତ କହିଛନ୍ତି।




ଓଡ଼ିଶା ଗବେଷଣା କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ରଘୁବର ଦାସ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

## ବିଦ୍ୟୁତ୍ କାଟ ପଛର ରହସ୍ୟ କ'ଣ: ଭାଜପା

ଭୁବନେଶ୍ୱର, ୨୬।୧୧(ସୁନିତ୍ ମିଶ୍ର)

ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଶନିବାର ଭୁବନେଶ୍ୱରରେ ଏକ ସଭାରେ ଅତିଥିଭାବେ ଯୋଗ ଦେଇଥିବାବେଳେ ବାରମ୍ବାର ବିଦ୍ୟୁତ୍ କାଟ ହେଲା। ଏହା ପଛରେ ରାଜ୍ୟ ସରକାରଙ୍କ ଷଡ଼ଯନ୍ତ୍ର ଥିବା ସ୍ପଷ୍ଟ ଅନୁମାନ କରିହେଉଛି। କାରଣ ବିଶ୍ୱଭୂଷଣ କିଛିଦିନ ତଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଦର୍ଶନ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାକୁ ନେଇ ବିଜେଡିର ଜଣେ ଏମ୍‌ପି ନଭେମ୍ବର ୨୪ରେ ଖବରଦାତା ସମ୍ମିଳନୀକରି ବିଶ୍ୱଭୂଷଣଙ୍କୁ ସମାଲୋଚନା କରିଥିଲେ। ଏହାର ଠିକ୍ ପରଦିନ ବିଶ୍ୱଭୂଷଣଙ୍କ ସଭାରେ ବିଦ୍ୟୁତ୍‌କାଟ ହେବା ଘଟଣା ଦର୍ଶାଉଛି ଯେ, ବିଜେଡି ହୀନ ରାଜନୀତି ଓ ନୀଚ ମାନସିକତାରେ ପୀଡ଼ିତ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ବିଶ୍ୱଭୂଷଣ ଆଗରୁ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ, ପାଇକ ସଂଗ୍ରାମ ସ୍ମାରକୀ ନିର୍ମାଣ ବିଳମ୍ବିତ ପ୍ରସଙ୍ଗରେ ଜଣେ ଓଡ଼ିଆ ଭାବେ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ, ଯାହା ବୋଧହୁଏ ବିଜେଡି ସରକାରଙ୍କୁ ଭଲ ଲାଗି ନ ଥିଲା।

## ଲୁଟ୍ ମୋବାଇଲ୍ ବିକ୍ରି ଉଦ୍ୟମବେଳେ ୨ ଧରାପଡ଼ିଲେ

### ୯ ମୋବାଇଲ, ଲାପ୍‌ଟପ୍ ଜବତ

ଭୁବନେଶ୍ୱର,୨୬।୧୧(ସୂର୍ଯ୍ୟକାନ୍ତ ବେହେରା)

ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଲୁଟ ଘଟଣାରେ ଭରତପୁର ଥାନା ପୋଲିସ ୨ଜଣଙ୍କୁ ଧରିଛି। ଏମାନଙ୍କ ମଧ୍ୟରୁ ଜଣେ ନାବାଳକ ହୋଇଥିବାବେଳେ ଅନ୍ୟଜଣେ ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ପୁରୀର ସନ୍ତୋଷ ମଲ୍ଲିକ। ଉଭୟଙ୍କଠାରୁ ବିଭିନ୍ନ କମ୍ପାନୀର ୯ଟି ମୋବାଇଲ ଓ ଗୋଟିଏ ଲାପଟପ ଜବତ ହୋଇଛି। ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ଲୁଟ୍ ମୋବାଇଲଗୁଡ଼ିକୁ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିବାବେଳେ ପୋଲିସ ଉଭୟଙ୍କୁ କାବୁ କରିଥିଲା। ସୂଚନାନୁସାରେ, ଅଭିଯୋଗକାରୀ ପ୍ରବୀର କୁମାର ପଟ୍ଟନାୟକ ଗତ ୨୦ ତାରିଖ ରାତିରେ ସାଇକେଲ ଯୋଗେ ନିଜ ଆଶ୍ରମକୁ ଫେରୁଥିବା ବେଳେ ଜୟଦେବ ବାଟିକା ନିକଟରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ତାଙ୍କୁ ମାଡ ମାରି ୬ ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ଓଆର୍‌ସି ଓଡ଼ିଶାର ଅତୀତ, ବର୍ତ୍ତମାନ, ଭବିଷ୍ୟତର ଅନୁସନ୍ଧାନ କରିବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୬।୧୧(ସୁନିତ୍ ମିଶ୍ର)

ଉପଯୁକ୍ତ ଗବେଷଣା ଓ ତଥ୍ୟ ପ୍ରମାଣ ଅଭାବରୁ ଓଡ଼ିଶାର ସମୃଦ୍ଧ ଓ ଗୌରବମୟ ଇତିହାସ କେବଳ ଲୋକକଥାରେ ସୀମିତ ରହିଯାଇଛି। ବର୍ତ୍ତମାନ ସମୟରେ ଗବେଷଣା ଆଧାରରେ ଓଡ଼ିଆ ସମାଜର ମୂଳ ସତ୍ୟତାକୁ ତଥ୍ୟ ଆଧାରରେ ପ୍ରମାଣିତ କରି ପ୍ରକୃତ ସତ୍ୟତାର ଉନ୍ମୋଚନ କରିବାକୁ ହେବ। ଏ ଦିଗରେ ରବିବାର ଉଦ୍‌ଘାଟିତ 'ଓଡ଼ିଶା ଗବେଷଣା କେନ୍ଦ୍ର'(ଓଆର୍‌ସି) ତଥ୍ୟ ପ୍ରମାଣ ଆଧାରରେ ଓଡ଼ିଶାର ଲୁକ୍କାୟିତ ଲୋକକଥାକୁ ଲୋକଲୋଚନକୁ ଆଣିବା ତଥା ଓଡ଼ିଶାର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ଅନୁସନ୍ଧାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ସମ୍ବିଧାନ ଦିବସ ଅବସରରେ ଭୁବନେଶ୍ୱରରେ ରାଜ୍ୟପାଳ ରଘୁବର ଦାସ, ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ କରକମଳରେ ଓଆର୍‌ସିର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଓଡ଼ିଶାର ଜ୍ଞାନ ଏବଂ ପରମ୍ପରା ଉପରେ ଏକଦିବସୀୟ କର୍ମଶାଳାରେ ଧର୍ମେନ୍ଦ୍ର କହିଛନ୍ତି, ଆଇଆଇଟିରୁ ଆଇଆଇଏମ୍ ପର୍ଯ୍ୟନ୍ତ ବହୁମୁଖୀ ଶିକ୍ଷାଦାନ ଉପରେ କେନ୍ଦ୍ର ସରକାର ପ୍ରାଥମିକତା ଦେଇଛନ୍ତି। ଆମ ସମୃଦ୍ଧ, ସମ୍ପନ୍ନ ଓ ଗୌରବମୟ ଓଡ଼ିଆ ସମାଜକୁ ସମୀକ୍ଷା କରିବାକୁ ହେଲେ ଓଡ଼ିଶାର ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କୋଣାର୍କ ମନ୍ଦିରର ପଥର ଖଣ୍ଡ ପଛର ବୈଜ୍ଞାନିକ କାରଣ ଏବଂ ପ୍ରକ୍ରିୟାର ମୌଳିକ ତତ୍ତ୍ୱ ଅନ୍ୱେଷଣ କରିବାକୁ ହେବ। ଯେଉଁ ଜାତି ସମ୍ପନ୍ନ ଓ ଦୂରଦ୍ରଷ୍ଟା ନ ଥିବ ତେବେ ଏ ପ୍ରକାର କୀର୍ତ୍ତି କରିବା କ'ଣ ସମ୍ଭବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ଦିଗରେ ସମଗ୍ର ବିଚାର ଓ ମୌଳିକ ତତ୍ତ୍ୱ ପର୍ଯ୍ୟନ୍ତ ଯିବା ପାଇଁ ଓଡ଼ିଶା ରିସର୍ଚ୍ଚ ସେଣ୍ଟର ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି। ଭାରତର ଅର୍ଥନୀତିକୁ ସମୃଦ୍ଧ କରିବାରେ ଓଡ଼ିଶାର ଅବଦାନ ଅନେକ। ଓଡ଼ିଆ ପିଲାମାନଙ୍କ ବୌଦ୍ଧିକ କ୍ଷମତା ବର୍ତ୍ତମାନ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ହୋଇଛି। ଆବୁଧାବିରେ ଜଗନ୍ନାଥ ମନ୍ଦିର ନିର୍ମାଣ କାମରେ ଶହ ଶହ ଓଡ଼ିଆ କାରିଗର ଲାଗିଛନ୍ତି। ସମସାମୟିକ ଓଡ଼ିଶାରେ କ'ଣ ଚାଲିଛି, ଓଡ଼ିଆ ଲୋକ କ'ଣ ଭାବୁଛନ୍ତି, ସେ ଦିଗରେ ମଧ୍ୟ ଆଲୋଚନା କରିବାକୁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ସ୍ତ୍ରୀ, ଝିଅକୁ ଆକ୍ରମଣ କରି ସ୍ୱାମୀ ଗିରଫ

ଭୁବନେଶ୍ୱର,୨୬।୧୧ (ସୂର୍ଯ୍ୟକାନ୍ତ ବେହେରା)

ସ୍ତ୍ରୀ ଓ ନିଜ ନାବାଳିକା ଝିଅଙ୍କୁ ମାଡ ମାରିବା ସହ ଅସଦାଚରଣ କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁନ୍ଦରପଦା ଅଞ୍ଚଳରେ ରହୁଥିବା ନୟାଗଡର ରଞ୍ଜନ କୁମାର ସେଠୀ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି। କୌଣସି କାରଣକୁ ନେଇ ମହିଳା ଜଣକ ଗତ ୧୦ ବର୍ଷ ହେବ ନିଜ ପୁଅ ଓ ଝିଅଙ୍କୁ ନେଇ ସ୍ୱାମୀଠାରୁ ଅଲଗା ରହି ଆସୁଛନ୍ତି। କିଛିଦିନ ପୂର୍ବେ ସ୍ୱାମୀ ରଞ୍ଜନ ସେଠାକୁ ଯାଇ ଘର ଭିତରେ ପଶି ମା' ଓ ଝିଅଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଅକ୍ଟୋବର ୧୮ ସନ୍ଧ୍ୟାରେ ଅଭିଯୁକ୍ତ ପୁଣି ଥରେ ତାଙ୍କ ଘରକୁ ଯାଇ ଘରେ ଏକୁଟିଆ ଥିବା ନିଜ ନାବାଳିକା ଝିଅଙ୍କୁ ଅସଦାଚରଣ କରିଥିଲେ। ପାଟି ଶୁଣି ପଡ଼ୋଶୀ ଲୋକେ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କ କବଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଅଭିଯୋଗ ପରେ ଏୟାରପୋର୍ଟ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଛାତ୍ରଙ୍କୁ ଛୁରାମାଡ଼ ଘଟଣା, ନୟାଗଡ଼ରୁ ଆଉଜଣେ ଗିରଫ

ଭୁବନେଶ୍ୱର,୨୬।୧୧ (ସୂର୍ଯ୍ୟକାନ୍ତ ବେହେରା)

ପରୀକ୍ଷା ହଲ୍‌ରେ ଉତ୍ତର ଖାତା ନ ଦେଖାଇବାରୁ ଛାତ୍ରଙ୍କୁ ଛୁରାମାଡ଼ ଘଟଣାରେ ବଡଗଡ ଥାନା ପୋଲିସ ଆଉଜଣେ ଅଭିଯୁକ୍ତଙ୍କୁ ନୟାଗଡରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ୟୁନିଟ-୬ ଅଞ୍ଚଳର ସୁବ୍ରତ ଗୋଚ୍ଛାୟତ ଓରଫ ଟାକୁଲ। ତେବେ ଏହି ମାମଲାରେ ପୂର୍ବରୁ ପୋଲିସ ଅନ୍ୟତମ ଅଭିଯୁକ୍ତ ଚନ୍ଦନ ପଣ୍ଡାଙ୍କୁ ପ୍ରଥମେ ଗିରଫ କରି କୋର୍ଟ ଚାଲଣ କରିଥିଲା।

ଆହତ ଛାତ୍ର ଓ ଅଭିଯୁକ୍ତ ଚନ୍ଦନ ଭୁବନେଶ୍ୱରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢୁଥିଲେ। ଅଗଷ୍ଟ ୩୧ରେ ଉକ୍ତ ଶିକ୍ଷାନୁଷ୍ଠାନରେ ପରୀକ୍ଷା ଥିଲା। ଚନ୍ଦନ ପରୀକ୍ଷା ହଲରେ କପି କରିବା ଲାଗି ନିକଟରେ ବସିଥିବା ଉକ୍ତ ଛାତ୍ରଙ୍କୁ ଉତ୍ତର ଖାତା ମାଗିଥିଲେ। କିନ୍ତୁ ସେ ଉତ୍ତର ଖାତା ଦେବାକୁ ମନା କରିଥିଲେ। ପରୀକ୍ଷା ସରିବା ପରେ ଛାତ୍ରଜଣକ କଲେଜର ଗେଟ ନିକଟରେ ପହଞ୍ଚିବା କ୍ଷଣି ଅଭିଯୁକ୍ତ ଚନ୍ଦନ ସହଯୋଗୀଙ୍କ ସହ ମିଶି ତାଙ୍କୁ ରାସ୍ତାରେ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ନାନାପ୍ରକାର ଧମକ ଚମକ ଦେଇଥିଲେ। ଏଥିସହ ପାଖରେ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।


**PANCHAYAT SAMITI, TENTULIKHUNTI**
**Dist:Nabarangpur, Pin:764070**

| ମୋଟ ପ୍ରକଳ୍ପ ସଂଖ୍ୟା | ସମ୍ପୂର୍ଣ୍ଣ ପ୍ରକଳ୍ପ ସଂଖ୍ୟା | ଚାଲୁଥିବା ପ୍ରକଳ୍ପ ସଂଖ୍ୟା | ଶ୍ରମ ଦିବସ | ୧୦୦ ଦିନିଆ ଶ୍ରମଦିବସ | ଅଣକୁଶଳୀ ଶ୍ରମିକ ଖର୍ଚ୍ଚ (କୋଟି) | ସାମଗ୍ରିକ ବାବଦରେ ଖର୍ଚ୍ଚ (କୋଟି) |
|---|---|---|---|---|---|---|
| ୧୬୫୫ | ୧୧୪୪ | ୫୧୧ | ୭୧୪୩୫୫ | ୫୪୧ | ୧୫.୮୬ | ୨.୯୯ |

Sd./-Block Development Officer,
Tentulikhunti

**ପ୍ରଗତି ପଥେ ଝରିଗାଁ ପଞ୍ଚାୟତ ସମିତି**
ଜିଲ୍ଲା-ନବରଙ୍ଗପୁର
**Rural Housing Scheme**

| Sl.No. | Scheme | Target | Achievement | Percentage |
|---|---|---|---|---|
| 1 | PMAY | 18788 | 13962 | 74.31 |
| 2 | BPGY | 315 | 284 | 90.15 |
| 3 | NSPGY | 197 | 173 | 87.81 |
| 4 | Total | 19300 | 14419 | 74.7 |
| Development Scheme | | | | |
| Sl.No. | Scheme | Project sanctioned | completed | percentage |
| 1 | BIO MEDICAL WASTE | 5 | 5 | 100 |
| 2 | 3rd PHASE 5T SCHOOL | 11 | 11 | 100 |
| 3 | Labour Room | 2 | 2 | 100 |
| MGNREGS | | | | |
| Sl.No. | Total Project | Completed | Balance | % |
| 1 | 28088 | 21494 | 6594 | 76.52 |
| MGNREGS Financial Progress | | | | |
| Sl.No. | Target | Achievement | 100 days Completed house Hold | Percentage |
| 1 | 1031335 | 823178 | 1742 | 79.82 |
| Social Security Section | | | | |
| Sl.No. | Scheme | Target | Achievement | Percentage |
| 1 | NSAP | 8005 | 8005 | 100 |
| 2 | MBPY | 9727 | 9727 | 100 |
| 3 | NFBS | 11 | 11 | 100 |
| 4 | DRI Loan | 5 | 5 | 100 |

ଅଧ୍ୟକ୍ଷ, ଝରିଗାଁ — ଉପାଧ୍ୟକ୍ଷ, ଝରିଗାଁ — ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଝରିଗାଁ
ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନବରଙ୍ଗପୁର

**ପ୍ରଗତିପଥେ ପୌର ପରିଷଦ, ନୟାଗଡ଼**

୧। ନୟାଗଡ଼ ସହରରେ ଏକ ଆକର୍ଷଣୀୟ 'ବଲାଙ୍ଗୀ ପାର୍କ' ନିର୍ମାଣ ବିକାଶର ଆଉ ଏକ ମାଇଲ ଖୁଣ୍ଟ। କାର୍ଯ୍ୟ ଚାଲୁଥିବା ସତ୍ତ୍ୱେ "ପାର୍ବଣ" ଠାରୁ ସର୍ବସାଧାରଣଙ୍କ ପାଇଁ ପାର୍କ ଖୋଲା ରହିଛି। ପ୍ରତିଦିନ ଅପରାହ୍ନ ୪ଟା ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପରିଭ୍ରମଣ କରିହେବ।
୨। ଶୃଜନଶୀଳତା ବୃଦ୍ଧି ପାଇଁ ଅତ୍ୟାଧୁନିକ 'ଜିଲ୍ଲା ପାଠାଗାର' ସ୍ଥାପନ, ଉପାଦେୟ ପାଠ୍ୟପୁସ୍ତକ ଉପଲବ୍ଧ।
୩। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ସହରର ରୂପାନ୍ତରୀକରଣ କାର୍ଯ୍ୟ ଜାରି ରହିଛି।
୪। ପଠାଣି ସାମନ୍ତ ଅଡିଟୋରିୟମର ଆଧୁନିକୀକରଣ, ହାଇଜେନିକ ମାଛ ବଜାର, ଯୋଗ କେନ୍ଦ୍ର ଓ ସ୍ମାର୍ଟ ଶ୍ମଶାନଘାଟ ନିର୍ମାଣ।
୫। ପୌର ପରିଷଦ କାର୍ଯ୍ୟାଳୟରେ ୨ କୋଟି ୭୮ ଲକ୍ଷ ଟଙ୍କା ବ୍ୟୟରେ ତିନି ମହଲା ବିଶିଷ୍ଟ ନୂତନ କୋଠା ନିର୍ମାଣାଧୀନ।

ସହରର କଳେବର ବୃଦ୍ଧି ପାଇଁ ସାମୂହିକ ଉଦ୍ୟମ ଅବ୍ୟାହତ।

ସ୍ୱାତୀ ମିଶ୍ର (ଓ.ଏମ୍.ଏ.ଏସ୍.) ନିର୍ବାହୀ ଅଧିକାରୀ — ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା ଉପାଧ୍ୟକ୍ଷ — ଶ୍ରୀମତୀ ନିରୁପମା ଖଟେଇ ପୌରାଧ୍ୟକ୍ଷା
ଓ ସମସ୍ତ କାଉନସିଲରବୃନ୍ଦ, ପୌର ପରିଷଦ, ନୟାଗଡ଼।

**ନିୟନ୍ତ୍ରିତ ବଜାର କମିଟି, କୋରାପୁଟ**

**କୋରାପୁଟ ଉପଖଣ୍ଡ ଅଧୀନସ୍ଥ ସମସ୍ତ କୃଷକ ଓ ବ୍ୟବସାୟୀ ଭାଇ ଭଉଣୀମାନଙ୍କୁ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ନିୟନ୍ତ୍ରିତ ବଜାର କମିଟି କୋରାପୁଟ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।**

କୃଷକ ଭାଇ ଭଉଣୀମାନଙ୍କ କୃଷିଜାତ ଦ୍ରବ୍ୟ on-line ମାଧ୍ୟମରେ ବିକ୍ରି କରିବା ପାଇଁ କୁନ୍ଦୁଲିଠାରେ Electronics-National Agricultural Market (e-NAM) ସ୍ଥାପନ କରାଯାଇଅଛି। ସେଠାରେ ସିମେଣ୍ଟ ପିଣ୍ଡି, ନିଲାମଗୃହ, ଆଶ୍ରୟସ୍ଥଳୀ, ପାନୀୟ ଜଳ, ଗୋଦାମ ଗୃହ, ବିଦ୍ୟୁତ୍ ଆଲୋକ ପ୍ରଭୃତିର ବ୍ୟବସ୍ଥା କରାଯାଇଅଛି। e-NAM ମାଧ୍ୟମରେ କୃଷକମାନଙ୍କର କୃଷିଜାତ ଦ୍ରବ୍ୟ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀମାନଙ୍କ ଦ୍ୱାରା ବିକ୍ରି କରାଯାଉଅଛି।

ଏଣୁ ସମସ୍ତ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କ କୃଷିଜାତ ଦ୍ରବ୍ୟ ଇ-ନାମ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରୟ କରି ଅଧିକ ଲାଭବାନ୍ ହୁଅନ୍ତୁ।

ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ — ସ୍ୱା/- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, କୋରାପୁଟ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ନଭେମ୍ବର, ୨୦୨୩




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଅଚ୍ୟୁତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ରାସ୍ତାଘାଟରେ ବଢୁଛି ଚୋରି, ରାହାଜାନି

# ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ରାସ୍ତାରୋକୋ


ଲୁଟ୍‌ପାଟ୍ ପ୍ରତିବାଦରେ ବରଗଡ଼-ଭେଡେନ ରାସ୍ତାର ମାଳିପାଲି ଛକରେ ରାସ୍ତାରୋକୋ କରାଯାଇଛି।

ବରଗଡ଼,୨୬।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଦିନ ଦ୍ୱିପ୍ରହରରେ ରାସ୍ତାଘାଟରେ ଲୁଟ୍‌ପାଟ୍, ହତ୍ୟା ଭଳି ଅପରାଧ ବଢ଼ି ଚାଲିଛି। ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏହି ଘଟଣାରେ ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଅଞ୍ଚଳବାସୀ ରବିବାର ପୂର୍ବାହ୍ନ ସାଢ଼େ ୮ଟାରୁ ବରଗଡ଼-ଭେଡେନ ରାସ୍ତାର ମାଳିପାଲି ମାଇନର କେନାଲ ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ବରଗଡ଼-ଭେଡେନ ରାସ୍ତାରେ ପୋଲିସ ଆଉଟ୍ ପୋଷ୍ଟ ସ୍ଥାପନ ଏବଂ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଗତ ୨୧ତାରିଖରେ ସାହୁଟିକ୍ରା ନିକଟରେ ସଂଘଟିତ ହତ୍ୟା ମାମଲାରେ ପ୍ରକୃତ ଦୋଷୀ ବଦଳରେ ନିରୀହ ଜନତାଙ୍କୁ ଗିରଫ ନ କରିବାକୁ ସେମାନେ ଦାବି କରିଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ଦାବି ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ପ୍ରାୟ ୫ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ବରଗଡ଼-ଭେଡେନ ରାସ୍ତାରୁ ତୋରା, ସାହୁଟିକ୍ରା, ଧାଙ୍ଗେର, ଅଡ଼ଗାଁ ଆଦି ଅଞ୍ଚଳକୁ ଯାଇଥିବା ରାସ୍ତାରେ ଗତ କିଛିମାସ ହେଲା ଲୁଟ୍‌ପାଟ୍ ବଢ଼ି ଚାଲିଛି। ଅନେକ ଲୋକ ଏଭଳି ଲୁଟ୍‌ର ସମ୍ମୁଖୀନ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଲୋକେ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗତ ୨୧ତାରିଖରେ ଏଭଳି ଲୁଟ୍ ସନ୍ଦେହରେ ଉତ୍ତେଜିତ କିଛି ଲୋକଙ୍କ ମାଡ଼ରେ ୨ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଭିମ୍‌ସାର ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ହତ୍ୟା ମାମଲାରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ ପୋଲିସ ପ୍ରକୃତ ଅପରାଧୀଙ୍କୁ ଧରିବା ବଦଳରେ ନିରୀହ ଜନତାଙ୍କୁ ରାତାରାତି ଉଠାଇ ନେଉଥିବା ଅଭିଯୋଗ ହୋଇଛି। ସେହିପରି ଯେଉଁଦିନ ହତ୍ୟାକାଣ୍ଡ ଘଟିଥିଲା, ତା'ର ପରଦିନ ମଧ୍ୟ ଲୋକେ ଲୁଟ୍‌ର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଦୀର୍ଘଦିନରୁ ଅସନ୍ତୋଷ କୁହୁଳୁଥିଲା। ଏବେ ଉକ୍ତ ଲୁଟ୍ ଓ ହତ୍ୟା ଘଟଣାକୁ ନେଇ ଅଞ୍ଚଳବାସୀ ପୋଲିସର ଅପାରଗତାକୁ ଦାୟୀ କରି ରାସ୍ତାକୁ ଓହ୍ଲାଇଥିଲେ। ଆନ୍ଦୋଳନରେ ଖଣ୍ଡହଥା, ମାଳିପାଲି, ଧାଙ୍ଗେର ସମେତ ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ ସାମିଲ ହୋଇଥିଲେ। ଦାବି ପୂରଣ ନ ହେଲେ ଆଗକୁ ଅଞ୍ଚଳବାସୀ ରାଜପଥ ଅବରୋଧ ସହିତ ପୋଲିସ ମୁଖ୍ୟାଳୟକୁ ଅଚଳ କରିଦେବେ ବୋଲି ଚେତାବନୀ ଦେଇଛନ୍ତି।

## ଧରିତ୍ରୀ ଜିଲା ଖବରଦାତାଙ୍କ ପିତୃ ବିୟୋଗ


ପ୍ରଫୁଲ୍ଲ ଝାଙ୍କର

ଦେବଗଡ଼,୨୬।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ୩ ନମ୍ବର ୱାର୍ଡ ମଠସାହିର ଜଣାଶୁଣା ବ୍ୟକ୍ତି ତଥା ବିଚାର ବିଭାଗର ଅବସରପ୍ରାପ୍ତ ବରିଷ୍ଠ କିରାଣି ଓ ଧରିତ୍ରୀର ଜିଲା ଖବରଦାତା ଶଶାଙ୍କ ଶେଖର ଝାଙ୍କରଙ୍କ ବାପା ପ୍ରଫୁଲ୍ଲ ଝାଙ୍କରଙ୍କ ରବିବାର ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ଗତ କିଛିମାସ ହେବ ସେ ଜଣ୍ଡିସ୍ ରୋଗରେ ପୀଡିତ ଥିଲେ। ଅନ୍ତିମଶଯ୍ୟା ନିକଟରେ ତାଙ୍କର ସହଧର୍ମିଣୀ ଶାନ୍ତିଶିଳା ଝାଙ୍କର, ପୁତ୍ର ଶଶାଙ୍କ ଓ ଚନ୍ଦ୍ରଶେଖର, ୨ ପୁତ୍ରବଧୂ ଓ ନାତୁଣୀ ନାତି ଉପସ୍ଥିତ ଥିଲେ। ଏହି ଖବର ପ୍ରଚାରିତ ହେବାପରେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବିଧାୟକ ସଞ୍ଜୀବ କୁମାର ପ୍ରଧାନ, ଉପ ନଗରପାଳ ପ୍ରଜିତ କୁମାର ଭୋଜ, ପୂର୍ବତନ ନଗରପାଳ ସୁଶୀଳ କୁମାର କପରଦାର, ସୁଧୀର କପରଦାର, ଜିଲା କ୍ରିକେଟ ଆସୋସିଏଶନ ସଂସଦର ସାଧାରଣ ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ ଓ ବରିଷ୍ଠ ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ, ସଚ୍ଚିକାନ୍ତ ଦାଶଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ସାହିତ୍ୟିକ, ବରିଷ୍ଠ ନାଗରିକ, ବିଚାର ବିଭାଗୀୟ କର୍ମଚାରୀ ଓ ଖବରଦାତାମାନେ ଉପସ୍ଥିତ ରହି ଅନ୍ତିମ ଦର୍ଶନ କରିଥିଲେ। ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ନାତି ସ୍ୱୟଂଶ୍ରୀ ଝାଙ୍କର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ବ୍ୟକ୍ତ କରାଯାଇଛି।

# କୀର୍ତ୍ତିରାଜିର ପୁନରୁଦ୍ଧାର ପାଇଁ ଉଦ୍ୟମ ଆବଶ୍ୟକ: ଧର୍ମେନ୍ଦ୍ର

## ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଉଦ୍‌ଘାଟିତ

ବାରଙ୍ଗ,୨୬।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ଆନନ୍ଦ ବଜାର ଗୋଲେଇ ଛକଠାରେ ଚୂଡ଼ଙ୍ଗଗଡ଼ବାରଙ୍ଗ ମହୋତ୍ସବ-୨୦୨୩ ରବିବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମହୋତ୍ସବକୁ ଉଦ୍‌ଘାଟନ କରି ଚୁଡଙ୍ଗ ଗଡ଼ର ୧୨ଶହ ବର୍ଷ ତଳର ପୁରୁଣାସ୍ମୃତିକୁ ମନେପକାଇବା ସହ କୀର୍ତ୍ତିରାଜିର ପୁନରୁଦ୍ଧାର ପାଇଁ ଉଦ୍ୟମ କରିବା ଆବଶ୍ୟକ ରହିଛି ବୋଲି କହିଥିଲେ। ପ୍ରତ୍ନତାତ୍ତ୍ୱିକ ବିଭାଗ ଦ୍ୱାରା କରାଯାଉଥିବା ଚୂଡ଼ଙ୍ଗଗଡ଼ର ପୁନରୁଦ୍ଧାର କାର୍ଯ୍ୟରେ ଏହି ଐତିହାସିକ ପୂର୍ବ ସଂସ୍କୃତି ସମ୍ପନ୍ନ ବାରଙ୍ଗ ଅଞ୍ଚଳ କିପରି ବିକଶିତ ହୋଇପାରିବ ସେଥିପାଇଁ ପ୍ରୟାସ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ମହୋତ୍ସବ କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସଭାରେ ମୁଖ୍ୟ ବକ୍ତାଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇ କହିଥିଲେ, ଚୂଡ଼ଙ୍ଗଗଡ଼ର ପୂର୍ବ ଇତିହାସ, ପୂର୍ବଗାଥାକୁ ସମସ୍ତଙ୍କ ନିକଟରେ ପହଞ୍ଚାଇ ପାରିଲେ ମହୋତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଅତିଥିଭାବେ ମାହାଙ୍ଗା ବିକାଶ ପରିଷଦ ଅଧ୍ୟକ୍ଷ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଚୂଡ଼ଙ୍ଗଗଡ଼ର ପୂର୍ବ ଐତିହ୍ୟ ପରମ୍ପରା ଉପରେ ମତବ୍ୟକ୍ତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ରାମଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୁନୀଲ ସିଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କେତେଜଣ ବ୍ୟକ୍ତିଙ୍କୁ ସାମ୍ମାନିତ କରାଯାଇଥିଲା। ଆଧୁନିକ ଗୀତ, ପାଇକ ଆଖଡା ଓ ଦେଶାତ୍ମକବୋଧକ ଗୀତରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବର ପ୍ରଥମ ଦିନରେ ପ୍ରବଳ ଜନସମାଗମ ହୋଇଥିଲା।


CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିବାହ ବାର୍ଷିକୀ ଶୁଭେଚ୍ଛା

ଗାୟତ୍ରୀ ଓ ସମ୍ବିତ
୫୦୩, ପାର୍କଉଡ୍‌ସ ଥାନେ
ଦଶମ ବିବାହ ବାର୍ଷିକୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା। ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମର ଭବିଷ୍ୟତ, ଦାମ୍ପତ୍ୟ ଜୀବନ ସୁଖମୟ କରନ୍ତୁ।
ନନା, ବୋଉ ଓ ପରିବାରବର୍ଗ।
ଧ-୬୬୪୯୮

ଜନ୍ମଦିନ ଶୁଭେଚ୍ଛା

ଅଚ୍ୟୁତ ଦୁଗଲ
ସମୀକ୍ଷା ଓ ରାଜୀବଙ୍କର ହୃଦୟ ଆକାଶରେ କାର୍ତ୍ତିକ ଧର୍ମ ମାସର ତୁ ପୂନେଇଁ ଚାନ୍ଦ। ନିର୍ମଳ ଚନ୍ଦ୍ରମଣ୍ଡଳସ୍ଥ ପ୍ରାଣଶକ୍ତିର ଅପୂର୍ବ କିରଣ ତୋର ବୁଦ୍ଧି, ବିବେକ, ଜ୍ଞାନ ଓ ଚେତନାରେ ପ୍ରତିବିମ୍ବିତ ହୋଇ ତୋର ପ୍ରଗତି ପଥକୁ ଉଦ୍ଭାସିତ ପାଇଁ ବୋଉ,ଡାଡି ପାପା, ମାମୀ, ମଉସା, ମାଉସୀ, ମାମୁ, ମାଇଁ ଓ ଭାଇ, ଭଉଣୀ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛନ୍ତି।
ଧ-୧୮୮୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Classified Everyday
0674-2580101, 2549949


REAL ESTATE

SALE

Residential plot for sale gharabari + compound wall + 30 feet road + electricity 7 KM from Nakhara near Pettal English Medium School, 5% Bank interest on 50% cost of land for 5 year's, 12 KM only from BBSR pay 50% & go for registration & take Patta for home construction. Few plots are available cost @ 650per sft. Personal plots no builders. 7809525454. D-75065

Duplex sale and plot sale near AIIMS Hospital Bhubaneswar. 9777433701. D-75273

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987. D-75272

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍‌ବିକ୍ରିହେବ–9437205314, 9937513595. D-75265




Relax, Refresh your body, Mind at Saikrupa Spa with best therapies. 8984068077. D-1873

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75061

Newly healthcare benefited SPA experience therapist in Bhubaneswar. Contact: 9938843929. D-75170

LOST

ମୁଁ ଜନ୍ମେଜୟ ମହାନ୍ତି, ଜଣାଉ ଅଛିକି ମୋର BPUT Pass Original Degree Certificate, Regd. No-0901229462 କେଉଁଠାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଇଲେ Mob-9078172133ରେ ଜଣାଇବାକୁ ଅନୁରୋଧ କରୁଛୁ। D-75409

AFFIDAVIT

By virtue an affidavit before Notary, Dhenkanal, I Jayakant Das, solemnly declare that my name has changed from Jayakant Das Hindocha to Jayakant Das. Jayakant Das and Jayakant Das Hindocha is same and one person. Henceforth I shall be known as Jayakant Das, son of Bhanumati Das(Mother) and Ranchod Das(Father), Village-Jawaharchouk, PS/PO-Town, Dist.- Dhenkanal for all purposes. D-75408

ମନେ ପଡ଼ନ୍ତି

WE MISS YOU
KUNU

(04.06.2013 ~ 14.11.2016)
A day spent away from you is as good as a day not worth being alive ...
We Miss You Kunu
With Loving Memory
Felu & Family
Nikirai, Kendrapara
ଧ-୭୫୫୦୪

ସପ୍ତମ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ- ୨୩।୧୦।୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୧୪।୧୧।୨୦୧୬
ଆଜିକୁ ସପ୍ତମ ବର୍ଷ ତଳେ ଏହି ପୁଣ୍ୟ ତିଥିରେ ତୁ ଆମ୍ଭ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ୍ଭ ପରିବାର ପାଇଁ ଅପୂରଣୀୟ। ତୋର ଅଧ୍ୟବସାୟ, କର୍ମନିଷ୍ଠା, ସ୍ନେହପ୍ରବଣତା ଆମ୍ଭ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୧୮୩୪

ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶକୁନ୍ତଳା ସାହୁ
(ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ୰ଅର୍ଜୁନ ସାହୁଙ୍କର ଧର୍ମପତ୍ନୀ)
ଗ୍ରାମ: କୁତୁଡାଇ, ଜଗନ୍ନାଥପ୍ରସାଦ, ଗଞ୍ଜାମ
ଆବିର୍ଭାବ: ୧୫-୦୪-୧୯୧୫
ତିରୋଧାନ: ୦୮-୧୧-୨୦୨୨ (କାର୍ତ୍ତିକ ପୂର୍ଣ୍ଣିମା)
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମର ହସ ହସ ମଧୁର କଥା, ଅନାବିଳ ସ୍ନେହ, ଶ୍ରଦ୍ଧା ଆମର ଅଲୁଭା ସ୍ମୃତି ହୋଇ ରହିବ। ତୁମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ
ପୁଅ, ବୋହୂ, ନାତି, ନାତୁଣୀବୋହୂ, ନାତୁଣୀ, ନାତୁଣୀ ଜୋଇଁ, ଅଣ ନାତି, ଅଣ ନାତୁଣୀ, ବନ୍ଧୁ ଏବଂ ପରିବାର ବର୍ଗ
ଧ-୧୮୭୭

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ସଂସ୍କୃତ କଲେଜ ରୋଡ଼, ଦୋଳମଣ୍ଡପ ସାହି, ପୁରୀ
ଆବିର୍ଭାବ: ୨।୧୧।୧୯୪୮
ତିରୋଧାନ: ୨।୧୧।୨୦୦୯
ଆଜି ଆପଣଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ
ଧ-୧୮୫୨


# ଏକାଠି ସତ୍କାରହେଲା ୬ ଶ୍ରମିକଙ୍କ ମୃତଦେହ

## ହନ୍ତାଳଗୁଡ଼ା ଘାଟିରେ ଟିପ୍ପର ଓଲଟିବା ଘଟଣା

କୋଷାଗୁମୁଡ଼ା, ୨୬।୧୧
(ପ୍ରସାଦ ବିଷୋୟୀ)

ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ହନ୍ତାଳଗୁଡ଼ା ଘାଟିରେ ଶନିବାର ଏକ ସିମେଣ୍ଟ ବୋଝେଇ ଟିପ୍ପର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୬ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ହେଲେ ସୁନାଧର ଭତ୍ରା(୩୫), ପୂର୍ଣ୍ଣ ଭତ୍ରା(୨୭),ଜୀବର୍ଦ୍ଧନ ଭତ୍ରା(୨୨), ସୁନାଧର ଭତ୍ରା(୨୫), ଫୁଲସିଂ ଭତ୍ରା(୨୭) ଓ ଦୁର୍ଯ୍ୟୋଧନ ଭତ୍ରା(୨୫)। ରବିବାର ଶ୍ରମିକଙ୍କ ଜନ୍ମମାଟି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ମୋତିଗାଁରେ ସମସ୍ତ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଏକାଠି ସତ୍କାର କରାଯାଇଛି। ମୃତକ ସମସ୍ତେ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିଛି। ମୃତ ସୁନାଧର ଓ ପୂର୍ଣ୍ଣ ଭତ୍ରାଙ୍କ ସ୍ତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମିତି ସଭ୍ୟ ତ୍ରିଲୋଚନ ଧାକଡ, ବ୍ଲକ ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବଦ୍ରି ନାରାୟଣ ସିଂ, ସରପଞ୍ଚ ପରଦେଶୀ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୩ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି। ତେବେ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ରୋଜଗାରିଆ ପୁଅଙ୍କୁ ହରାଇ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ। ତାଙ୍କୁ ଅଧିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ସ୍ୱାଭିମାନ ଅଞ୍ଚଳରେ ପ୍ରମୋଦ ସ୍ୱାଇଁ ନାମକ ଜଣେ ଠିକାଦାରଙ୍କର ପୋଲ କାମ ପାଇଁ ଏକ ଟିପ୍ପର ସିମେଣ୍ଟ ଓ ରଡ୍ ବୋଝେଇକରି ହନ୍ତାଳଗୁଡ଼ା ଘାଟି ଦେଇ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ଯାଉଥିବା ବେଳେ ଓଭରଲୋଡ୍ ଯୋଗୁ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡ଼ିଥିଲା। ଏଥିରେ ଥିବା ୧୩ ଜଣ ଶ୍ରମିକଙ୍କ ଉପରେ ସିମେଣ୍ଟ ଓ ରଡ୍ ଚାପି ହୋଇଯାଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ହୋଇଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୧୪୩୬ ରୋଗୀ

## ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟର ମେଗା ସ୍ୱାସ୍ଥ୍ୟସେବା ଶିବିର

ବାରିପଦା,୨୬।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଜିଲାପାଳ ବିନୀତ ଭରଦ୍ୱାଜ ଫିତାକାଟି ସ୍ୱାସ୍ଥ୍ୟସେବା ଶିବିର ଉଦ୍‌ଘାଟନ କରୁଛନ୍ତି।

ମୟୂରଭଞ୍ଜ ଜିଲା କୁସୁମୀ ବ୍ଲକ ଅଧୀନ ଆହାରବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ କଟକ ସାମନ୍ତସାହିସ୍ଥିତ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୪୯ତମ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ଡା. ରୂପଭାନୁ ମିଶ୍ର ଓ ରାଇରଙ୍ଗପୁର ଉପଜିଲାପାଳ ସରୋଜ ଦାଶ ଯୋଗ ଦେଇଥିଲେ। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଏସ୍‌ସିବିର ପୂର୍ବତନ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟ ଓ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ଡା.ଦତ୍ତେଶ୍ୱର ହୋତା ଶିବିର ପରିଚାଳନା କରିଥିଲେ। ଟ୍ରଷ୍ଟର ସମ୍ପାଦକ ରାଜେଶ୍ୱର ହୋତା ସହାୟତା କରିଥିଲେ। କଟକ, ଭୁବନେଶ୍ୱର, ବୁର୍ଲା ଓ ସମ୍ବଲପୁରର ବିଶେଷଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଅନୁସରଣରେ ଇସିଜି ଓ ବିଭିନ୍ନ ରକ୍ତ ପରୀକ୍ଷା ଇତ୍ୟାଦି କରାଯାଇ ରୋଗ ନିରୂପଣ ସହ ଚିକିତ୍ସା କରାଯାଇଥିଲା। ଶିବିରରେ ସ୍ତ୍ରୀ ଓ ପ୍ରସୂତି, ଶଲ୍ୟ, ଅସ୍ଥିଶଲ୍ୟ, ମୂତ୍ରରୋଗ ଓ କିଡ୍‌ନୀ ରୋଗ, ଶିଶୁରୋଗ, ଭେଷଜ(ମେଡିସିନ), ହୃଦ୍‌ରୋଗ, ଚର୍ମ ଓ ଯୌନ, ଚକ୍ଷୁ ଏବଂ ଦାନ୍ତ ରୋଗ ଇତ୍ୟାଦିର ଚିକିତ୍ସା ସହ ମାଗଣାରେ ଔଷଧ ଓ ଚଷମା ମଧ୍ୟ ବଣ୍ଟନ କରାଯାଇଥିଲା। ଏହି ଟ୍ରଷ୍ଟ ନିରବଚ୍ଛିନ୍ନ ଭାବେ ରାଜ୍ୟର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଓ ଅନୁନ୍ନତ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଓ ଲୋକଙ୍କ ନିକଟରେ ଔଷଧ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଛି। ରାଜ୍ୟର ୩୦ଟି ଜିଲାରେ ଏହି ସ୍ୱାସ୍ଥ୍ୟସେବା ଶିବିର କରାଯାଇଛି। ୩୦ଟି ଜିଲା ଶେଷ ପରେ ଏବେ ପୁଣି ସ୍ୱତନ୍ତ୍ର ଭାବେ ସେବା ଯୋଗାଇବା ଉଦ୍ୟମ ଆରମ୍ଭ କରାଯାଇଛି। ଏହାମଧ୍ୟରେ ୪୯ଟି ଶିବିର ଶେଷ ହୋଇଛି।

ରବିବାର ଆୟୋଜିତ ଶିବିରରେ ୨୦ଜଣ ଡାକ୍ତର ଯୋଗଦେଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ୟୁରୋଲୋଜି ବିଭାଗର ଡା. ଡି. ହୋତା, ପାଥୋ ବିଭାଗର ଡା.ସୁଜାତା ପୂଜାରୀ, ପେଡିଆଟ୍ରିକ ବିଭାଗର ଡା. ଲିଙ୍ଗରାଜ ପ୍ରଧାନ, ଭୁବନେଶ୍ୱରର ଡା.ସରୋଜ ପ୍ରଧାନ, ନେଫ୍ରୋଲୋଜି ବିଭାଗ କଟକର ଡା. ଦେବାଶିଷ ମୋହାଲି, ଡେଣ୍ଟାଲ ବିଭାଗ କଟକର ଡା. ଗୌରବ ଶର୍ମା, ଅର୍ଥୋପେଡିକ୍ ବିଭାଗ କଟକର ରବି ଦାସ, ମେଡିସିନ ବିଭାଗ କଟକର ଡା. ବି.ବି ନାୟକ, ଓପ୍‌ଥାଲମୋଲୋଜି ବିଭାଗ କଟକର ଡାକ୍ତର ସିଦ୍ଧାର୍ଥ ଦାସ, ମେଡିସିନ ବିଭାଗର ଡା. ବି.କେ. ପଢ଼ିହାରୀ, ଓ ଆଣ୍ଡ ଜି ବିଭାଗର ଡା. ସ୍ମିତା ବେହେରା, ଅର୍ଥୋପେଡିକ୍ ବିଭାଗର ଡା. ଏମ୍. ଏମ୍. ସାହୁ, ପୁଲମୋନାରୀ ବିଭାଗର ଡା. ଥୀତା ମହାନ୍ତି, ଡର୍ମାଟୋଲୋଜି ବିଭାଗର ଡା. ଦେବବ୍ରତ ନାୟକ, ଇଏନ୍‌ଟି ବିଭାଗର ଡା. ବୀରେଶ୍ୱର ଜ୍ୟୋତିଷ, ମେଡିସିନ ବିଭାଗର ଡା. ହିମାଂଶୁ ଶେଖର ସାହୁ, ଡା. ବେଦଶିଖା ରାୟ, ଡର୍ମାଟୋଲୋଜି ବିଭାଗର ଡା. ଏ.ବି. ଭଟ୍ଟମିଶ୍ର, ୟୁରୋଲୋଜି ବିଭାଗର ଡା. ଦୀପକ ରଞ୍ଜନ ପଲ ଏବଂ ମେଡିସିନ ବିଭାଗର ଡା. କ୍ରୀଷ୍ଣେନ୍ଦୁ ଭଟ୍ଟମିଶ୍ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ସ୍ଥାନୀୟ ଅଞ୍ଚଳର ୧୪୩୬ଜଣ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା।

# ପୃଥିବୀ ବାହାରେ ଡାଇନୋସର



ଡ. କମଳାକାନ୍ତ ଜେନା

"ଡାଇନୋସର ହେଉଛି ପୃଥିବୀରେ ବାସକରିଥିବା ସବୁଠାରୁ ବଡ଼ ସରୀସୃପ। ମଣିଷମାନେ ମାତ୍ର ୬୦ ଲକ୍ଷ ବର୍ଷ ତଳେ ପୃଥିବୀରେ ପ୍ରଥମେ ଦେଖାଦେଇଥିଲେ। କିନ୍ତୁ ପ୍ରାୟ ୨,୨୫୦ ଲକ୍ଷ ପୂର୍ବେ ଡାଇନୋସର ପୃଥିବୀପୃଷ୍ଠରେ ଜନ୍ମ ହୋଇଥିଲେ। ପ୍ରାୟ ୨,୨୫୦ ଲକ୍ଷରୁ ୬୫୦ ଲକ୍ଷ ବର୍ଷ ପୂର୍ବରୁ ବିଶାଳକାୟ ଡାଇନୋସର ଆମ ପୃଥିବୀରେ ବାସ କରୁଥିଲେ। ଏହାର ଅର୍ଥ, ମଣିଷ ଯେତେ ଦିନହେଲା ପୃଥିବୀପୃଷ୍ଠରେ ରହିଆସୁଛି, ତା'ଠାରୁ ବେଶିଦିନ ଡାଇନୋସରମାନେ ଏଠାରେ ବାସକରିଥିଲେ। କିନ୍ତୁ ଏତେଦିନ ଧରି ବାସକରିଆସୁଥିବା ବିଶାଳକାୟ ଜୀବମାନେ ହଠାତ୍ କେମିତି ଲୋପ ପାଇଗଲେ, ତା'ର ଠିକ୍ ଉତ୍ତର ଏଯାଏ ମିଳିନି।"

ବିଭିନ୍ନ ଜାତିର ଜୀବମାନଙ୍କ ଭିତରୁ ସରୀସୃପ ଅନ୍ୟତମ। ସାପ, ଝିଟିପିଟି, ଏଣ୍ଡୁଅ, କଇଁଛ, ଗୋଧି ଓ କୁମ୍ଭୀର ଭଳି କାତି ରହିଥିବା ଟାଣ ଓ ଶୁଖିଲା ଦେହର ଜୀବମାନେ ଏଇ ଜାତିର। ପୃଥିବୀକୁ ମଣିଷ ଆସିବାର ବହୁ ବର୍ଷ ପୂର୍ବରୁ ସରୀସୃପମାନେ ଏଠାରେ ରହୁଥିଲେ। ଡାଇନୋସର ହେଉଛି ପୃଥିବୀରେ ବାସକରିଥିବା ସବୁଠାରୁ ବଡ଼ ସରୀସୃପ। ମଣିଷମାନେ ମାତ୍ର ୬୦ ଲକ୍ଷ ବର୍ଷ ତଳେ ପୃଥିବୀରେ ପ୍ରଥମେ ଦେଖାଦେଇଥିଲେ। କିନ୍ତୁ ପ୍ରାୟ ୨,୨୫୦ ଲକ୍ଷ ପୂର୍ବେ ଡାଇନୋସର ପୃଥିବୀପୃଷ୍ଠରେ ଜନ୍ମ ହୋଇଥିଲେ। ପ୍ରାୟ ୨,୨୫୦ ଲକ୍ଷରୁ ୬୫୦ ଲକ୍ଷ ବର୍ଷ ପୂର୍ବରୁ ବିଶାଳକାୟ ଡାଇନୋସର ଆମ ପୃଥିବୀରେ ବାସ କରୁଥିଲେ। ଏହାର ଅର୍ଥ ମଣିଷ ଯେତେଦିନହେଲା ପୃଥିବୀପୃଷ୍ଠରେ ରହିଆସୁଛି, ତା'ଠାରୁ ବେଶିଦିନ ଡାଇନୋସରମାନେ ଏଠାରେ ବାସକରିଥିଲେ। କିନ୍ତୁ ଏତେଦିନଧରି ବାସକରିଆସୁଥିବା ବିଶାଳକାୟ ଜୀବମାନେ ହଠାତ୍ କେମିତି ଲୋପ ପାଇଗଲେ, ତା'ର ଠିକ୍ ଉତ୍ତର ଏଯାଏ ମିଳିନି। ତେବେ ଖାଇବାକୁ ନ ପାଇ ସେମାନେ ପୃଥିବୀପୃଷ୍ଠରୁ ଲୋପ ପାଇଗଲେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି।

ମଙ୍ଗଳ ଓ ବୃହସ୍ପତି ଗ୍ରହର କକ୍ଷପଥ ମଝିରେ ଅସଂଖ୍ୟ ଗ୍ରହାଣୁ ସୂର୍ଯ୍ୟକୁ ପ୍ରଦକ୍ଷିଣ କରୁଛନ୍ତି। କେତେକ ଗ୍ରହାଣୁର ଆକାର ସାଧାରଣ ଶିଳାଖଣ୍ଡ ପରି। ଆଉ କେତେକ ଖୁବ୍ ବଡ଼। ଅନେକ ଗ୍ରହାଣୁ ପୃଥିବୀର ଆକର୍ଷଣ ହେତୁ ଆମ ବାୟୁମଣ୍ଡଳକୁ ପଶିଆସନ୍ତି। ସେଗୁଡ଼ିକ ଖୁବ୍ ଅଧିକ ବେଗରେ ଖସିବା ସମୟରେ ବାୟୁକଣିକା ସହିତ ଘଷିହୋଇ ଜଳିଉଠନ୍ତି। ସେଗୁଡ଼ିକୁ ଆମେ ଉଲ୍‌କା ବୋଲି କହୁ। ଛୋଟ ଉଲ୍‌କାଗୁଡ଼ିକ ପୃଥିବୀରେ ପହଞ୍ଚିବା ଆଗରୁ ବାୟୁମଣ୍ଡଳୀୟ ଘର୍ଷଣଜନିତ ଉତ୍ତାପରେ ଜଳି ପାଉଁଶ ହୋଇଯାଆନ୍ତି। ମାତ୍ର ଗ୍ରହାଣୁର ଆକାର ବଡ଼ଥିଲେ ଉଲ୍‌କାଗୁଡ଼ିକ ପୂରାପୂରି ଜଳି ନ ପାରି ଶେଷରେ ବଡ଼ ବଡ଼ ପଥର ରୂପରେ ଆସି ପୃଥିବୀପୃଷ୍ଠରେ ପଡ଼ନ୍ତି। ବୈଜ୍ଞାନିକଙ୍କ ମତରେ, ଏକ ବିରାଟ ଉଲ୍‌କାପିଣ୍ଡ ଗ୍ରହାଣୁପୁଞ୍ଜରୁ ଆସି ପୃଥିବୀ ଉପରେ ପଡ଼ିଥିଲା। ଏହା ପୃଥିବୀପୃଷ୍ଠରେ କିଲୋମିଟର ବ୍ୟାପୀ ବିରାଟ ଗାତ ସୃଷ୍ଟି କଲା। ବର୍ଷ ବର୍ଷ ଧରି ଆକାଶରେ ଧୂଳିର ବାଦଲ ଛାଇଗଲା। ସୂର୍ଯ୍ୟକିରଣ ବିନା ପୃଥିବୀପୃଷ୍ଠ ଖୁବ୍ ଶୀତଳ ଓ ଅନ୍ଧକାରମୟ ହୋଇଗଲା। ସୂର୍ଯ୍ୟକିରଣ ଅଭାବରୁ ଗଛଲତା ସବୁ ମରିଗଲେ। ଧୀରେ ଧୀରେ ଗଛଲତା ଉପରେ ନିର୍ଭର କରୁଥିବା ତୃଣଭୋଜୀ ଡାଇନୋସର ଓ ଅନ୍ୟ କେତେକ ଜୀବ ମରିଗଲେ। ତୃଣଭୋଜୀମାନଙ୍କୁ ଖାଇ ବଞ୍ଚୁଥିବା ମାଂସାସୀ ଜୀବ ଆଉ ଖାଇବାକୁ ପାଇଲେନାହିଁ। ଖାଦ୍ୟ ନ ପାଇ ୧୦୦ ଭାଗରୁ ପ୍ରାୟ ୬୫ ଭାଗ ପ୍ରାଣୀ ତଥା ମାଂସାସୀ ଡାଇନୋସର ଲୋପ ପାଇଗଲେ।

୧୯୯୦ ଦଶକରେ ଏହାର ପ୍ରମାଣ ମିଳିଲା। ବୈଜ୍ଞାନିକମାନେ ପୃଥିବୀପୃଷ୍ଠରେ କେତେକ ବିରାଟ ଗର୍ତ୍ତର ସନ୍ଧାନ ପାଇଲେ। ଆମେରିକାର ଇଉକୁଟାନ୍ ଉପଦ୍ୱୀପ (ମେକ୍ସିକୋ) ଅଞ୍ଚଳରେ ଗୋଟିଏ ବିରାଟ ଗର୍ତ୍ତର ସନ୍ଧାନ ପାଇଲେ, ଯାହାର ଚଉଡ଼ା (ବ୍ୟାସ) ୧୬୦ କି.ମି.। ଏହା ପ୍ରାୟ ୬୫୦ ଲକ୍ଷ ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିଲା। ଆଉ ଗୋଟିଏ ଗର୍ତ୍ତ ମିଳିଲା ଆମେରିକାର ଆଇଓ୍ୱା ଦେଶର ମାନସୋନ୍ ଅଞ୍ଚଳରେ। ଏହି ଗର୍ତ୍ତର ଲମ୍ବ ୪୦ କି.ମି. ଓ ଓସାର ୨୯ କି.ମି.। ଏହା ପ୍ରାୟ ୬୫୦ ଲକ୍ଷ ବର୍ଷର ପୁରୁଣା ଗର୍ତ୍ତ। ଦକ୍ଷିଣ ସାଇବେରିଆରେ ମଧ୍ୟ ବିରାଟ ଗର୍ତ୍ତର ସନ୍ଧାନ ମିଳିଛି। ଏହାର ଓସାର (ବ୍ୟାସ) ୯୫ କି.ମି.। ଏହି ଗର୍ତ୍ତଟି ମଧ୍ୟ ୬୬୦ ଲକ୍ଷ ବର୍ଷ ତଳେ ସୃଷ୍ଟି ହୋଇଥିଲା। ଡାଇନୋସର ବିଲୋପ ହେବାର ସମୟ ସହିତ ଏହି ସମୟ ମେଳଖାଉଛି।

୨୦୦୯ ଏପ୍ରିଲ ୨୮ରେ 'ସାଇନ୍ସ ଡେଲି' ପତ୍ରିକାରେ ଡାଇନୋସରମାନଙ୍କର ନିପାତ ଉଲ୍‌କା ବିପ୍ଳାତରୁ ହୋଇନାହିଁ ବୋଲି ଅଭିଯୋଗ କରାଯାଇଥିଲା। ନିଉଜର୍ସି ଓ ସୁଇଜରଲାଣ୍ଡର ଦୁଇଜଣ ଗବେଷକ ଅଭିଯୋଗ କରିଥିଲେ ଯେ, ମେକ୍ସିକୋରେ ଉଲ୍‌କା ବିପ୍ଳାତରୁ ସୃଷ୍ଟି ହୋଇଥିବା ଗର୍ତ୍ତଟି ୬୫୦ ଲକ୍ଷ ବର୍ଷ ତଳର ନୁହେଁ ବରଂ ଆହୁରି ୩ ଲକ୍ଷ ବର୍ଷ ତଳର। ତେଣୁ ଡାଇନୋସରମାନଙ୍କର ଅକାଳ ମୃତ୍ୟୁ ସକାଶେ ସେହି ଉଲ୍‌କା ବିପ୍ଳାତକୁ ଦାୟୀ କରାଯାଇ ନ ପାରେ। କିନ୍ତୁ ଅନେକ ଅନୁଶୀଳନ ପରେ ଜଣାପଡ଼ିଲା ଯେ, ଆଜିକୁ ପ୍ରାୟ ୬୫୦ ଲକ୍ଷ ବର୍ଷ ତଳେ ବିଶାଳ ଉଲ୍‌କା ବିପ୍ଳାତ ଘଟିଥିଲା। ତା' ପୂର୍ବରୁ ନୁହେଁ। ସେହି ଉଲ୍‌କାର ଓସାର ଥିଲା ପ୍ରାୟ ୧୫ କି.ମି.। ହିରୋଶିମାରେ ପଡ଼ିଥିବା ପରମାଣୁ ବୋମାଠାରୁ ବିଶାଳ ଉଲ୍‌କା ବିପ୍ଳାତ ଥିଲା ୧୦୦ କୋଟି ଗୁଣ ଅଧିକ ଶକ୍ତିଶାଳୀ। ବନ୍ଧୁକ ଗୁଳିର ୨୦ ଗୁଣ ବେଗରେ ଏହି ଗ୍ରହାଣୁ ଆସି ପୃଥିବୀପୃଷ୍ଠରେ ବାଡ଼େଇ ହୋଇଥିଲା। ଏହା ପୃଥିବୀକୁ ଥରେଇ ଦେଲା। ଭୂକମ୍ପନର ମାତ୍ରା ଥିଲା ରିକ୍ଟର ସ୍କେଲ୍‌ରେ ୧୦ ଅଙ୍କରୁ ଅଧିକ। ଏଭଳି ଏକ ସଂଘର୍ଷ ବିଶାଳ ଡାଇନୋସର ପ୍ରଜାତିର ବିନାଶ ପାଇଁ ଯଥେଷ୍ଟ ଥିଲା।

ତେବେ ଆଜି ବି ଡାଇନୋସର ଅଛନ୍ତି ବୋଲି କେତେଜଣ ବୈଜ୍ଞାନିକ ନିକଟରେ ମତ ଦେଇଛନ୍ତି। 'ରୟାଲ ଆଷ୍ଟ୍ରନୋମିକାଲ ସୋସାଇଟି ଜର୍ନାଲ' ନାମକ ଗବେଷଣା ପତ୍ରିକାରେ ଏକଥା କୁହାଯାଇଛି। ଅବଶ୍ୟ ଡାଇନୋସରମାନେ ଆମ ପୃଥିବୀରେ ନାହାନ୍ତି, କିନ୍ତୁ ପୃଥିବୀ ବାହାରେ କୌଣସି ଦୂର ଗ୍ରହରେ ରହିଥାଇପାରନ୍ତି ବୋଲି କୁହାଯାଇଛି। ଆଜି ପୃଥିବୀ ବାହାରେ କୌଣସି ଗ୍ରହରେ ଜୀବଜଗତ ରହିଥିଲେ, ସେକଥା ବୈଜ୍ଞାନିକମାନେ ପୃଥିବୀରେ ରହି ବି ଜାଣିପାରୁଛନ୍ତି। ଆମ ପୃଥିବୀପୃଷ୍ଠରେ ଯେଉଁ ସମୟରେ ଡାଇନୋସର ରହୁଥିଲେ, ସେତେବେଳେ ଆମ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ଆଜିର ପରିମାଣଠାରୁ ଅଧିକ ଥିଲା। ଆଜି ଆମ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ୨୧ ପ୍ରତିଶତ ଅଛି। ଅର୍ଥାତ୍ ୧୦୦ ବୋତଲ ବାୟୁରେ ୨୧ ବୋତଲ ଅମ୍ଳଜାନ ରହିଛି। କିନ୍ତୁ ସେତେବେଳେ ଅମ୍ଳଜାନର ପରିମାଣ ୩୦ ପ୍ରତିଶତ ଥିଲା। ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣ ଅଧିକ ରହିଲେ ବିଶାଳକାୟ ଜୀବ ସମ୍ଭବ ଏବଂ ମଣିଷ ଶରୀରର ଗଠନ ଅପେକ୍ଷା ଆହୁରି ଜଟିଳ ଗଠନର ଜୀବ ସମ୍ଭବ। ଆଜି ବାହାର ଗ୍ରହରେ ଅମ୍ଳଜାନର ପରିମାଣ ଅଧିକ ରହିଥିବାର ସୂଚନା ମିଳିଲେ, ସେଠାରେ ଡାଇନୋସରମାନେ ରହୁଥିବାର ସମ୍ଭାବନାକୁ ଆମେ ଏଡ଼େଇ ଦେଇପାରିବା ନାହିଁ। ଆମ ପୃଥିବୀରେ ଡାଇନୋସରମାନେ ରହୁଥିଲା ସମୟରେ ଯେଉଁ ଯୌଗିକ ପଦାର୍ଥ ଥିଲା, ଆମ ଗ୍ରହରେ ଏବେ ତାହା ମିଳୁନାହିଁ। ତେଣୁ କୌଣସି ବାହ୍ୟଗ୍ରହରେ ଡାଇନୋସର ସମୟର ଯୌଗିକ ପଦାର୍ଥ ରହିଥିବାର ସୂଚନା ମିଳିଲେ ମଧ୍ୟ ସେହି ଗ୍ରହରେ ଡାଇନୋସର ରହିଥିବାର ଅନୁମାନ କରାଯାଇପାରିବ।

–ସହକାରୀ ପ୍ରଫେସର
(ପଦାର୍ଥ ବିଜ୍ଞାନ ବିଭାଗ)
ଭଦ୍ରକ ଅଟୋନୋମସ୍ କଲେଜ, ଭଦ୍ରକ
ମୋ: ୯୪୩୯୫୦୧୬୫୧



## ଓଜନକୁ ପ୍ରଭାବିତ କରେ ମୃଦୁପାନୀୟ



ସାଧାରଣତଃ ଅଧିକ ଖାଇବା ଓ କୌଣସି କାମ ନ କରିବା ଦ୍ୱାରା ଆମ ଶରୀରର ଓଜନ ବଢ଼ିଯାଏ। କିନ୍ତୁ ମୃଦୁପାନୀୟ ଏହାର ଅନ୍ୟତମ କାରଣ ହୋଇପାରେ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏଭଳି ପାନୀୟରେ ସୁକ୍ରୋଜ୍ ନାମକ ତତ୍ତ୍ୱ ରହିଛି, ଏହା ଓଜନ ବୃଦ୍ଧିରେ କେତେକାଂଶରେ ସହାୟକ ହୋଇଥାଏ। କେବଳ ସେତିକି ନୁହେଁ, ନିୟମିତ ମୃଦୁପାନୀୟ ପିଉଥିଲେ, ଏହା ମଧ୍ୟ ଭୋକର ପରିମାଣକୁ ବଢ଼ାଇଦିଏ। ବିଶେଷଭାବେ ମୋଟା ଲୋକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି। ଭୋଜିଭାତ ହେଉ ଅବା ଘରେ କୌଣସି ଉତ୍ସବ ହେଲେ ମୃଦୁପାନୀୟର ଚାହିଦା କେତେ ତାହା କହିବା ଅନାବଶ୍ୟକ। କିନ୍ତୁ ଏହା ଅଭ୍ୟାସରେ ପରିଣତ ହୋଇଗଲେ ତାହା ଆମ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ବେଳେବେଳେ ମୃଦୁ ପାନୀୟରେ ମିଠାର ପରିମାଣ ଅଧିକ ହୋଇଗଲେ ଏହା ମସ୍ତିଷ୍କ କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ରିପୋର୍ଟ ଅନୁସାରେ, ମହିଳା ଓ ମୋଟା ଲୋକମାନେ ବେଶି ମୃଦୁପାନୀୟ ପ୍ରତି ଆକର୍ଷିତ ହୋଇଥାନ୍ତି। ତେଣୁ ଏହା ପ୍ରତି ଆମେ ଯେତେ ସତର୍କ ଓ ସଚେତନ ରହିବା, ଆମ ସ୍ୱାସ୍ଥ୍ୟପକ୍ଷେ ତାହା ସେତେ ଲାଭଦାୟକ।

## ଚକ୍ଷୁଦାନ କରୁଥିଲେ...



କଥାରେ ଅଛି, ଚକ୍ଷୁଦାନ ମହତ୍ ଦାନ। ଏବେ ମୃତ୍ୟୁ ପରେ ଅନେକେ ଚକ୍ଷୁ ଦାନ କରିବାକୁ ଆଗଭର ହେଉଛନ୍ତି। ଏହାଦ୍ୱାରା ଆମେ ଅନ୍ୟ ଜଣକୁ ଦୃଷ୍ଟିଶକ୍ତି ଫେରିପାଇବାରେ ସାହାଯ୍ୟ କରିପାରିବା। ତେବେ ଏହି ସମୟରେ କେତେକ ବିଷୟରେ ଜାଣିବା ନିହାତି ଦରକାର। ପ୍ରଥମେ ନିକଟସ୍ଥ ଚକ୍ଷୁଦାନ କେନ୍ଦ୍ର କିମ୍ବା ନିର୍ଦ୍ଦିଷ୍ଟ ଡାକ୍ତରଖାନା ସହ ଯୋଗାଯୋଗ କରନ୍ତୁ। ଚକ୍ଷୁଦାନ ପୂର୍ବରୁ ଆପଣ ନିଜ ନାମକୁ ସେଠାରେ ରେଜିଷ୍ଟ୍ରି କରାଇ ନିଅନ୍ତୁ। ତା'ସହ ଆବଶ୍ୟକ ବିଷୟରେ ପଚାରି ବୁଝିନିଅନ୍ତୁ। ଠିକ୍ ସମୟରେ ସେମାନେ ଆପଣଙ୍କ ନିକଟରେ ପହଞ୍ଚି ଚକ୍ଷୁ ସଂଗ୍ରହ କରିନେବେ। ଏହା ଡାକ୍ତରଖାନା ସହ ନିଜ ଘରେ ମଧ୍ୟ ସମ୍ଭବ। କିନ୍ତୁ ଏହା ମୃତ୍ୟୁର ଛଅ ଘଣ୍ଟା ମଧ୍ୟରେ ହେବା ଦରକାର। ମୃତ୍ୟୁ ପରେ ମୃତ ଶରୀରକୁ ଛାଇରେ କିମ୍ବା ଥଣ୍ଡା ପରିବେଶରେ ରଖନ୍ତୁ। ଚକ୍ଷୁ ସଂଗ୍ରହ ଟିମ୍ ସେଠାରେ ପହଞ୍ଚିବା ପର୍ଯ୍ୟନ୍ତ ଆଖି ପତା ଦୁଇଟିକୁ ବନ୍ଦ କରି ଓଦା ତୁଳା ବା ରୁମାଲ୍‌ରେ ଘୋଡ଼େଇ ରଖନ୍ତୁ। ଆଉ ଗୋଟିଏ କଥା–ଏହି ସମୟରେ ସମ୍ପୂର୍ଣ୍ଣ ଚକ୍ଷୁକୁ ତଡ଼ାଯାଇ କଢ଼ାଯାଏ ନାହିଁ। କେବଳ ସ୍ୱଚ୍ଛପଟଳ ବା କର୍ନିଆଟିକୁ କଢ଼ାଯାଇ ନିଆଯାଏ। ସେଥିରେ ଗୋଟିଏ ପ୍ଲାଷ୍ଟିକ୍ କ୍ୟାପ୍ ଲଗାଇ ପତା ଦୁଇଟିକୁ ପୁନର୍ବାର ଘୋଡ଼େଇ ଦିଆଯାଏ। ତେଣୁ ବାହାରକୁ ଆଦୌ ଅସୁନ୍ଦର ଦେଖାଯାଇ ନ ଥାଏ।

## ଜାଣି ରଖନ୍ତୁ



ଆଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ତେବେ ଏଥିରୁ ଉପଶମ ପାଇବା ଲାଗି କେତେକ ଘରୋଇ ଉପଚାର ରହିଛି। ଠିକ୍ ସମୟରେ ଖାଦ୍ୟ ନ ଖାଇବା ଏବଂ ପାଣି ନ ପିଇବା ଦ୍ୱାରା ମୁଣ୍ଡ ବିନ୍ଧିଥାଏ। ତେଣୁ ଆବଶ୍ୟକ ଅନୁଯାୟୀ ତଥା ସନ୍ତୁଳିତ ଖାଦ୍ୟ ଖାଇବା ଓ ପ୍ରଚୁର ପାଣି ପିଇବା ନିହାତି ଦରକାର। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କମିଥାଏ। ଏହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିଥାଏ। ଆଉ ଏକ କଥା, ନିୟମିତ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ମୁଣ୍ଡ ବିନ୍ଧା ସମସ୍ୟା ଦେଖାଯିବାର ଆଶଙ୍କା ଅନେକାଂଶରେ କମ୍ ଥାଏ। କାରଣ ଆବଶ୍ୟକ ମୁତାବକ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ। ଯଦି ପ୍ରତିଦିନ କିଛି ସମୟ ଯୋଗ ପ୍ରାଣାୟାମ କରୁଛନ୍ତି ତେବେ ମୁଣ୍ଡବ୍ୟଥା କମ୍ ହେବାର ଆଶଙ୍କା ରହିଛି। ଅଦାମିଶ୍ରିତ ଚା' ପିଇଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ।

## ଆଣ୍ଠିବଡି ସୃଷ୍ଟିକରେ ଗାଜର



ଗାଜରରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି। ସବୁଠାରୁ ଖାସ୍ କଥା ହେଲା, ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍ 'ସି' ମଧ୍ୟ ରହିଛି। ଗାଜରରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଥିବାରୁ ତାହାକୁ ଡାଇବେଟିସ୍ ସହ ଜଡ଼ିତ ବ୍ୟକ୍ତି ନିଜ ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଏହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବା ସହ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖେ। ଓଜନକୁ ଏହା ସନ୍ତୁଳିତ ରଖେ କାରଣ ଏଥିରେ ଫାଇବର୍ ପ୍ରଚୁର ମାତ୍ରାରେ ରହିଛି। କଞ୍ଚାଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

## ଉପବାସ କମାଏ ହୃଦ୍‌ରୋଗ ଆଶଙ୍କା



ଆଜିର ସମୟରେ ଚିନ୍ତାଜନକ ହେଉଛି ହୃଦ୍‌ରୋଗ, ଯାହାର ବଡ଼ କାରଣ ଶାରୀରିକ ପରିଶ୍ରମର ଅଭାବ, ଧୂମ ଓ ନିଶା ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ଅନ୍ତତଃପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ ବୋଲି ସିଡନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଅଲିଭ୍ ତେଲ ହୃତ୍‌ପିଣ୍ଡଜନିତ ସମସ୍ୟା ହ୍ରାସ କରିପାରେ। ହଳଦୀରେ ଥିବା କୁର୍କମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ଏଥିପାଇଁ ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତିକମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ଆବଶ୍ୟକଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତସ୍ତରକୁ ଆଣିହେବ ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ଖାଦ୍ୟ ଖାଇବା ଠିକ୍ ପୂର୍ବରୁ ଆଦୌ ପାଣି ପିଅନ୍ତୁ ନାହିଁ। କାରଣ ଏହା ହଜମ କ୍ରିୟାକୁ ପ୍ରଭାବିତ କରିଥାଏ।
- ଘରେ ଯଦି କିଛି ଔଷଧ ରଖୁଛନ୍ତି ତେବେ ଡାଏରୀରେ ସେଗୁଡ଼ିକର ନାମ ଏବଂ ଏକ୍ସପାୟରୀ ତାରିଖ ଟିପିରଖନ୍ତୁ। ନିୟମିତ ସମୟ ଅନ୍ତରାଳରେ ଡାଏରୀ ସହ ଔଷଧକୁ ମିଳାଇବା ପରେ ଖାଆନ୍ତୁ।



- ଯଦି ସବୁବେଳେ ଚାପଗ୍ରସ୍ତ ରହୁଛନ୍ତି ତେବେ ଏ ନେଇ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ଯଦି କୌଣସି ରୋଗର ଉପଚାର ବିଷୟରେ ଆପଣଙ୍କର ସବିଶେଷ ଜ୍ଞାନ ନାହିଁ, ତେବେ ଏ ନେଇ ଅନ୍ୟମାନଙ୍କୁ କୁହନ୍ତୁ ନାହିଁ।
- ଶୋଇବା ପୂର୍ବରୁ ନିଜକୁ ଯେତେସମ୍ଭବ ଟେନ୍‌ସନମୁକ୍ତ ରଖନ୍ତୁ। କାରଣ ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।
- ଯଦି ଦୃଷ୍ଟିଶକ୍ତିଜନିତ ସମସ୍ୟା ରହିଛି, ତେବେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଚକ୍ଷୁ ଡାକ୍ତରଙ୍କ ନିକଟରେ ଆଖି ପରୀକ୍ଷା କରାଇନିଅନ୍ତୁ।

## ଅତ୍ୟଧିକ ଖାଦ୍ୟ ଖାଉଥିଲେ..

ଆମେ ବଞ୍ଚିରହିବା ପାଇଁ ଖାଦ୍ୟ ଅପରିହାର୍ଯ୍ୟ। କେତେକ ଲୋଭ ସମ୍ବରଣ କରି ନ ପାରି ଆବଶ୍ୟକତାଠାରୁ ଅଧିକ ଖାଇଥାଆନ୍ତି। ଏଥିରୁ ହୁଏତ ସାମୟିକ ଆନନ୍ଦ ମିଳିପାରେ, ହେଲେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ କରିଥିବା ଏକ ସଦ୍ୟତମ ଗବେଷଣାରୁ ଆଉ ଏକ ନୂଆକଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତିଙ୍କର ଅତ୍ୟଧିକ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପଡ଼ିଯାଏ, ତେବେ ସେ ଭବିଷ୍ୟତରେ ଅବସାଦ ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଏପରି ଅଭ୍ୟାସ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କ ମାନସିକତାକୁ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଏଥିଯୋଗୁ ଅବସାଦଗ୍ରସ୍ତ ହୋଇଥିବାର ଉକ୍ତ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଜାଣିବାକୁ ପାଇଥିଲେ। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ସ୍ଲାସ୍‌ର ୧୧ତମ ସଂସ୍କରଣ

ଭୁବନେଶ୍ୱର,୨୬।୧୧

ଆକ୍ସିସ୍ ବ୍ୟାଙ୍କର ବହୁପ୍ରତୀକ୍ଷିତ ତଥା ବାର୍ଷିକ ସର୍ବଭାରତୀୟ ପ୍ରତିଯୋଗିତା 'ସ୍ଲାସ୍'ର ୧୧ତମ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ୭ରୁ ୧୪ବର୍ଷ ବୟସର ପିଲାମାନଙ୍କ ପାଇଁ କଳା, ହସ୍ତଶିଳ୍ପ ଏବଂ ସାହିତ୍ୟ ଆଦି ଉପରେ ଉପରୋକ୍ତ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏପରିକି ଚଳିତ ବର୍ଷ ସ୍ଲାସ୍‌ର ବିଷୟବସ୍ତୁ 'କରୁଣା' ରହିଛି, ଯାହା ନୂଆ ପିଢ଼ି ଭିତ୍ତିରେ ଦାନ ଭାବନା ଜାଗ୍ରତ କରିବ। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବର ୩୧ ପର୍ଯ୍ୟନ୍ତ ପ୍ରତିଯୋଗୀମାନେ ସେମାନଙ୍କର ଆବେଦନ ଅନ୍‌ଲାଇନ ମାଧ୍ୟମରେ ଦାଖଲ କରିପାରିବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ମାର୍କେଟିଂ ଅଫିସର ଅନୁପ ମନୋହର କହିଛନ୍ତି, ସ୍ଲାସ୍‌ର ୧୧ତମ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଚଳିତ ବର୍ଷ 'କରୁଣା' ବିଷୟବସ୍ତୁ ଆମର ବ୍ରାଣ୍ଡ ଦର୍ଶନ 'ଓପନ'ରୁ ଉତ୍ପନ୍ନ ହୋଇଛି, ଯାହାର ଉଦ୍ଦେଶ୍ୟ ବ୍ୟାଙ୍କିଂ ଏବଂ ବ୍ୟବସାୟ ବ୍ୟତିରେକେ ସମ୍ପ୍ରଦାୟ ସହିତ ଜଡ଼ିତ ହେବା। ଅପରପକ୍ଷରେ ଉକ୍ତ ପ୍ରତିଯୋଗିତାର ବିଜେତାଙ୍କୁ ହାମ୍‌ଲେଜ,ଫେବର କ୍ୟାସଲ ଓ ବୋଟ୍ ଭଳି ଅଂଶୀଦାରଙ୍କଠାରୁ ୧ଲକ୍ଷ ଟଙ୍କାର ବୃତ୍ତି, ଆକର୍ଷଣୀୟ ଓ ଇଲେକ୍ଟ୍ରୋନିକ୍ ଉପକରଣ ପ୍ରଦାନ କରାଯିବ।

# ରେଟର୍ନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୨୬।୧୧ (ଅଭୟ ଦାଶ)

ଓଡ଼ିଶା ବୁଣାକାରମାନଙ୍କର ସର୍ବବିଧ ଉନ୍ନତି ତଥା ରାଜ୍ୟ ସରକାରଙ୍କ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ରିଟାୟର୍ଡ ଟେକ୍ସଟାଇଲ ଅଫିସର୍ସ ରି-ନାଟିଭ(ରେଟର୍ନ)ର ରାଜ୍ୟ କାର୍ଯ୍ୟାଳୟ ଶନିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରେଟର୍ନ ପକ୍ଷରୁ ଭୁବନେଶ୍ୱରର ରୋଟାରି ଭବନଠାରେ ଏକ ଉଦ୍‌ଘାଟନୀ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ସମସ୍ତ ବୈଷୟିକ କର୍ମଚାରୀଙ୍କ ସମେତ ସେଡ୍ରା ଫିଲ୍‌ଟ୍ରେସନ ପ୍ରାଇଭେଟ ଲିଃର ପରିଚାଳନା ନିର୍ଦ୍ଦେଶକ ମୁକେଶ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବାବେଳେ ଗ୍ରାଣ୍ଟ ଥରଣ୍ଟନ ଭାରତ ଏଲ୍‌ଏଲ୍‌ପିର ଅଂଶୀଦାର ମନୋଜ ଖରବ ଓ ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ସଚିବ ବିକ୍ରମାଦିତ୍ୟ ବାରିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ଉକ୍ତ ଉତ୍ସବରେ ରାଜ୍ୟର ସମସ୍ତ ଅବସରପ୍ରାପ୍ତ ବୟନ ବୈଷୟିକ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଅପରପକ୍ଷରେ ରେଟର୍ନର ସଭାପତି ଇଂ. ଅନନ୍ତପଦ ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ଡ. ସୁଦର୍ଶନ ବେହେରା ସଂସ୍ଥାର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ସେହିଭଳି ବୟନଶିଳ୍ପ ଓ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ସଂସ୍ଥାର ସଦସ୍ୟ ଇଂ. ରାମକୃଷ୍ଣ ମେହେର, ଇଂ.ଉମାକାନ୍ତ ରାଉତ ଏବଂ ବରିଷ୍ଠ ଉଦ୍ୟୋଗୀ ସୀମା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

# ଏନ୍‌ଟୋଡ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୬।୧୧

ଦେଶର ପ୍ରମୁଖ ଘରୋଇ ସ୍ୱାସ୍ଥ୍ୟଭିତ୍ତିକ କମ୍ପାନୀ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲ୍ସର ନୂତନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ଜାତୀୟ ମାୟୋପିଆ ସପ୍ତାହ ପାଇଁ କମ୍ପାନୀ ମାତାନନ୍ଦ ଫାଉଣ୍ଡେଶନ ସହିତ ମିଳିତ ଭାବେ କାର୍ଯ୍ୟ କରୁଛି। ଏପରିକି ଷ୍ଟ୍ରାବିସମ୍ସ ଓ ପେଡିଆଟ୍ରିକ ଚକ୍ଷୁ ଚିକିତ୍ସା ସୋସାଇଟି ଅଫ୍ ଇଣ୍ଡିଆର ସହଯୋଗରେ ମାତାନନ୍ଦ ଫାଉଣ୍ଡେଶନ ଦ୍ୱାରା ଏକ ଜନସଚେତନତା କାର୍ଯ୍ୟକ୍ରମର ଆୟୋଜନ ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଏନ୍‌ଟୋଡ୍ ଫାର୍ମାସ୍ୟୁଟିକାଲ୍ସର ସିଇଓ ନିଖିଳ କହିଛନ୍ତି, ନ୍ୟାଶନାଲ ମାୟୋପିଆ ସପ୍ତାହ ପାଇଁ ମାତାନନ୍ଦ ଫାଉଣ୍ଡେଶନ ସହ ସହଯୋଗ ପିଲାମାନଙ୍କ ଚକ୍ଷୁକୁ ସୁରକ୍ଷିତ ରଖିବା ଲାଗି ଆମର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଏପରିକି ମାୟୋପିଆ ଏକ ପରିଚାଳନା ଯୋଗ୍ୟ ଅବସ୍ଥା, ଯାହାକୁ ଉପଯୁକ୍ତ ସମୟରେ ପରୀକ୍ଷାକରି ବ୍ୟବସ୍ଥା ଗ୍ରହଣ କରିପାରିବା।








































































# ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିବେ ହାର୍ଦ୍ଦିକ

**ନୂଆଦିଲ୍ଲୀ, ୨୬।୧୧ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନ ପାଇଁ ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ନିଜର ପୂର୍ବତନ ଫ୍ରାଞ୍ଚାଇଜ୍ ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ରିପୋର୍ଟ ଅନୁସାରେ ଏଥିପାଇଁ ଆର୍ଥିକ କାରବାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକାଶ ଯୋଗ୍ୟ ଯେ, ରବିବାର ଆଇପିଏଲ୍-୨୦୨୪ ପାଇଁ ଖେଳାଳି ରିଲିଜ ଓ ରିଟେନଶନର ଶେଷ ତାରିଖ ଥିଲା। ତଦନୁସାରେ ଗୁଜରାଟ ଟାଇଟାନ୍ସ ପାଣ୍ଡ୍ୟାଙ୍କୁ ଅଧିନାୟକଭାବେ ଅପରିବର୍ତ୍ତିତ ରଖିଥିଲା। ତେବେ ଡିସେମ୍ବର ୧୯ରେ ହେବାକୁଥିବା ଖେଳାଳି ନିଲାମ ପୂର୍ବରୁ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗଦେଇ ପାରନ୍ତି ବୋଲି ମଧ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ଡିସେମ୍ବର ୧୨ ପର୍ଯ୍ୟନ୍ତ ଟ୍ରେଡିଂ ୱିନ୍‌ଡୋ ଓପନ ଥିବାରୁ ହାର୍ଦ୍ଦିକଙ୍କ ପାଇଁ ମୁମ୍ବାଇ ଦଳକୁ ଯିବା ପଥ ପରିଷ୍କାର ଥିଲା। ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ହାର୍ଦ୍ଦିକ ୨୦୨୨ରେ ଟାଇଟାନ୍ସରେ ଯୋଗଦେଇଥିଲେ ଏବଂ ଦଳକୁ ଟାଇଟଲ ବିଜୟୀ କରିଥିଲେ। ୨୦୨୩ରେ ତାଙ୍କ ନେତୃତ୍ୱରେ ଦଳ ଫାଇନାଲ ଖେଳିଥିଲା, ମାତ୍ର ଚେନ୍ନାଇ ସୁପର କିଙ୍ଗ୍ସଠାରୁ ହାରି ରନରଅପ୍ ହୋଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ୨୦୨୪ ସିଜନ ପାଇଁ ରୋହିତ ଶର୍ମାଙ୍କ ନାମ ଅଧିନାୟକଭାବେ ଘୋଷଣା କରିସାରିଛି।

## ଆଇପିଏଲ୍-୨୦୨୪




ହାର୍ଦ୍ଦିକ ପାଣ୍ଡ୍ୟା

ନଭେମ୍ବର ୨୬ରେ ଫ୍ରାଞ୍ଚାଇଜ୍‌ଙ୍କ ପାଇଁ ଖେଳାଳି ରିଟେନ ତାଲିକା ପ୍ରକାଶ କରିବାକୁ ଶେଷ ତାରିଖ ଧାର୍ଯ୍ୟ କରାଯାଇଥିଲା। ତଦନୁସାରେ ଫ୍ରାଞ୍ଚାଇଜ୍‌ମାନେ ଅନେକ ନାମୀ ଖେଳାଳିଙ୍କୁ ଦଳରୁ ରିଲିଜ କରିଥିବା ଜଣାଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବା ଜୋଫ୍ରା ଆର୍ଚରଙ୍କୁ ରିଲିଜ କରିଛି। ସେହିପରି ଟାଇଟଲ ସନ୍ଧାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୱାନିନ୍ଦୁ ହସରଙ୍ଗା, ହର୍ଷଲ ପଟେଲ ଏବଂ ଜୋଶ୍ ହାଜେଲଉଡ୍‌ଙ୍କ ପରି ଖେଳାଳିଙ୍କୁ ରିଲିଜ କରିଦେଇଛି। ଫଳରେ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ପରି ଖେଳାଳିଙ୍କୁ ଆଣିବା ପଥ ପରିଷ୍କାର ହୋଇଛି। କୋଲକାତା ନାଇଟ ରାଇଡର୍ସ ଶାର୍ଦ୍ଦୁଳ ଠାକୁରଙ୍କ ସମେତ ୧୨ ଖେଳାଳିଙ୍କୁ ରିଲିଜ କରିଛି।

### ଗୁଜରାଟ ଟାଇଟାନ୍ସ

ରିଟେନ ଖେଳାଳି: ହାର୍ଦ୍ଦିକ ପାଣ୍ଡ୍ୟା (ମୁମ୍ବାଇ ଇଣ୍ଡିଆନ୍ସକୁ ଫେରିବେ), ଡେଭିଡ ମିଲର, ଶୁବମନ ଗିଲ୍, ମାଥ୍ୟୁ ୱାଡେ, ରିଦ୍ଧିମାନ ଶାହା, କେନ୍ ୱିଲିୟମସନ, ଅଭିନବ ମନୋହର, ବି. ସାଇ ସୁଦର୍ଶନ, ଦର୍ଶନ ନଲକନ୍ଦେ, ବିଜୟ ଶଙ୍କର, ଜୟନ୍ତ ଯାଦବ, ରାହୁଲ ଟେୱାଟିଆ, ମହମ୍ମଦ ଶାମି, ନୁର ଅହମଦ, ଆର. ସାଇ କିଶୋର, ରଶିଦ ଖାଁ, ଜୋଶ୍ ଲିଟିଲ, ମୋହିତ ଶର୍ମା। **ରିଲିଜ:** ୟାଶ ଦୟାଲ, କେ.ଏସ. ଭରତ, ଶିବମ ମାଭି, ଉର୍ଭିଲ ପଟେଲ, ପ୍ରଦୀପ ସଙ୍ଗୱାନ, ଓଡେନ ସ୍ମିଥ, ଅଲଜାରି ଜୋସେଫ, ଦସୁନ ଶନକା।

# ଶୁଭ୍ରାଂଶୁଙ୍କୁ ରିଲିଜ୍ କଲା ସିଏସ୍‌କେ

୨୦୨୪ ଆଇପିଏଲ୍ ପାଇଁ ଫ୍ରାଞ୍ଚାଇଜ୍‌ମାନେ ରବିବାର ଖେଳାଳି ରିଟେନ ଓ ରିଲିଜ ତାଲିକା ପ୍ରକାଶ କରିଛନ୍ତି। ଗତ ସଂସ୍କରଣରେ ଚାମ୍ପିୟନ ହୋଇଥିବା ଚେନ୍ନାଇ ସୁପର କିଙ୍ଗ୍ସ ଓଡ଼ିଶାର ଶୁଭ୍ରାଂଶୁ ସେନାପତିଙ୍କ ସମେତ ୮ ଖେଳାଳିଙ୍କୁ ରିଲିଜ କରିଛି। ଏହା ମଧ୍ୟରେ ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ମଧ ସାମିଲ ଅଛନ୍ତି। ଶୁଭ୍ରାଂଶୁ ଗତ ସଂସ୍କରଣରେ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇ ନ ଥିଲେ ମଧ ଅନେକ ସମୟରେ ଫିଲ୍ଡିଂ କରି ପ୍ରଦର୍ଶନର ଛାପ ଛାଡ଼ିଥିଲେ। ଏବେ ଶୁଭ୍ରାଂଶୁ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହେବେ।




ଶୁଭ୍ରାଂଶୁ ସେନାପତି

ଦୈନିକ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଗୁରୁକୁଳ ପରମ୍ପରାକୁ ବଜାୟ ରଖିବା ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କ ଭିତରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ପାଇଁ ପ୍ରୟାସ ଜାରି ରଖିଥିବା କଳିଙ୍ଗ ଆବାସିକ ବିଦ୍ୟାଳୟର ଅଭିବୃଦ୍ଧି ପାଇଁ ସମସ୍ତ ସହଯୋଗ କାମନା କରୁଛି।
ଶ୍ରୀ ମନୋଜ କୁମାର ପ୍ରଧାନ
ପରିଚାଳନା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ, କଳିଙ୍ଗ ଆବାସିକ ବିଦ୍ୟାଳୟ, କେଶରପୁର, ଦାନପୁର, କେନ୍ଦ୍ରାପଡ଼ା

With Best Complements From:
PREMIER ROCK PRODUCTS PVT. LTD.
DANKARI, DHARMASALA, JAJPUR (ODISHA)
ଏଠାରେ ଉନ୍ନତ ଧରଣର କଳା ଚିପ୍‌ସ, ମେଟାଲ, ବଜୁରୀ ଇତ୍ୟାଦି ସୁଲଭ ମୂଲ୍ୟରେ ମିଳେ। ଯୋଗାଯୋଗ କରିବାକୁ ଅନୁରୋଧ।

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଡେରାବିଶ ବ୍ଲକ୍ କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି ଅଙ୍ଗୀକାରବଦ୍ଧ। ସମସ୍ତ ଚାଷୀଙ୍କ ଉଦ୍ୟମରେ ଏହି ସମବାୟ ସମିତିର କଳେବର ବୃଦ୍ଧି ହେଉ।
ନାରାୟଣ ପ୍ରସାଦ ପାତ୍ର, ସଭାପତି
ମୃତ୍ୟୁଞ୍ଜୟ ଦାଶ, ସମ୍ପାଦକ
କୁଶିଆପାଳ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଅଭିନନ୍ଦନ
SSP HIGHER SECONDARY SCHOOL
A Day-Cum-Residential +2 Science School ESTD-2018
ATHGARH, CUTTACK
ଧରିତ୍ରୀର ପଚାଶତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ସମସ୍ତ ପାଠିକା ପାଠକ ଓ ତା'ର ପରିବାରବର୍ଗଙ୍କୁ ଶୁଭେଚ୍ଛା ଓ ଶୁଭକାମନା।

ଦୈନିକ ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ନିର୍ବାଚନ ମଣ୍ଡଳୀକୁ ରାଜ୍ୟର ବିକାଶ ଧାରାରେ ସାମିଲ କରିବାକୁ ମୁଁ ସଂକଳ୍ପବଦ୍ଧ। ପୂର୍ବତନ ବିଧାୟକ ସ୍ୱ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ୱପ୍ନର ପାଟକୁରାର ସାମୂହିକ ବିକାଶ ପାଇଁ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଆସନ୍ତୁ ସଂକଳ୍ପ ନେବା।
ମଧୁମିତା ଅଗ୍ରୱାଲ, ଅଧ୍ୟକ୍ଷା
ବେଦ ପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦ, ଓଡ଼ିଶା ଓ ପୂର୍ବତନ ସାଧାରଣ ସମ୍ପାଦିକା, ମହିଳା ବିଜୁ ଜନତା ଦଳ

ଅଭିନନ୍ଦନ
ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୫୦ତମ ଜୟନ୍ତୀ ପାଳନ ଅବସରରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଏବଂ ସମସ୍ତଙ୍କ କୁଶଳ କାମନା କରେଁ।
ଶ୍ରୀ ଅଜୟ ଦାସ
ବଲାଙ୍ଗୀର ଜିଲ୍ଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ତଥା ବିଜେଡି ବିଧାୟକ ପ୍ରାର୍ଥୀ କଣ୍ଟାବାଞ୍ଜି ବିଧାନ ସଭା ନିର୍ବାଚନ ମଣ୍ଡଳୀ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ଆମ ମହାବିଦ୍ୟାଳୟର ଶିକ୍ଷାର ଅଭିବୃଦ୍ଧି ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ ପାଇଁ ଆମର ପ୍ରୟାସ ଜାରି ରହିଛି। ଆସନ୍ତୁ ସମସ୍ତେ ମିଶି ଆମ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସଂକଳ୍ପ ନେବା।
ଡଃ ଲକ୍ଷ୍ମଣ କୁମାର ଦାଶ
ଅଧ୍ୟକ୍ଷ, ହୃଦୟାନନ୍ଦ ସ୍ମାରକୀ ମହାବିଦ୍ୟାଳୟ, ଚାନ୍ଦୋଳ, ଡେରାବିଶ

With Best Complements From:
ଆଜି ହିଁ ଆସନ୍ତୁ...
ପାତ୍ର ଜୁଏଲାରୀ
ଲକ୍ଷ୍ମୀ ମାର୍କେଟ, (ବସ୍ ଷ୍ଟାଣ୍ଡ) ଜାରକା, ଯାଜପୁର
ପ୍ରୋ- ଶରତ ଚନ୍ଦ୍ର ପାତ୍ର
ଅତ୍ୟାଧୁନିକ ଡିଜାଇନ୍‌ର ୨୨ କ୍ୟାରେଟ୍ ଖାଣ୍ଟି ଗିନି ସୁନା ଓ ରୁପାର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଶୁଭେଚ୍ଛା ଜଣାଉଛୁ। କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି ଅଙ୍ଗୀକାରବଦ୍ଧ। ସମସ୍ତ ଚାଷୀଙ୍କ ଉଦ୍ୟମରେ ଏହି ସମବାୟ ସମିତିର କଳେବର ବୃଦ୍ଧି ହେଉ।
ଗୋଲକ ଚନ୍ଦ୍ର ସେନାପତି, ସମ୍ପାଦକ
ଖୁର୍ସିଦ ଆଲମ ଖାଁ, ସଭାପତି
ଗୋଲରାହାଟ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ

ଧରିତ୍ରୀ ୫୦ ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଅନୁଗୋଳ ଜିଲ୍ଲାର ସମସ୍ତ ପାଠକ ଓ ପାଠିକାଙ୍କୁ ଶୁଭେଚ୍ଛା
ଦିଲେଶ୍ୱର ପ୍ରଧାନ
ଅନୁଗୋଳ ଜିଲ୍ଲା ସଭାପତି
ଭାରତୀୟ ଜନତା ପାର୍ଟି, ଅନୁଗୋଳ ଜିଲ୍ଲା

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ ଆମ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଉଛି। ବୈଷୟିକ ଶିକ୍ଷା ପ୍ରତି ଆମ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିତରେ ଆଗ୍ରହ ସୃଷ୍ଟି କରିବା ଓ ଶିକ୍ଷାର ଅଭିବୃଦ୍ଧି ପାଇଁ ମୁଁ ସଂକଳ୍ପବଦ୍ଧ। ଆମ ମହାବିଦ୍ୟାଳୟର କଳେବର ବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ପ୍ରାଧ୍ୟାପକ ଚନ୍ଦ୍ରଶେଖର ନାୟକ
ଅଧ୍ୟକ୍ଷ, ଡେରାବିଶ ମହାବିଦ୍ୟାଳୟ, ଡେରାବିଶ, କେନ୍ଦ୍ରାପଡ଼ା

ଅନୁଗୋଳ ଜିଲା ବିଜୁ ଜନତା ଦଳ ତରଫରୁ ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସମସ୍ତ ପାଠକ ଓ ପାଠିକାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା
ମହେନ୍ଦ୍ର କୁମାର ବସ୍ତିଆ
ଜିଲା ସଭାପତି, ବିଜୁ ଜନତା ଦଳ, ଅନୁଗୋଳ

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଶୁଭ ଅବସରରେ ଧର୍ମଶାଳା ବିଧାୟକ ଶ୍ରୀଯୁକ୍ତ ପ୍ରଣବ ବଳବନ୍ତରାୟଙ୍କ ହାତମୁଠାକୁ ମଜଭୁତ କରି ଜାରକା ପଞ୍ଚାୟତର ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ।
ଶ୍ରୀ ସୁଦାମ ଚରଣ ବେହେରା, ସରପଞ୍ଚ, ଜାରକା ଗ୍ରାମପଞ୍ଚାୟତ
ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହୁ, ସମିତି ସଭ୍ୟା, ଜାରକା ଗ୍ରାମପଞ୍ଚାୟତ

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି। ଏହି ଅବସରରେ କୃଷିପ୍ରଧାନ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପାଟକୁରା ନିର୍ବାଚନ ମଣ୍ଡଳୀର ସମସ୍ତ ଅଧିବାସୀଙ୍କୁ ଅଭିନନ୍ଦନ ଜଣାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନାକୁ ସଫଳ କରିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ପାଟକୁରାର ବିକାଶ ପାଇଁ ଜଣେ ସେବକ ଭାବେ ନିଜକୁ ଉତ୍ସର୍ଗ କରିଛି।
ଶ୍ରୀ ରବି ସାମଲ, ରାଜ୍ୟ ସାଧାରଣ ସମ୍ପାଦକ, ବିଜୁ ଜନତା ଦଳ, ଓଡ଼ିଶା

# ଭାରତ ୪୪ ରନରେ ଅଷ୍ଟ୍ରେଲିଆକୁ ହରାଇଲା

**ଥିରୁଭାନନ୍ତପୁରମ, ୨୬।୧୧**

ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଭାରତ ରବିବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୪୪ ରନରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୩୫ ରନ କରିଥିଲା। ଅଷ୍ଟ୍ରେଲିଆ ୨୦ ଓଭରରେ ୯ ଉଇକେଟ ହରାଇ ୧୯୧ ରନ କରିବାକୁ ସକ୍ଷମ ହୋଇଥିଲା। ଏଠାରେ ବିଜୟ ଫଳରେ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୨–୦ରେ ଅଗ୍ରଣୀଲାଭ କରିଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ଏହାକୁ ଚ୍ୟାଲେଞ୍ଜଭାବେ ଗ୍ରହଣ କରି ଦୁଇ ଯୁବ ଓପନର ଋତୁରାଜ ଗାଏକ୍ୱାଡ୍, ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଉଇକେଟ ଯୋଡ଼ିରେ ମାତ୍ର ୩୫ ବଲ୍‌ରୁ ୭୭ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୬ଷ୍ଠ ଓଭରର ୫ମ ବଲ୍‌ରେ ଜୟସ୍ୱାଲଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ନାଥାନ ଇଲିସ। ୨୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଜୟସ୍ୱାଲ ୯ ଚୌକା ଓ ୨ ଛକା ସହାୟତାରେ ୫୩ ରନ ସ୍କୋର କରିଥିଲେ। ଜୟସ୍ୱାଲଙ୍କ ଉଇକେଟର ପତନରୁ ଅଷ୍ଟ୍ରେଲିଆ ବୋଲରମାନେ ବିଶେଷ ଫାଇଦା ଉଠାଇପାରି ନ ଥିଲେ। ଋତୁରାଜଙ୍କ ସହ ଇଶାନ କିଶନ କ୍ରିଜରେ ଯୋଗଦେଇ ଇନିଂସ ସମ୍ଭାଳି ନେଇଥିଲେ। ଦୁହେଁ ଦ୍ୱିତୀୟ ଉଇକେଟରେ ୫୮ ବଲ୍‌ରୁ ୮୭ ରନର ଭାଗୀଦାରି ଗଢ଼ି ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଥିଲେ। କିଶନ ୩୨ ବଲ୍‌ରୁ ୫୨ (୩ ଚୌକା, ୪ ଛକା) ଓ ଋତୁରାଜ ୪୩ ବଲ୍‌ରୁ ୫୮ (୩ ଚୌକା, ୨ ଛକା) ରନ କରିଥିଲେ। ୧୮ ଓଭର ଶେଷ ବେଳକୁ ଭାରତ ୩ ଉଇକେଟ ହରାଇ ୧୯୦ ରନ କରିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୯ ରନକରି ଆଉଟ ହୋଇଥିଲେ ହେଁ ବିସ୍ଫୋରକ ବ୍ୟାଟିଂ ପାଇଁ ବିଶେଷ ପରିଚିତ ରିଙ୍କୁ ସିଂ ଏଠାରେ ମଧ୍ୟ ନିଜ ଦକ୍ଷତା ଦେଖାଇଥିଲେ। ସେ ମାତ୍ର ୯ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୨ ଛକା ସହାୟତାରେ ୩୧ ରନକରି ଅପରାଜିତ ରହିଥିଲେ। ଫଳରେ ଶେଷ ୨ ଓଭରରେ ଭାରତ ୪୫ ରନ ସଂଗ୍ରହ କରି ନେଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ନାଥାନ ଇଲିସ ୩ଟି ଓ ମାର୍କୁସ ଷ୍ଟୋଇନିସ ଗୋଟିଏ ଉଇକେଟ ନେଇଥିଲେ।

୨୩୬ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ୍ୟ ୨୩ ରନ ବ୍ୟବଧାନରେ ୪ ଉଇକେଟ ପତନ ଯୋଗୁ ଦିଗହରା ହୋଇ ଯାଇଥିଲା। ମାଥ୍ୟୁ ଶର୍ଟ ୧୯, ଜୋଶ୍ ଇଂଲିଶ ୨, ଗ୍ଲେନ ମ୍ୟାକ୍ସୱେଲ ୧୨ ଓ ଷ୍ଟିଭେନ ସ୍ମିଥ ୧୯ ରନକରି ଆଉଟ ହୋଇଥିଲେ। ଫଳରେ ୭.୨ ଓଭର ବେଳକୁ ଦଳୀୟ ସ୍କୋର ୫୮/୪ ହୋଇ ଯାଇଥିଲା। ମାର୍କୁସ ଷ୍ଟୋଇନିସ ଓ ଟିମ୍ ଡାଭିଡ ୫ମ ଉଇକେଟରେ ୩୮ ବଲ୍‌ରୁ ୮୧ ରନ ଯୋଗକରି କିଛିଟା ଆଶା ସଞ୍ଚାର କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଭାରତ ବିଜୟ ନିଶ୍ଚିତ ହୋଇ ଯାଇଥିଲା। ଡାଭିଡ ୨୨ ବଲ୍‌ରୁ ୩୭ ଓ ଷ୍ଟୋଇନିସ ୨୫ ବଲ୍‌ରୁ ୪୫ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ମାଥ୍ୟୁ ୱାଡେ ୪୨ (୨୩ ବଲ, ୧ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରବି ବିଷ୍ଣୋଇ ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଲେଖାଏ ଏବଂ ଅକ୍ଷର ପଟେଲ, ଅର୍ଶଦୀପ ସିଂ ଓ ମୁକେଶ କୁମାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୩୫/୪ (ଋତୁରାଜ ଗାଏକ୍ୱାଡ–୫୮, ଯଶସ୍ୱି ଜୟସ୍ୱାଲ–୫୩, ଇଶାନ କିଶନ–୫୨, ରିଙ୍କୁ ସିଂ–୩୧*, ନାଥାନ ଇଲିସ–୩/୪୫, ମାର୍କୁସ ଷ୍ଟୋଇନିସ–୧/୨୭)। ଅଷ୍ଟ୍ରେଲିଆ ୨୦ ଓଭରରେ ୧୯୧/୯ (ମାର୍କୁସ ଷ୍ଟୋଇନିସ–୪୫, ମାଥ୍ୟୁ ୱାଡେ–୪୨*, ଟିମ୍ ଡାଭିଡ–୩୭, ପ୍ରସିଦ୍ଧ କ୍ରିଷ୍ଣା–୩/୪୧, ରବି ବିଷ୍ଣୋଇ–୩/୩୨, ଅକ୍ଷର ପଟେଲ–୧/୨୫, ମୁକେଶ କୁମାର–୧/୪୩, ଅର୍ଶଦୀପ ସିଂ–୧/୪୬)।

# ଏସି ମିଲାନର ଫ୍ରାନ୍‌ସେସ୍କୋ ସର୍ବକନିଷ୍ଠ ଖେଳାଳି

**ମିଲାନ, ୨୬।୧୧ (ଏପି)**

ଏସି ମିଲାନର ୧୫ ବର୍ଷୀୟ ଫରୱାର୍ଡ ଫ୍ରାନ୍‌ସେସ୍କୋ କାମାର୍ଡା ଇଟାଲିଆନ ଲିଗ୍ ସିରି 'ଏ' ଇତିହାସରେ ସବୁଠାରୁ କନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। କାମାର୍ଡାଙ୍କ ବର୍ତ୍ତମାନ ବୟସ ହେଉଛି ୧୫ ବର୍ଷ, ୨ ମାସ, ୧୬ ଦିନ। ଶନିବାର ସାନ୍‌ସିରୋଠାରେ ଫିଓରେଣ୍ଟିନା ବିପକ୍ଷରେ ମିଲାନର ୧–୦ ବିଜୟ ମ୍ୟାଚରେ ସେ ଖେଳର ୮୩ତମ ମିନିଟ୍‌ରେ ପଡ଼ିଆରେ ପ୍ରବେଶ କରିଥିଲେ। ପୂର୍ବରୁ ଇଟାଲିଆନ ଲିଗ୍‌ର ସର୍ବକନିଷ୍ଠ ଖେଳାଳି ଥିଲେ ୱିଜଡମ୍ ଆମି। ତାଙ୍କ ବୟସ ୧୫ ବର୍ଷ ୨୭୪ ଦିନ ହୋଇଥିବା ବେଳେ ସେ ୨୦୨୧ରେ ବେଲୋଗ୍ନା ତରଫରୁ ସେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ୨୦୦୮ରେ ଜନ୍ମଗ୍ରହଣ କରିଥିବା କାମାର୍ଡା ଲୁକା ଜୋଭିଚ୍‌ଙ୍କ ସ୍ଥାନରେ ଖେଳିଥିଲେ।




# ଆବୁଧାବି ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍



**ଆବୁଧାବି (ୟୁଏଇ) ୨୬।୧୧ (ଏପି)**

ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ରବିବାର ବର୍ଷ ଶେଷ ଆବୁଧାବି ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଫଳରେ ଚଳିତ ସିଜନରେ ତାଙ୍କ ରେକର୍ଡ ବିଜୟ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଏଥିସହିତ ଓଭର ଅଲ୍ ୫୪ତମ ବିଜୟ ସହ ସେ ସର୍ବକାଳୀନ ତାଲିକାରେ ୩ୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଭର୍ଷ୍ଟାପେନ୍ ଯଥାକ୍ରମେ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଓ ମର୍ସିଡିଜ୍ ଡ୍ରାଇଭର ଜର୍ଜ ରସେଲଙ୍କ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ରୁତତମ ଲାପ୍ ପାଇଁ ସେ ଏକ ବୋନସ ପଏଣ୍ଟ ମଧ୍ୟ ପାଇଛନ୍ତି। ୫୪ ତମ କ୍ୟାରିୟର ବିଜୟ ଦ୍ୱାରା ସେ ସର୍ବକାଳୀନ ତାଲିକାରେ ରେଡ୍‌ବୁଲର ମହାନ ଡ୍ରାଇଭର ସେବାଷ୍ଟିଆନ ଭେଟେଲଙ୍କୁ ଅତିକ୍ରମ କରିଯାଇଛନ୍ତି। ତାଙ୍କ ଆଗରେ କେବଳ ମାଇକେଲ ସୁମାକର (୯୧) ଏବଂ ଲୁଇସ୍ ହାମିଲଟନ (୧୦୩) ରହିଛନ୍ତି। ଏହି ସିଜନରେ ରେଡ୍‌ବୁଲ୍ ୨୨ଟି ରେସ୍ ମଧ୍ୟରୁ ୨୧ଟିରେ ବିଜୟ ହାସଲ କରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଟିମ୍ ପାଇଁ ସର୍ଗିଓ ପେରେଜ ଦୁଇଥର ବିଜୟ ହାସଲ କରିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ସର୍ଗିଓ ପେରେଜ (ରେଡ୍‌ବୁଲ୍), ଲାଣ୍ଡୋ ନୋରିସ (ମ୍ୟାକଲରେନ), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ୟୁକି ଟିସୁନୋଡା (ଆଲ୍‌ଫା ଟାଉରି), ଲୁଇସ୍ ହାମିଲଟନ (ମର୍ସିଡିଜ) ଓ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ)।







# ମୋହନ ବାଗାନକୁ ଆଜି ଭେଟିବ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୨୬।୧୧**

**(ତପନ ସ୍ୱାଇଁ)**

ଚଳିତ ଏଏଫ୍‌ସି କପ୍ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ସୋମବାର ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ (ଭିୱାଇବିକେ)ରେ ଗ୍ରୁପ୍ 'ଡି'ର ଏହି ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସି ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରି ମାଜିୟା ଏସ୍‌ଆଣ୍ଡଆରସି ଦଳକୁ ଉଭୟ ଘରୋଇ ଏବଂ ବାହାର ପରିବେଶରେ ପରାସ୍ତ କରିଛି। ତେବେ ଏହା ପୂର୍ବରୁ ମୋହନ ବାଗାନ ବିପକ୍ଷରେ ହୋଇଥିବା ମୁକାବିଲାରେ ଓଏଫ୍‌ସି ୦–୪ ଗୋଲରେ ହାରି ଯାଇଥିଲା। ତେଣୁ ଆଗାମୀ ମ୍ୟାଚରେ ଦଳକୁ ସତର୍କତାର ସହ ଖେଳି ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବା ପାଇଁ ସୁଯୋଗ ଆସିଛି। ଅନ୍ୟପକ୍ଷରେ ଗ୍ରୁପ୍ 'ଡି'ରେ ପ୍ରଭାବୀ ପ୍ରଦର୍ଶନ ସହ ଅଭିଯାନ ଆରମ୍ଭ କରିଥିବା ମୋହନ ବାଗାନ ଗତ ମ୍ୟାଚରେ ବସୁନ୍ଧରା କିଙ୍ଗ୍‌ଠାରୁ ୧–୨ ଗୋଲରେ ହାରିଯାଇଛି। ତେଣୁ ଓଡ଼ିଶା ବିପକ୍ଷ ମ୍ୟାଚ ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ଏହି ଦଳ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ଆଗାମୀ ମ୍ୟାଚରେ ଦଳର ଭଲ ପ୍ରଦର୍ଶନକୁ ନେଇ ଆଶା ରଖିଛନ୍ତି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଖେଳାଳି ଲେନି ରୋଡ୍ରିଗ୍ୱେଜ। "ଆଗାମୀ ମ୍ୟାଚକୁ ଆମେ ଉତ୍ସାହର ସହ ଅପେକ୍ଷା କରିଛୁ। ଆହତ ସମସ୍ୟା ଏବଂ ଖେଳାଳି ସସପେଣ୍ଡ ଜନିତ ସ୍ଥିତି ଥିଲେ ମଧ୍ୟ ମୋହନ ବାଗାନ ଏକ ଉତ୍ତମ ଦଳ। ଆମେ ମ୍ୟାଚ ଶେଷ ପର୍ଯ୍ୟନ୍ତ ୧୧ ଖେଳାଳି ଯେପରି ପଡ଼ିଆରେ ରହିବେ ସେଥିପ୍ରତି ଦୃଷ୍ଟିଦେବୁ। କାରଣ ମୋହନବାଗାନ ବିପକ୍ଷ ପୂର୍ବ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଆମକୁ ୧୦ ଜଣିଆରେ ଖେଳିବାକୁ ପଡ଼ିଥିଲା। ଯାହାକି ଆମକୁ କଷ୍ଟକର ପରିସ୍ଥିତିରେ ପକାଇଥିଲା। ତେବେ ଆମେ ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ" ବୋଲି ରବିବାର ଅନୁଷ୍ଠିତ ପ୍ରି–ମ୍ୟାଚ ଖବରଦାତା ସମ୍ମିଳନୀରେ ଲୋବେରା ପ୍ରକାଶ କରିଛନ୍ତି। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ଦେଇ ୩ ପଏଣ୍ଟ ହାସଲ କରିବା ଆମର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ଲେନି କହିଛନ୍ତି।

**ଏଏଫ୍‌ସି କପ୍ ଫୁଟ୍‌ବଲ**

**ଓଡ଼ିଶା ଏଫ୍‌ସି ବନାମ ମୋହନ ବାଗାନ**

ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭ଟା ୩୦
ପ୍ରସାରଣ: ସ୍ପୋର୍ଟ୍ସ–୧୮




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ